# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜୁଲାଇ ୧୪/୨୦୧୯ (୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, July 14 / 2019

୧୫ଶ ଭାଗ ୨୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

## ହାଲେପଙ୍କୁ ୱିମ୍ବେଲଡନ ଟାଇଟଲ

ଆମେରିକାର ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ରୋମାନିଆର ସିମୋନା ହାଲେପ୍ ପ୍ରଥମ ଥର ୱିମ୍ବେଲଡନ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।

**୧୫ ୦୨**

## ୧୧କୋଟି ଆୟ କଲା 'ସୁପର ୩୦'

ହ୍ରିତିକ ରୋଶନ୍‌ଙ୍କ ଅଭିନୀତ 'ସୁପର ୩୦' ରିଲିଜ ଦିବସରେ ୧୧କୋଟି ଆୟ କରିଥିବା ସୂଚନା ମିଳିଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାର ଶ୍ରୀପୟର ରଥକୁ ନିଆଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଶନିବାର ରଥ ଉପରେ ସୁନାବେଶରେ ତିନିଠାକୁର।

# ସୁନାବେଶର ସାକ୍ଷୀ ଅଗଣିତ ଆଖି

- ନୀତି ସଅଳ, ଘଣ୍ଟାଏ ପୂର୍ବରୁ ସରିଲା ବେଶ
- ଅନୁକୂଳ ପାଗ, ବଡ଼ଦାଣ୍ଡ ଜନସମୁଦ୍ର

ପୁରୀ ଅଫିସ,୧୩।୭

ସିଂହଦ୍ୱାର ସମ୍ମୁଖରେ ରଥାରୂଢ ଗଣଦେବତା ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହୋଇ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ନୀତି ସଅଳ ହୋଇ ନିର୍ଦ୍ଧାରିତ ସମୟର ୧ଘଣ୍ଟା ୧୦ ମିନିଟ୍ ପୂର୍ବରୁ ସମ୍ପନ୍ନ ହୋଇଛି ସୁନାବେଶ।

ଶନିବାର ସକାଳୁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ଥିଲା। କାଉଁଳିଆ ପାଗରେ ଶ୍ରୀକ୍ଷେତ୍ରମୁହାଁ ହୋଇଥିଲେ ଶ୍ରଦ୍ଧାଳୁ। ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ହେଲେ ମଧ୍ୟାହ୍ନ ସମୟରେ ସାମାନ୍ୟ ଟାଣ ଖରା ହୋଇଥିଲା। କିନ୍ତୁ ଏହାକୁ ଖାତିର ନ କରି ଅପରାହ୍ନ ୨ଟା ପରଠାରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ଆସ୍ତେ ଆସ୍ତେ ଜମିଥିଲା। ଅପରାହ୍ନ ୩ଟା ବେଳକୁ ପାଗ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଉଭେଇ ଯାଇଥିଲା ଖରା। ସୁନାବେଶ ଆରମ୍ଭ ହେବାର ଠିକ୍ ପରେ ପରେ ଝିପି ଝିପି ବର୍ଷା ହୋଇଥିଲା। ଭକ୍ତମାନେ ଭିଜି ଭିଜି ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ ଲାଗି ସିଂହଦ୍ୱାର ନିକଟକୁ ଛୁଟିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଠାକୁରଙ୍କ ସୁନାବେଶ ଅପରାହ୍ନ ସାଢେ ୫ଟା ମଧ୍ୟରେ ସାରିବା ଲାଗି ଧାର୍ଯ୍ୟ ହୋଇଥିଲା। ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଉପଯୁକ୍ତ ସମନ୍ୱୟ ୧ ଘଣ୍ଟା ୧୦ ମିନିଟ୍ ପୂର୍ବରୁ ଅର୍ଥାତ୍ ୪ଟା ୨୦ ବେଶ ସଜା ସରି ଦର୍ଶନ ଆରମ୍ଭ ହୋଇଥିଲା। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସିଂହଦ୍ୱାର ରଥ ପାଖରୁ ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ କରାଯାଇଥିଲା। ଭକ୍ତମାନେ ଏକମୁହାଁ ହୋଇ ସିଂହଦ୍ୱାର ଅଭିମୁଖେ ଚାଲିଥିଲେ। ସୁନା ଅଳଙ୍କାରରେ ଝଲସୁଥିବା ଦାରୁବିଗ୍ରହଙ୍କ ଦର୍ଶନ କରି ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ।

ପୂର୍ବାହ୍ନରେ ଶ୍ରୀମନ୍ଦିର ରତ୍ନଭଣ୍ଡାର (ବାହାର ଭଣ୍ଡାର) ଖୋଲା ଯାଇଥିଲା। ଭଣ୍ଡାର ଘରୁ ଠାକୁରଙ୍କ ଅଳଙ୍କାରମାନ ବାହାର କରାଯାଇ ସଫା ହୋଇଥିଲା। ଅପରାହ୍ନ ୩ଟା ସୁଦ୍ଧା ଅଳଙ୍କାର ଆସି ରଥ ନିକଟରେ ବିଜେ ହୋଇ ମହାପ୍ରଭୁଙ୍କ ସୁନାବେଶ ସଜ୍ଜା ଆରମ୍ଭ ହୋଇଥିଲା। ପୁଷ୍ପାଳକ ପାଳିଆ ସେବକ ଏବଂ ଦଇତାପତିମାନେ ମିଶି ବେଶ କରିଥିଲେ। ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ କିରଟୀ, ଗଳାରେ ମାଳା, ଓଡ଼ିଆଣି, କାନକୁଣ୍ଡଳ ଆଦି ଧାରଣ କରିଥିଲେ। ବଡ଼ଠାକୁରଙ୍କୁ ସୁନାର ହଳମୂଷଳ ଏବଂ ଶ୍ରୀଜଗନ୍ନାଥଙ୍କୁ ଶଙ୍ଖ, ଚକ୍ର ସହିତ ଶ୍ରୀହସ୍ତ, ଶ୍ରୀପୟର ଆଦି ଲାଗି କରାଯାଇଥିଲା।

ରତ୍ନସିଂହାସନରେ ସୁନାବେଶବେଳେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିଥାନ୍ତି। କିନ୍ତୁ ରଥରେ ସୁନାବେଶ ସମୟରେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରି ନ ଥାନ୍ତି। ରଥାରୂଢ ଠାକୁର ସୁନାବେଶରେ ସୋଲର ଚିତା ଧାରଣ କରିଥାନ୍ତି।

### ଆଜି ଅଧରପଣା

ପୁରୀ ଅଫିସ, ୧୩।୭: ରବିବାର ରଥ ଉପରେ ମହାପ୍ରଭୁଙ୍କ ଅଧରପଣା ନୀତି ସମ୍ପନ୍ନ ହେବା ଏଥିଲାଗି ସ୍ୱତନ୍ତ୍ର ହାଣ୍ଡି ପ୍ରସ୍ତୁତ କରାଯାଇଛି। ତାହାକୁ ଅଧରପଣା ହାଣ୍ଡି କୁହାଯାଏ। ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଠାକୁରଙ୍କ ପାଖରେ ଲାଗି ହେବା ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏ ପଣା ଲାଗି ହେବା ଠାକୁରଙ୍କ ପାଖରେ ପଣାଭୋଗ ହେବା ପରେ ହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି। ପଣାହାଣ୍ଡି ଭାଙ୍ଗିଲେ ପଣା ସବୁ ରଥ ତଳକୁ ବୋହିଯାଏ। ତାହାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି।

- ମହାନଦୀ ଜଳ ବିବାଦ: ଆସେସର୍ ନିଯୁକ୍ତ କରିବେ ଟ୍ରିବ୍ୟୁନାଲ୍

# ଓଡ଼ିଶା, ଛତିଶଗଡ଼କୁ ଦସ୍ତାବିଜ୍ ଦାଖଲ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୩।୭

ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ଏକାଧିକ ପ୍ରକଳ୍ପ ନିର୍ମାଣ କରି ଓଡ଼ିଶାକୁ ଜଳପ୍ରବାହରେ ବାଧା ସୃଷ୍ଟି କରିଥିବାବେଳେ ଏହି ମାମଲା ଜଳ ବିବାଦ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଅକ୍ଟୋବର ୧୯ ପୂର୍ବରୁ ଏହା ଉପରେ ଦସ୍ତାବିଜ୍ ଦାଖଲ କରିବା ଲାଗି ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଛତିଶଗଡ଼ର ଉକ୍ତ ପ୍ରକଳ୍ପସ୍ଥଳ ପରିଦର୍ଶନ କରିବା ପୂର୍ବରୁ ଓଡିଶା ସରକାର କେତେକ ତଥ୍ୟ ମାଗିଥିବାବେଳେ ଏହା ଯୋଗାଇଦେବା ଏବଂ ଦୁଇ ରାଜ୍ୟ ମଧ୍ୟରେ ବୈଠକରେ ସମନ୍ୱୟ ରକ୍ଷା ପାଇଁ ଟ୍ରିବ୍ୟୁନାଲ ଜଣେ ଆସେସର (ବିଚାରପତିଙ୍କୁ ସହାୟତା କରିବା ଲାଗି ବିଶେଷଜ୍ଞ) ନିଯୁକ୍ତ କରିବେ ବୋଲି ଜଣାପଡିଛି। ଓଡ଼ିଶା ସରକାରଙ୍କ ଆବେଦନକ୍ରମେ ଅଗଷ୍ଟ ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ଲାଗି ଏ.ଏମ୍. ଖାନୱିଲକରଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ନିଷ୍ପତ୍ତି ନେଇଛନ୍ତି। ଜଣେ ଆସେସର ନିଯୁକ୍ତ ହୋଇଥିବାବେଳେ ପରବର୍ତ୍ତୀ ଶୁଣାଣିରେ ଅନ୍ୟ ଜଣଙ୍କୁ ନିଯୁକ୍ତ ଦିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି।

ଓଡ଼ିଶା ସରକାରଙ୍କ ପ୍ରତିନିଧି ଦଳ ଛତିଶଗଡ଼ରେ ପ୍ରକଳ୍ପସ୍ଥଳ ଅନୁଧ୍ୟାନ କରିବା ପରେ ସେଠାରୁ ଏକ ପ୍ରତିନିଧି ଦଳ ଓଡ଼ିଶା ଆସି ମହାନଦୀ ଜଳପ୍ରବାହ ପରିଦର୍ଶନ କରିବ। ପରେ ଦୁଇପକ୍ଷ ମଧ୍ୟରେ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ଉଦ୍ୟମ କରିବେ। ପରିଦର୍ଶନ ପୂର୍ବରୁ ଛତିଶଗଡ଼ ନିର୍ମାଣ କରୁଥିବା ବ୍ୟାରେଜ ସମ୍ପର୍କରେ ଅଧିକ ତଥ୍ୟ ଆବଶ୍ୟକ ବୋଲି ଶୁଣାଣି ବେଳେ ଓଡିଶା ପକ୍ଷରୁ ମହାଧିବକ୍ତା ଅଶୋକ ପରିଜା ଟ୍ରିବ୍ୟୁନାଲଙ୍କୁ କହିଥିଲେ। ଛତିଶଗଡ଼ର ଜବାବ ଉପରେ ପ୍ରତିଜବାବ ତିନିସପ୍ତାହ ମଧ୍ୟରେ ରଖିବା ଲାଗି ଖଣ୍ଡପୀଠ କହିବା ସହ ସମସ୍ତ ପକ୍ଷଙ୍କୁ ଦସ୍ତାବିଜ୍ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ନିର୍ମାଣ କରୁଥିବା ୬ଟି ବ୍ୟାରେଜ୍ ଉପରେ ରହିତାଦେଶ ଜାରି କରିବା ସହିତ ଅଣମୌସୁମୀ ଋତୁ (ନଭେମ୍ବରରୁ ମେ)ରେ ଓଡ଼ିଶାକୁ ଜଳପ୍ରବାହ ୧.୭୪ ନିୟୁତ ଏକର ଫୁଟ୍ ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲା।

## ବିଶ୍ୱକପ୍ ଫାଇନାଲ ଆଜି

ଲଣ୍ଡନ,୧୩।୭(ପି.ଟି.)

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରବିବାର ଚଳିତ ଆଇସିସି ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଟାଇଟଲ ପାଇଁ କ୍ରିକେଟର ଜନକ ଇଂଲଣ୍ଡ ଓ ଗତ ସଂସ୍କରଣର ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ଇଂଲଣ୍ଡ ପୂର୍ବରୁ ୩ଥର ଓ ନ୍ୟୁଜିଲାଣ୍ଡ ଥରେ ଫାଇନାଲ ଖେଳିଥିଲେ ମଧ୍ୟ ଏହି ଦୁଇ ଦଳ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିପାରିନାହାନ୍ତି। ଫଳରେ ଏଥର ଏକ ନୂଆ ଚାମ୍ପିୟନକୁ ସାରା ବିଶ୍ୱର କ୍ରିକେଟ ପ୍ରଶଂସକ ଦେଖିବାକୁ ପାଇବେ। ଇଅନ୍ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଟାଇଟଲ ପାଇଁ ଫେଭରାଇଟ ବିବେଚିତ ହେଉଛି। ତେବେ କେନ୍ ୱିଲିୟମସନଙ୍କ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ଭାରତ ଭଳି ଶକ୍ତିଶାଳୀ ଦଳକୁ ହରାଇ ନିଜର ଦକ୍ଷତା ପ୍ରତିପାଦନ କରିଛି। ଫଳରେ ନ୍ୟୁଜିଲାଣ୍ଡକୁ ଆଦୌ ହେୟ ମନେ କରିବାର ଭୁଲ ଇଂଲଣ୍ଡ କରିବ ନାହିଁ। ସେମିଫାଇନାଲରେ ନ୍ୟୁଜିଲାଣ୍ଡ ଭାରତକୁ ଓ ଇଂଲଣ୍ଡ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସୁପର ସନ୍‌ଡେ'ରେ ସାରା ବିଶ୍ୱ ଏକ ସଂଘର୍ଷପୂର୍ଣ୍ଣ ତଥା ରୋମାଞ୍ଚକ ମ୍ୟାଚ୍ ସହିତ କ୍ୱାଲିଟି କ୍ରିକେଟ ଦେଖିବାକୁ ପାଇବ।

**ଆଜିର ସମ୍ପାଦକୀୟ**

ଦଳୀୟ ଗଣତନ୍ତ୍ରର ଅଭାବ

**ଆଜିର ମନ୍ତବ୍ୟ**

"ପାକିସ୍ତାନୀ ସେନା ଦୁଃସାହସ କଲେ କଡ଼ା ଜବାବ ଦିଆଯିବ।"
–ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ


ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR

For Admission please Contact:
7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 13.07.2019 Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 74 | 124 | 134 |
| DKL | 74 | 124 | 134 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 74 | 124 | 134 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers

ଚନ୍ଦ୍ରଯାନ-୨ ଭାରତର ସବୁଠାରୁ ସମ୍ମାନଜନକ ମିଶନ।
-ଡ. କେ. ଶିବମ୍,
ଇସ୍ରୋ ଅଧ୍ୟକ୍ଷ

# ବିଦ୍ରୋହୀଙ୍କୁ ମନାଇବାକୁ ପଛଦ୍ୱାର କସରତ

**ବେଙ୍ଗାଲୁରୁ,୧୩୭(ପି.ଟି.)**

କର୍ନାଟକରେ ରାଜନୈତିକ ଅଚଳାବସ୍ଥା ଜାରି ରହିଥିବାବେଳେ ଇସ୍ତଫା ଦେଇଥିବା ବିଦ୍ରୋହୀ ବିଧାୟକମାନଙ୍କୁ ଦଳକୁ ଫେରାଇନେବା ଲାଗି କଂଗ୍ରେସ ପଛଦ୍ୱାର ବୁଝାମଣା ଚଳାଇଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଆସ୍ଥାଭୋଟ ଲୋଡ଼ିବା ଲାଗି ଘୋଷଣା କରିବା ପରେ ଅସନ୍ତୁଷ୍ଟ ବିଧାୟକମାନଙ୍କୁ ଫେରାଇଆଣିବା ଲାଗି ବରିଷ୍ଠ କଂଗ୍ରେସ ନେତାମାନେ ଅଣ୍ଟା ଭିଡ଼ିଛନ୍ତି। ଦଳର ସଙ୍କଟମୋଚନ କୁହାଯାଉଥିବା ଜଳସମ୍ପଦ ମନ୍ତ୍ରୀ ଡି.କେ. ଶିବକୁମାର ଭୋର ୫ଟାରେ ଗୃହନିର୍ମାଣ ମନ୍ତ୍ରୀ ଏମ୍.ଟି.ବି. ନାଗରାଜଙ୍କ ଘରେ ପହଞ୍ଚି ତାଙ୍କୁ ମନାଇବା ପାଇଁ ସାଢ଼େ ୪ ଘଣ୍ଟା ଧରି ଆଲୋଚନା କରିଥିଲେ। ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ମଧ୍ୟ ନାଗରାଜଙ୍କ ଘରେ ପହଞ୍ଚି ଇସ୍ତଫାପତ୍ର ପ୍ରତ୍ୟାହାର କରିନେବା ଲାଗି ପ୍ରବର୍ତ୍ତାଇଥିବା ଜଣାପଡିଛି। ବୁଧବାର ଇସ୍ତଫା ଦେଇଥିବା ନାଗରାଜ ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବେ ବୋଲି ସୂଚନା ଦେବା ସହ ଅନ୍ୟ ଅସନ୍ତୁଷ୍ଟ ବିଧାୟକମାନଙ୍କୁ ବୁଝାଇବେ ବୋଲି କହିଥିବା ଜଣାପଡ଼ିଛି। ସେହିପରି ଅନ୍ୟତମ ବିଧାୟକ ରାମଲିଙ୍ଗା ରେଡ୍ଡୀ, ମୁନିରତ୍ନ ଏବଂ ଆର୍. ରୋଶନ ବେଗ୍‌ଙ୍କୁ ମନାଇବା ଲାଗି ଉଦ୍ୟମ ଜାରି ରହିଛି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ସିଧାସଳଖ ୪ ଅସନ୍ତୁଷ୍ଟ କଂଗ୍ରେସ ବିଧାୟକଙ୍କ ସହ କଥାବାର୍ତ୍ତା ଚଳାଇଥିବା ଜେଡିଏସ୍ ସୂତ୍ରରୁ ଜଣାପଡିଛି। ସେମାନେ ଇସ୍ତଫାପତ୍ର ଫେରାଇନେଇପାରନ୍ତି ବୋଲି ଆଶା କରାଯାଉଛି।

ଆସ୍ଥାଭୋଟ ପୂର୍ବରୁ କଂଗ୍ରେସ ଓ ଭାଜପା ସେମାନଙ୍କ ବିଧାୟକମାନଙ୍କୁ ଏକାଠି କରିବା ଲାଗି ସେମାନଙ୍କୁ ହୋଟେଲ ଓ ରିସର୍ଟରେ ରଖିଛନ୍ତି। କଂଗ୍ରେସର ପଛଦ୍ୱାର ବୁଝାମଣା ଉଦ୍ୟମ ସଫଳ ହେବନାହିଁ ବୋଲି ଭାଜପା ରାଜ୍ୟ ସଭାପତି ବି.ଏସ୍.ୟେଦ୍ୟୁରପ୍ପା କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ-ଜେଡିଏସ୍ ମେଣ୍ଟରୁ ସମର୍ଥନ ପ୍ରତ୍ୟାହାର କରିନେଇ ଭାଜପାକୁ ସମର୍ଥନ ଦେଇଥିବା ଦୁଇ ସ୍ୱାଧୀନ ବିଧାୟକ ବିରୋଧୀ ଦଳ ଆସନରେ ବସିବା ଲାଗି ଅନୁମତି ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। ବିଧାୟକ ଏର୍. ନଗେଶ ଏବଂ ଆର୍. ଶଙ୍କର ଅଲଗା ପତ୍ର ଲେଖି ସେମାନେ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିବା ବାଚସ୍ପତିଙ୍କୁ ଜଣାଇଦେଇଛନ୍ତି। ଶୁକ୍ରବାରରୁ କର୍ନାଟକ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା ବେଳେ ଦୁଇ ବିଧାୟକ ପ୍ରଥମ ଦିନରେ ଅନୁପସ୍ଥିତ ରହିଥିଲେ।

ଅନ୍ୟପକ୍ଷରେ ମୁମ୍ବାଇରେ ରହିଥିବା କର୍ନାଟକର ୧୪ ବିଦ୍ରୋହୀ ବିଧାୟକ ଶନିବାର ଶିରିଡ଼ି ଯାଇ ସାଇବାବାଙ୍କୁ ଦର୍ଶନ କରିଛନ୍ତି। ସେମାନେ ଏକ ଘରୋଇ ବିମାନରେ ଶିରିଡ଼ି ଯାଇଥିବା ଜଣାପଡିଛି। ଶୁକ୍ରବାର ସେମାନଙ୍କ ମଧ୍ୟରୁ ୪ ବିଧାୟକ କେନ୍ଦ୍ରୀୟ ମୁମ୍ବାଇରେ ଥିବା ସିଦ୍ଧିବିନାୟକ ମନ୍ଦିର ଯାଇଥିଲେ।

**ଅଗୁଣି କର୍ନାଟକ ସଙ୍କଟ**

## ସୁପ୍ରିମକୋର୍ଟ ଗଲେ ଆଉ ୫ ବିଦ୍ରୋହୀ ବିଧାୟକ

**ନୂଆଦିଲ୍ଲୀ,୧୩୭**

କର୍ନାଟକ ମୁଖ୍ୟମନ୍ତ୍ରୀ ଏର୍.ଡି. କୁମାରସ୍ୱାମୀ ଆସ୍ଥାଭୋଟ ଲୋଡିବା ଲାଗି ପ୍ରସ୍ତୁତି ଚଳାଇଥିବାବେଳେ ଶନିବାର ଆଉ ୫ ବିଦ୍ରୋହୀ ବିଧାୟକ ସେମାନଙ୍କ ଇସ୍ତଫା ଉପରେ ଶୀଘ୍ର ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ୧୦ ବିଦ୍ରୋହୀ ବିଧାୟକଙ୍କ ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାବେଳେ ମଙ୍ଗଳବାର ଏହାର ଶୁଣାଣି ହେବ। ଏହା ପୂର୍ବରୁ କୌଣସି ନିଷ୍ପତ୍ତି ନ ନେବା ଲାଗି ସର୍ବୋଚ୍ଚ ଅଦାଲତ କର୍ନାଟକ ବାଚସ୍ପତିଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ଶନିବାର ଯେଉଁ ବିଧାୟକମାନେ ସୁପ୍ରିମକୋର୍ଟ ଯାଇଛନ୍ତି, ସେମାନେ ହେଲେ ଆନନ୍ଦ ସିଂ, ମୁନିରତ୍ନ, ରୋଶନ ବେଗ୍, ଏମ.ଟି.ବି. ନାଗରାଜ ଏବଂ କେ. ସୁଧାକର। ସେମାନଙ୍କ ଇସ୍ତଫା ନିଷ୍ପତ୍ତି ସମ୍ପର୍କରେ ବାଚସ୍ପତି ଶୀଘ୍ର ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ସେମାନେ ବିଭିନ୍ନ ତାରିଖରେ ଇସ୍ତଫାପତ୍ର ଦେଇଥିଲେ ହେଁ ବାଚସ୍ପତି ଏପର୍ଯ୍ୟନ୍ତ ତାହା ଗ୍ରହଣ କରି ନ ଥିବା ସେମାନେ ମିଳିତ ଆବେଦନପତ୍ରରେ ଉଲ୍ଲେଖ କରିଛନ୍ତି।

## ସୋମବାର ଆସ୍ଥାଭୋଟ ପାଇଁ ଭାଜପାର ଦାବି

**ନୂଆଦିଲ୍ଲୀ,୧୩୭(ପି.ଟି.)**



ବି.ଏସ୍. ୟେଦ୍ୟୁରପ୍ପା

କର୍ନାଟକ ବିଧାନସଭାରେ ସୋମବାର ଆସ୍ଥାଭୋଟ ଲୋଡ଼ିବା ଲାଗି ମୁଖ୍ୟମନ୍ତ୍ରୀ ଏଚ୍.ଡି.କୁମାରସ୍ୱାମୀଙ୍କ ଉପରେ ଭାଜପା ଚାପ ପକାଇବ ବୋଲି ଦଳର ରାଜ୍ୟ ସଭାପତି ବି.ଏସ୍. ୟେଦ୍ୟୁରପ୍ପା ଶନିବାର କହିଛନ୍ତି। ଜେଡିଏସ୍-କଂଗ୍ରେସ ମେଣ୍ଟ ସଂଖ୍ୟାଗରିଷ୍ଠତା ହରାଇସାରିଥିବାରୁ ସରକାର ଭାଙ୍ଗିବା ନିଶ୍ଚିତ ବୋଲି ସେ ସୂଚନା ଦେଇଛନ୍ତି। ୧୬ ଜଣ ବିଧାୟକଙ୍କ ଇସ୍ତଫା ପରେ କର୍ନାଟକ ସରକାର ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ସ୍ୱେଚ୍ଛାକୃତ ଭାବେ ଆସ୍ଥାଭୋଟ ଲୋଡିବା ପାଇଁ ଶୁକ୍ରବାର କୁମାରସ୍ୱାମୀ ଘୋଷଣା କରିବା ସହ ଏଥିପାଇଁ ତାରିଖ ଧାର୍ଯ୍ୟ କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପୂରଣ କରିବା ଲାଗି ସୋମବାର ସକାଳେ ଅନୁଷ୍ଠିତ ବିଜ୍‌ନେସ୍ ଆଡଭାଇଜରୀ କମିଟି ବୈଠକରେ ଭାଜପା ପରାମର୍ଶ ଦେବ ବୋଲି ୟେଦ୍ୟୁରପ୍ପା କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ଆସ୍ଥାଭୋଟ ପାଇଁ ଶୁକ୍ରବାର ବୈଠକରେ କୁମାରସ୍ୱାମୀ ପ୍ରସ୍ତାବ ଦେଇଥିଲେ। ତେବେ ଉକ୍ତ ବୈଠକରେ ମୁଖ୍ୟ ବିରୋଧୀ ଦଳ ଭାଜପା ଯୋଗଦେଇ ନ ଥିବାରୁ ଏହା ଉପରେ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା।

ଆସାମ ବନ୍ୟାଞ୍ଚଳରୁ ଲୋକମାନଙ୍କୁ ଉଦ୍ଧାର କରାଯାଉଛି।

## ଆସାମ ବନ୍ୟା ସ୍ଥିତି ସଙ୍ଗିନ
# ୭ ମୃତ, ୧୫ ଲକ୍ଷ ପ୍ରଭାବିତ

**ଗୁଆହାଟୀ,୧୩୭**

ଆସାମରେ ବନ୍ୟାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ୩୩ ଜିଲା ମଧ୍ୟରୁ ୨୫ଟି କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ ସମେତ ସେନାକୁ ନିୟୋଜିତ କରାଯାଇଛି। ବ୍ରହ୍ମପୁତ୍ର ଓ ଅନ୍ୟ ୫ଟି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଚା'ଚାଷ ବହୁଳ ଅଞ୍ଚଳ ଧେମାଜି ଓ ଲକ୍ଷ୍ମୀପୁର ସମେତ ବୋଙ୍ଗାଇଗାଓଁ ଏବଂ ବାରପେଟା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ୮୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗିଥିବା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଭୂସ୍ଖଳନ ଯୋଗୁ ଗୋଲାଘାଟରେ ୨ ଏବଂ ହାଫ୍‌ଲଙ୍ଗ୍‌ରେ ଜଣେ ପ୍ରାଣ ହରାଇବା ଫଳରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଛି। ୨୭,୦୦୦ ହେକ୍ଟରରୁ ଅଧିକ ଚାଷଜମି ଜଳପ୍ଳାବିତ ହୋଇଛି। ୨୦,୦୦୦ ଲୋକଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ରିଲିଫ କେନ୍ଦ୍ରରେ ରଖାଯାଇଛି। ବାରପେଟା ଜିଲାରେ ସର୍ବାଧିକ ୫ ଲକ୍ଷ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। କାଜିରଙ୍ଗା ଜାତୀୟ ଉଦ୍ୟାନର ଅଧା ଅଞ୍ଚଳ ବନ୍ୟାଜଳରେ ବୁଡ଼ିଯାଇଛି। ଜାତୀୟ ଉଦ୍ୟାନରେ ବନ୍ୟାପାଣି ପଶିବାରୁ ସେଠାରୁ ପ୍ରାଣୀମାନେ ପଳାୟନ କରିଛନ୍ତି। ଉତ୍ତରପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟରେ ବନ୍ୟା ଯୋଗୁ ପଶ୍ଚିମବଙ୍ଗ ଓ ସିକ୍କିମ୍ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦୋଆର ଅଞ୍ଚଳରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଫଳରେ ବିଭିନ୍ନ ସ୍ଥାନରେ ପର୍ଯ୍ୟଟକମାନେ ଅଟକି ରହିଛନ୍ତି। ସିଲିଗୁଡି-ସିକ୍କିମ ରାସ୍ତା ବନ୍ଦ ହୋଇଯାଇଛି।

ପାର୍ଲାମେଣ୍ଟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ: ବାଚସ୍ପତି ଓମ୍ ବିର୍ଲା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ଅନ୍ୟମାନେ ସାମିଲ ହୋଇଛନ୍ତି।

## ନେପାଳ ବନ୍ୟାରେ ୨୮ ମୃତ

**କାଠମାଣ୍ଡୁ,୧୩୭ (ପି.ଟି.)**

ନେପାଳରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ୨୮ ଜଣ ପ୍ରାଣ ହରାଇଥିବାବେଳେ ୧୬ ନିଖୋଜ ଥିବା ଜଣାପଡ଼ିଛି। ଭୂସ୍ଖଳନ ଯୋଗୁ ୧୦ଜଣ ଗୁରୁତର ହୋଇଥିବା ପ୍ରକାଶ। ପ୍ରମୁଖ ରାଜପଥଗୁଡ଼ିକରେ ଯାତାୟତ ଓ ମାଲ୍ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଲଳିତପୁର, କାଭ୍‌ରେ, କୋଟାଙ୍ଗ୍, ଭୋଜପୁର, ମାକନପୁର ଆଦି ଜିଲାରେ ବନ୍ୟା ଦ୍ୱାରା ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଥିବା ଜଣାପଡ଼ିଛି। ପୋଲିସ ଓ ଉଦ୍ଧାରକାରୀ ଦଳ ବନ୍ୟା ପ୍ରପୀଡ଼ିତଙ୍କୁ ସହଯୋଗ କରୁଥିଲେ ମଧ୍ୟ ପରିସ୍ଥିତିରେ ସୁଧାର ଆସିପାରି ନାହିଁ। ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ଜଣେ ଗୃହ ମନ୍ତ୍ରଣାଳୟର ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରାୟ ୬ ହଜାର ଲୋକ ଏବେ ବନ୍ୟା ଘେରରେ ରହିଥିବା ଜଣାପଡ଼ିଛି।

# ଲଦାଖ ମାଡ଼ିନାହିଁ ଚାଇନା ସେନା

**ନୂଆଦିଲ୍ଲୀ,୧୩୭ (ପି.ଟି.)**

- ଅନୁପ୍ରବେଶ ରିପୋର୍ଟକୁ ସେନାଧ୍ୟକ୍ଷଙ୍କ ଖଣ୍ଡନ
- ପାକିସ୍ତାନ ସେନାକୁ ସତର୍କ କରାଇଲେ

ସେନାଧ୍ୟକ୍ଷ ବିପିନ ରାୱତ ଶନିବାର ଲଦାଖରେ ଚାଇନା ସେନାର ଅନୁପ୍ରବେଶକୁ ଖଣ୍ଡନ କରିବା ସହ ସୀମାରେ ସତର୍କ ଦୃଷ୍ଟି ରଖାଯାଇଥିବା କହିଛନ୍ତି। ଏଥିସହ ପାକିସ୍ତାନ ସେନାକୁ ମଧ୍ୟ ସେ ସତର୍କ କରାଇଛନ୍ତି। ସୀମାରେ ପାକିସ୍ତାନ ପଟୁ କିଛି ଅଘଟଣ ସୃଷ୍ଟି କରାଗଲେ କିମ୍ବା ଅନୁପ୍ରବେଶ ପ୍ରୟାସ କରାଗଲେ ଭାରତ ଏହାର ଦୃଢ଼ ଜବାବ ଦେବ ବୋଲି ସେନାଧ୍ୟକ୍ଷ କହିବା ସହ ପାକିସ୍ତାନ ସେନାକୁ ସତର୍କ କରାଇଛନ୍ତି।

ଜମ୍ମୁ-କଶ୍ମୀରର ଲଦାଖସ୍ଥିତ ଡେମ୍‌ଚୋକ୍ ଅଞ୍ଚଳରେ ଚାଇନା ସେନାର ଅନୁପ୍ରବେଶକୁ ସେନାଧ୍ୟକ୍ଷ ବିପିନ ରାୱତ ଶନିବାର ଖଣ୍ଡନ କରିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ କହିଛନ୍ତି, ଡେମ୍‌ଚୋକ୍ ସେକ୍ଟରରେ ଏଭଳି କୌଣସି ଘଟଣା ଘଟିନାହିଁ। ଜୁଲାଇ ୬ରେ ତିବ୍ଦତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମଦିବସରେ କେତେକ ତିବ୍ଦତୀୟ ଡେମ୍‌ଚୋକ୍ ଅଞ୍ଚଳରେ ପତାକା ଉଡାଇବା ପରେ ଚାଇନା ସେନା ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍‌ଏସି) ଟପି ଗତ ସପ୍ତାହରେ ଅନୁପ୍ରବେଶ କରିଥିବା ରିପୋର୍ଟ ପ୍ରକାଶ ପାଇବା ପରେ ସେନାଧ୍ୟକ୍ଷ ଏଭଳି ମନ୍ତବ୍ୟ ଦେଇଛନ୍ତି। ଚାଇନା ସେନା ସେତେବେଳେ ସ୍ଥିତି ପରଖିବା ସହ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ପାଟ୍ରୋଲିଂ କରିଥିବା ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ଦଲାଇଲାମାଙ୍କ ଜନ୍ମଦିବସ ସ୍ଥାନୀୟ ତିବ୍ଦତୀୟ ପାଳନ କରିଥିଲେ। କେତେକ ଚାଇନା ନାଗରିକ ସ୍ଥିତି ପରଖିବା ଲାଗି ଆସିଥିଲାବେଳେ ସବୁକିଛି ସାଧାରଣ ଥିଲା ବୋଲି ସେନାଧ୍ୟକ୍ଷ ପ୍ରକାଶ କରିଛନ୍ତି।

ସେନାଧ୍ୟକ୍ଷ ପାକିସ୍ତାନ ସେନାକୁ ସତର୍କ କରାଇବା ସହ ସୀମାରେ କିଛି ଅଘଟଣ କିମ୍ବା ଅନୁପ୍ରବେଶ ଘଟଣା ଘଟିଲେ ଭାରତ ଏହାର ଦୃଢ଼ ଜବାବ ଦେବ ବୋଲି କହିଛନ୍ତି। କାର୍‌ଗିଲ ଯୁଦ୍ଧର ୨୦ ବର୍ଷ ପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଭାରତ ନିଜ ଭୂଖଣ୍ଡର ସୁରକ୍ଷା ଲାଗି ପ୍ରସ୍ତୁତ। ସୀମାପାର୍ ଆତଙ୍କବାଦ ସହ ପାକ୍ ସେନା ସୀମାରେ କିଛି ଅଘଟଣ ଘଟାଇଲେ କିମ୍ବା ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କଲେ ଭାରତ ଏହାର ଦୃଢ଼ ଜବାବ ଦେବାକୁ ସକ୍ଷମ ବୋଲି ସେନାଧ୍ୟକ୍ଷ କହିଛନ୍ତି। ଉରି ଓ ବାଲାକୋଟ ଆକ୍ରମଣ ପରେ ଭାରତ କରିଥିବା ସର୍ଜିକାଲ ଷ୍ଟ୍ରାଇକ୍ ସମ୍ପର୍କରେ ସେ କହିବା ସହ ଆତଙ୍କବାଦୀଙ୍କୁ କଠୋର ହସ୍ତରେ ଦମନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ବିସ୍ଫୋରଣରେ ୨୬ ନିହତ

**ମୋଗାଡିଶୁ(ସୋମାଲିଆ),୧୩୭ (ପି.ଟି.)**

ଦକ୍ଷିଣ ସୋମାଲିଆର ଏକ ହୋଟେଲରେ ଶନିବାର ଆତ୍ମଘାତୀ ବିସ୍ଫୋରଣ ହେବାରୁ ୨୬ ଜଣ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ବିଦେଶୀ ବୋଲି ଜଣାପଡ଼ିଛି। ଏଥିରେ ଆହତ ୫୬ ଜଣଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ଲାଗି ଅଲ୍ ସବାବ୍ ଆତଙ୍କବାଦୀ ଗୋଷ୍ଠୀ ନିଜକୁ ଦାୟୀ କରିଛି। ମୃତକଙ୍କ ମଧ୍ୟରେ ୩ କେନିଆ, ୧ କାନାଡ଼ା, ୨ ଆମେରିକା, ୧ ଇଂଲଣ୍ଡ ଓ ୩ ତାଞ୍ଜାନିଆର ନାଗରିକ।

## ଗୋଆ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ
# କଂଗ୍ରେସ ଛାଡ଼ିଥିବା ୩ ବିଧାୟକ ସାମିଲ

**ପଣଜୀ,୧୩୭(ପି.ଟି.)**

ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଶନିବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। କ୍ୟାବିନେଟରୁ ୪ ମନ୍ତ୍ରୀଙ୍କୁ ବାଦ୍ ଦିଆଯାଇ ସେମାନଙ୍କ ସ୍ଥାନରେ କଂଗ୍ରେସ ଛାଡ଼ିଥିବା ୩ ବିଧାୟକ ଏବଂ ଜଣେ ଭାଜପା ବିଧାୟକଙ୍କୁ ନିଆଯାଇଛି। ରାଜଭବନରେ ରାଜ୍ୟପାଳ ମୃଦୁଳା ସିହ୍ନା ନୂଆ ମନ୍ତ୍ରୀମାନଙ୍କୁ ଶପଥପାଠ କରାଇଥିଲେ। ଗୋଆ ବିଧାନସଭାର ୧୫ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ୧୦ ଜଣ ଦଳବଦଳ କରି ଭାଜପାରେ ସାମିଲ ହେବା ପରେ ସେମାନଙ୍କ ମଧ୍ୟରୁ ପୂର୍ବତନ ବିରୋଧୀ ଦଳ ନେତା ଚନ୍ଦ୍ରକାନ୍ତ କଭାଲେକର, ପୂର୍ବତନ ମନ୍ତ୍ରୀ ଫିଲିପ୍ ନେରି ରଡ୍ରିଗ୍ସ ଏବଂ ଜେନିଫର ମନସେରାଟେଟ୍‌ଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। କଭାଲେକରଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି ଜଣାପଡିଛି। ତାଙ୍କ ନେତୃତ୍ୱରେ ୧୦ କଂଗ୍ରେସ ବିଧାୟକ ଦଳବଦଳ କରିଥିଲେ।

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଲାଗି ଭାଜପା ସହଯୋଗୀ ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି)ର ୩ ମନ୍ତ୍ରୀଙ୍କୁ ଇସ୍ତଫା ଦେବା ଲାଗି କୁହାଯାଇଥିଲା। ମନ୍ତ୍ରିମଣ୍ଡଳରୁ ଉପମୁଖ୍ୟମନ୍ତ୍ରୀ ବିଜୟୀ ସରଦେଶାଇ, ମତ୍ସ୍ୟସମ୍ପଦ ମନ୍ତ୍ରୀ ବିନ୍ଦୋ ପଲିଏନକର, ଗୃହନିର୍ମାଣ ମନ୍ତ୍ରୀ ଜୟେଶ ସଲଗାଓଁକର ଏବଂ ସ୍ୱାଧୀନ ବିଧାୟକ ରୋହନ ଖୌନ୍ତେ ବାଦ୍ ପଡିଛନ୍ତି। ଫଳରେ ସରକାରରୁ ଜିଏଫ୍‌ପି ସମର୍ଥନ ପ୍ରତ୍ୟାହାର କରିନେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଭାଜପାରେ ମିଶିବେ ଆଉ ୧୦୭ ବିଧାୟକ

**କୋଲକାତା,୧୩୭**

**ମୁକୁଲ ରାୟଙ୍କ ଦାବି**

ପଶ୍ଚିମବଙ୍ଗର ପୁଣି ୧୦୭ ବିଧାୟକ ଖୁବ୍‌ଶୀଘ୍ର ଭାଜପାରେ ଯୋଗଦେବେ ବୋଲି ପ୍ରଦେଶ ଭାଜପା ନେତା ମୁକୁଲ ରାୟ ଦାବି କରିଛନ୍ତି। ସିପିଏମ୍, କଂଗ୍ରେସ ଓ ଟିଏମ୍‌ସିର ଏହି ବିଧାୟକମାନଙ୍କ ତାଲିକା ଆମ ପାଖରେ ଅଛି ଓ ସେମାନେ ଯୋଗାଯୋଗରେ ଅଛନ୍ତି ବୋଲି ସେ କହିଛନ୍ତି। ସାଧାରଣ ନିର୍ବାଚନରେ ଭାଜପା ଏଠାରେ ସଫଳତା ପାଇବା ପରେ ବିଧାନସଭା ଦଖଲ ଲାଗି ପ୍ରୟାସ ଜୋର୍‌ଦାର କରିଥିବା କୁହାଯାଉଛି।

ଗତମାସରେ ନୋଆପାଡ଼ା ଓ ବନ୍‌ଗାଓଁ ବିଧାୟକ ସୁନୀଲ ସିଂ ଓ ବିଶ୍ୱଜିତ୍ ଦାସ ଭାଜପାରେ ଯୋଗଦେଇଥିଲେ। ଗତ ମେ ୨୮ରେ ମୁକୁଲ ରାୟଙ୍କ ପୁଅ ଶୁଭ୍ରାଂଶୁ ରାୟଙ୍କୁ ମଶାଇ ୩ ଟିଏମ୍‌ସି ବିଧାୟକଙ୍କୁ ଭାଜପାରେ ସ୍ୱାଗତ କରାଯାଇଥିଲା। ଏହାପରେ ତୁଷାରକାନ୍ତି ଭଟ୍ଟାଚାର୍ଯ୍ୟ ଓ ଦେବେନ୍ଦ୍ର ନାଥ ରାୟ ଯଥାକ୍ରମେ ଟିଏମ୍‌ସି ଓ ସିପିଏମ୍‌ରୁ ଆସି ଭାଜପାରେ ଯୋଗଦେଇଥିଲେ। ଏହାପରେ ଟିଏମ୍‌ସି ବିଧାୟକ ମନିରୁଲ ଇସ୍‌ଲାମ ମଧ୍ୟ ଭାଜପାରେ ସାମିଲ ହୋଇଥିଲେ। ଏଥିସହ କଞ୍ଚରାପଡ଼ା ମ୍ୟୁନିସିପାଲିଟିର ୫ ଟିଏମ୍‌ସି କାଉନ୍‌ସିଲର ଭାଜପାରେ ଯୋଗଦେଇଥିଲେ। ପଶ୍ଚିମବଙ୍ଗରେ ଭାଜପାର ଶକ୍ତିବୃଦ୍ଧି ଯୋଗୁ ବହୁ ଅନ୍ୟ ଦଳର ବିଧାୟକ ଓ ନେତା ଭାଜପାକୁ ଡ଼େଇଁବା ଲାଗି ପ୍ରସ୍ତୁତି ଆରମ୍ଭ କରିଥିବା କୁହାଯାଉଛି। ତୃଣମୂଳ କଂଗ୍ରେସର ସେକେଣ୍ଡ-ଇନ୍-କମାଣ୍ଡ ଥିବା ମୁକୁଲ ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କ ସହ ନ ପଡ଼ିବାରୁ ୨୦୧୭ରେ ଭାଜପାକୁ ଫେରିଥିଲେ। ମୁକୁଲ ରାୟଙ୍କ ଏଭଳି ଦାବି ପରେ ୪୨ରୁ ୧୮ ଲୋକ ସଭା ଆସ

ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

■ ଡାକ୍ତରଖାନା ନେଇ ଆସୁଥିବା ଅଟୋ ରିକ୍ସା ଓଲଟିଲା, ୨ ମହିଳା ଗୁରୁତର

ହାଟଡିହା/ ଆନନ୍ଦପୁର, ୧୩।୭ (ଡି.ଏନ.ଏ./ସ୍ୱ.ପ୍ର.)-କେନ୍ଦୁଝର ଜିଲା ହାଟଡିହା ବ୍ଲକ ସୋସୋ ଥାନା ମଧୁବନ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମର ୨ ନାବାଳିକା ପୋଖରାରେ ଗାଧୋଉଥିବା ସମୟରେ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ସେମାନେ ହେଲେ ସୁରେଶ ମହାକୁଡ଼ଙ୍କ ଝିଅ ଅନିତା(୮) ଏବଂ ଅଭିମନ୍ୟୁ ନାୟକଙ୍କ ଝିଅ ଅନିଷା(୯) । ଏହି ନାବାଳିକା ଦ୍ୱୟ ସ୍କୁଲରୁ ଫେରି ନିଜ ଗାଁ ପୋଖରୀକୁ ଗାଧୋଇବାକୁ ସାଙ୍ଗ ହୋଇ ଯାଇଥିଲେ। ଗୋଡ଼ ଖସିଯିବାରୁ ଦୁହେଁ ପାଣିରେ ବୁଡ଼ିଯାଇଥିଲେ। ପାଖରେ ଥିବା ଲୋକେ ଉଭୟଙ୍କୁ ପାଣି ଭିତରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନା ଆଣିବାକୁ ବ୍ୟବସ୍ଥା କରିଥିଲେ। ଏକ ଅଟୋରିକ୍ସାରେ ଉଭୟଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଉଥିଲା। ହେଲେ ପୁରୁଣାପାଣି ନିକଟରେ ଅଟୋରିକ୍ସାଟି ଦୁର୍ଘଟଣାଗ୍ରସ୍ତ ହୋଇ ହଠାତ୍ ଓଲଟି ପଡ଼ିଥିଲା। ସେଥିରେ ଥିବା ୫ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଅନିତାଙ୍କ ମା' ପଦ୍ମିନୀ ଓ ଅନିଷାଙ୍କ ମା' ନନ୍ଦିନୀଙ୍କ ଅବସ୍ଥା ଗୁରୁତର ରହିଛି । ହାଟଡିହା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ୨ ମହିଳା ଓ ଦୁଇ ନାବାଳିକାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ। ଡାକ୍ତର ଦୁଇ ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ । ୨ ଆହତ ମହିଳାଙ୍କ ଚିକିତ୍ସା ଚାଲିଛି । ସୋସୋ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

### ଭୁବନେଶ୍ୱର ଏମ୍ସରେ ମିଳିବ ଡାଏଲିସିସ୍ ସୁବିଧା

ଭୁବନେଶ୍ୱର,୧୩।୭(ବ୍ୟୁରୋ)/ପାତ୍ରପଡ଼ା(ଡି.ଏନ୍.ଏ.): ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ କିଡ଼ନୀ ରୋଗୀ ଏବେ ଡାଇଲିସିସ୍ ସୁବିଧା ପାଇପାରିବେ। ଆସନ୍ତା ୧୫ ତାରିଖରେ ଏମ୍ସର ସପ୍ତମ ଭିତ୍ତିପ୍ରସ୍ତର ସ୍ଥାପନ ଦିବସ ସମାରୋହ ଅନୁଷ୍ଠିତ ହେବ। ଏହି ଅବସରରେ ଅତ୍ୟାଧୁନିକ ଡାଏଲିସିସ ୟୁନିଟ୍ ଓ ୧୫ଟି ମଡ୍ୟୁଲାର ଓଟି ଉଦ୍‌ଘାଟନ ହେବ। ଏଥିସହ ଏମ୍‌ଆର୍‌ଆଇ ପାଇଁ ଅତ୍ୟାଧୁନିକ ଟେସଲା ମେଶିନ ମଧ୍ୟ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ମେଶିନ ଲାଗିଲେ ରୋଗୀ ଅତ୍ୟାଧୁନିକ ସେବା ସହ ଅଧିକ ରୋଗୀ ଏମ୍‌ଆର୍‌ଆଇ ସେବା ପାଇପାରିବେ। ତେବେ ଏଠାରେ ସମସ୍ତ ସୁପରସ୍ପେସିଆଲିଟି ସେବା ଆରମ୍ଭ ହୋଇଥିଲେ ମଧ୍ୟ ନେଫ୍ରୋଲୋଜି ବିଭାଗ ଖୋଲି ପାରି ନ ଥିଲା। କିନ୍ତୁ ଏବେ ଏସବୁ ସମସ୍ୟାର ସମାଧାନ ହେବ। ଯଦି ଓଟି କାର୍ଯ୍ୟ ୧୫ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହୁଏ ତେବେ ଶୁଭାରମ୍ଭ ହେବ। ନଚେତ୍ ୨୧ରେ ଏହା ଖୋଲିବ ବୋଲି ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶିକା ଗୀତାଞ୍ଜଳୀ ବାଟମାନବେନ୍ ସୂଚନା ଦେଇଛନ୍ତି। ଶନିବାର ଏମ୍ସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇ କହିଛନ୍ତି, ଏହି ଉତ୍ସବ ଅବସରରେ ଦୁଇଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ମୁଖ୍ୟତଃ ବାଲେଶ୍ୱର ଓ ମେଣ୍ଢାଶାଳଠାରେ ଏକ ମେଗା ହେଲ୍‌ଥ କ୍ୟାମ୍ପ ଆୟୋଜନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ରହିଛି। ପ୍ରତିଷ୍ଠା ଦିବସ ଉପଲକ୍ଷେ ରବିବାର ବାଲେଶ୍ୱର ସାଟେଲାଇଟ ସେଣ୍ଟରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ସ୍ପେଶିଆଲିଟି ଓ ସୁପର ସ୍ପେଶିଆଲିଟି ବିଭାଗରେ ମାଗଣା ରୋଗୀସେବା ଯୋଗାଇ ଦିଆଯିବ। ୧୫ ତାରିଖରେ ଭୁବନେଶ୍ୱର ଏମ୍ସ ପରିସରରେ ଚାରା ରୋପଣ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ରୁରାଲ ହେଲ୍‌ଥ ଟ୍ରେନିଂ ସେଣ୍ଟରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ବୋଲି ନିର୍ଦ୍ଦେଶିକା କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ବର୍ଷ ଏନ୍‌ଟିପିସି ସହଯୋଗରେ ଏମ୍ସରେ ଏକ ବର୍ନ ୟୁନିଟ୍ କାର୍ଯ୍ୟକ୍ଷମ ହେବ। ସେହିପରି ନାଲ୍‌କୋ ସହାୟତାରେ ୫୦୬ ଶଯ୍ୟା ବିଶିଷ୍ଟ ଏକ ଧର୍ମାଶାଳା କାର୍ଯ୍ୟ ଚାଲୁଥିବାବେଳେ ଖୁବ୍‌ଶୀଘ୍ର ଏହା ଲୋକଙ୍କ ସେବାରେ ଲାଗିପାରିବ ବୋଲି ଜଣାପଡ଼ିଛି।




# ଖାଉଛନ୍ତି ଶିଳ୍ପ, ଗଣୁଛନ୍ତି ସରକାର



■ ଦେବାଳିଆ ହେଉଛନ୍ତି ବିଦ୍ୟୁତ୍ ବଣ୍ଟନ କମ୍ପାନୀ
■ ଋଣ ଶୁଝିବାକୁ ବଳ ନାହିଁ
■ ଶିଳ୍ପ ଉପରେ ୮୧୦୯ କୋଟି ବାକି
■ ଜୁଲାଇରେ ନିଅଣ୍ଟ, ମାର୍ଚ୍ଚରେ ହେବ ଅସମ୍ଭାଳ
■ ୯୦୦ ମେଗାୱାଟ ବିଜୁଳି ନିଅଣ୍ଟିଆ

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ରାଜ୍ୟରେ ବିଦ୍ୟୁତ୍ ବ୍ୟବସ୍ଥା ସାଂଘାତିକ ଅବସ୍ଥା ଦେଇ ଗତି କରୁଛି। ବିଦ୍ୟୁତ୍ ନିଅଣ୍ଟିଆ ଏବଂ ଋଣ ବୋଝରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଉବୁଟୁବୁ ହେଲେଣି । ଅନ୍ୟପକ୍ଷରେ ରାଜ୍ୟରେ ଥିବା ବଡ ବଡ ଶିଳ୍ପସଂସ୍ଥାଗୁଡିକ ବିଦ୍ୟୁତ୍ ଚଳୁ କରି ପରିସ୍ଥିତିକୁ ଆହୁରି ବିଗାଡି ଚାଲିଛନ୍ତି। ବିଭିନ୍ନ କମ୍ପାନୀ ଓ ସଂସ୍ଥା ଉପରେ ବହୁ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ଅନେକ ବର୍ଷ ହେବ ବାକି ପଡିଛି। ସେହି ବକେୟା ବିଲ୍ ଫାଙ୍କିବାକୁ ଶିଳ୍ପସଂସ୍ଥାଗୁଡିକ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ବକେୟା ଆଦାୟ କରିବା ପରିବର୍ତ୍ତେ ସରକାର କୋର୍ଟ କଚେରିରେ ମାମଲା ଲଢି ଲଢି ନୟାନ୍ତ ହେଲେଣି। ଶିଳ୍ପ ସଂସ୍ଥାଗୁଡିକର ବୋଝ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକୁ କାଳ ହେଲାଣି। ଋଣ ଆଦାୟ କରିବା ଦୂରର କଥା ବଣ୍ଟନ କମ୍ପାନୀଗୁଡିକୁ ସମ୍ଭାଳିବାକୁ ସରକାର ଅଣନିଃଶ୍ୱାସୀ ହେଲେଣି ।

ଶକ୍ତି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଓ୍ୱେସ୍‌କୋ, ନେସ୍‌କୋ, ସାଉଥ୍‌କୋ ଏବଂ ସେସୁ ଉପରେ ଗ୍ରୀଡ୍‌କୋ, ବିଶ୍ୱବ୍ୟାଙ୍କ ଏବଂ ରାଜ୍ୟ ସରକାରଙ୍କ ୬୮୪୬.୦୩ କୋଟି ଟଙ୍କା ଗଡୁଛି । ଓ୍ୱେସ୍‌କୋ ଉପରେ ୧୫୨୬.୮୫ କୋଟି ଟଙ୍କା ଋଣ ବକେୟା ରହିଥିବା ବେଳେ ନେସ୍‌କୋ ୧୨୭୫.୮୪, ସାଉଥ୍‌କୋ ୧୧୭୦.୧୩ ଏବଂ ସେସୁ ଉପରେ ୨୮୭୩ କୋଟି ଟଙ୍କାର ଋଣ ବାକି ରହିଛି। ସେହି ଋଣ ପରିଶୋଧ କରିବାକୁ ବଣ୍ଟନ କମ୍ପାନୀ ପାଖରେ ବଳ ନାହିଁ। ପରିସ୍ଥିତି ଏମିତି ହେଲାଣି ଯେ ସରକାର ଆର୍ଥିକ ସହାୟତା ନ ଦେଲେ କର୍ମଚାରୀମାନଙ୍କୁ ଦରମା ଦେବା କାଠିକର ପାଠ ହେଲାଣି। ଅନ୍ୟପକ୍ଷରେ ରାଜ୍ୟରେ ଥିବା ବିଭିନ୍ନ ବଡ ବଡ ଶିଳ୍ପାନୁଷ୍ଠାନ ଓ ସଂସ୍ଥା ଦୀର୍ଘ ବର୍ଷ ଧରି ବିଦ୍ୟୁତ୍ ବିଲ୍ ଫାଙ୍କି ଚାଲିଛନ୍ତି। ସାଉଥ୍‌କୋ ଅଧୀନରେ ଥିବା ୭୩ଟି ବୃହତ୍ ଶିଳ୍ପ ସଂସ୍ଥା ଉପରେ ୧୧୯୨.୨୩ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବାକି ରହିଥିବା ବେଳେ ସେସୁ ଅଧୀନରେ ଥିବା ୯୬ଟି ଶିଳ୍ପାନୁଷ୍ଠାନ ଉପରେ ୧୭,୯୦,୯୧,୧୩୮ ଟଙ୍କା ବାକି ରହିଛି। ୧୦ଟି ଇଏଚ୍‌ଟି ବିଦ୍ୟୁତ୍ ନେଇଥିବା ଶିଳ୍ପ ଉପରେ ୩୮୫ କୋଟି ୭୪ ଲକ୍ଷ ୪୮ ହଜାର ୮୯୮ କୋଟି ଏବଂ ସାଉଥ୍‌କୋ ଅଧୀନରେ ଥିବା ବିଭିନ୍ନ ଶିଳ୍ପସଂସ୍ଥା ଉପରେ ୪୦୭ କୋଟି ୨୬ ଲକ୍ଷ ୪୫ ହଜାର ୯୩୯ ଟଙ୍କା ବକେୟା ରହିଛି। ଏ ସବୁକୁ ହିସାବ କଲେ ଶିଳ୍ପ ଓ ଅନ୍ୟାନ୍ୟ ସଂସ୍ଥା ଉପରେ ପ୍ରାୟ ୮୧୦୯ କୋଟି ୧୮ ଲକ୍ଷ ୭୧ ହଜାର ୭୦୯ଟଙ୍କା ବକେୟା ରହିଛି। ଏସବୁ ବକେୟା ଆଦାୟ କରିବାକୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ପାଖରେ ବଳ ନାହିଁ। କେବଳ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

୨୦୦୩-୦୪ରୁ ୨୦୦୭-୦୮ ଯାଏ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ବଳକା ରାଜ୍ୟରେ ପରିଣତ ହେଉଥିଲା। ଏହା ପରଠାରୁ ରାଜ୍ୟକୁ ଶକ୍ତି ସଙ୍କଟ ଜାବୁଡି ଧରିଲାଣି। ୨୦୦୩-୦୪ରେ ରାଜ୍ୟ ସରକାର ୩୨୯୯ ନିୟୁତ ୟୁନିଟ୍ ବିଦ୍ୟୁତ୍ ଶକ୍ତି ବିକ୍ରି କରୁଥିଲେ। ୨୦୦୮-୦୯ରେ ଏହା ୨୭୮ ନିୟୁତ ୟୁନିଟ୍‌କୁ ଖସି ଆସିଲା। ଏବେ ନିଅଣ୍ଟିଆ ପରିସ୍ଥିତିକୁ ଚାଲି ଆସିଲାଣି। ୨୦୧୯ ଜୁଲାଇ ୧୨ ତାରିଖ ସୁଦ୍ଧା ରାଜ୍ୟରେ ୯୦୦ ମେଗାୱାଟ ବିଦ୍ୟୁତ୍ ନିଅଣ୍ଟିଆ ରହିଛି। ବେଳକୁ ବେଳ ବିଦ୍ୟୁତ୍ ଚାହିଦା ବଢୁଥିବା ବେଳେ ଉତ୍ପାଦନ ବୃଦ୍ଧି ନ ହେବା ସରକାରଙ୍କ ଚିନ୍ତା ବଢାଇ ଦେଇଛି। ୨୦୦୦ ବେଳକୁ ରାଜ୍ୟରେ ବିଦ୍ୟୁତ୍ ଗ୍ରାହକଙ୍କ ସଂଖ୍ୟା ୧୪,୪୬,୬୩୪ ଥିବା ବେଳେ ୨୦୧୭-୧୮ରେ ଏହି ସଂଖ୍ୟା ୮୧,୪୬,୬୨୫ରେ ପହଞ୍ଚିଛି। ସେ ସମୟରେ ବିଦ୍ୟୁତ୍‌ଚାହିଦା ୨ରୁ୩ହଜାର ମେଗାୱାଟ ଥିବା ବେଳେ ବର୍ତ୍ତମାନ ୪୫୦୦ ମେଗାୱାଟର ଆବଶ୍ୟକତା ରହିଛି। ବର୍ଷା ଦିନେ ଯଦି ସ୍ଥିତି ଏମିତି ତେବେ ଖରାଦିନେ ଅବସ୍ଥା ଅସମ୍ଭାଳ ହେବା ନେଇ ଜଳଜଳ ଦେଖାଗଲାଣି। ଘନଘନ ବିଦ୍ୟୁତ୍ କାଟ ଛଡା ସରକାରଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ଶକ୍ତି ଉତ୍ପାଦନ ବୃଦ୍ଧି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି।

# ମଙ୍ଗଳବାର ବିଳମ୍ବିତ ରାତିରେ ଚନ୍ଦ୍ରଗ୍ରହଣ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

ଆସନ୍ତା ୧୬ ତାରିଖ ମଙ୍ଗଳବାର ବିଳମ୍ବିତ ରାତିରେ ଆଷାଢ଼ ପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମାରେ ଆଂଶିକ ଚନ୍ଦ୍ରଗ୍ରହଣ ସଂଗଠିତ ହେବ। ଏହା ୟୁରୋପ, ଏସିଆ, ଅଷ୍ଟ୍ରେଲିଆ, ଆଫ୍ରିକା, ଦକ୍ଷିଣ ଆମେରିକା ଆଦି ମହାଦେଶର ଅନେକ ଅଞ୍ଚଳ ସହ ଭାରତ ଓ ଓଡ଼ିଶାର ସମସ୍ତ ସ୍ଥାନରେ ଦୃଶ୍ୟମାନ ରହିବ। ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା ଅନୁଯାୟୀ, ପୁରୀକୁ ଭାରତୀୟ ସମୟ ଅନୁସାରେ ମଙ୍ଗଳବାର ରାତ୍ରି ୧୨ଟା ୧୪ରେ ଚନ୍ଦ୍ରକାନ୍ତି ମାଳିନ୍ୟାରମ୍ଭ ହେବାକୁ ଥିବାବେଳେ ରାତ୍ରି ୧ଟା ୩୨ରେ ଆଂଶିକ ଗ୍ରହଣ ସ୍ପର୍ଶ, ରାତ୍ରି ୩ଟା ୧ରେ ଗ୍ରହଣ ମଧ୍ୟ, ରାତ୍ରି ୪ଟା ୩୦ରେ ସର୍ବମୋକ୍ଷ ବା ଆଂଶିକ ଗ୍ରହଣ ଶେଷ ଓ ନିଶାନ୍ତ ୫ଟା ୪୮ରେ ଚନ୍ଦ୍ରକାନ୍ତି ମାଳିନ୍ୟ ଶେଷ ହେବ।

ଗ୍ରହଣ ସ୍ପର୍ଶର ୯ ଘଣ୍ଟା ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଅପରାହ୍ନ ୪ଟା ୩୨ରୁ ପାକତ୍ୟାଗ ଓ ଦେବନୀତି ନିଷେଧ ରହିବ। ବାଳକ, ବୃଦ୍ଧ, ରୋଗୀ ଓ ଆତୁର ବ୍ୟକ୍ତିଙ୍କ ପକ୍ଷେ ନିୟମ ଲଂଘନୀୟ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ। ବିଶେଷତଃ ଚତୁର୍ଥ ପ୍ରହରରେ ସର୍ବମୋକ୍ଷ ହେଉଥିବାରୁ ସୂର୍ଯ୍ୟୋଦୟ ପୂର୍ବରୁ ବା ପରେ ଠାକୁରମାନଙ୍କର ମହାସ୍ନାନ ଓ ଦେବନୀତି ଏବଂ ପରଦିନ ପାକ କାର୍ଯ୍ୟାଦି କରିବା ବିଧିସଙ୍ଗତ ଅଟେ। ଗ୍ରହଣଦିନଠାରୁ ସାତଦିନ ପର୍ଯ୍ୟନ୍ତ ଦୂରଯାତ୍ରା, ୧ ଦିନ ପର୍ଯ୍ୟନ୍ତ ବିବାହ ଓ ୩ ଦିନ ପର୍ଯ୍ୟନ୍ତ ବ୍ରତୋପନୟନ ନିଷେଧ ଅଟେ। ରାତ୍ରି ୩ଟା ୧୫ ମଧ୍ୟେ ମେଷ, ବୃଷ, ମିଥୁନ, ଧନୁ, ମକର ଓ ମୀନ ଏବଂ ତପୂରେ ମେଷ, ବୃଷ, ମିଥୁନ, କର୍କଟ, ମକର ଓ କୁମ୍ଭ ରାଶି ବ୍ୟକ୍ତିମାନଙ୍କ ପକ୍ଷେ ଗ୍ରହଣ ଦର୍ଶନ ଅଶୁଭ ଫଳ ପ୍ରଦାନ କରିବ। ଅନ୍ୟମାନଙ୍କ ପାଇଁ ଶୁଭ ରହିବ।

ଅନ୍ୟପକ୍ଷରେ ଚନ୍ଦ୍ରଗ୍ରହଣ ମଧ୍ୟରାତିରେ ଦେଖାଯାଉଥିବାରୁ ଓ ଆକାଶ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଥିବାରୁ ଭୁବନେଶ୍ୱର ପଠାଣିସାମନ୍ତ ପ୍ଲାନେଟାରିୟମ ଓ ବୁର୍ଲାସ୍ଥିତ ଡ. ଏ.ପି.ଜେ ଅବଦୁଲ କଲାମ ପ୍ଲାନେଟାରିୟମରେ ଦେଖିବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ନିଜ ଘରେ ରହି ଏହି ସୁନ୍ଦର ଦୃଶ୍ୟକୁ ଉପଭୋଗ କରିହେବ ବୋଲି ଭୁବନେଶ୍ୱର ପଠାଣିସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

### ଅପରାହ୍ନ ୪ଟା ୩୨ରୁ ପାକତ୍ୟାଗ, ଦେବନୀତି ନିଷେଧ

## ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଉପରେ ଗୁରୁତ୍ୱ

■ ଶକ୍ତି ବିଭାଗୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟ

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ରାଜ୍ୟର ସମସ୍ତ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ପାଇଁ ଶକ୍ତି ବିଭାଗ ଚେଷ୍ଟା କରୁ। ଏଥିପାଇଁ ବହୁମୁଖୀ ୫ ବର୍ଷିଆ ଯୋଜନା ପ୍ରଣୟନ କରାଯାଉ। ଅତି ସଙ୍କଟଜନକ ପରିସ୍ଥିତିରେ ବି ଯେପରି ବିଦ୍ୟୁତ୍ ସେବା ଉପଲବ୍ଧ ହୋଇପାରିବ, ସେ ନେଇ ବିଭାଗ ଚେଷ୍ଟା କରିବା ଉଚିତ ବୋଲି ଶକ୍ତି ବିଭାଗୀୟ ବିଧାନସଭା ଷ୍ଟାଣ୍ଡିଂ କମିଟି ପରାମର୍ଶ ଦେଇଛି। ରାଜ୍ୟ ଆଗାମୀ ଦିନରେ ଶିଳ୍ପ ପାଇଁ ପ୍ରକୃଷ୍ଟ କ୍ଷେତ୍ର ହେବାକୁ ଯାଉଛି, ତେଣୁ ଅଧିକ ଶକ୍ତି ଉତ୍ପାଦନର ଆବଶ୍ୟକତା ରହିଛି। ବଳକା ବିଦ୍ୟୁତ୍ ଶକ୍ତିକୁ ଅନ୍ୟ ରାଜ୍ୟକୁ ବିକ୍ରି କରିବା ପାଇଁ ମଧ୍ୟ କମିଟି ପରାମର୍ଶ ଦେଇଛି। ରାଜ୍ୟରେ ଥିବା ବହୁସଂଖ୍ୟକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଅନ୍ୟାନ୍ୟ ସରକାରୀ କୋଠାବାଡିରେ ସୌର ବିଦ୍ୟୁତୀକରଣ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଯେଉଁ ହାରରେ ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ସେହି ହାରରେ ବଣ୍ଟନ ବ୍ୟବସ୍ଥାରେ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି। ତେଣୁ ସୁଚିନ୍ତିତ ପଦକ୍ଷେପ ଦ୍ୱାରା କର୍ମଚାରୀ ନିଯୁକ୍ତି କରିବାକୁ ଷ୍ଟାଣ୍ଡିଂ କମିଟି ପରାମର୍ଶ ଦେଇଛି। ବିଭିନ୍ନ କାରଣରୁ ନଷ୍ଟ ହୋଇଥିବା ୧୦ କେଭିଏ, ୧୬ କେଭିଏ, ୨୫ କେଭିଏ, ୬୩ କେଭିଏ ଏବଂ ୧୦୦ କେଭିଏ ଟ୍ରାନ୍ସଫର୍ମରକୁ ବଦଳାଯାଉ। ସେହିପରି ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ବ୍ୟୟବରାଦ ଥିବା ୭୫ କୋଟି ଅର୍ଥରାଶିକୁ ୨୦୦ କୋଟି

### ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବା ଦାବି

# କେନ୍ଦ୍ରକୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

■ ମଧ୍ୟପ୍ରାଚ୍ୟ ଦେଶକୁ ମଧ୍ୟ ସିଧାସଳଖ ବିମାନ ଚଳାଚଳ କରୁ
■ ପୁଣେ, ସୁରଟ, କଲମ୍ବୋକୁ ହୋଇପାରିଲାନି ବିମାନ ଚଳାଚଳ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାକୁ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ରାଜ୍ୟରେ ଔଦ୍ୟୋଗିକ ବିଦେଶୀ ପୁଞ୍ଜିନିବେଶ ବୃଦ୍ଧି ପାଇଛି। ସେହିଭଳି ଓଡ଼ିଶାରୁ ମଧ୍ୟ ବିଦେଶକୁ ଯାତ୍ରା ବୃଦ୍ଧି ପାଇଛି। ଫଳରେ ଅନେକ ଅନ୍ତର୍ଜାତୀୟ ଏୟାରଲାଇନ୍ସ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୁବାଇକୁ ବିମାନ ଚଳାଚଳ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ତେଣୁ ଭୁବନେଶ୍ୱର ଓ ଦୁବାଇ ମଧ୍ୟରେ ଏୟାର ଇଣ୍ଡିଆ କିମ୍ବା ଅନ୍ୟ ଆନ୍ତର୍ଜାତିକ ସଂସ୍ଥା ଦ୍ୱାରା ଦୁବାଇକୁ ସିଧାସଳଖ ବିମାନ ସେବା ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍

ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

**ଜନ୍ମଦିନର ଶୁଭେଚ୍ଛା**

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....
ପ୍ରିତି
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ମଧ୍ୟାହ୍ନଭୋଜନରେ ବୁଢ଼ିଆଣୀ: ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ

**ପରଜଙ୍ଗ/ତାଳଚେର, ୧୩।୭(ଡି.ଏନ.ଏ./ନି.ପ୍ର.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅଭାବନୀୟ ଘଟଣା ଘଟିଛି। ବୁଢ଼ିଆଣୀ ପଡ଼ିଥିବା ମଧ୍ୟାହ୍ନ ଭୋଜନ ଖାଦ୍ୟ ଖାଇ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମଧ୍ୟାହ୍ନ ଭୋଜନ ରୋଷେଇରେ ମାନବୃଦ୍ଧି ଏବଂ ପାକଶାଳାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏହାସତ୍ତ୍ୱେ କୋମଳମତି ପିଲାଙ୍କୁ ଦିଆଯାଉଥିବା ଖାଦ୍ୟରେ ବୁଢ଼ିଆଣୀ ପଡ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

### କିଛି ତଥ୍ୟ

ଜୁଲାଇ ୫ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୨.୨୩ ବିଲିୟନ ଡଲାର ବୃଦ୍ଧି ପାଇ ୪୨୯.୯୧ବିଲିୟନ ଡଲାର ହୋଇଛି।
-ଭାରତୀୟ ରିଜର୍ଭ ବ୍ୟାଙ୍କ

## ବଜ୍ରପାତରେ ୩ ମୃତ

**ଗୋପାଳପୁର/ହିଞ୍ଜିଳିକାଟୁ, ୧୩।୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଅପରାହ୍ନରେ ବଜ୍ରପାତ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗୋପାଳପୁର ଥାନା ଲୁହାଝର ପଞ୍ଚାୟତର ସିନ୍ଧିଗାଁର ଆର. ମୁଡିଆଲୁ ରେଡ୍ଡୀ(୬୨), ହିଞ୍ଜିଳିକାଟୁ ବ୍ଲକ ପୁରୁଷୋତ୍ତମପୁର (୧୭) ଓ ଦିଗାପଡା ଗ୍ରାମର ଗଣେଶ ନାୟକ (୩୦)।

ପ୍ରକାଶ ଯେ, ମୁଡିଆଲୁ ସନ୍ଧ୍ୟା ପ୍ରାୟ ୫ଟାରେ ଘର ପଛପଟକୁଣୋଚ ପାଇଁ ଯାଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଏନେଇ ପରିବାର ପକ୍ଷରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ ପରେ ନଂ.୧୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ।

ସେହିପରି ସାହାପୁର ଗ୍ରାମର ଉଦୟ ମଲିକଙ୍କ ପୁଅ ଜିତୁ ମଇଁଷି ଚରାଇବାକୁ ଗ୍ରାମ ନିକଟକୁ ଯାଇଥିବାବେଳେ ବ୍ରଜପାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜିତୁଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦିଗାପଡା ଗ୍ରାମର ଗଣେଶ କୌଣସି କାମରେ ବାହାରକୁ ଯାଉଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ।

# ଦୁର୍ଘଟଣା ନେଲା ୭ ଜୀବନ

## କାର୍‌କୁ ଧକ୍କା ଦେଲା ଟ୍ରକ: ୩ ମୃତ

**ତାଳଚେର/ ପବିତ୍ରନଗର/ ରାଉରକେଲା ଅଫିସ୍, ୧୩।୭ (ନି.ପ୍ର.)**

ଅନୁଗୋଳ ଜିଲା କଣିହା ବ୍ଲକ ସମଲ ଥାନା ନାଇକାନାଳୀ ସ୍ଥିତ ୧୪୯ ନମ୍ବର ଜାତୀୟ ରାଜପଥରେ ଶନିବାର ଭୋର ସାଢ଼େ ୪ଟାରେ ଏକ ଟ୍ରକ୍ କାର୍‌କୁ ଧକ୍କା ଦେବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ରାଉରକେଲାର ଭୂପେଶ ସାହୁ, ଧନୁର୍ଜୟ ନାୟକ ଓ କ୍ରିଷ୍ଣା କୁମାର ସାହୁ। ସେହିପରି ଗୁରୁତର ହୋଇଥିବା ୨ ଜଣ ହେଲେ ସାଗର ବାରିକ ଓ ବିକାଶ କୁମାର ମଙ୍ଗରାଜ। ସମସ୍ତଙ୍କ ବୟସ ୨୨ରୁ ୨୫ ମଧ୍ୟରେ ହେବ। ଖୋର୍ଦ୍ଧାରେ ଏକ ବିବାହ ଉତ୍ସବରେ ଯୋଗଦେଇ ସେମାନେ ରାଉରକେଲା ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।

ଭୋର ସମୟରେ କାରଟି ପିଟିରିରୁ ଖମାର ଆଡ଼କୁ ଯାଉଥିବାବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି କାର୍ ଭିତରୁ ମୃତଦେହ ବାହାର କରିବା ସହ ଗୁରୁତର ୨ଜଣଙ୍କୁ ନିକଟସ୍ଥ ଉପଖଣ୍ଡ ଡାକ୍ତରଖାନା ପଠାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସାପରେ ଉଭୟ ଗୁରୁତରଙ୍କୁ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ସମଲ ଥାନାରେ ନଂ. ୯୪/୧୯ରେ ଏକ ମାମଲା ରୁଜୁ କରାଯାଇଛି। ୩ ଜଣଙ୍କ ମୃତଦେହକୁ ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ପରେ ପଳାଇଯାଇଥିବା ଟ୍ରକ୍‌କୁ ୧୦ କିମି ଦୂର ଦଦରାଘାଟି ଅଞ୍ଚଳରୁ ଜବତ କରାଯାଇଥିବାବେଳେ ଚାଳକ ଫେରାର ହୋଇଯାଇଥିବା ସମଲ ପୋଲିସ ପ୍ରକାଶ କରିଛି।

## ଗାଡ଼ି ଧକ୍କାରେ ଯୁବ ଇଞ୍ଜିନିୟର ମୃତ

କେନ୍ଦୁଝର/ପାଟଣା, ୧୩।୭(ଡି.ଏନ୍.ଏ.): କେନ୍ଦୁଝର ଜିଲା ତୁରମୁଙ୍ଗା ରେଙ୍ଗାଳବେଡା ନିକଟରେ ଏକ ଗାଡି ଧକ୍କାରେ ଯୁବ ଇଞ୍ଜିନିୟର ସଂଗ୍ରାମ କେଶରୀ ସାହୁଙ୍କର ମୃତ୍ୟୁ ହୋଇଛି। ଝୁମ୍ପୁରା ବ୍ଲକ ନୟାଗଡ ନିକଟ ପୁରୁଣାପାଣିସ୍ଥିତ ପଞ୍ଚନାୟକ ଷ୍ଟଲରେ ସେ କାର୍ଯ୍ୟରତ ଥିଲେ। ଶୁକ୍ରବାର ରାତିରେ ଡ୍ୟୁଟି ସାରି ଏକ ମୋଟରସାଇକେଲରେ ନିଜ ଗାଁ ପାଟଣା ବ୍ଲକ ଅଧୀନ ମୁରୁସୁଆଁକୁ ଯାଉଥିବାବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ରାତି ପ୍ରାୟ ସାଢ଼େ ୧୦ଟାରେ ଘଟିବାପରେ ଦୀର୍ଘ ସମୟ ଧରି ଆହତ ଅବସ୍ଥାରେ ସଂଗ୍ରାମ ରାସ୍ତାରେ ପଡି ରହିଥିଲେ। ଶନିବାର ଭୋର ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ଶନିବାର ଏସମ୍ପର୍କରେ ଜାଣିବାପରେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। କ୍ଷତିପୂରଣ ଦାବିରେ ସେମାନେ ରାସ୍ତା ଅବରୋଧ କରିବାରୁ ବହୁ ଯାନବାହନ ଅଟକି ରହିଥିଲା। ଏସ୍‌ଡିପିଓ ସୁବୋଧ ମଲ୍ଲିକ ଓ ପାଟଣା ତହସିଲଦାର ପହଞ୍ଚି ଆଲୋଚନା କରିବା ପରେ ଜାତୀୟ ରାଜପଥ ନିର୍ମାଣକାରୀ ମଣ୍ଟେକାର୍ଲୋ ପକ୍ଷରୁ ମୃତକଙ୍କ ପରିବାରକୁ ୧ଲକ୍ଷ ୨୦ହଜାର ଟଙ୍କା ଏବଂ ରେଡକ୍ରସ ପକ୍ଷରୁ ୧୦ହଜାର ଟଙ୍କା ସହ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଦିଆଯିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ସଂଗ୍ରାମ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନ ଜଡିପଦା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଜଳଧର ସାହୁଙ୍କ କନିଷ୍ଠ ପୁତ୍ର।

## ଘୋଷଯାତ୍ରା ଦେଖି ଫେରୁଥିବାବେଳେ ୨ ମୃତ

ମାଲକାନଗିରି, ୧୩।୭(ଡି.ଏନ.ଏ.): ମାଲକାନଗିରି ଜିଲାର ଚମ୍ପାଖାରୀ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ବନମାଳୀ ସିକୁଡୁ ଓ ସଞ୍ଜୟ ସିକୁଡୁ। କାଲିମେଳା ଥାନା ଅନ୍ତର୍ଗତ ଭେଜାଙ୍ଗିୱାଡ଼ା ଗ୍ରାମର ବନମାଳୀ, ସଞ୍ଜୟ ଓ ଶରତ ମାଝି ଗୋଟିଏ ବାଇକ୍‌ରେ ଶୁକ୍ରବାର ମାଥିଲିରୁ ଘୋଷଯାତ୍ରା ଦେଖି ଫେରୁଥିଲେ। ଚମ୍ପାଖାରୀଠାରେ ମାଲକାନଗିରି-ଜୟପୁର ମୁଖ୍ୟରାସ୍ତା କଡ଼ରେ ନିର୍ମାଣାଧୀନ ଗାର୍ଡୱାଲରେ ପଟ ହୋଇ ୨୦ ଫୁଟ ତଳେ ଏକ ଗାତରେ ପଡ଼ିଥିଲେ । ବନମାଳୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସଞ୍ଜୟ ଓ ଶରତଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ।

## ବସ୍ ଧକ୍କାରେ ବାଇକ୍ ଚାଳକଙ୍କ ଜୀବନ ଗଲା

ପୁରୀଅଫିସ, ୧୩।୭: ପୁରୀ ସଦର ଥାନା ଅନ୍ତର୍ଗତ ବୀରହରେକୃଷ୍ଣପୁର ଛକଠାରେ ଶନିବାର ଏକ ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ତାଙ୍କ ଘର ପୁରୀ ଜିଲା ଆଳିକିଆ ବୋଲି ଜଣାପଡ଼ିଛି। ଆହତ ଜଣକ ହେଲେ ବୀରହରେକୃଷ୍ଣପୁର ଛକର ପ୍ରହ୍ଲାଦ ପରିଡ଼ା। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଉଭୟ ସୁନାବେଶ ଦର୍ଶନ ସାରି ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଏକ ବାଇକ୍‌ରେ ଦୁଇଜଣ ଯୁବକ ଚନ୍ଦନପୁର ଆଡ଼କୁ ଯାଉଥିଲେ। ପ୍ରହ୍ଲାଦ ପଛସିଟ୍‌ରେ ବସିଥିଲେ। ଏହି ସମୟରେ ଭୁବନେଶ୍ୱର ପଟୁ ଆସୁଥିବା ଗୋଟିଏ ବସ୍ ସହ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା। ଦୁହେଁ ଗୁରୁତର ଆହତ ହୋଇ ଛିଟିକି ପଡ଼ିଥିଲେ। ଆହତ ଦ୍ୱୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ବାଇକ୍ ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ପ୍ରହ୍ଲାଦ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ଗୁରୁତର ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

## ବସୁଧା ଲାଗି ଅତିରିକ୍ତ ୫୫୪ କୋଟି ବ୍ୟୟବରାଦ ପାଇଁ ସୁପାରିସ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

**■ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗୀୟ ଷ୍ଟାଣ୍ଡିଂ କମିଟି**

ରାଜ୍ୟର ଗ୍ରାମାଞ୍ଚଳରେ ଶୁଦ୍ଧ ପାନୀୟ ଜଳ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ବିଭାଗୀୟ(ପଞ୍ଚାୟତିରାଜ ଓ ପାନୀୟ ଜଳ)ଷ୍ଟାଣ୍ଡିଂ କମିଟି ପରାମର୍ଶ ଦେଇଛି। ଏଥିସହିତ ପୂର୍ବ ବରାଦ ଅପେକ୍ଷା ଅଧିକ ୫୫୪ କୋଟି ଟଙ୍କା ଅଧିକ ଅର୍ଥ ବ୍ୟୟବରାଦ କରିବା ପାଇଁ ସୁପାରିସ କରାଯାଇଛି। ସେହିପରି ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବିତ ବ୍ୟୟ ଅଟକଳ ଅପେକ୍ଷା ଅତିରିକ୍ତ ୧୦୦୦ କୋଟିର ବ୍ୟୟବରାଦ କରାଯାଉ। ପୂର୍ବରୁ 'ଆମ ଗାଁ ଆମ ବିକାଶ' ଦ୍ୱାରା କରାଯାଇଥିବା କାର୍ଯ୍ୟର ଅଗ୍ରଗତି ତଦାରଖ କରାଯାଉ। ବାକି ରହିଥିବା କାର୍ଯ୍ୟ ତୁରନ୍ତ ସମାପ୍ତ କରାଯାଉ। ବ୍ଲକୱାରୀ ବିଜୁ ପକ୍କାଘର ପ୍ରାଥମିକ ତାଲିକାରୁ ବାଦ୍ ପଡିଥିବା ଅତି ଗରିବ ଶ୍ରେଣୀ ଲୋକଙ୍କୁ ତୁରନ୍ତ ଘର ଦିଆଯାଉ। ପଞ୍ଚାୟତ ଓ ବ୍ଲକସ୍ତରୀୟ କାର୍ଯ୍ୟର ତଦାରଖ ପାଇଁ ପି.ଇ.ଓ ଏବଂ ଜି.ପି.ଓ ପଦବୀ ପୂରଣ ଦିଗରେ ପଦକ୍ଷେପ ନେବାକୁ ଷ୍ଟାଣ୍ଡିଂ କମିଟି ସୁପାରିସ କରିଛି। ଆବାସିକ ଏବଂ ଅଣ ଆବାସିକ କୋଠା ପାଇଁ ଯଥାକ୍ରମେ ୫ କୋଟି ଏବଂ ୧୦ କୋଟି ଟଙ୍କାର ନିୟମ ରହିଛି। ଏଥିରେ ପରିବର୍ତ୍ତନ କରି ଏହି ରାଶିକୁ ଯଥାକ୍ରମେ ୧୫ ଏବଂ ୩୦ କୋଟି କରିବା ପାଇଁ ସୁପାରିସ କରାଯାଇଛି। ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି।

## ୭ଘଣ୍ଟିଆ କାର୍ଯ୍ୟ ନିର୍ଦ୍ଦେଶର ପ୍ରତ୍ୟାହାର ଦାବି

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

**ଜିଦ୍‌ରେ ଅଟଳ ଅଧ୍ୟାପକ**

ଅଧ୍ୟାପକମାନେ କଲେଜରେ ୭ଘଣ୍ଟା କାର୍ଯ୍ୟ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିବା ପରେ ଅଧ୍ୟାପକମାନେ ଏହାକୁ ବିରୋଧ କରି ଆସୁଛନ୍ତି। ବିଭିନ୍ନ ଅଧ୍ୟାପକ ସଂଘ ପକ୍ଷରୁ ଏହାକୁ ପ୍ରତ୍ୟାହାର କରିବା ଲାଗି ଦାବି ମଧ୍ୟ ହେଉଛି। ସରକାର ପ୍ରଥମେ ଭିତ୍ତିଭୂମି ସଜାଡ଼ିବା ସହିତ ସମାନ କାମକୁ ସମାନ ଦରମା ପ୍ରଦାନ କଲେ ଏହି ନିୟମକୁ ପାଳନ କରାଯିବ ବୋଲି ଦାବି କରି ଅଧ୍ୟାପକମାନେ ଜିଦ୍‌ରେ ଅଟଳ ରହିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ଅଧ୍ୟାପକଙ୍କ ପ୍ରତି ଅବିଚାର ବୋଲି ସେମାନେ କହିଛନ୍ତି। ଏଥିପ୍ରତି ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ ବୋଲି ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ ଦାବି କରିଛି। ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଏହି ନିର୍ଦ୍ଦେଶନାମା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ସଂଘ କହିଛି ଯେ, ବୃତ୍ତିଗତ ସୁବିଧା ଓ ଆବଶ୍ୟକ ଭିତ୍ତିଭୂମି ନ ଥାଇ ଅଧ୍ୟାପକମାନେ ତାଙ୍କର କର୍ତ୍ତବ୍ୟ କରିଥାନ୍ତି। ଶ୍ରେଣୀ ଗୃହ ପ୍ରସ୍ତୁତି ପାଇଁ ଆବଶ୍ୟକ ୨/୩ ଘଣ୍ଟାର ପ୍ରସ୍ତୁତିକୁ ମଧ୍ୟ ହିସାବ ପରିସରକୁ ନିଆଯିବା ଦରକାର। କଲେଜରେ ୫ଘଣ୍ଟା କ୍ଲାସ୍ ଏବଂ ପାଠପଢ଼ା ପ୍ରସ୍ତୁତି ପାଇଁ ଦେଉଥିବା ସମୟକୁ ହିସାବକୁ ନେଲେ ଜଣେ ଅଧ୍ୟାପକ ବର୍ତ୍ତମାନ ୭ରୁ ୮ଘଣ୍ଟା ଦେଉଛନ୍ତି। ରାଜ୍ୟ ସରକାର କେଉଁ ଆଧାରକୁ ଭିତ୍ତିକରି ଅଧ୍ୟାପକମାନେ କଲେଜଗୁଡ଼ିକରେ ୭ଘଣ୍ଟା କାର୍ଯ୍ୟ କରିବା ପାଇଁ ବାଧ୍ୟ ବୋଲି ନିର୍ଦ୍ଦେଶାବଳୀ ଜାରି କରିଛନ୍ତି, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନିଆଯିବାକୁ ସଂଘର ସାଧାରଣ ସମ୍ପାଦକ ଚିତ୍ତ ମହାପାତ୍ର, ସଭାପତି ଶରତ ପାଣିଗ୍ରାହୀ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

## ବିଭିନ୍ନ ନିର୍ମାଣରେ ଅତିରିକ୍ତ ବ୍ୟୟ ମଞ୍ଜୁରୀ ନେଇ ସୁପାରିସ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

**■ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଷ୍ଟାଣ୍ଡିଂ କମିଟି**

ରାଜ୍ୟରେ ଥିବା ୬୬ଟି ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ପାଇଁ ୫୫ କୋଟି ଟଙ୍କାର ବଜେଟ ବ୍ୟୟବରାଦ ରହିଛି। ହେଲେ ଏହି ସମସ୍ତ କାର୍ଯ୍ୟ ପାଇଁ ଅତିରିକ୍ତ ୪୦ କୋଟି ଟଙ୍କାର ଆବଶ୍ୟକତା ଥିବା ବିଭାଗୀୟ ଷ୍ଟାଣ୍ଡିଂ କମିଟି ନଂ-୯(ଗ୍ରାମ୍ୟ ଉନ୍ନୟନ)ଅନୁଭବ କରିଛି। ସେହିପରି ପ୍ରାୟ ୪୨,୪୫୭ କି.ମି. ବିଶିଷ୍ଟ ୮୭୮୫ଟି ଗ୍ରାମାଞ୍ଚଳ ରାସ୍ତା ରହିଛି। ତନ୍ମଧ୍ୟରୁ ଚଳିତ ବର୍ଷ ୪୮୦ କି.ମି.ର ୭୭ଟି ରାସ୍ତା ରହିଛି। ଏଥିପାଇଁ ଚଳିତ ଆର୍ଥିକ ବର୍ଷରେ ୯୮ କୋଟି ଟଙ୍କାର ବ୍ୟୟବରାଦ ରହିଛି। ତେଣୁ କମିଟି ରାସ୍ତାକୁ ଅତିରିକ୍ତ ୨୫୦ କି.ମି. ବୃଦ୍ଧି କରିବା ସହ ଅତିରିକ୍ତ ୫୦ କୋଟି ଟଙ୍କା ବ୍ୟୟ କରିବାରୁ ପ୍ରସ୍ତାବ ରଖିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅଧିକ ଗ୍ରାମାଞ୍ଚଳକୁ ଯୋଡ଼ିବା ଲାଗି କମିଟି ସୁପାରିସ କରିଛି।

ସେହିପରି ଧାର୍ଯ୍ୟ ହୋଇଥିବା ୧୮୧ଟି ବିଜୁ ସେତୁ ମଧ୍ୟରୁ ଚଳିତ ବର୍ଷ ସର୍ବନିମ୍ନ ୫୦ଟି ସମାପ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୧୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ ବ୍ୟୟବରାଦ ରଖିବା ପାଇଁ କମିଟି ସୁପାରିସ କରିଛି। ଗତ ଆର୍ଥିକ ବର୍ଷରେ ୧୦,୬୦୪ କି.ମି. ସମୟକାଳୀନ ରକ୍ଷଣାବେକ୍ଷଣ ପାଇଁ ସ୍ଥିର କରାଯାଇଛି। ଏହାକୁ ବାଦ୍ ଦେଇ ରହିଥିବା ୧୫,୦୯୮ କି.ମି. ରାସ୍ତାର ମଧ୍ୟ ଉପଯୁକ୍ତ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। ତେଣୁ ତନ୍ମଧ୍ୟରୁ ଅତିରିକ୍ତ ୨୫୦୦ କି.ମି. ରାସ୍ତାର କାର୍ଯ୍ୟ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଅତିରିକ୍ତ ୩୦୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ ଲାଗି କମିଟି ସୁପାରିସ କରିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅତିରିକ୍ତ ୪୫ କୋଟି ଟଙ୍କା ବ୍ୟୟବରାଦ ପାଇଁ ଷ୍ଟାଣ୍ଡିଂ କମିଟି ପକ୍ଷରୁ କୁହାଯାଇଛି। ସେହିପରି 'ଫନୀ' ଦ୍ୱାରା କ୍ଷତିଗ୍ରସ୍ତ ସ୍କୁଲ ଗୃହ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି। ତେଣୁ ଚଳିତ ଆର୍ଥିକ ବର୍ଷ ପାଇଁ ହାଇସ୍କୁଲ କୋଠା ନିମନ୍ତେ ଅତିରିକ୍ତ ୫୦ କୋଟି ଅନୁଦାନ ପାଇଁ କମିଟି ସୁପାରିସ କରିଛି। ଏହି କମିଟିରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଅଧ୍ୟକ୍ଷ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟିରେ ସନ୍ତୋଷ ସିଂ ସାଲୁଜା, ସାଲୁଗା ପ୍ରଧାନ, ରାଜେନ୍ଦ୍ର ଢୋଲ୍‌କିଆ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭାଗୀରଥି ସେଠୀ, ପ୍ରୀ

ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

## ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ଯୁକ୍ତ୨ ପ୍ରଥମ ବର୍ଷ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ଶନିବାର ପ୍ରକାଶ ପାଇଛି। ସାମ୍ସ ପକ୍ଷରୁ ପ୍ରକାଶିତ ତାଲିକା ଅନୁସାରେ, ବିଜ୍ଞାନରେ ୮୯.୨% କଟ୍ ଅଫ୍ ମାର୍କ ସହ ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ ଆଗରେ ରହିଥିବାବେଳେ ୮୭.୬୭% ସହ ଦ୍ୱିତୀୟରେ ଭୁବନେଶ୍ୱରର ବିଜେବି ହାୟର ସେକେଣ୍ଡାରୀ ସ୍କୁଲ ଓ ୮୭.୧୭% ସହ ତୃତୀୟରେ ବ୍ରହ୍ମପୁରର ସରସ୍ୱତୀ ବିଦ୍ୟାମନ୍ଦିର ରହିଛି। ସେହିପରି କଳାରେ ୭୦.୪% ସହ ବିଜେବି ହାୟର ସେକେଣ୍ଡାରୀ ସ୍କୁଲ ଆଗରେ ରହିଛି। ୭୦% କଟ୍ ଅଫ୍ ମାର୍କ ସହ ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟରେ ରହିଥିବାବେଳେ ନରସିଂହପୁର ହାୟର ସେକେଣ୍ଡାରୀ ସ୍କୁଲ ୬୮.୧୭% ସହ ତୃତୀୟରେ ରହିଛି। ବାଣିଜ୍ୟରେ ୭୫.୮୩% ସହ ତାଳଚେର ହାୟର ସେକେଣ୍ଡାରୀ ସ୍କୁଲ ପ୍ରଥମରେ ରହିଛି। ୭୫.୫% କଟ୍ ଅଫ୍ ମାର୍କ ସହ ରେଭେନ୍‌ଶା ହାୟର ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟରେ ଓ ୭୪.୪% ସହ ଶୈଳବାଳା ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ ତୃତୀୟରେ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ଯୋଗ୍ୟ ଛାତ୍ରୀଛାତ୍ରମାନେ ଆସନ୍ତା ୧୫ରୁ ୧୭ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ନାମ ଲେଖାଇବେ। ୧୭ ତାରିଖରେ ନାମଲେଖା ସମ୍ପର୍କିତ ବୃତ୍ତାନ୍ତ ତଥ୍ୟ ଇ-ସ୍ପେସ୍‌ରେ ପ୍ରକାଶ ପାଇବ। ଜୁଲାଇ ୨୦ରେ ସ୍ପଟ୍ ସିଲେକ୍ସନ ମେରିଟ୍ ଲିଷ୍ଟ ପ୍ରକାଶ ପାଇବା ସହ ୨୫ରୁ ୨୭ ତାରିଖ ମଧ୍ୟରେ ନାମଲେଖା ହେବ। ତେବେ ଜୁଲାଇ ୨୯ରୁ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଶିକ୍ଷାବର୍ଷ ପାଇଁ ୩ ଲକ୍ଷ ୭୫ ହଜାର ୯୫୮ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୩୩ ହଜାର ୫୭୩ ଜଣ ଛାତ୍ରୀଛାତ୍ରଙ୍କୁ ନାମଲେଖା ଲାଗି ଚୟନ କରାଯାଇଥିଲା। ସେଥିମଧ୍ୟରୁ କଳା ବିଭାଗରେ ୨ ଲକ୍ଷ ୧୯ ହଜାର ୧୦ଜଣଙ୍କୁ ନାମଲେଖା ପାଇଁ ଡକାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୯୩ ହଜାର ୮୪ଜଣ ନାମ ଲେଖାଇଛନ୍ତି। ବିଜ୍ଞାନ ବିଭାଗରେ ୮୧ ହଜାର ୧୯୭ ଜଣଙ୍କ ମଧ୍ୟରୁ ୭୫ ହଜାର ୨୫୮, ବାଣିଜ୍ୟ ବିଭାଗରେ ୨୨ ହଜାର ୩୭୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦ ହଜାର ୬୧୭, ସଂସ୍କୃତରେ ୬ ହଜାର ୩୧୯ଜଣଙ୍କ ମଧ୍ୟରୁ ୫ ହଜାର ୨୯୯ ଓ ଧନ୍ଦାମୂଳକରେ ଡକାଯାଇଥିବା ୪ ହଜାର ୬୯୦ ଜଣଙ୍କ ମଧ୍ୟରୁ ୪ହଜାର ୩୫ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ରାଜ୍ୟର ୧୯୮୪ କଲେଜର ୫ଟି ବିଭାଗରେ ମୋଟ ୪ ଲକ୍ଷ ୪୮ ହଜାର ୧୯୫ ସିଟ୍ ରହିଛି।

ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ସମାଗମ ।

# ଅଧରପଣା: ୧୨ରୁ ଏବେ ୯ ହାଣ୍ଡି

ପୁରୀ ଅଫିସ, ୧୩।୭

ନବଦିନାତ୍ମକ ଯାତ୍ରା ଶେଷ କରି ଜନ୍ମବେଦିରୁ ବାହୁଡ଼ାଯାତ୍ରାରେ ଫେରିବା ପରେ ତା' ପରଦିନ ରଥ ଉପରେ ମହାପ୍ରଭୁଙ୍କର ଅତ୍ୟନ୍ତ ମନୋରମ ସୁନାବେଶ ଅନୁଷ୍ଠିତ ହୋଇଥାଏ। ଏହା ପରଦିନ ସିଂହଦ୍ୱାରଠାରେ ତିନିରଥ ଉପରେ ଅନୁଷ୍ଠିତ ହେଉଛି ପବିତ୍ର ଅଧରପଣା ଭୋଗ। ରଥାରୂଢ ଠାକୁରମାନଙ୍କର ଅଧର ଉଚ୍ଚ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ହେଉଥିବା ପଣାଭୋଗକୁ ଅଧରପଣା କୁହାଯାଏ।

ଏହି ଅଧରପଣା ଭୋଗ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପୂର୍ବେ ବାହୁଡ଼ା ଦଶମୀ ଦିନ ତିନିହାଣ୍ଡି, ଏକାଦଶୀ ତିଥିରେ ତିନିହାଣ୍ଡି, ଦ୍ୱାଦଶୀ ଦିନ ତିନିହାଣ୍ଡି ଏହିପରି ୯ ହାଣ୍ଡି ଏବଂ ଶ୍ରୀବଳଭଦ୍ରଙ୍କ ରଥରେ ରାମ ଓ କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ) ଏବଂ ଶ୍ରୀଜଗନ୍ନାଥଙ୍କ ରଥରେ ମଦନମୋହନ ଠାକୁରଙ୍କ ପାଇଁ ୧ ହାଣ୍ଡି (ସାନ) କ୍ରମରେ ସମୁଦାୟ ୧୨ହାଣ୍ଡି ଅଧରପଣା ଭୋଗ ହେଉଥିଲା। କିନ୍ତୁ ସମ୍ପ୍ରତି ତିନିରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଉଛନ୍ତି।

ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ । ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ ଓ ବଡ଼ ଓଡ଼ିଆ ମଠ ପ୍ରଦତ୍ତ ଛେନା, ସର, କଦଳୀ, ଛାଚି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଣା ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖନ୍ତି । ପ୍ରତି ଠାକୁରଙ୍କ ସମ୍ମୁଖରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇବା ଭଳି ଉଚ୍ଚ ଥିବା ଡୁମ୍ବାକାର ମୃତ୍ତିକା ନିର୍ମିତ ତିନିଗୋଟି ହାଣ୍ଡି ରଖାଯାଏ। କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇ ନ ଥାଏ। ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ଛାଉଣି ମଠ ସମ୍ମୁଖସ୍ଥ କୂପରୁ ଗରା ମାନଙ୍କରେ ଜଳ କାଢି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥାନ୍ତି। ଜଣାଯାଏ, ପୂର୍ବେ ଅଧରପଣା ପାଇଁ ଆବଶ୍ୟକ ଜଳ ରାଧାବଲ୍ଲଭ ମଠ କୂପରୁ ଆସୁଥିଲା। ପରବର୍ତ୍ତୀ ସମୟରେ ସିଂହଦ୍ୱାର ସମ୍ମୁଖ କୂପରୁ ଏହି ଜଳ ଅଣାଯାଉଛି। କୂପରୁ ଜଳ ବୋହିବା ସମୟରେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡ଼େଇଥାନ୍ତି, ଯେପରି କେହି ପବିତ୍ର ଜଳକୁ ସ୍ପର୍ଶ କରିପାରିବେ ନାହିଁ। ଅଧରପଣା ଭୋଗ ହେବା ପୂର୍ବରୁ ମହାସୁଆରମାନେ ଥାଇ ଭିତରଛୁ, ତଳିଛୁ ଓ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ନୂଆ ଗାମୁଛା ଟେରା ଧରିଥାନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏ ଧଳା କରିଆ (ଜାଲି କନା) ପକାଯାଏ। ପବିତ୍ର ଜଳକୁ ଛାଣିବା ଉଦ୍ଦେଶ୍ୟରେ ଏହା ପକାଯାଇଥାଏ। ମହାସୁଆରମାନେ ପ୍ରତି ରଥ ଉପରେ ଅଧରହାଣ୍ଡିରେ ପଣା ପ୍ରସ୍ତୁତ କରିଥାନ୍ତି। ଏହାକୁ ପତ୍ରୀବଡ଼ୁ, ସୁଆରବଡ଼ୁ, ଗରାବଡ଼ୁ ପାଳିଆ ସେବକ ତିନିରଥ ଉପରେ ପୂଜାର୍ଚ୍ଚନା କରନ୍ତି। ଏହାପରେ ପାଳିଆ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ଲଗାଇଥାନ୍ତି। ଭୋଗ ହେବା ପରେ ଠାକୁରମାନଙ୍କ ସମ୍ମୁଖରେ ଏହି ପାତ୍ରମାନଙ୍କୁ ଭାଙ୍ଗି ଦିଆଯାଏ। ଜନଶ୍ରୁତିରୁ ଜଣାଯାଏ ତିନିରଥ ଉପରେ ଠାକୁରମାନଙ୍କୁ ଅର୍ପିତ ଅଧରପଣା ଭୋଗ ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡୀ ଚାମଣ୍ଡା ଓ ଅଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। କାରଣ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ହିତ ସାଧନ ନିମନ୍ତେ ମହାପ୍ରଭୁ ନବଦିନାତ୍ମକ ଯାତ୍ରା କରିଥାନ୍ତି। ଏହି ଚଣ୍ଡୀ ଚାମୁଣ୍ଡା ପ୍ରଭୃତିଙ୍କ ପାଇଁ ସମର୍ପଣର ପ୍ରଥା ନାହିଁ। ଏଣୁ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସେମାନଙ୍କୁ ତୃପ୍ତ କରିବା ପାଇଁ ଏଭଳି ବିଧାନ ବହୁ ପ୍ରାଚୀନ କାଳରୁ ରହିଆସିଛି। ଏଥିପାଇଁ ଅଧରପଣା ହାଣ୍ଡିମାନଙ୍କୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହି କାରଣରୁ ସାଧାରଣତଃ ଅନ୍ୟ କେହି ଏହି ଅମୃତୋପମ ପଣାକୁ ସେବନ କରି ନ ଥାନ୍ତି ବୋଲି ଡ. ଦାଶ ପ୍ରକାଶ କରିଛନ୍ତି।

### ଅଧରପଣା ନୀତି ନିର୍ଘଣ୍ଟ

| | |
|---|---|
| ୩ ରଥରେ ମଙ୍ଗଳ ଆଳତି | ପ୍ରାତଃ ୬ଟା ରୁ ୬ଟା ୩୦ |
| ମଇଲମ-ତଡ଼ପ ଲାଗି | ସକାଳ ୭ଟା |
| ଅବକାଶ | ୮ଟା |
| ବେଶ ଶେଷ | ୯ଟା |
| ଗୋପାଳବଲ୍ଲଭ | ୧୦ଟାରୁ ୧୦ଟା ୩୦ |
| ସକାଳଧୂପ | ୧୧ଟା ୩୦ରୁ ୧୨ଟା ୩୦ |
| ମଇଲମ | ଅପରାହ୍ନ ୧ଟା |
| ମହାସ୍ନାନ ଓ ସର୍ବାଙ୍ଗ | ୧ଟା ୩୦ |
| ବେଶ ଶେଷ | ୨ଟା |
| ମଧ୍ୟାହ୍ନ ଧୂପ | ୩ଟା ୩୦ରୁ ୪ଟା ୩୦ |
| ରଥରେ ଅଧରପଣା ନୀତି ଶେଷ | ରାତ୍ର ୮ଟା |
| ମହାସ୍ନାନ ଶେଷ | ୯ଟା |
| ମଇଲମ ଓ ବେଶ | ୧୦ଟା |
| ସନ୍ଧ୍ୟା ଆଳତି | ୧୦ଟା ୩୦ |
| ସନ୍ଧ୍ୟାଧୂପ | ୧୧ଟାରୁ ୧୨ଟା |
| ମଇଲମ ଓ ଚନ୍ଦନ ଲାଗି | ୧୨ଟା ୩୦ |
| ବଡସିଂହାର ବେଶ | ୧ଟା |
| ବଡସିଂହାର ଭୋଗ | ୧ଟା ୩୦ |
| ରାତ୍ର ପହୁଡ଼ | ୨ଟା |

## ଆଜି କ'ଣ କେଉଁଠି

**ରାଉରକେଲା**
- ତାଳଚେର-ବିମଳାଗଡ଼ କ୍ରିୟାନୁଷ୍ଠାନ କମିଟି ବୈଠକ, ବସ୍ତିଆ ସ୍ମୃତି ସଦନ, ଅପରାହ୍ନ ୪ଟା।
- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ରାଷ୍ଟ୍ରୀୟ ବିଚାର ବର୍ଗ ଉଦ୍‌ଯାପନୀ ସମାରୋହ, ଅଗ୍ରସେନ ଭବନ, ପୂର୍ବାହ୍ନ ୧୦ଟା।
- ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନା, ବାସନ୍ତୀ କଲୋନୀ କଳ୍ପତରୁ ଆଶ୍ରମ, ସକାଳ ସାଢ଼େ ୧୦ଟା।

**ବିନିକା**
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ, ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ବ୍ଲକ ସଭାଗୃହ, ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ପ୍ରଥମ ଦିନ ରଥଟଣା, ପୁରୁଣାଗଡ଼, ଅପରାହ୍ନ ୫ଟା
- ଦେବଗଡ଼ର ଗଣପର୍ବ ଗଣେଶ ପୂଜାର ଆୟବ୍ୟୟ ହିସାବ, କର୍ମକର୍ତ୍ତା ଚୟନ, ଗୋପାଳ ଜୀ ମନ୍ଦିର, ଅପରାହ୍ନ ୪ଟା।

**ବରଗଡ଼**
- ଜିଲା ଓକିଲ ମୋହରୀ ସଂଘର ନୂତନ ଗୃହ ପ୍ରତିଷ୍ଠା, କଚେରୀ ପରିସର, ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶାର ଆଦିକବି ଯୁଗଦାସ ଶୀର୍ଷକ ଜାତୀୟ ସମ୍ମାନ, ନୃସିଂହନାଥ, ପାଇକମାଳ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦ ଶତପଥୀ ସ୍ମାରକୀ ବକ୍ତୃତା, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ପୂର୍ବାହ୍ନ ସାଢ଼େ ୧୦ଟା।
- ଜୀବନ ବୀମା କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା।
- ଇନ୍‌ରହୁଇଲ କ୍ଲବ ହ୍ୟାଣ୍ଡଲୁମ୍ ସିଟିର ପ୍ରତିଷ୍ଠା ଦିବସ, ମହାନଦୀ କ୍ଲବ, ମଧ୍ୟାହ୍ନ ୧୨ଟା
- ସମକାଳୀନ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା ଶୀର୍ଷକ ଆଲୋଚନା ଚକ୍ର, ଧନକଉଡ଼ା ବରିଷ୍ଠ ନାଗରିକ ପରିଷଦ ଭବନ,ଅପରାହ୍ନ ୫ଟା।
- ବ୍ରହ୍ମପୁରା ଠାକୁରଙ୍କ ନୀଳାଦ୍ରି ବିଜେ, ଝାଡୁଆପଡ଼ା ମନ୍ଦିର, ରାତି ସାଢ଼େ ୮ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଜିଲା ଚିଠି
### କଟକ

# କାହାଣୀ ଲାଗୁନି ନୂଆ

ଜିଲାପାଳ ନୂଆ, ସିଏମ୍‌ସି କମିଶନର ନୂଆ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୂଆ, ଏହାସାଙ୍ଗକୁ ବିଧାୟକ ମଧ୍ୟ ନୂଆ। ମୋଟାମୋଟି କଟକ ଏବେ ନବକଳେବର ରୂପ ଧାରଣ କରିଛି। କିନ୍ତୁ ପ୍ରାୟତଃ ନୂଆମାନେ ଲୋକଙ୍କୁ ଯେଉଁ କାହାଣୀ ଶୁଣାଉଛନ୍ତି ତାହା ପୁରୁଣା। ଯେମିତି ବିଧାୟକ, ଏମ୍‌ପି ଓ ମନ୍ତ୍ରୀମାନେ ପଦ ଓ ଗୋପନୀୟତାର ଶପଥ ନେବା ସମୟରେ ଗୋଟିଏ ଶପଥକୁ ସମସ୍ତେ ପଢ଼ନ୍ତି, ଠିକ୍ ସେମିତି ଏହି ନୂଆମାନଙ୍କ ମୁହଁରୁ ସମାନ କଥା ଶୁଣିବାକୁ ମିଳୁଛି। ସହରରେ ଜଳବନ୍ଦୀ ସମସ୍ୟା ରହିବ ନାହିଁ, ଜାଇକା କାମ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯିବ, ସହରରେ ଟ୍ରାଫିକ ସମସ୍ୟାରେ ସୁଧାର ଆସିବ, ଜବରଦଖଲ ହଟିବ, ଲୋକେ ସରକାରୀ ଯୋଜନା ସହଜରେ ପାଇବେ ଇତ୍ୟାଦି ନୂଆମାନେ ବୁଲିବୁଲି ଲୋକଙ୍କୁ ଶୁଣାଉଛନ୍ତି। କିନ୍ତୁ ଏମାନଙ୍କର ଏହି କାହାଣୀ ସହିତ ଜିଲା ଓ ସହରବାସୀ ବହୁ ପୂର୍ବରୁ ଅଭ୍ୟସ୍ତ। କାରଣ ଯେଉଁମାନେ ଏଠିକି ନୂଆ ହୋଇ ଆସନ୍ତି ସେମାନେ ଠିକ୍ ଏହିଭଳି ଢଙ୍ଗରେ ଲୋକଙ୍କୁ କାହାଣୀ ଶୁଣାଇଥାନ୍ତି। କିନ୍ତୁ ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ନ ଥାଏ। ଖାସ୍‌କରି କଟକ ସହରକୁ ଦେଖିଲେ ଅସରାଏ ବର୍ଷାରେ ଲୋକଙ୍କ ଘରେ ବର୍ଷାପାଣି ଓ ଡ୍ରେନ ପାଣିର ମହାମିଳନ ଘଟିଥାଏ। ଦିନ ଦିନ ଧରି ଲୋକେ ଭୋକ ଉପାସରେ କାଟିଥାନ୍ତି। ଏପରି କି ଆବଶ୍ୟକସ୍ଥଳେ ଲୋକେ ଭିଟାମାଟି ଛାଡ଼ି ସରକାରଙ୍କ ଅସ୍ଥାୟୀ ଆଶ୍ରୟସ୍ଥଳରେ ଦିନ କାଟିଥାନ୍ତି। ଟ୍ରାଫିକ କଥା ନ କହିବା ଭଲ। ସେହିପରି ବିଧିବିଧାନ ଅନୁଯାୟୀ ଯେପରି ପର୍ବପର୍ବାଣି ଅନୁଷ୍ଠିତ ହୋଇଥାଏ ଠିକ୍ ସେହିପରି କଟକ ସହରକୁ ଡେଙ୍ଗୁ, ଡାଇରିଆ ଓ ଜଣ୍ଡିସ ପ୍ରତିବର୍ଷ ନିର୍ଦ୍ଧାରିତ ସମୟରେ ଆସିଥାନ୍ତି ଓ ମୁଣ୍ଡ ନେଇ ଯାଇଥାନ୍ତି। ତେଣୁ ଏଭଳି ଦୁଃଖଦ ପରିସ୍ଥିତିକୁ ଦୀର୍ଘଦିନରୁ ବାରମ୍ବାର ସାମ୍ନା କରୁଥିବା ସହରବାସୀଙ୍କର ନୂଆମାନଙ୍କ କଥା ଉପରେ ଭରସା ପାଉନାହିଁ। ଦ୍ୱିତୀୟରେ ପ୍ରକୃତ କାରଣ ଖୋଜିବାରେ ପୁରୁଣାମାନେ ଯେପରି ଆଗ୍ରହ ଦେଖାଉ ନ ଥିଲେ ନୂଆମାନେ ମଧ୍ୟ ଠିକ୍ ସେହିପରି ସେ ଆଡକୁ ଧ୍ୟାନ ଦେଉନାହାନ୍ତି। ପ୍ରକୃତ କାରଣକୁ ଯଦି ଏମାନେ ଧରିବେ, ତେବେ ୨୪ ଘଣ୍ଟା ମଧ୍ୟରେ ବଦଳି ଆଦେଶ ଏମାନଙ୍କ ଘରେ ପହଞ୍ଚିଯିବ ବୋଲି ଲୋକେ ଆଲୋଚନା କରୁଛନ୍ତି। ତାହା ହେଉଛି ଜଳ ନିଷ୍କାସନଠାରୁ ଆରମ୍ଭ କରି ଟ୍ରାଫିକ ପରିସ୍ଥିତି ଉପୁଜିବା ପଛର ରହସ୍ୟ। ଜଳ ନିଷ୍କାସନ ପଥକୁ ବଡ଼ବଡ଼ିଆମାନେ ମାଡ଼ି ବସି ଘର ତିଆରି କରିଛନ୍ତି। ଏମାନଙ୍କ ପାଇଁ ସହରବାସୀ ଦୁଃଖଯନ୍ତ୍ରଣା ଭୋଗୁଥିବାବେଳେ ଏମାନେ ଲୋକଙ୍କ ଆଗରେ ଡାହାଣୀ ହୋଇ ଲାଗୁଛନ୍ତି ଓ ଗୁଣିଆ ହୋଇ ଝାଡୁଛନ୍ତି। ସେହିପରି ଲିଙ୍କ୍‌ରୋଡରୁ ବାଦାମବାଡି ରାସ୍ତାର ଉଭୟ ପାର୍ଶ୍ୱ ବସ ଟର୍ମିନାଲ ପାଲଟିଛି, ଯାହା ରାସ୍ତାକୁ ସଂକୀର୍ଣ୍ଣ କରିବା ସହିତ ଟ୍ରାଫିକ ଅବସ୍ଥା ସୃଷ୍ଟି କରୁଛି। ହେଲେ ଯେଉଁମାନେ ଏହି ରାସ୍ତାରେ ବସ୍ ରଖୁଛନ୍ତି, ସେମାନଙ୍କ ପାଖକୁ ଚେଷ୍ଟା କରି ପୁରୁଣାମାନେ ଯାଇପାରି ନ ଥିଲେ କି ନୂଆମାନେ ମଧ୍ୟ ଯାଇପାରିବେ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। କାରଣ ଏମାନଙ୍କ ମଧ୍ୟରୁ ଅନେକ ଭାଇ ଲୋକ। ଅର୍ଥ, ବାହୁବଳ, ପାୱାର କଳ ସବୁ ଏମାନଙ୍କ ହାତମୁଠାରେ। ପୋଲିସ ଏମାନଙ୍କୁ ଦିନ ଭିତରେ ଯଦି ୭ଥର ଦେଖୁଛି ୧୪ଥର ସାଲ୍ୟୁଟ ମାରୁଛି। ତେଣୁ ଏମାନେ ସର୍ବଶକ୍ତିମାନ। ଏଭଳି ଅବସ୍ଥା ଓ ବ୍ୟବସ୍ଥାକୁ ଦେଖି ଲୋକେ ଏବେ ସିଧା କହୁଛନ୍ତି ଯଦି କିଛି କରିବାର ଅଛି କାମରେ କରିକି ଦେଖାଅ। ଆଉ ଏଭଳି କାହାଣୀ ଶୁଣାଅନା, ଯାହା ଆମ ପାଇଁ ନୂଆ ନୁହେଁ।

– ନିର୍ମଳ ପଣ୍ଡା

### ମା'କୁ ନିଆଁ ଲଗାଇ ପୁଅ ଜିଅନ୍ତା ଜାଳିଦେବା ଘଟଣା

# ସ୍ତ୍ରୀଙ୍କ ଶୁଦ୍ଧିକ୍ରିୟା ପାଇଁ ଟଙ୍କା ନାହିଁ

- ଅସହାୟ ଅବସ୍ଥାରେ ସ୍ୱାମୀ ରୂପି ଖର୍ସେଲ
- ଭତ୍ତା ଟଙ୍କା ଓ ବିପିଏଲ ଚାଉଳ ଦେଇ ଜାତି ହେଲେ

ବଲାଙ୍ଗୀର ଅଫିସ / ପାଟଣାଗଡ଼, ୧୩।୭ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ରାଡବାହାଲ ଗାଁରେ ଗତ ୬ ତାରିଖ ଦିନ ଜଣେ ଯୁବକ ତାଙ୍କ ବୃଦ୍ଧ ପିତାଙ୍କୁ ମାଡମାରିବା ସହ ରୋଗଣା ମା' ଦେହରେ କିରୋସିନ ଢାଳି ନିଆଁ ଲଗାଇ ଜିଅନ୍ତା ପୋଡ଼ି ଦେଇଥିଲେ । ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପୁତ୍ର ସନ୍ତୋଷ ଖର୍ସେଲ(୪୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ସେ ଏବେ ଜେଲରେ ଅଛନ୍ତି। ଏହି ଘଟଣାର ୭ ଦିନ ପରେ ମୃତା ମହିଳା ଆଶାମତୀ(୭୫)ଙ୍କ ସ୍ୱାମୀ ରୂପି ଖର୍ସେଲ (୮୦)ଙ୍କ ଦାରିଦ୍ର୍ୟ ଓ ଅସହାୟତା ଚର୍ଚ୍ଚାର ବିଷୟ ହୋଇଛି

ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ।
–ଶ୍ରୀଅରବିନ୍ଦ



# ଦଳୀୟ ଗଣତନ୍ତ୍ରର ଅଭାବ

ଆକାର ପଟେଲ

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି ଏବଂ ଆସନ୍ତା ସପ୍ତାହରେ ଦଳ ନୂଆ ନେତା ବାଛିବ। ରାହୁଲଙ୍କ ଇସ୍ତଫା ପରେ ବର୍ତ୍ତମାନ କଂଗ୍ରେସରେ ନେତୃତ୍ୱ ସଂକଟ ଦେଖାଦେଇଛି ଏବଂ ଗୋଆ ଓ କର୍ନାଟକ ପରି ରାଜ୍ୟରେ ଆମେ ବର୍ତ୍ତମାନ ଯାହା ଦେଖିବାକୁ ପାଉଛୁ, ତାହା ସେହି ନେତୃତ୍ୱ ସଂକଟର ପରିଣାମ। ନୂଆ ନେତା କାର୍ଯ୍ୟଭାର ଗ୍ରହଣ କରିବା ପରେ କିଛି ସମସ୍ୟା ଦୂର ହୋଇଯିବ ମାତ୍ର ଅନ୍ୟ ସମସ୍ୟାଗୁଡ଼ିକ ସେମିତି ରହିଯିବ। କଂଗ୍ରେସର ପରବର୍ତ୍ତୀ ଅଧ୍ୟକ୍ଷଙ୍କ ପାଇଁ ଆଗାମୀ ଅନେକ ବର୍ଷ ଆହ୍ୱାନ ସୃଷ୍ଟି କରିବ। ନୂଆ ନେତା କିପରି ବଛାଯିବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ଦଳ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦଳର ବରିଷ୍ଠ ନେତା ଏବଂ କଂଗ୍ରେସ ମୁଖ୍ୟମନ୍ତ୍ରୀମାନେ ତାଙ୍କ ସହକର୍ମୀମାନଙ୍କୁ ବନ୍ଦ ଲଫାପାରେ ନିଜ ମନପସନ୍ଦର ନେତାଙ୍କ ନାମ ଲେଖି ପଠାଇବାକୁ କହିଛନ୍ତି। ଅନ୍ୟ ବରିଷ୍ଠ ନେତାମାନଙ୍କ ସହ ବିଚାରବିମର୍ଶ କରି ସବୁଠୁ ଲୋକପ୍ରିୟ ନାମଗୁଡ଼ିକୁ ପୁଣି ଶର୍ଟଲିଷ୍ଟ କରାଯିବ। ତା'ପରେ ଏହି ସଂକ୍ଷିପ୍ତୀକୃତ ତାଲିକାକୁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)କୁ ପଠାଯିବ। ଏହି କମିଟି ନୂଆ ନେତା ବାଛିବ ବୋଲି ଜଣାପଡ଼ିଛି। ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, କୁମାରୀ ସେଲ୍‌ଜା ଓ ଅମ୍ବିକା ସୋନି– ଏହି ଚାରିଜଣ ମହିଳାଙ୍କ ସମେତ ସିଡବ୍ଲ୍ୟୁସିରେ ମୋଟ ୨୪ ଜଣ ସଦସ୍ୟ ଅଛନ୍ତି। ୨୦ ଜଣ ପୁରୁଷଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଅହମଦ ପଟେଲ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦାରାମାୟା, ଉମେନ୍ ଚାଣ୍ଡି ଓ ତରୁଣ ଗୋଗୋଇ ପ୍ରମୁଖ।

ଗୋଟିଏ ଦୃଷ୍ଟିରୁ ଦେଖିବାକୁ ଗଲେ ନୂଆ ନେତା ବାଛିବା ଦଳ ପାଇଁ ଏକ ଭଲ ଖବର। କାରଣ ଏହାଦ୍ୱାରା ଦଳ ୨୦୧୯ ପରାଜୟ ପରେ ଆଗକୁ ବଢ଼ିପାରିବ ଏବଂ ଦଳ ଗୋଟିଏ ପରିବାର ଦ୍ୱାରା ପରିଚାଳିତ ବୋଲି ଯେଉଁ ଅଭିଯୋଗ ହୋଇଆସୁଛି, ସେ ଅଭିଯୋଗରୁ ମୁକ୍ତ ହେବ। ଅନ୍ୟ ଦୃଷ୍ଟିରୁ ଦେଖିଲେ ଯେଉଁପରି ଭାବରେ ଦେଶରେ ରାଜନୈତିକ ଦଳଗୁଡ଼ିକ ପରିଚାଳିତ ହେଉଛନ୍ତି, ତା'ର ଏକ ପୁନଃ ସଂଜ୍ଞା ନିରୂପଣ କରିବା ଲାଗି କଂଗ୍ରେସ ସୁଯୋଗ ପାଇବ। ଏହାର ଅର୍ଥ କ'ଣ ବୁଝିବାକୁ ହେଲେ ଅନ୍ୟ ଗଣତନ୍ତ୍ରଗୁଡ଼ିକରେ କିପରି ବ୍ୟବସ୍ଥା ଚାଲିଛି ଦେଖିବା ଦରକାର। ଇଂଲଣ୍ଡର ଶାସକ ଦଳ ହେଉଛି କଞ୍ଜର୍ଭେଟିଭ୍ ପାର୍ଟି। ୟୁରୋପୀୟ ସଂଘ ସହ ତାଙ୍କ ଦେଶ ରହିବ କି ନା ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହେବାରୁ ଏହାର ପ୍ରଧାନମନ୍ତ୍ରୀ ନିଜର ପଦତ୍ୟାଗ କରିଛନ୍ତି। ଏବେ କଞ୍ଜର୍ଭେଟିଭ୍ ସରକାର ବଳବତ୍ତର ଅଛି ଏବଂ ଦଳକୁ ଏକ ନୂଆ ନେତା ବାଛିବାକୁ ପଡ଼ିବ, ଯିଏ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ। ନେତା ବାଛିବା ପାଇଁ ଦଳର ସଦସ୍ୟମାନେ ଭୋଟ ଦେଉଛନ୍ତି। ଅନେକ ପ୍ରାର୍ଥୀ ପ୍ରଧାନମନ୍ତ୍ରୀ ଦୌଡ଼ରେ ଅଛନ୍ତି। ପାର୍ଲାମେଣ୍ଟାରିଆନ୍‌ମାନେ ପ୍ରଥମ ଓ ଦ୍ୱିତୀୟ ପସନ୍ଦର ବ୍ୟକ୍ତିଙ୍କୁ ଭୋଟ ଦେଇଛନ୍ତି ଏବଂ ତାହା ମାଧ୍ୟମରେ ୧୦ ଜଣଙ୍କ ମଧ୍ୟରୁ ବଛାହୋଇ ଶେଷକୁ ଦୁଇଜଣ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଉଛନ୍ତି ବୋରିସ୍ ଜନ୍‌ସନ ଏବଂ ଜେରେମି ହଣ୍ଟ। ସେମାନେ ଏବେ ଦେଶ ସାରା ଦଳୀୟ ସଦସ୍ୟମାନଙ୍କୁ ନିଜ ସପକ୍ଷରେ ଭୋଟ ଦେବା ପାଇଁ ପ୍ରଚାର କରୁଛନ୍ତି। ୧.୨ ଲକ୍ଷ କଞ୍ଜର୍ଭେଟିଭ୍ ପାର୍ଟି ସଦସ୍ୟ ଯାହାଙ୍କୁ ଅଧିକ ଭୋଟ ଦେବେ ସେ ହେବେ ଇଂଲଣ୍ଡର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ।

ଆମେରିକାରେ ଡେମୋକ୍ରାଟ୍‌ମାନେ ବିରୋଧୀ ଦଳରେ ଅଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ପାଳି ଆସନ୍ତାବର୍ଷ ଶେଷ ହେବ ଏବଂ ଡେମୋକ୍ରାଟ୍‌ମାନେ ସ୍ଥିର କରିବେ ସେମାନଙ୍କ ମଧ୍ୟରୁ କିଏ ଟ୍ରମ୍ପଙ୍କ ବିରୋଧରେ ଲଢ଼ିବେ। ଏପର୍ଯ୍ୟନ୍ତ ୨୫ ଜଣ ଡେମୋକ୍ରାଟ୍ ପ୍ରାର୍ଥୀ ହେବା ପାଇ ଅଣ୍ଟା ଭଡ଼ୁଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନ୍, ଭାରତୀୟ ବଂଶୋଦ୍ଭବ ଦୁଇଜଣ ମହିଳା ତୁଲ୍‌ସୀ ଗାବାର୍ଡ ଓ କମଲା ହାରିସ୍, ଏକ ଛୋଟ ସହରର ମେୟର, ନ୍ୟୁୟର୍କର ମେୟର ଏବଂ କେତେକ ସିନେଟର। ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ଲଢ଼ିବା ପାଇଁ ନିଜ ଦଳରୁ ଯୋଗ୍ୟ ପ୍ରାର୍ଥୀ ଚୟନ କରିବା ଲାଗି ପ୍ରତ୍ୟେକ ପଞ୍ଜୀକୃତ ଡେମୋକ୍ରାଟିକ୍ ପାର୍ଟି ସଦସ୍ୟଙ୍କୁ ସୁଯୋଗ ମିଳିବ। ଆସନ୍ତାବର୍ଷ ଫେବୃୟାରୀ ୩ ତାରିଖରେ ଆୟୋୱା ରାଜ୍ୟରୁ ଡେମୋକ୍ରାଟ୍‌ମାନଙ୍କର ଏହି ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇ ଜୁନ୍ ମାସ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ପ୍ରାର୍ଥୀମାନେ ଦେଶ ସାରା ବୁଲି ନିଜର ନୀତି ଏବଂ ବିଭିନ୍ନ ପ୍ରସଙ୍ଗରେ ନିଜର ସ୍ଥିତି ସମ୍ପର୍କରେ ଲୋକଙ୍କୁ ବୁଝାଇବେ। ଆମେରିକାରେ ୧୨ କୋଟି ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୪.୫ କୋଟି ହେଉଛନ୍ତି ପଞ୍ଜୀକୃତ ଡେମୋକ୍ରାଟ୍, ୩.୨ କୋଟି ହେଉଛନ୍ତି ପଞ୍ଜୀକୃତ ରିପବ୍ଲିକାନ୍ ଏବଂ ଅବଶିଷ୍ଟ ସ୍ୱାଧୀନ। ସୁତରାଂ ପ୍ରାର୍ଥୀ ବାଛିବା ପ୍ରକ୍ରିୟାରେ ଇଂଲଣ୍ଡ ଅପେକ୍ଷା ଆମେରିକାରେ ଅଧିକ ଲୋକ ଅଂଶଗ୍ରହଣ କରିଥାନ୍ତି। କିନ୍ତୁ ଆମକୁ ସ୍ୱୀକାର କରିବାକୁ ହେବ ଯେ ଏ ଦୁଇ ଦେଶରେ ଏହି ପ୍ରକ୍ରିୟା ହେଉଛି ଉନ୍ମୁକ୍ତ ଓ ଗଣତାନ୍ତ୍ରିକ।

ଭାରତରେ ଦଳୀୟ ରାଜନୈତିକ ବ୍ୟବସ୍ଥା ଇଂଲଣ୍ଡ ଓ ଆମେରିକା ପରି ଗଣତାନ୍ତ୍ରିକ ନୁହେଁ। ଗୋଟିଏ ମୁଖ୍ୟ ସମସ୍ୟା ହେଉଛି ପରିବାର–ଚାଳିତ ଦଳ, ଯାହା ପ୍ରାୟ ସବୁ ରାଜ୍ୟରେ ଅଛି। ଏପରି କୌଣସି ଦଳ ନାହିଁ, ଯେଉଁଥିରେ ସ୍ୱଜନ ପକ୍ଷପାତ ନାହିଁ। ତା'ଠୁ ବଡ଼ ସମସ୍ୟା ହେଉଛି କୌଣସି ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ବ୍ୟବସ୍ଥା ନାହିଁ। ତେବେ ଇଂଲଣ୍ଡ ଓ ଆମେରିକା ପରି ଦେଶରେ ପରିବାରର ସମ୍ପୃକ୍ତି ଯେ ଆଦୌ ନାହିଁ, ତାହା ନୁହେଁ– କେନେଡି ଓ କ୍ଲିଣ୍ଟନମାନେ ହେଉଛନ୍ତି ତା'ର ଦୃଷ୍ଟାନ୍ତ। କିନ୍ତୁ ସେମାନେ ଦଳ ଦ୍ୱାରା ଭୋଟ ମାଧ୍ୟମରେ ନିର୍ବାଚିତ ହୁଅନ୍ତି। ଭାରତରେ ବିନା ଭୋଟିଂ ପ୍ରକ୍ରିୟାରେ ପ୍ରାର୍ଥୀମାନଙ୍କୁ ଲୋକ ସଭା ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦିଆଯାଏ। ବିଧାନସଭା ଓ ନିଗମ ନିର୍ବାଚନଗୁଡ଼ିକରେ ସେଇ ଏକା ଅବସ୍ଥା। କୌଣସି ଦଳରେ ରାଜ୍ୟ ସଭା ଟିକେଟ ଦେବା ବ୍ୟବସ୍ଥାରେ ଆଦୌ ସ୍ୱଚ୍ଛତା ନ ଥାଏ। ଦଳର ମୁଖିଆ ଯାହାକୁ ଚାହିଁବେ ତାକୁ ଟିକେଟ ଦେଇପାରିବେ। ତାଙ୍କୁ ଏଥିପାଇଁ ଦଳର ସଦସ୍ୟମାନଙ୍କୁ ବା ସାଧାରଣ ଜନତାଙ୍କୁ କୈଫିୟତ୍ ଦେବାକୁ ପଡ଼େ ନାହିଁ। ନିଜକୁ ବଦଳାଇବା ପାଇଁ କଂଗେସ ହାତରେ ଏବେ ଦୁଇଟି ସୁଯୋଗ ଅଛି। ପ୍ରଥମଟି ହେଉଛି ଗଣତାନ୍ତ୍ରିକ ପ୍ରକ୍ରିୟାରେ ନୂଆ ନେତା ବାଛିବା ଏବଂ ଦ୍ୱିତୀୟଟି ହେଉଛି ନୂଆ ନେତା ଦଳକୁ ଆଗେଇ ନେବା ପାଇଁ ଦଳରେ କିଛି ସଂସ୍କାର ଆଣିବା।

Email: aakar.patel@gmail.com

# ଭାଲେରିଆ, କୁର୍ଦ୍ଦି ଓ ନିଷ୍ଠୁର ବିଶ୍ୱ

ପ୍ରକାଶ ତ୍ରିପାଠୀ

ଗତ ଜୁନ୍ ୨୫ ତାରିଖ ସକାଳେ ଆମେରିକାବାସୀ ଯେତେବେଳେ ସେ ଦିନର ଖବରକାଗଜକୁ ଖୋଲିଥିବେ ପ୍ରଥମ ପୃଷ୍ଠାରେ ଫଟୋ ସହ ପ୍ରକାଶ ପାଇଥିବା ଏକ ଦୁଃଖଦ ଖବର ନିଶ୍ଚିତ ସେମାନଙ୍କ ଦୃଷ୍ଟିଆକର୍ଷଣ କରିଥିବ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଇମିଗ୍ରେଶନ ନୀତିକୁ ନେଇ କିଛି ସମୟ ଭାବିବାକୁ ବାଧ୍ୟ ହୋଇଥିବେ। କେବଳ ଆମେରିକା ନୁହେଁ, ଏହି ଖବରଟି ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେବା ସହ ଆଧୁନିକ ମଣିଷର ସମ୍ବେଦନଶୀଳତା ପ୍ରତି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରଛି। ଗତ ଜୁନ୍ ୨୪ ତାରିଖ ସକାଳେ ମେକ୍ସିକୋର ରିଓଗ୍ରାଣ୍ଡ ନଦୀ କୂଳରେ ଲାଗିଥିଲା ଦୁଇଟି ମୃତଦେହ। ଏହା ହେଉଛି ଆମେରିକାର ପଡ଼ୋଶୀ ତଥା ଏକ କ୍ଷୁଦ୍ର ରାଷ୍ଟ୍ର ଆଲ–ସାଲଭାଡୋରାନର ୨୭ ବର୍ଷୀୟ ନାଗରିକ ଓସ୍କାର ଆଲବର୍ଟ ରାମିରେଜ ଓ ତାଙ୍କର ମାତ୍ର ୨୩ ମାସର କନ୍ୟା ଭାଲେରିଆଙ୍କର।

ବେରୋଜଗାର ଓ ଦାରିଦ୍ର୍ୟରୁ ମୁକୁଳିବାକୁ ଆଶା ରଖି ସେଦିନ ରାମିରେଜ ନିଜ କନ୍ୟାକୁ ପିଠିରେ ବାନ୍ଧି ରିଓଗ୍ରାଣ୍ଡ ନଦୀରେ ପଶିଥିଲେ। ଆମେରିକାକୁ ଅନେକ ଦିନ ଧରି ଶରଣାର୍ଥୀ ଭାବେ ପ୍ରବେଶ କରିବାକୁ ଦରଖାସ୍ତ କରିଥିଲେ ମଧ୍ୟ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ କଠୋର ଆଇନ ବଳରେ ଅନୁମତି ମିଳିବାରେ ଡେରି ହୋଇଥିଲା। ସୀମାନ୍ତରେ କିଛି ଲାଞ୍ଚ ଦେଲେ ଶରଣାର୍ଥୀ ପାଇଁ ଅନୁମତି ମିଳିଯିବାର ଆଶା ଜନ୍ମାଇଥିଲା ରାମିରେଜଙ୍କ ଜଣେ ବନ୍ଧୁ। ସେହି ଆଶାରେ ରିଓ ଗ୍ରାଣ୍ଡନଦୀକୁ ପହଁରି ପହଁରି ପାରି ହେବାକୁ ବସିଥିଲେ ରାମିରେଜ। ମାତ୍ର ବିଧିର ବିଧାନ ବିଚିତ୍ର। ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ ବାପ ଓ ଝିଅ। ମେକ୍ସିକୋ କୂଳରେ ମୃତଦେହ ଦୁଇଟି ଲାଗିବା ବେଳେ ଝିଅ ଭାଲେରିଆର ଗୋଟିଏ ହାତ ବାପା ରାମିରେଜଙ୍କ ବେକକୁ ଜାବୁଡି ଧରିଥିଲା। ଅତି ବୀଭତ୍ସ ଓ ହୃଦୟବିଦାରକ ଥିଲା ସେ ଦୃଶ୍ୟ। ସେ ଦୃଶ୍ୟ ଯେତିକି ମାର୍ମିକ, କାରୁଣିକ ଥିଲା, ସେତିକି ଇଙ୍ଗିତ କରୁଥିଲା ସାମ୍ପ୍ରତିକ ଦୁନିଆର ଅମାନବୀୟ, କ୍ରୂର ଓ ସ୍ୱାର୍ଥୀ ଚରିତ୍ରକୁ। ଆର୍ଥିକ ଓ ସାମରିକ ଦୃଷ୍ଟିକୋଣରୁ ବଳିଷ୍ଠ ଓ ସଂଭ୍ରାନ୍ତ ରାଷ୍ଟ୍ରର ଅନୁଦାର ଓ ନିଷ୍ଠୁର ଚରିତ୍ରକୁ।

୨୦୧୫ ମସିହା ସେପ୍ଟେମ୍ବର ଦୁଇ ତାରିଖରେ ସିରିଆର ୩ ବର୍ଷର ବାଳକ ଆଲାନ କୁର୍ଦ୍ଦିର ମୃତଦେହ ଭୂମଧ୍ୟସାଗର କୂଳରେ ଠାବ କରାଯିବା ପରେ ବିଶ୍ୱବ୍ୟାପୀ ଏହିଭଳି ଆଲୋଡ଼ନ ସୃଷ୍ଟି ହେବା ସହ ଅନ୍ତର୍ଜାତୀୟ ସ୍ତରରେ ଶରଣାର୍ଥୀ ସମସ୍ୟାର ଗୁରୁତ୍ୱ ଓ ଜଟିଳତାର ପ୍ରମାଣ ମିଳିଥିଲା। ପରିସ୍ଥିତି ଆଜି ବି ସମାନ ଅଛି ଓ ପ୍ରତିବର୍ଷ ହଜାର ହଜାର ଶରଣାର୍ଥୀ ଆଲାନ କୁର୍ଦ୍ଦି ଓ ଭାଲେରିଆଙ୍କ ପରି ଭୟାନକ ମୃତ୍ୟୁର ସାମନା କରୁଛନ୍ତି। ହେଲେ ଅବଶିଷ୍ଟ ବିଶ୍ୱ ଅବିଚଳିତ ଓ ନିର୍ବାକ୍ ଭଳି ଅଭିନୟ କରିଚାଲିଛି। ଆର୍ଥିକ ସ୍ଥିତିରେ ମଜଭୁତ ଥିବା ଦେଶଗୁଡିକ ଯେବେଠାରୁ ଆର୍ଥିକ ଉଦାରୀକରଣ ଓ ଜଗତୀକରଣ ନାମରେ ନିଜର ସ୍ଥିତିକୁ ସ୍ୱାର୍ଥପୂର୍ଣ୍ଣ ଭାବେ ଅଧିକ ମଜଭୁତ କରିଚାଲିଲେ ଓ ଅନେକ ଅନ୍ତର୍ଜାତୀୟ ସଂଗଠନ ସେମାନଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ସମର୍ଥନ ଦେଇ ଚାଲିଲେ, ସେବେଠାରୁ ଧନୀ ଓ ଗରିବ ରାଷ୍ଟ୍ରଗୁଡିକ ମଧ୍ୟରେ ଦୂରତା ବଢି ବଢି ଚାଲିଲା। ସତେ ଯେମିତି ଶୋଷଣ ନୀତିକୁ ଅନ୍ତର୍ଜାତୀୟକରଣ କରିଦିଆଗଲା। ଗରିବ ଦେଶଗୁଡିକ ଗରିବରୁ ଗରିବତର ହେବାରେ ଲାଗିଲେ।

ଏକବିଂଶ ଶତାବ୍ଦୀରେ ଏବେ ବି ବିଶ୍ୱରେ ଏପରି ୫୦ ପାଖାପାଖି ଦେଶ ଅଛନ୍ତି, ଯେଉଁ ଦେଶର ନାଗରିକମାନେ ନିଜ ପରିବାର ଲୋକଙ୍କୁ ଦୁଇଓଳି ପେଟପୂରା ଖାଇବାକୁ ଦେଇପାରୁନାହାନ୍ତି। ଦୈନିକ ଦୁଇପଟ ରୁଟି ବି ସେମାନଙ୍କ ଭାଗ୍ୟରେ ଜୁଟୁନାହିଁ। ବିଡମ୍ବନାର ବିଷୟ ଯେ, ଆର୍ଥିକ ଉନ୍ନତିର ଶିଖରରେ ପହଞ୍ଚିଥିବା ଆମେରିକାର ପଡୋଶୀ ମେକ୍ସିକୋ, କିଛି ଲାଟିନ ଆମେରିକୀୟ ଦେଶ, କିଛି ଦକ୍ଷିଣ ୟୁରୋପୀୟ ରାଷ୍ଟ୍ର ତଥା ଆମେରିକାର ଯୁଦ୍ଧପିପାସୁ ନୀତିରେ ନିଷ୍ପେଷିତ କିଛି ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଆଜି ଗରିବୀ, ଗୃହଯୁଦ୍ଧ, ଖାଦ୍ୟାଭାବ, ବେରୋଜଗାର ଆଦି ସଙ୍କଟରେ ଜର୍ଜରିତ। ହଜାର ହଜାର ନାଗରିକ ପେଟକୁ ମୁଠାଏ ଦାନା, ଶରୀରକୁ ଢାଙ୍କିବା ପାଇଁ ଟିକିଏ କନା ପାଇବା ପାଇଁ ବିଶ୍ୱ ସମ୍ମୁଖରେ ଆଜି ଶରଣାର୍ଥୀ ଭାବେ ଉପସ୍ଥିତ। ଜୀବନ ବିକଳରେ ଲୁଚି ଲୁଚି ଦେଶାନ୍ତର ହୋଇ ମୃତ୍ୟୁକୁ ସାମନା କରୁଥିବା ବେଳେ ଉଦାରୀକରଣ ଓ ଜଗତୀକରଣର ସ୍ଲୋଗାନ ଦେଉଥିବା ସମୃଦ୍ଧିଶାଳୀ ଦେଶ ଓ ସଂଗଠନଗୁଡିକ ଏତେ ନିଷ୍ଠୁର ଓ ନୀରବ କାହିଁକି?

ଶରଣାର୍ଥୀ ସମସ୍ୟା ଓ ଏହାକୁ ସହୃଦୟତାର ସହ ଗ୍ରହଣ କରିବାର ମାନସିକତା ବୋଧହୁଏ ସମଗ୍ର ବିଶ୍ୱ ପାଇଁ ଭାରତ ଏକ ଉଦାହରଣ ହୋଇପାରେ। କାରଣ ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ସମୟରେ ଶରଣାର୍ଥୀଙ୍କୁ ଆଶ୍ରୟ ଦେବାରେ ଭାରତର ଉଦାରତାକୁ ଏବେବି ଅନ୍ତର୍ଜାତୀୟ ସ୍ତରରେ ଗୁରୁତ୍ୱ ପ୍ରଦାନ କରାଯାଏ। ତିବ୍ବତ, ବାଂଲାଦେଶ, ପାକିସ୍ତାନ, ଆଫିଗାନ, ଶ୍ରୀଲଙ୍କା ଓ ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଭାରତ କେବଳ ଆଶ୍ରୟ ଦେଇନାହିଁ, ବରଂ ନିଜ ଦେଶର ଲୋକଙ୍କୁ ଦିଆଯାଉଥିବା ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସୁବିଧାସୁଯୋଗ ମଧ୍ୟ ସେମାନଙ୍କୁ ପ୍ରଦାନ କରିଛି। ବିଶ୍ୱକୁ ଏକ ପରିବାର ଭଳି ଗ୍ରହଣ କରିବାର ମାନସିକତା ପ୍ରଦର୍ଶନ କରିଛି। ଏହି ପ୍ରସଙ୍ଗରେ ସ୍ୱାଧୀନତା ପୂର୍ବବର୍ତ୍ତୀ ଏକ ଶରଣାର୍ଥୀ ସମ୍ପର୍କିତ ଘଟଣା ଏଠାରେ ସ୍ମାନିତ କରିବା ଉଚିତ ହେବ। ଗତ ଚାଳିଶ ଦଶକର ଘଟଣା। ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା ସମଗ୍ର ବିଶ୍ୱକୁ ଆଚ୍ଛାଦିତ କରି ରହିଥାଏ। ୧୯୪୧ରେ ସୋଭିଏତ ରୁଷିଆ ଉପରେ ହିଟଲରଙ୍କ ସେନା ଆକ୍ରମଣ କରିବାରୁ ରୁଷିଆରେ ଶ୍ରମିକ ଭାବେ ବିଭିନ୍ନ କ୍ୟାମ୍ପରେ ରହି କାର୍ଯ୍ୟ କରୁଥିବା ହଜାର ହଜାର ନିର୍ବାସିତ ପୋଲାଣ୍ଡ ନାଗରିକଙ୍କୁ ରୁଷିଆ ହଠାତ୍ ସର୍ବକ୍ଷମା ପ୍ରଦାନ କରି ଦେଶ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦେଲା। ରୁଷିଆର ଏପରି ଅତର୍କିତ ନିଷ୍ପତ୍ତି ପଛରେ ଉଦ୍ଦେଶ୍ୟ ଥିଲା ଯେ ହିଟଲରଙ୍କ ବିରୋଧୀ ଗୋଷ୍ଠୀରେ ପୋଲାଣ୍ଡ ଯୋଗ ଦେଉ। ସେତେବେଳେ ହଜାର ହଜାର ପୋଲାଣ୍ଡ ନାଗରିକଙ୍କ ଗଣପଳାୟନ ଖୁବ୍ ଯନ୍ତ୍ରଣା ତଥା କଷ୍ଟଦାୟକ ଥିଲା, କାରଣ ଶୀତପ୍ରଧାନ ରୁଷ ଅଞ୍ଚଳରୁ ସେମାନେ ଗ୍ରୀଷ୍ମପ୍ରଧାନ ଏସୀୟ ଅଞ୍ଚଳକୁ ଯାତ୍ରା କରିଥିଲେ। ତାପମାତ୍ରାର ତାରତମ୍ୟ, ଖାଦ୍ୟାଭାବ ଯୋଗୁ ବାଟରେ ଅନେକ ନିର୍ବାସିତ ପୋଲାଣ୍ଡ ନାଗରିକ ମୃତ୍ୟୁବରଣ କଲେ। ଦିନକୁ ଦିନ ଯୁଦ୍ଧର ବିଭୀଷିକା ବୃଦ୍ଧି ପାଉଥିବାରୁ ପୁନର୍ବାର ନିଜ ଜନ୍ମସ୍ଥାନ ପୋଲାଣ୍ଡ ଫେରିଯିବାର ସମସ୍ତ ଆଶା କ୍ଷୀଣ ହେବାକୁ ଲାଗୁଥାଏ। ପ୍ରଥମେ ବିଭିନ୍ନ ୟୁରୋପୀୟ ରାଷ୍ଟ୍ର ଓ ପରେ ତୁର୍କମେନିସ୍ତାନ, ଇରାନ, ଆଫଗାନିସ୍ତାନ, କ୍ୱେଟା ଓ କରାଚୀ ଆଦିରେ ପୋଲାଣ୍ଡ ଶରଣାର୍ଥୀମାନଙ୍କୁ ଆଶ୍ରୟ ନ ମିଳିବା ପରେ ପରେ ୫୦୦ ଶରଣାର୍ଥୀଙ୍କୁ ନେଇ ଗୋଟିଏ ବଡ ପୋତ ବମ୍ବେ ବନ୍ଦରରେ ପହଞ୍ଚିଥିଲା।

ତତ୍କାଳୀନ ଇଂରେଜ ସରକାର ଅମଙ୍ଗ ହୋଇଥିଲେ ପୋଲାଣ୍ଡ ଶରଣାର୍ଥୀଙ୍କୁ ବମ୍ବେରେ ଆଶ୍ରୟ ଦେବାକୁ। ଖବର ପହଞ୍ଚିଲା ଜାମନଗର ମହାରାଜା ଦିଗ୍‌ବିଜୟ ସିଂ ଜାଦେଜାଙ୍କ ପାଖରେ। ସେତେବେଳେ ଦିଗ୍‌ବିଜୟ ସିଂ ଥିଲେ କାଉନସିଲ ଅଫ୍ ପ୍ରିନସେସ୍‌ର ଚାନସେଲର ତଥା ଇମ୍ପେରିଆଲ ୱାର୍ କ୍ୟାବିନେଟ୍ ଇନ୍ ବ୍ରିଟିଶ୍ ଇଣ୍ଡିଆର ଜଣେ ସକ୍ରିୟ ସଭ୍ୟ। ନିଜ ପଦବୀ ଓ ଦାୟିତ୍ୱକୁ ଭ୍ରୂକ୍ଷେପ ନ କରି ସେ ଶରଣାର୍ଥୀମାନଙ୍କୁ ସହାୟତାର ହାତ ବଢାଇଲେ। ୫୦୦ ଜଣିଆ ପୋଲାଣ୍ଡ ଶରଣାର୍ଥୀମାନଙ୍କୁ ନିଜ ରାଜ୍ୟର ନୱାନଗରରେ ଆଶ୍ରୟ ଦେବାକୁ ଘୋଷଣା କଲେ। ରହିବା ପାଇଁ ଘର, ସେମାନଙ୍କ ପିଲାଙ୍କ ପଢିବା ପାଇଁ ସ୍କୁଲ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରଖାନା ଓ ରୋଜଗାର ପାଇଁ କାମଧନ୍ଦା ବି ଯୋଗାଇଦେଲେ। ଶରଣାର୍ଥୀମାନଙ୍କ ପାଇଁ ମହାରାଜା ପାଲଟିଗଲେ ଦେବଦୂତ ଓ ଶ୍ରଦ୍ଧାରେ ଶରଣାର୍ଥୀମାନେ ତାଙ୍କୁ ବାପୁ ବି ଡାକିବାକୁ ଆରମ୍ଭ କଲେ। ମହାରାଜା ଦିଗ୍‌ବିଜୟ ସିଂଙ୍କୁ ପରେ ସହଯୋଗ କରିଥିଲେ ପଟିଆଲା ଓ ବରୋଦାର ରାଜା। ପ୍ରସିଦ୍ଧ ବ୍ୟବସାୟକ ପ୍ରତିଷ୍ଠାନ ଟାଟା ଗ୍ରୁପ୍ ବ ଶରଣାର୍ଥୀଙ୍କ ନିମନ୍ତେ ସେତେବେଳେ ଛଅ ଲକ୍ଷ ଟଙ୍କା ରାଜାଙ୍କୁ ପ୍ରଦାନ କରିଥିଲା। ନିଜେ ରାଜା ଦିଗ୍‌ବିଜୟ ଶରଣାର୍ଥୀ ଶିବିରକୁ ନିୟମିତ

ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ

ଶନିବାର ସମ୍ବଲପୁର ଝାଡୁଆପଡା ଠାକୁରଙ୍କ ସୁନା ବେଶ (ବାମ)। ରାଧାମଦନ ଗୋପାଳଙ୍କ ସୁନା ବେଶ (ମଝି)। ଧନୁପାଲି ଗୋପାଳଜୀଙ୍କ ସୁନା ବେଶ ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଦର୍ଶନ

**ସମ୍ବଲପୁର,୧୩।୭(ବ୍ୟୁରୋ)**

ଜଗତର ନାଥ ପ୍ରଭୁ ଜଗନ୍ନାଥ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନ ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ରଥାରୂଢ଼ ମହାବାହୁଙ୍କୁ ଦର୍ଶନ କରିବା ଲାଗି ଶନିବାର ସମ୍ବଲପୁର ସହରସ୍ଥିତ ଝାଡୁଆପଡ଼ା, ବଡଦୁଆର, ମୁଦିପଡ଼ାହଟଲି, ସାକ୍ଷୀପଡ଼ା ରାଧାମଦନ ଗୋପାଳ ମନ୍ଦିର ଓ ଧନୁପାଲି ଗୋପାଳଜୀ ମନ୍ଦିର ପରିସରରେ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳ ଧୂପ ପରେ ମୁଦିପଡା ଠାକୁରଙ୍କୁ ସୁନା ବେଶରେ ସଜ୍ଜିତ କରାଯାଇଥିଲା। ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପୂର୍ବାହ୍ନ ୯ଟାରେ ଭକ୍ତମାନେ ସୁନା ବେଶ ଦର୍ଶନ କରିଥିଲେ। ଜିତେନ୍ଦ୍ର ଦଲେଇ, ସନ୍ତୋଷ ବାରିକ, ଅଭିନାଶ

ଶନିବାର ସମ୍ବଲପୁର ମୁଦିପଡା ଠାକୁରଙ୍କ ସୁନା ବେଶ ।

ପଣ୍ଡା, ସୌମ୍ୟରଞ୍ଜନ ସ୍ୱାଇଁ, ତରୁଣ ବଚ୍ଛା ଠାକୁରଙ୍କୁ ବେଶ କରିଥିଲେ। ସମ୍ବଲପୁରୀ ପିତାମ୍ବରୀ ପାଟବସ୍ତ୍ରରେ ଜଗନ୍ନାଥ, ନୀଳ ବସ୍ତ୍ରରେ ବଳଭଦ୍ର ଓ ଗୋଲାପି ରଙ୍ଗ ଶାଢ଼ୀ ପିନ୍ଧି ଦେବୀ ସୁଭଦ୍ରା ମନଲୋଭା ଦେଖାଯାଉଥିଲେ। ଏହି ଦୃଶ୍ୟ ଦର୍ଶନ କରି ଭକ୍ତମାନେ ନିଜକୁ ଧନ୍ୟ ମଣିଛନ୍ତି। ମୁଖ୍ୟ ପୂଜକ ବ୍ୟାମକେଶ ପଣ୍ଡା ଆଳତୀ କରିଥିବା ବେଳେ ପଣ୍ଡିତ ଜୟଗୋପାଳ ସୁଆର ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ମାନସ ପ୍ରଧାନ ଓ ସାଥୀ ଭଜନ ପରିବେଷଣ କରିଥିଲେ। ସୂଚନାଯୋଗ୍ୟ, ୧୯୯୬ ନବକଳେବର ଦିନଠାରୁ ମୁଦିପଡା ଠାକୁରଙ୍କ ସୁନା ବେଶ ହୋଇଆସୁଛି। ତତ୍କାଳୀନ ପୂଜକ ସ୍ୱର୍ଗତ ଯୁଧିଷ୍ଠିର ପଣ୍ଡାଙ୍କ ଉଦ୍ୟମରେ ସୁନା ବେଶ ହୋଇଥିଲା। ପରବର୍ତ୍ତୀ ସମୟରେ ଝାଡୁଆପଡ଼ା, ସାକ୍ଷୀପଡ଼ା, ଧନୁପାଲିଠାରେ ସୁନା ବେଶ ହୋଇ ଆସୁଛି ।

## ଡଙ୍ଗରପଡ଼ା, ସନାତନପାଲିରେ ବାହୁଡ଼ାଯାତ୍ରା

**ପଡିଆବାହାଲ,୧୩।୭(ଡି.ଏନ.ଏ.)**

ଯୁଯୁପୁରା ବ୍ଲକ ଡଙ୍ଗରପଡ଼ାରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଯାଇଛି। ଏପରି କି ସନ୍ଧ୍ୟାରେ ବାଳିକା ଯସ୍ମିନ ଆଚାର୍ଯ୍ୟ ଉତ୍ତରାକାଣ୍ଡ ପାଠ କରିଥିଲେ। ସେହିପରି ଘିନୁପାଲି ପଞ୍ଚାୟତର ସନାତନପାଲିଠାରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶ୍ରୀଜୀଉଙ୍କଠାରେ ରସଗୋଲା, ପୋଡପିଠା ଭୋଗ ଲାଗି ପରେ ନୀଳାଦ୍ରିବିଜେ ହୋଇଥିଲା।

## ପଡ଼ିଆବାହାଲ ବାହୁଡ଼ାଯାତ୍ରା

**ପଡ଼ିଆବାହାଲ, ୧୩।୭(ଡି.ଏନ.ଏ.)**

ଯୁଯୁପୁରା ବ୍ଲକ ଖଲିଆପାଲି, ବାହାମ, ଘିନୁପାଲି, ଜୟନ୍ତପୁର ଏବଂ ଜମନକିରା ବ୍ଲକର ଗୌଡପାଲିଠାରେ ବାହୁଡାଯାତ୍ରା ସମ୍ପନ୍ନ ହୋଇଯାଇଛି । ପାଗ ଅନୁକୂଳ ଥିବାରୁ ଠାକୁରଙ୍କୁ ଦର୍ଶନ ପାଇଁ ଜନସମାଗମ ହୋଇଥିଲା। ଖଲିଆପାଲି, ଘିନୁପାଲି, ଜୟନ୍ତପୁର ଏବଂ ବାହାମରେ ପାରମ୍ପାରିକ ରୀତିରେ ଶ୍ରୀଜୀଉଙ୍କ ନିକଟରେ ରସଗୋଲା ଓ ପୋଡପିଠା ଭୋଗ ଲାଗି ହୋଇଥିଲା। ପରେ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ଉତ୍ସବ ହୋଇଥିଲା। ଗୌଡପାଲିରେ ସଂସ୍କାର ଯୁବକ ସଂଘ ଆନୁକୂଲ୍ୟରେ ଭଜନ ସନ୍ଧ୍ୟା ହୋଇଥିଲା। ମନ୍ମଥ ମିଶ୍ର ଓ ତାଙ୍କ ସାଥୀ ଭଜନ ପରିବେଷଣ କରିଥିଲେ । ଏଠାରେ ପ୍ରଶାନ୍ତ ନାଥ ଶର୍ମା ଛୋରାପହରା କରିଥିବା ବେଳେ ଦିଲୀପ ନାଥ, ଅନୁପ ନାଥ, ଦୁଷ୍ମନ୍ତ ନାଥ ଶର୍ମା, ସିଦ୍ଧାର୍ଥ ଶର୍ମା, ସଂଗ୍ରାମ ନାଥଶର୍ମା, ପ୍ରସନ୍ନ ଖିଜଡି, ବସନ୍ତ ଗରଡି, ରାମକୃଷ୍ଣ ସାହୁ, ହାଡୁ ରଣା ପ୍ରମୁଖ ପହଣ୍ଡି ବିଜେରେ ଅଂଶଗ୍ରହଣ କରିଥିଲେ । ସୁବାସ ନାଥ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସନାତନପାଲି, ଡଙ୍ଗରପଡା, କୁଲସର, ମୁଣ୍ଡେନପାଲି ଗ୍ରାମରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ସମ୍ବଲପୁର, ୧୩।୭ (ବ୍ୟୁରୋ)- ସମ୍ବଲପୁର ଜିଲା ଧନୁପାଲି ଥାନା ଖଣ୍ଡୁଆଲ ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ ପଦ୍ମଲୋଚନ ବାରିକ(୩୬)। ଏନେଇ ଧନୁପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୫/୧୯) ରୁଜୁ କରି କରି ଅଧିକ ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ଗତ ଫେବୃୟାରୀ ମାସରେ ପଦ୍ମଲୋଚନଙ୍କ ବିବାହ ହୋଇଥିଲା। ଶନିବାର କୌଣସି କଥାକୁ କେନ୍ଦ୍ର କରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପଦ୍ମଲୋଚନ ମାନସିକ ଭାରସାମ୍ୟ ହରାଇ ବେକରେ ଶାଢି ବାନ୍ଧି ପଙ୍ଖାରେ ଓହଳି ପଡିଥିଲେ।

### ୨ କବାଡ଼ିଖାନା ମାଲିକ ଗିରଫ

ସମ୍ବଲପୁର, ୧୩।୭ (ବ୍ୟୁରୋ)- ସମ୍ବଲପୁର ଜିଲା ଧନୁପାଲି ଥାନା ପୋଲିସ କୁମ୍ଭାରପଡ଼ାର ୨ କବାଡିଖାନା ମାଲିକଙ୍କୁ ଗିରଫ କରିଛି । ସେମାନେ ହେଲେ ମହମ୍ମଦ ସମସେର(୫୦) ଓ ବୁଧୁ ବର୍ମା(୪୧) । ଏନେଇ ଧନୁପାଲି ଥାନାରେ ପୃଥକ ୨ଟି ମାମଲା(ନଂ. ୨୬୪/୧୯ଓ ୨୬୫/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଶନିବାର ପୋଲିସର ଏକ ଟିମ୍ ୨ଟି କବାଡି ଖାନାରେ ଚଢ଼ାଉ କରିଥିଲା। ଚଢାଉ ବେଳେ ଅଧିକାରୀମାନେ କବାଡିଖାନାରେ ପୁରୁଣା ବାଇକ୍ ସହ ବିଭିନ୍ନ ଗାଡିର ସାମଗ୍ରୀ ଦେଖିବାକୁ ପାଇଥିଲେ। ଏନେଇ ପୋଲିସ ଅଧିକାରୀମାନେ ମାଲିକ ଦ୍ୱୟଙ୍କୁ କାଗଜପତ୍ର ଦେଖାଇବାକୁ କହିଥିଲେ। ହେଲେ ସେମାନେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଏନେଇ ଧନୁପାଲି ଥାନା ପୋଲିସ କବାଡିଖାନାରେ ଚୋରି ସାମଗ୍ରୀ ରଖାଯାଉଥିବା ଅଭିଯୋଗରେ ୨ଜଣ ମାଲିକଙ୍କୁ ଗିରଫ କରିଥିଲା।

### ଫେରାର ଅଭିଯୁକ୍ତ ଗିରଫ

ସମ୍ବଲପୁର, ୧୩।୭ (ବ୍ୟୁରୋ)- ଏକ ଲୁଟ ମାମଲାରେ ଫେରାର ଥିବା ଜଣେ ଯୁବକଙ୍କୁ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ ଗିରଫ କରିଛି। ସେ ହେଲେ ଫାଟକ ଦେନ୍ଦୁରୀପାଲିର ତ୍ରିଦେବ ବାଗ(୨୫)। ପୋଲିସ ତ୍ରିଦେବଙ୍କ ନିକଟରୁ ନଗଦ ୫ଶହ ଟଙ୍କା ଜବତ କରିଛି।
ସୂଚନାଯୋଗ୍ୟ, ଗୁଜରାତୀ କଲୋନୀର ପ୍ରୀତୀଶ ଜେନା ବୁଧବାର ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ଯାଉଥିଲେ। ସେତେବେଳେ ତ୍ରିଦେବ ଓ ସୁଭାଶିଷ ପହଞ୍ଚି ଧମକଚମକ ଦେଇ ପ୍ରୀତୀଶଙ୍କ ନିକଟରୁ ୫ଶହ ଟଙ୍କା ଲୁଟ ଫେରାର ହୋଇଯାଇଥିଲେ। ଏନେଇ ପ୍ରୀତୀଶ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପୂର୍ବରୁ ସୁଭାଶିଷ ବେହେରାଙ୍କୁ ଗିରଫ କରିଥିଲା। ହେଲେ ଶନିବାର ଫେରାର ତ୍ରିଦେବଙ୍କୁ ପୋଲିସ ଗିରଫ କରିଥିଲା।

## ଆହତ ଉଦ୍ଧାର କୁଟୁରାର ମୃତ୍ୟୁ

କୁକୁର ହାବୁଡରୁ ଉଦ୍ଧାର ହୋଇଥିବା କୁଟୁରା।

**ନାକଟିଦେଉଳ,୧୩।୭(ଡି.ଏନ.ଏ.)**

ବାଟବଣା ହୋଇ ଏକ ମାଈ କୁଟୁରା ଶନିବାର ନାକଟିଦେଉଳ ବସସ୍ଥାଣ୍ଡ ଭିତରକୁ ଚାଲିଆସିଥିଲା। ସେତିକିବେଳେ କୁଟୁରାଟି କୁକୁର ହାବୁଡରେ ପଡି ଗୁରୁତର ଆହତ ହୋଇଥିଲା। ହେଲେ ସ୍ଥାନୀୟ ବସ୍ତିରେ ରହୁଥିବା କେତେକ ବ୍ୟକ୍ତି କୁଟୁରାକୁ ଉଦ୍ଧାର କରିଥିଲେ। କୁଟୁରାର ବାମ ଗୋଡ଼ରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଉଦ୍ଧାର କରିଥିବା ଯୁବକମାନେ କୁଟୁରାକୁ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିମା ଦେଇଥିଲେ। ବନ କର୍ମଚାରୀମାନେ କୁଟୁରାର ଚିକିତ୍ସା ପାଇଁ ସ୍ଥାନୀୟ ପ୍ରାଣୀଧନ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ କୁଟୁରାର ମୃତ୍ୟୁ ଘଟିଥିଲା। ବନ ବିଭାଗ ପକ୍ଷରୁ କୁଟୁରାର ମୃତଦେହ ବ୍ୟବଚ୍ଛେଦ କରାଇ ପୋତି ଦିଆଯାଇଥିଲା। ମୃତ କୁଟୁରାର ବୟସ ପାଖାପାଖି ୭ରୁ ୮ ବର୍ଷ ହୋଇଥିବା ବେଳେ ସେ ଗର୍ଭଧାରଣ କରିଥିଲା। ହେଲେ କୁଟୁରାଟି ଅଧିକ ଦୌଡ ହାଲିଆ ହୋଇ ମରି ପଡିଥିବା ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଦୟାନିଧି ସାହୁ କହିଛନ୍ତି।

### ସମ୍ବଲପୁର ମହାନଗର ନିଗମ

# ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

- ସଫେଇ ବାବଦରେ ମାସିକ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ
- କାଗଜପତ୍ରରେ ହେଉଛି ସଫେଇ
- ଠିକାସଂସ୍ଥା ଓ ଅଧିକାରୀଙ୍କ ସଲାସୁତୁରା ଅଭିଯୋଗ

**ସମ୍ବଲପୁର,୧୩।୭(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ୪୧ଟି ୱାର୍ଡରେ ସଫେଇ ବାବଦକୁ ମାସକୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ମହାନଗରବାସୀଙ୍କୁ କିଛି ଲାଭ ମିଳୁନାହିଁ। ହେଲେ ଦାୟିତ୍ୱରେ ଥିବା ଅଧିକାରୀ ଓ ଠିକାସଂସ୍ଥା ବେଶ ଫାଇଦା ଉଠାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଆଖି ଦେଖାଣିଆ ସକାଳେ କେତୋଟି ଗାଡି ୱାର୍ଡଗୁଡିକର ମୁଖ୍ୟ ଛକରୁ କିଛି ଆବର୍ଜନା ଉଠାଇ ନେଉଛନ୍ତି । ହେଲେ ଗଳି ଓ ତଳି ଅଞ୍ଚଳକୁ ସଫେଇ ଗାଡି କିମ୍ବା କର୍ମଚାରୀ ଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସହରର ସମସ୍ତ ୱାର୍ଡରେ ଏଭଳି ସମସ୍ୟା ଦେଖାଦେଇଛି। ଏ ନେଇ ବିଭିନ୍ନ ରାଜନୈତିକ ଦଳ, ଅନୁଷ୍ଠାନ ଓ ସ୍ଥାନୀୟ ଜନସାଧାରଣ ଅଭିଯୋଗ କଲେ ମଧ୍ୟ ମହାନଗର ନିଗମ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଜଣାପଡିଛି। ସେହିପରି ଠିକାସଂସ୍ଥା ସହ କେତେଜଣ ଅଧିକାରୀ ସଲାସୁତୁରା କରି କାଗଜ କଲମରେ ସଫେଇ କାର୍ଯ୍ୟ ହେଉଥିବା ଦର୍ଶାଇ ମିଥ୍ୟା ବିଲ

ସମ୍ବଲପୁର ଜିଲା ମାନେଶ୍ୱର ଗ୍ରାମ ରାସ୍ତାକଡ଼ରେ ପଡି ରହିଥିବା ଅଳିଆ ଆବର୍ଜନା।

କରି ଟଙ୍କା ହଡପ କରାଯାଉଥିବା ଅଭିଯୋଗ ହେଉଛି। ମହାନଗର ନିଗମ ପକ୍ଷରୁ ୧୪ଟି ୱାର୍ଡରେ ସଫେଇ ହେଉଥିବା ବେଳେ ବାକି ୨୭ଟି ୱାର୍ଡରେ ଏକ ଠିକାସଂସ୍ଥାକୁ ସଫେଇ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷେ ମାନେଶ୍ୱରର ୪୦ ନଂ ୱାର୍ଡରେ ସଫେଇ କାମ କରାଯାଉ ନ ଥିବା ପୂର୍ବତନ ସରପଞ୍ଚ ସଞ୍ଜୟ ଛୁରିଆ ପୂର୍ବରୁ ଡେପୁଟି କମିଶନର ଶୁଭଙ୍କର ମହାନ୍ତିଙ୍କୁ ଅଭିଯୋଗ କରିଥିଲେ । ୧୫ ଦିନ ଭିତରେ ସମସ୍ୟାର ସମାଧାନ ହେବ ବୋଲି ଡେପୁଟି କମିଶନର ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗ ହେବାର ଏକ ମାସରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ ୪୦ନମ୍ବର ୱାର୍ଡର ରାସନପୁର, ମିର୍ଗାମୁଣ୍ଡା, ଗୁରୁପାଲି, ଚାନ୍ଦମୁଣ୍ଡା, ମାନେଶ୍ୱର, ହାଲିପାଲି, କଣ୍ଟେଇପାଲି ପ୍ରଭୃତି ଗ୍ରାମରେ ସଫେଇ କାର୍ଯ୍ୟ ନ ହୋଇ କୁଢକୁଢ ଅଳିଆ ଆବର୍ଜନା ପଡିରହିଛି। ଏନେଇ ପରିବେଶ ଦୁର୍ଗନ୍ଧମୟ ହୋଇପଡିଛି। ବର୍ତ୍ତମାନ ବର୍ଷାଦିନରେ ମଶା, ମାଛି ବୃଦ୍ଧି ପାଇ ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବାର ଆଶଙ୍କା ରହିଛି। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଜିଲାପାଳ ଶୁଭମ୍ ସକସେନାଙ୍କୁ ପଚାରିବାରୁ ସହରରେ ସଫେଇ କାର୍ଯ୍ୟ ଠିକ୍ ଭାବେ କରିବାକୁ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବ। ଟଙ୍କା ଅନିୟମିତତା ଅଭିଯୋଗର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ ।

## ଫଟୋରେ ଖବର

ଶନିବାର ସମ୍ବଲପୁର ମୁଦିପଡ଼ା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ (ବାମ)। ଧନୁପାଲି ଗୋପାଳଜୀ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ।

## ଲରପଙ୍କରେ ବୃକ୍ଷରୋପଣ

**ସମ୍ବଲପୁର, ୧୩।୭ (ବ୍ୟୁରୋ)**

ହୀରାକୁଦ ଲାୟନ୍ସ କ୍ଲବ ରୟାଲ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଲରପଙ୍କଠାରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରେମେଡ ନିବାସୀ ଦିବ୍ୟାଙ୍ଗ ସମରା ମାଝିଙ୍କୁ ଆଶାବାଡି ପ୍ରଦାନ କରାଯାଇଥିଲା । କ୍ଲବ ଜୋନ ଅଧ୍ୟକ୍ଷ ରବି ସୁବୁଧି, କ୍ଲବ ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ସମ୍ପାଦକ କାର୍ତ୍ତିକ କଲେତ, କୋଷାଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ବିକାଶ ଅଗ୍ରୱାଲ, ମଞ୍ଜୁ ଓରାମ, ଉତ୍ତମ ବାଗ, ଜ୍ୟୋତିର୍ମୟୀ ମହାପାତ୍ର, ବିଳାସିନୀ କଲେତ, ସହଦେବ ଓରାମ ଓ ସର୍ଜୁ ଓରାମ ବୃକ୍ଷଚାରା ରୋପଣ କରିଥିଲେ।

## ସେଲ୍‌ଫି କର୍ନର

@ ଶିଶିର

@ ଶିଖର

@ ଯାଦବ

@ ସାରଥୀ


@ ପ୍ରଭାକର

@ ଦୟାନନ୍ଦ

@ ରାଧାକାନ୍ତ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଡକାୟତି ଉଦ୍ୟମ ବିଫଳ, ୬ ଗିରଫ

**ସମ୍ବଲପୁର,୧୩।୭(ବ୍ୟୁରୋ)**

ସମ୍ବଲପୁର ଜିଲା କତରବଗା ଥାନା ଅଧୀନ ଲାଉମାଳ ଗ୍ରାମରେ ଶୁକ୍ରବାର ରାତିରେ ଡକାୟତି ଉଦ୍ୟମ କରୁଥିବା ବେଳେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କିଷନ ଷଣ୍ଢ(୨୫), ବିଦ୍ୟାଧର ରୋହିଦାସ(୨୧), ମିତ୍ରଭାନୁ ଗର୍ତ୍ତିଆ(୨୦), ରବି ମହାନନ୍ଦ(୨୦), ତରଣୀ ଭୋଇ(୨୨), ଅରୁଣ ମୁଣ୍ଡା (୨୧)। ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ସୂଚନା ଦେଇଛନ୍ତି। ଏପରି କି ଗିରଫ ୪ଜଣ ପେସାଦାର ଅପରାଧୀ ବୋଲି ଏସ୍‌ଡିପିଓ କହିଛନ୍ତି। ଏନେଇ କତରବଗା ଥାନାରେ ଏକ ମାମଲା(ନଂ.୯୫/୧୯) ରୁଜୁ ହୋଇଛି।

ଏସ୍‌ଡିପିଓ ଉଦ୍‌ଗାତାଙ୍କ କହିବା ମୁତାବକ, ଶୁକ୍ରବାର ରାତିରେ ଲାଉମାଳ ଗ୍ରାମ ଛକ ନିକଟରେ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ପଛ ପଟେ ୬ ଜଣ ଯୁବକ ସନ୍ଦେହଜନକ ଅବସ୍ଥାରେ ବୁଲାବୁଲି କରୁଥିଲେ। ସେତିକିବେଳେ କତରବଗା ଥାନା ପୋଲିସର ଏକ ଟିମ୍ ଯୁବକମାନଙ୍କୁ କଟକାଇ ପରଚାଉଚୁରା କରିଥିଲା। ପୋଲିସ ଯୁବକମାନଙ୍କୁ ପଚରାଉଚୁରା ବେଳେ ସନ୍ଦେହ ସୃଷ୍ଟି ହୋଇଥିଲା। ଏନେଇ ପୋଲିସ ଟିମ୍ ସେମାନେ ବ୍ୟବହାର କରୁଥିବା କାରକୁ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ପୋଲିସ ଅଧିକାରୀମାନେ କାର ଭିତରୁ ଏକ ଦେଶୀ ବନ୍ଧୁକ, ୨ ଲାଠି, ଲୁହା ଛଡ, ଛୁରୀ, ଆରିପାତ, ୬ଟି ମୋବାଇଲ ଫୋନ ଜବତ କରିଥିଲେ। ପୋଲିସ ଅଧିକାରୀମାନେ ଏକ ବଡ ଧରଣର ଡକାୟତି ଯୋଜନା ହେଉଥିବା ଜାଣି ୬ଜଣ ଯୁବକଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଏପରି କି ପୋଲିସ ସେହି କାର (ନଂ.ଓଆର୍‌୧୭-୧୧୦୧)କୁ ଜବତ କରିଥିଲା। ତଦନ୍ତ ପରେ ଗିରଫ ଯୁବକଙ୍କ ବୟାନ ଅନୁସାରେ ଏକ ବିଲରୁ ୪ ବଣ୍ଡଲ ଆଲୁମିନିୟମ ତାର ଜବତ କରିଥିଲା। ଏହାର ଓଜନ ପ୍ରାୟ ୫ କୁଇଣ୍ଟାଲ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଅଭିଯୁକ୍ତମାନଙ୍କ ନାମରେ ରେଙ୍ଗାଲି ଥାନାରେ ଏକ ଚୋରି ମାମଲା(ନଂ.୧୦୬/୧୯) ରୁଜୁ ହୋଇଛି।

ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଉପସ୍ଥାପନ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାକୁଡ଼ି ପରାଏ ପୀରତି ଦେଖ ।**
**ବାହାରକୁ ତୁଲ ଭିତର ଫାଙ୍କ ।**

କିଛି ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ଭିତରର ସ୍ୱରୂପ ବାହାରକୁ ଆଦୌ ଜଣାପଡ଼ି ନ ଥାଏ। ଉପରେ ଉପରେ ମିଠାକଥା କହି ଆପଣାର ଭାବ ଦେଖାଇଥାନ୍ତି, ଅଥଚ ଭିତରେ ଭିତରେ ନିଜ ମନ୍ଦ ଅଭିଳାଷକୁ ପୂରଣ କରାଇ ନେଇଥାନ୍ତି। କାକୁଡ଼ିର ଉପରିଭାଗ ବେଶ୍ ଚିକ୍‌କଣ ପରନ୍ତୁ ତା'ର ଭିତର ଫାଙ୍କ ରହିଥିବା ଭଳି ଉପରକୁ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତିର ଭିତରର କପଟାଚରଣ ବା ମନ୍ଦ ଆଚରଣ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କି ବୁଦ୍ଧି କଲି ?**
**କଉଡ଼ି ପଣକ ପାଇଁ ମହତ ସରେଇ ଦେଲି ।**

ମନୁଷ୍ୟତ୍ୱର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନସମ୍ମାନ ବା ଇଜ୍ଜତ । ମର୍ଯ୍ୟାଦା ଥରେ ଚାଲିଗଲେ ଆଉ ଯେତେ ଚେଷ୍ଟା କଲେ ମଧ୍ୟ ଫେରି ଆସି ନ ଥାଏ। ତେଣୁ ବ୍ୟକ୍ତି ନିଜ କର୍ମ ପ୍ରତି ସଜାଗ ବା ସଚେତନ ରହିବା ବିଧେୟ। ସାମାନ୍ୟ ପଇସା କେତେଟା ପାଇଁ ମାନସମ୍ମାନ ବା ଇଜ୍ଜତ ହରାଇ ବସିଥିବା ବ୍ୟକ୍ତି ପଶ୍ଚାତ୍ତାପ କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଧାନର ଅଭାବୀ ବିକ୍ରି: ପଦକ୍ଷେପ ନେବାକୁ ସମବାୟ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୩।୭ (ବ୍ୟୁରୋ)**

ଧାନ ରଖିବା ପାଇଁ ମଣ୍ଡିରେ କୌଣସି ବ୍ୟବସ୍ଥା ନାହିଁ। ଚାଷୀଙ୍କଠାରୁ ସରକାର ଧାନ କିଣୁ ନ ଥିବାରୁ ଅବସ୍ଥା ସାଂଘାତିକ ହେଲାଣି। ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ସୋନପୁର ଆଦି ଜିଲାରେ ଧାନ ବିକ୍ରି ନ ହୋଇ ଗଜା ହୋଇଗଲାଣି। ସରକାର ତୁରନ୍ତ ଧାନ କିଣିବାକୁ ବ୍ୟବସ୍ଥା କରନ୍ତୁ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଦାବି କରିଛନ୍ତି।

ଶୂନ୍ୟକାଳରେ ଧାନର ଅଭାବୀ ବିକ୍ରିକୁ ନେଇ ପ୍ରଦୀପ୍ତ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ମିଲର ଓ ଅଫିସରମାନଙ୍କ ସହ ବିଧାୟକମାନେ ମିଶିଯାଉଥିବା ଚାଷୀ ଅଭିଯୋଗ କଲେଣି। ଆମେ ଜନପ୍ରତିନିଧି ଚାଷୀମାନଙ୍କ ସମସ୍ୟା ସମାଧାନ କରିପାରୁ ନାହୁଁ। କୁଇଣ୍ଟାଲ ପିଛା ୪ରୁ ୧୧ କେଜି ଧାନ କଟାଯାଉଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୫ ଟଙ୍କିଆ ଆହାର ଖାଇବାକୁ ଦେଇଦେଲେ ରାଜ୍ୟର ଉନ୍ନତି ହେବ ନାହିଁ। ଚାଷୀଙ୍କ ସମସ୍ୟା ବୁଝିବାକୁ ହେବ। ସେମାନଙ୍କ ଧାନ କିପରି ବିକ୍ରି ହେବ ସେ ନେଇ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିରୋଧୀ ଦଳ ନେତା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଅନୁରୋଧ କରିଥିଲେ।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ଧାନର ଅଭାବୀ ବିକ୍ରିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ବର୍ଷା ଯୋଗୁ ଧାନ ବେରଙ୍ଗ ହେବା ସହିତ ଆର୍ଦ୍ରତା ବଢ଼ିଗଲାଣି। ତୁରନ୍ତ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ଚାଷୀଙ୍କଠାରୁ ଧାନ କିଣନ୍ତୁ। ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ କହିଥିଲେ ଯେ, ଗତବର୍ଷରୁ ଧାନ ବିକିଥିବା ଭଦ୍ରକ ଜିଲାର ଚାଷୀମାନେ ଏ ପର୍ଯ୍ୟନ୍ତ ଟଙ୍କା ପାଇନାହାନ୍ତି। ସରକାର ଏ ଦିଗରେ ପଦକ୍ଷେପ ନେବା ଦରକାର। ବିରୋଧୀ ଦଳ ନେତାଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ପାତ୍ର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସମବାୟ ବିଭାଗ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

**ବ୍ରହ୍ମପୁର ଅଫିସ,୧୩।୭**

ସଦର ଥାନା ଅନ୍ତର୍ଗତ ବାଳକୃଷ୍ଣପୁର ଛକ ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ଗୁରୁତର ଆହତ ହୋଇଥିବା ଜଣେ ଯୁବକଙ୍କର ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ଜଣକ ଦିଗପହଣ୍ଡି ଥାନା ଅନ୍ତର୍ଗତ ମୋହଡା ନୂଆସାହିର ନିରଞ୍ଜନ ନାହାକ (୩୦)। ସଦର ଥାନା ପୋଲିସ ଶନିବାର ମୃତଦେହ ଜବତ କରିଛି। ନଂ.୧୭୦/୧୯ରେ ଏକ ମାମଲା ରୁଜୁ କରିବା ସହ ଟ୍ରାକ୍ଟର ଡ୍ରାଇଭରଙ୍କୁ ଗିରଫ କରିଥିବା କହିଛି।

ଶୁକ୍ରବାର ସନ୍ଧ୍ୟାରେ ନିରଞ୍ଜନ ଏକ ବାଇକ୍‌ରେ କାଳୁଆରୁ ବ୍ରହ୍ମପୁର ଦେଇ ଘରକୁ ଫେରୁଥିଲେ। ବାଳକୃଷ୍ଣପୁର ଛକରେ ସାମ୍ନାପଟୁ ଏକ ଟ୍ରାକ୍ଟର ଦ୍ରୁତ ଗତିରେ ଆସି ବାଇକ୍‌ଟିକୁ ଧକ୍କା ଦେଇଥିଲା। ନିରଞ୍ଜନ ବାଇକ୍‌ରୁ ଖସି ପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ନିରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଟ୍ରାକ୍ଟର ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

# ଡ଼କାୟତି ଯୋଜନା ପଣ୍ଡ, ୪ ଗିରଫ

**ଭଞ୍ଜନଗର,୧୩।୭(ଡି.ଏନ.ଏ.)**

ତାରସିଂ ପୋଲିସ ଶୁକ୍ରବାର ରାତିରେ ଏକ ଡ଼କାୟତି ଯୋଜନାକୁ ପଣ୍ଡ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଞ୍ଜନଗରର ଚିତ୍ତ ଚୌଧୁରୀ, ଅଜୟ ନାଇକ, ଅକ୍ଷୟ ନାୟକ ଓ କବିସୁର୍ଯ୍ୟନଗର ଥାନା ବୃନ୍ଦାବନପୁରଶାସନର ଭାସ୍କର ଦାସ। ସେମାନଙ୍କ ଠାରୁ ଗୋଟିଏ ବାଇକ୍, ୨ଟି ଖଣ୍ଡା, ୨ଟି ଛୁରି, ୧୨ଟି ମୋବାଇଲ ଫୋନ୍, ମରିଚ ଗୁଣ୍ଡ ପ୍ୟାକେଟ, ୪ଟି ଅଫୁଟା ବୋମା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର ସନ୍ଧ୍ୟାରେ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଭଞ୍ଜନଗର ସ୍ୱତନ୍ତ୍ର ଉପ କାରାଗାରକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଜଡ଼ିତ ଆଉ ଜଣେ ଅପରାଧୀ ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ ପାଇଁ ପୋଲିସ ଚେଷ୍ଟା ଚଳାଇଛି। ଏନେଇ ତାରସିଂ ଥାନାରେ ନଂ.୯୯।୧୯ରେ ଏକ ମାମଲା ରୁଜୁହୋଇଛି। ଗିରଫ ଅଭିଯୁକ୍ତମାନେ ଭଞ୍ଜନଗର, ଗାଙ୍ଗପୁର, ଧରାକୋଟ, ବୁଗୁଡ଼ା, ଟିକାବାଲି ଓ ଚକାପାଦ ଥାନା ଅଞ୍ଚଳର ଏକାଧିକ ମାମଲାରେ ଜଡ଼ିତ ଅଛନ୍ତି। ୫ଜଣ ଅପରାଧୀ ଶୁକ୍ରବାର ରାତିରେ ତାରସିଂ ଥାନା ବାରଦଣ୍ଡା ଛକରେ ଥିବା ଯାତ୍ରୀ ବିଶ୍ରାମାଗାରରେ ଅଟକି ଡ଼କାୟତି ପାଇଁ ଯୋଜନା ଚଳାଇଥିଲେ। ତାରସିଂ ପୋଲିସ ଖବରପାଇ ସେଠାରେ ଚଢ଼ାଉ କରିଥିଲା। ୪ଜଣଙ୍କୁ ପୋଲିସ କାବୁ କରିଥିବାବେଳେ ମାଷ୍ଟର ମାଇଣ୍ଡ ଅଭିଯୁକ୍ତ ଜଣଙ୍କ ବାଇକ୍‌ରେ ଫେରାର ହେବାରେ ସକ୍ଷମ ହୋଇଥିଲେ।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

See Color Display Classified on every Tuesday & Friday

FINANCE FINANCE

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

All INDIA FINANCE COMPANY
ଏବେ କରିବ ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

ଭାରତର ନଂ. 1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନୀ ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସନ୍ତାନୀ, ଶତ୍ରୁଠାରୁ ମୁକ୍ତି, ରାଖିଥିବା ଲୋକଙ୍କୁ ମନେକରିବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଜାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଛି-ବ୍ୟାକ୍‌ଅପ୍

ବେଳେ ବେଳେ ମୋବାଇଲର ମେମୋରି କାର୍ଡ କରପ୍ଟ ହେବା, ହଜିଯିବା, କମ୍ପ୍ୟୁଟରର ହାର୍ଡ ଡ୍ରାଇଭ୍ କ୍ରାଶ୍ ହେବା କିମ୍ବା ଭୁଲ୍‌ବଶତଃ କୌଣସି ଫୋଲ୍ଡର ଡିଲିଟ ହୋଇଯିବା ଦ୍ୱାରା ଅନେକଙ୍କର ଡକ୍ୟୁମେଣ୍ଟ, ଫଟୋ, ଭିଡିଓ ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଡାଟା ନଷ୍ଟ ହୋଇଯିବା ନିଜର ରହିଛି। ଏହାଦ୍ୱାରା ନା କେବଳ ସେମାନଙ୍କ ମନଦୁଃଖ ହୋଇଛି ବରଂ ଆବଶ୍ୟକ ସମୟରେ ଡାଟା ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ବି ପଡ଼ିଛି। ହେଲେ ଏହି ସମସ୍ୟାର ସମାଧାନର ବାଟ ଖୋଲିଛି ବିଭିନ୍ନ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ୍। ଏହାକୁ ବ୍ୟବହାରକରି ଡାଟାଗୁଡ଼ିକୁ ସୁରକ୍ଷିତ ରଖାଯାଇପାରୁଛି। ତେବେ କୌଣସି ଭଲ ବ୍ୟାକ୍‌ଅପ୍ ସର୍ଭିସ୍ ବାଛିବାକୁ ହେଲେ ପ୍ରଥମେ ଆପଣଙ୍କୁ କେତେ ଟଙ୍କାରେ କେତେ ଷ୍ଟୋରେଜ ସାଇଜ ଦରକାର, ଏଥିରେ କ'ଣ ସବୁ ଆଡ୍‌ଭାନ୍ସ ବ୍ୟାକ୍‌ଅପ୍ ଫିଚର୍ସ ରହିଛି ଏବଂ ତାହାର ବ୍ୟବହାର ସମ୍ପର୍କରେ ଜାଣିବାକୁ ହେବ। କେବଳ ଏତିକି ନୁହେଁ,ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୁରକ୍ଷା ଦୃଷ୍ଟରୁ ଏହାକୁ ବ୍ୟବହାର କରିବା ସମୟରେ ମଧ୍ୟ ସତର୍କ ରହିବା ଆବଶ୍ୟକ। ଆସନ୍ତୁ, ଜାଣିବା ନିଜ ଡାଟାଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି କେଉଁ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ୍ ନିରାପଦ...

**ବର୍ତ୍ତମାନ ମୋବାଇଲ ଫୋନ୍ ଏବଂ କମ୍ପ୍ୟୁଟରରେ ଆସୁଥିବା ଏକ୍ସପାଣ୍ଡେଡ୍ ମେମୋରି ସପୋର୍ଟ ସିଷ୍ଟମ ଯୋଗୁ ଡାଟା ଷ୍ଟୋରେଜ୍ ଖୁବ୍ ସହଜ ହେଉଥିବାରୁ ପୂର୍ବଭଳି ବିଭିନ୍ନ ଜରୁରୀ ଡାଟା ସାଇତି ରଖିବା ଲାଗି ନା ଲୋଡ଼ା ହେଉଛି ଗଦା ଗଦା ଫାଇଲ୍ ନା ଫଟୋ ଲାଗି ଆଲବମ୍। ହେଲେ ଏହି ଡିଜିଟାଲ ଡାଟା ଷ୍ଟୋରେଜ ଯେତିକି ସୁବିଧାଜନକ, ବିଭିନ୍ନ କାରଣରୁ ସବୁ ଡାଟା ନଷ୍ଟ ହୋଇଯିବା ଆଶଙ୍କା ବି ସେତିକି ଅଧିକ। ତେବେ ବର୍ତ୍ତମାନ ଏହି ସମସ୍ୟାର ସମାଧାନ କରୁଛି ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ୍...**

**ଆଇଡ୍ରାଇଭ୍ :** ଏହା ଅନ୍ୟ ସମସ୍ତ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ୍ ତୁଳନାରେ ଶସ୍ତା ଏବଂ ଏହାର ଷ୍ଟୋରେଜ୍ କାପାସିଟି ହେଉଛି ୨(ଟିବି)ଟେରା ବାଇଟ୍ ୨୦୦୦ ଜିବି(ଗିଗା ବାଇଟ୍)। ଏହା ଡେସ୍କଟପ୍, ଲାପ୍‌ଟପ୍, ମୋବାଇଲ ଏବଂ ୱେବ୍ ପ୍ଲାଟ୍‌ଫର୍ମରେ ଭଲ କାମ କରିଥାଏ। ଏହାର ପ୍ରାଇଭେସି ପଲିସି ଅନୁସାରେ ଆପଣଙ୍କ ପର୍ସନାଲ ଡାଟା, ସେସନ୍ ରିପୋର୍ଟ ଆଦି ସୁରକ୍ଷିତ ରହିଥାଏ। ଏଥିରେ ରିଷ୍ଟୋର କରିବା ଲାଗି ମଧ୍ୟ ଅନେକ ଅପ୍ସନ ରହିଛି ଯାହାକି ଖୁବ୍ ୟୁଜର ଫ୍ରେଣ୍ଡଲି।

**ଲାଇଭ୍ ଡ୍ରାଇଭ୍:** ଯଦିଓ ଏଥିରେ ଟପ୍ ଟିୟର ଫିଚସ ଭଳି ଫାଇଲ୍ ଏକ୍ସପ୍ଲୋରର ଇଣ୍ଟିଗ୍ରେଶନ୍ ତଥା ଲଗାତର ବ୍ୟାକ୍‌ଅପ୍ ନେବାର ବିକଳ୍ପ ନାହିଁ ତଥାପି ଏଥିରେ ଥିବା ଆପ୍ଲିକେଶନ୍ ସିଧାସଳଖ ବ୍ୟାକ୍‌ଅପ୍ ଅପ୍ସନ ଯୋଗାଉଥିବାରୁ ଉଭୟ କମ୍ପ୍ୟୁଟର ଏବଂ ମୋବାଇଲ ଉପଭୋକ୍ତାଙ୍କ ଲାଗି ସୁବିଧାଜନକ ହୋଇଥାଏ।

**କାବ୍ରୋନାଇଟ୍:** ଏହା ଏକ ପ୍ରତିଷ୍ଠିତ ଅନ୍‌ଲାଇନ୍ କ୍ଲାଉଡ୍ ବ୍ୟାକ୍‌ଅପ୍ ସର୍ଭିସ। ଏହା ବ୍ୟକ୍ତିଗତ, ଘରୋଇ ତଥା ବିଜ୍‌ନେସ୍ ଡାଟା ବ୍ୟାକ୍‌ଅପ୍ ଲାଗି ବ୍ୟବହାର କରାଯାଇଥାଏ। ଏଥିରେ ଅନ୍‌ଲିମିଟେଡ୍ ଷ୍ଟୋରେଜ ସୁବିଧା ରହିଛି। ବିଶେଷକରି ଏଥିରେ ବେଶ୍ ଭଲ ମୋବାଇଲ ଆପ୍ ଉପଲବ୍ଧ। ଏଥିରେ ପ୍ରିମିୟମ୍ ଆକାଉଣ୍ଟ ଲାଗି ଏକ୍ସଟର୍ନାଲ ଏବଂ ନେଟ୍‌ୱର୍କ ଡ୍ରାଇଭ୍ ବ୍ୟାକ୍‌ଅପ୍ ଅପ୍ସନରେ ପ୍ରତିବନ୍ଧକ ରହିଛି।

**ବ୍ଲାକ୍‌ବ୍ଲେଜ୍:** ଏହାର ଫିଚର୍ସ ଅନ୍ୟ ସମସ୍ତ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ୍‌ଠାରୁ ନିଆରା, ଯାହାକି ଖୁବ୍ ୟୁଜର ଫ୍ରେଣ୍ଡଲି। ଏହାର ଲାଟେଷ୍ଟ ଏଡିଶନ ଫାଇଲ୍ ଶେୟାରିଂ ଅପ୍ସନ ବେଶ୍ କାମରେ ଆସୁଛି।

**ସ୍ପାଇଡରଓକ୍ୱାନ୍:** ନିଜ ଡାଟାର ଅନ୍‌ଲାଇନ୍ ସୁରକ୍ଷାକୁ ନେଇ ଚିନ୍ତିତ ଥିଲେ ଏହି ସର୍ଭିସ ଆପଣଙ୍କ ଲାଗି ବେଷ୍ଟ ଅପ୍ସନ। କାରଣ ଏଥିରେ ସିକ୍ୟୁରିଟି ଏବଂ ପ୍ରାଇଭେସି ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିରେ ଫୋଲ୍ଡରଗୁଡିକ ଇନ୍‌କ୍ରିପ୍ଟେଡ୍ ରହିଥାଏ ଏବଂ ରିଷ୍ଟୋର ସମୟରେ ମଧ୍ୟ ଡାଟା ସୁରକ୍ଷିତ ରହିଥାଏ।

**ଆକ୍ରୋନିକ୍ ଟୁ ଇମେଜ୍:** ଏହା ଉଭୟ ଅନ୍‌ଲାଇନ୍ ଏବଂ ଲୋକାଲ ବ୍ୟାକ୍‌ଅପ୍‌ର କମ୍ବିନେଶନ ସର୍ଭିସ୍ ଯୋଗାଇଥାଏ, ଯାହାର ଲଗାତର ଚାଲିଥିବା ବ୍ୟାକ୍‌ଅପ୍ ସିକିଙ୍ଗ୍ ଅପ୍ସନ ଏବଂ ଆଡଭାନ୍ସ ଶେୟାରିଂ ଫିଚର ଖୁବ୍ ଭଲ। ଏହାର ଲାଟେଷ୍ଟ ଏଡିଶନରେ ବ୍ୟାକ୍‌ଅପ୍ ଡାଟାଗୁଡ଼ିକର ସୁରକ୍ଷା ଲାଗି ବିଶେଷ ଧ୍ୟାନ ଦିଆଯାଇଛି।

**ଏସ୍‌ଓଏସ୍ ଅନ୍‌ଲାଇନ୍ ବ୍ୟାକ୍‌ଅପ୍:** ଏହା ଖୁବ୍ ତୀବ୍ର ଏବଂ ସମସ୍ତ ପ୍ରତିଯୋଗୀ ଆପ୍ ତୁଳନାରେ ଭଲ ସର୍ଭିସ୍ ଯୋଗାଇଥାଏ। ଏଥିରେ ଥିବା ସ୍ପୋଶାଲ ଫିଚର ଅନ୍‌ଲାଇନ୍ ସହିତ କେତେକ ଲୋକାଲ ଫୋଲ୍ଡରରେ ମଧ୍ୟ ବ୍ୟାକ୍‌ଅପ୍ ଅଫର କରିଥାଏ।

## କ'ଣ କରନ୍ତି ଏମାନେ...

ପୁଷ୍ପାଞ୍ଜଳି

ନୀତେଶ

**ପୁଷ୍ପାଞ୍ଜଳି ନାୟକ** (ପିଜି ଛାତ୍ରୀ, ପାଣିକୋଇଲି, ଯାଜପୁର)– ବର୍ତ୍ତମାନ ସୁଦ୍ଧା କେବେ କୌଣସି ଡାଟାର ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ରଖୁ ନ ଥିଲି। କିନ୍ତୁ ଜଣେ ସାଙ୍ଗର ମୋବାଇଲ ଏସ୍‌ଡି କାର୍ଡ ହଠାତ୍ କରପ୍ଟ ହୋଇଗଲା। ସେ ସାଇତି ରଖିଥିବା କେତେଦିନର ଫଟୋ ଏବଂ ଅନ୍ୟ ଡାଟା ସବୁ ରିଷ୍ଟୋର କରି ନ ପାରି ଖୁବ୍ ମନଦୁଃଖ କରିଥିଲା। ନିଜେ ଏଭଳି ଅସୁବିଧାର ସମ୍ମୁଖୀନ ଯେପରି ନ ହୁଏ, ତେଣୁ ଯଥାଶୀଘ୍ର ଅନ୍‌ଲାଇନ୍ କ୍ଲାଉଡ୍ ବ୍ୟାକ୍‌ଅପ୍ ସର୍ଭିସ୍ ବ୍ୟବହାରକରି ନିଜ ସବୁ ଡାଟା ଷ୍ଟୋର କରିନେଇଛି।

**ନୀତେଶ ଗୋପାଳ** (କମିଶନରେଟ ପୋଲିସ, ଫୁଲନଖରା, କଟକ)– ମୋବାଇଲ ହେଉ କି କମ୍ପ୍ୟୁଟର ଇଲେକ୍ଟ୍ରୋନିକ୍ ଡିଭାଇସ୍ ଉପରେ ଭରସା ନାହିଁ। କାରଣ ଏହା କେତେବେଳେ ହଠାତ୍ ଖରାପ ହୋଇଯାଇପାରେ। ତେଣୁ ମୋ ମତରେ ଏଥିରେ ଷ୍ଟୋର କରି ରଖୁଥିବା ଡାଟାର ସୁରକ୍ଷା ଲାଗି ଯଥା ସମୟରେ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ନେଇଯିବା ହିଁ ବୁଦ୍ଧିମତ୍ତାର କାମ।

## ଏ ସପ୍ତାହର ପ୍ରଶ୍ନ

୧– ନ୍ୟାଶନାଲ ସ୍କିଲ୍ ଡେଭେଲପମେଣ୍ଟ କର୍ପୋରେଶନର ବର୍ତ୍ତମାନ ମୁଖ୍ୟ .... ?
୨–କାର୍‌ଗିଲ ଶ୍ରଦ୍ଧାଞ୍ଜଳି ସଙ୍ଗୀତ..... ରଚନା କରିଛନ୍ତି ?
୩– 'ୱାର୍ ଓଭର ୱାର୍ଲ୍ଡ: ସେନ୍ସରଶିପ୍ ଇନ୍ ଇଣ୍ଡିଆ,୨୦୩୦–୨୦୬୦' ପୁସ୍ତକର ଲେଖକ ..... ?
୪– ୨୧ତମ କମନୱେଲ୍‌ଥ ଟେବୁଲ ଟେନିସ୍ ଚାମ୍ପିୟନଶିପ୍..... ରାଜ୍ୟରେ ଆୟୋଜନ କରାଯାଇଛି ?
୫– ସେଣ୍ଟର ଫର୍ ଡିଏନ୍‌ଏ ଫିଙ୍ଗରପ୍ରିଣ୍ଟିଂ ଆଣ୍ଡ ଡାଏଗ୍ନୋଷ୍ଟିକ୍ସର ହେଡ୍‌କ୍ୱାର୍ଟର୍ସ ..... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଷ୍ଟେପ୍ ୱିଥ୍ ରେଫ୍ୟୁଜିସ୍
୨ ରଶିଦ ଖାନ୍
୩ ପଞ୍ଜାବ
୪ ଅରବିନ୍ଦ କୁମାର
୫ ସୁଇଜରଲାଣ୍ଡର ଲୌସାନେ

## ଉତ୍ତର ଦାତା



କିରନ୍ କୁମାର ମହାନ୍ତି, ଫୁଲବାଣୀ

ରନିଶା ଦାସ, ଭୁବନେଶ୍ୱର

ଲିପିପ୍ରଭା ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

ଯୁବ ପ୍ରତିଭା

# ସଙ୍ଗୀତ ହିଁ ଜୀବନ

ବିଦିଶା ପାତ୍ର

ପ୍ରତ୍ୟେକଙ୍କ ଜୀବନର ଏକ ଲକ୍ଷ୍ୟ ଥାଏ, ଯାହାକି ସଫଳ ହୁଏ ସାଧନା ଏବଂ କଠିନ ପରିଶ୍ରମ ଦ୍ୱାରା। ସେଭଳି ଏକ ଲକ୍ଷ୍ୟ ନେଇ ଜୀବନଯାତ୍ରାରେ ଆଗକୁ ଆଗକୁ ବଢୁଛନ୍ତି ସେ। ପିଲାବେଳୁ ସଙ୍ଗୀତ ପ୍ରତି ରହିଥିବା ଦୁର୍ବଳତା ଆଜି ତାଙ୍କୁ ଦେଇଛି ସଫଳତା ପରେ ସଫଳତା । ଆଉ ମାତ୍ର ୧୯ ବର୍ଷ ବୟସରେ ରାଜ୍ୟର କୋଣ ଅନୁକୋଣରେ ଜଣେ କଣ୍ଠଶିଳ୍ପୀ ଭାବେ ସୃଷ୍ଟି କରିପାରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ ଆଉ ଢେର ସାଉଁଟିଛନ୍ତି ପ୍ରଶଂସା । ସେ ହେଉଛନ୍ତି ବ୍ରହ୍ମପୁରର ଯୁବ କଣ୍ଠଶିଳ୍ପୀ ବିଦିଶା ପାତ୍ର। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନର ଆନ୍ଥ୍ରୋପୋଲୋଜି ପାଠ୍ୟକ୍ରମରେ ତୃତୀୟ ବର୍ଷରେ ଅଧ୍ୟୟନରତ ଏହି କଣ୍ଠଶିଳ୍ପୀ ଏବେ ରାଜ୍ୟ ସଙ୍ଗୀତ ଦୁନିଆର ଏକ ପରିଚିତ ଚେହେରା । ବି. ସୁନୀତା ପାତ୍ର ଓ ବି. ନିରଞ୍ଜନ ପାତ୍ରଙ୍କ କନ୍ୟା ବିଦିଶା ମାତ୍ର ୩ ବର୍ଷ ବୟସରୁ ସଙ୍ଗୀତ ଦୁନିଆରେ ପାଦ ଥାପିଥିଲେ । ପିଲାବେଳୁ ହିଁ ତାଙ୍କ ସଙ୍ଗୀତ ଗାନ ଶୈଳୀ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରୁଥିଲା ଏବଂ ସେ ବିଭିନ୍ନ ସ୍କୁଲ ସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିଲେ । ତେବେ ପ୍ରଥମ ଥର ପାଇଁ ୨୦୧୭ରେ ଶ୍ରେଷ୍ଠ ବ୍ରହ୍ମପୁର କାର୍ଯ୍ୟକ୍ରମ ମଞ୍ଚରେ ସଙ୍ଗୀତ ପରିବେଷଣକରି ଚର୍ଚ୍ଚିତ ହୋଇଥିଲେ । ୟୁଟ୍ୟୁବ୍‌ରେ ମେରେ ଢୋଲନା, ୟେ ତୋ ସର୍ ହେ କି ଭଗବାନ ହେ... ଭଳି ଗୀତକୁ ପୁନର୍ବାର ଗାଇ ସେ ସାରା ରାଜ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ । ଏହାପରେ ସେ ପଛକୁ ଫେରିନାହାନ୍ତି । ଗଞ୍ଜାମ ଜିଲା ଲୋକକଳା ମହୋତ୍ସବ, ମହାନଗର ମହୋତ୍ସବ ଭଳି ବହୁ ଜିଲାସ୍ତରୀୟ ମହୋତ୍ସବରେ ସଙ୍ଗୀତ ପରିବେଷଣକରି ଦର୍ଶକଙ୍କୁ ବିଭୋର କରିଛନ୍ତି । ୨୦୧୮ରେ ଭଦ୍ରକର ଓଡ଼ିଶା ରାଜ୍ୟ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ପ୍ରଥମ କରି ଜଜ୍ ଭାବେ ଦାୟିତ୍ୱ ତୁଲାଇଛନ୍ତି । ଚଳିତବର୍ଷ ଭଞ୍ଜନଗରଠାରେ ଅନୁଷ୍ଠିତ ଘୁମୁସର ଟାଲେଣ୍ଟସ କାର୍ଯ୍ୟକ୍ରମରେ ଜଜ୍ ଭାବେ ଯୋଗଦେବାର ସୁଯୋଗ ଲାଭ କରିଥିଲେ । ଏଥିସହ ବ୍ରହ୍ମପୁରର ଏକଲବ୍ୟ କଳାନିକେତନର ଏକ ଉତ୍ସବରେ ଅଶ୍ୱିନୀ କୁମାର ମହାପାତ୍ର ସ୍ୱର ସଂଯୋଜନା ଏବଂ ପ୍ରଭାତ କୁମାର ପାତ୍ରଙ୍କ ରଚିତ ଏକ ସଙ୍ଗୀତରେ କଣ୍ଠଦାନ କରିଛନ୍ତି । ସରକାରଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ରଚିତ 'ସ୍ୱଚ୍ଛ ମୋ ଭାରତ ବର୍ଷ' ସଙ୍ଗୀତରେ ମଧ୍ୟ କଣ୍ଠଶିଳ୍ପୀ ଚନ୍ଦନ ଗନ୍ତାୟତ, ପ୍ରଭାତ ପାତ୍ରଙ୍କ ସହ ସେ କଣ୍ଠଦାନ କରିଛନ୍ତି । ସ୍ୱଳ୍ପ ବୟସରେ ନିଜସ୍ୱ ପ୍ରତିଭା ପାଇଁ ୨୦୧୫–୧୬ ଏବଂ ୨୦୧୬–୧୭ରେ ମୁଖ୍ୟମନ୍ତ୍ରୀ ଟ୍ରଫି ହାସଲ କରିଛନ୍ତି । ଭଦ୍ରକର ଓଡ଼ିଶା ରାଜ୍ୟ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ୨୦୧୮ରେ ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ଶ୍ରେଷ୍ଠ ଗାୟିକା ଭାବେ କଳାଶ୍ରୀ ସମ୍ମାନ, ୨୦୧୯ରେ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ, ଭଦ୍ରକରେ ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ(ଓୟୁଜେ) ପକ୍ଷରୁ ସମ୍ମାନିତ ହୋଇଛନ୍ତି । ବର୍ତ୍ତମାନ ଭୁବନେଶ୍ୱର ସଙ୍ଗୀତ ଆଚାର୍ଯ୍ୟ ସମ୍ମାନପ୍ରାପ୍ତ ଗୁରୁ ରଜନୀକାନ୍ତ ପାଢ଼ୀଙ୍କ ନିକଟରେ ହିନ୍ଦୁସ୍ଥାନୀରେ ଭୂଷଣ–୧ରେ ସଙ୍ଗୀତ ଶିକ୍ଷା ଲାଭ କରୁଥିବା ବିଦିଶା ହଜିଯାଉଥିବା ଶାସ୍ତ୍ରୀୟ ସଙ୍ଗୀତକୁ ପୁନର୍ଜୀବିତ କରିବା ଲକ୍ଷ୍ୟ ରଖିଛନ୍ତି । ସଙ୍ଗୀତ ବ୍ୟତୀତ ଆଗାମୀ ଦିନରେ ଫୋରେନ୍ସିକ ଆନ୍ଥ୍ରୋପୋଲୋଜି ଉପରେ ରିସର୍ଚ୍ଚ କରିବାକୁ ଥିବା କହିଛନ୍ତି। କୌଶିକ ଚକ୍ରବର୍ତ୍ତୀ, କେ.ଏସ୍. ଚିତ୍ରାଙ୍କୁ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ନିଜର ଆଦର୍ଶ ଭାବେ ଗ୍ରହଣ କରୁଥିବା ବେଳେ ନିଜ ମାତାପିତା ଏବଂ ଭାଇଙ୍କ ସମର୍ଥନ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଉଛି ବୋଲି ସେ ପ୍ରକାଶ କରିଛନ୍ତି।

**–ଆଶୀର୍ବାଦ ରାଉତ**

ଜାଣନ୍ତୁ ଦୁନିଆ

# ପ୍ରଜାପତି

**ପ୍ରକୃତିର ଏକ ଅନନ୍ୟ ସୃଷ୍ଟି ହେଉଛି ପ୍ରଜାପତି। ଏହାର ରଙ୍ଗବେରଙ୍ଗ ସୌନ୍ଦର୍ଯ୍ୟରେ ଯେ କେହି ବି ଆକର୍ଷିତ ହୋଇଯାଏ। ତେବେ ଏହା ବିଷୟରେ ଏଭଳି ଅନେକ ତଥ୍ୟ ରହିଛି ଯାହା ସମ୍ପର୍କରେ ହୁଏତ ସଭିଏଁ ଅବଗତ ନ ଥିବେ। ଆସନ୍ତୁ, ଜାଣିବା ସେ ସମ୍ପର୍କରେ...**

- ପ୍ରଜାପତି ପାଦରେ ସ୍ୱାଦଗ୍ରନ୍ଥି ଥିବାରୁ ସେମାନେ ନିଜ ପାଦ ସାହାଯ୍ୟରେ ସ୍ୱାଦ ଚାଖିପାରନ୍ତି। ମାଈ ପ୍ରଜାପତି ପାଦ ତଳେ ଛୋଟ ଛୋଟ କଣ୍ଟା ରହିଛି, ଯେଉଁଥିରେ ସେ ଗଛରେ ଥିବା କେମିକାଲକୁ ଚିହ୍ନଟ କରି ଠିକ୍ ଗଛ ପାଇବା ପରେ ସେଥିରେ ଅଣ୍ଡା ଦିଅନ୍ତି। କେବଳ ଏତିକି ନୁହେଁ, ସେମାନେ ପାଦ ସାହାଯ୍ୟରେ ନିଜ ଖାଦ୍ୟ ପାଇଁ କେଉଁ ଗଛରେ ଅଧିକ ସର୍କରା ରହିଛି ମଧ୍ୟ ସନ୍ଧାନ କରନ୍ତି।
- ସେମାନେ କେବଳ ତରଳ ଖାଦ୍ୟ ଖାଇଥାନ୍ତି। ସେମାନଙ୍କ ମୁହଁରେ ଏକ ଶୁଣ୍ଢ ପରି ଗଠନ ରହିଛି ଯାହାଦ୍ୱାରା ସେମାନେ ଫୁଲ, ଫଳ ଆଦିରୁ ମହୁ ସଂଗ୍ରହ କରି ଖାଇଥାନ୍ତି।
- ପ୍ରଜାପତିଙ୍କୁ ବଞ୍ଚିବା ଲାଗି ଖଣିଜ ପଦାର୍ଥ ଏବଂ ଲବଣର ଆବଶ୍ୟକତା ହେଉଥିବାରୁ ସେମାନେ ପୋଖରୀରୁ କିମ୍ବା କାଦୁଅ ଥିବା ସ୍ଥାନରୁ ପାଣି ପିଅନ୍ତି।
- ପ୍ରଜାପତିର ପକ୍ଷୀ ରଙ୍ଗିନ ହୋଇଥିବାରୁ ମୋଟା ତଥା ଅସ୍ୱଚ୍ଛ ଲାଗିଥାଏ । କିନ୍ତୁ ବାସ୍ତବରେ ଏହାର ପକ୍ଷୀ ଟ୍ରାନ୍ସପରେଣ୍ଟ ବା ସ୍ୱଚ୍ଛ।
- ୫୫° ଫାରେନହିଟ୍‌ରୁ କମ୍ ତାପମାତ୍ରାରେ ପ୍ରଜାପତି ଥଣ୍ଡା ହୋଇଯାଆନ୍ତି ଏବଂ ଉଡ଼ିପାରନ୍ତି ନାହିଁ। ତେଣୁ ସେମାନେ ନିଜ ଉଡ଼ିବାରେ ସାହାଯ୍ୟ କରୁଥିବା ମାଂସପେଶୀକୁ ଗରମ କରିବା ଲାଗି ଖୁବ୍ ଜୋରରେ ଥରିଥାନ୍ତି କିମ୍ବା ସୂର୍ଯ୍ୟକିରଣର ସାହାଯ୍ୟ ନେଇଥାନ୍ତି।
- ପ୍ରଜାପତି ଖୁବ୍ କ୍ଷୁଦ୍ର ଆକାରର ଅର୍ଥାତ୍ ମାତ୍ର ୧–୮ଇଞ୍ଚରୁ ଆରମ୍ଭ କରି ୧୨ ଇଞ୍ଚ ପର୍ଯ୍ୟନ୍ତ ଅଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ, ଏହି କ୍ଷୁଦ୍ରଜୀବ ଘଣ୍ଟା ପ୍ରତି ୧୨ କି.ମି. ପର୍ଯ୍ୟନ୍ତ ବେଗରେ ଉଡ଼ିପାରେ।
- ଆଣ୍ଟାର୍କଟିକା ମହାଦେଶରେ ପ୍ରଜାପତି ଦେଖାଯାଆନ୍ତି ନାହିଁ।
- ପ୍ରଜାପତିର ବୟସସୀମା ଖୁବ୍ କମ୍ ଅର୍ଥାତ୍ ମାତ୍ର ୧–୨ ସପ୍ତାହ। ହେଲେ ବ୍ରିମ୍‌ଷ୍ଟୋନ୍ ପ୍ରଜାପତି ୯–୧୦ ମାସ ପର୍ଯ୍ୟନ୍ତ ବଞ୍ଚିଥାଏ।

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଟ୍ରାକ୍ଟର ଦୁର୍ଘଟଣା, ଜଣେ ମୃତ

**ଗାଇସିଲେଟ୍,୧୩।୭(ଡି.ଏନ.ଏ):** ବରଗଡ଼ ଜିଲା ଗାଇସିଲେଟ୍ ଥାନା ଅନ୍ତର୍ଗତ କନ୍ଦାଗାଡ଼ ଗ୍ରାମରେ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଛନ୍ତି। ମୃତକ ରବିନ୍ଦ୍ର ବରିହା(୩୫) ବୋଲି ଜଣାପଡ଼ିଛି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ପ୍ରକାଶ ଯେ, ମୃତ ରବିନ୍ଦ୍ର ଟ୍ରାକ୍ଟର ଧରି ଯାଉଥିବାବେଳେ ଭାରସାମ୍ୟ ହରାଇବା ଯୋଗୁ ଟ୍ରାକ୍ଟରଟି ଗାତରେ ପଡ଼ିଯାଇଥିଲା। ଫଳରେ ତାଙ୍କ ଛାତିରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା । ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ନ ହେବା ଯୋଗୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅଧ୍ୟାପକଙ୍କୁ ହତ୍ୟା ଧମକ, ଥାନାରେ ମାମଲା

**ବରଗଡ଼ ଅଫିସ୍,୧୩।୭:** ବରଗଡ଼ ଜିଲା ଅତାବିରା କଲେଜ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡଃ ମଦନ ମେହେରଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଡଃ ମେହେର ଶନିବାର ଅତାବିରା ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଅତାବିରାର ସୁବାସ ଚନ୍ଦ୍ର ଦେବତାଙ୍କ ବିରୋଧରେ ଦଫା ୨୯୪, ୫୦୬ ଏବଂ ୩ଏସଟିଏସଏସି ଆକ୍ଟରେ ଏକ ମାମଲା (ନଂ.୧୪୮/୧୯) ରୁଜୁ କରିଛି । ପ୍ରକାଶ ଯେ, ଅଧ୍ୟାପକ ଡଃ ମେହେର ଅତାବିରାର ସୁବାସ ଚନ୍ଦ୍ର ଦେବତାଙ୍କ ଘର ଭଡ଼ା ନେଇ ଗତ ଦୁଇବର୍ଷ ହେଲା ସେଠାରେ ରହୁଥିଲେ । ତେବେ ଗତମାସ ୫ତାରିଖରେ ସେ ଅନୁସୂଚୀତ ଜାତି ଶ୍ରେଣୀର ହୋଇଥିବା ଜାଣିବାକୁ ପାଇ ସୁବାସ ତାଙ୍କୁ ଘର ଛାଡ଼ିବାକୁ କହିଥିଲେ। ଏହାପରେ ଡଃ ମେହେର ଗତ ମାସ ୨୮ତାରିଖରେ ସେହି ଘର ଛାଡ଼ିଥିଲେ ଏବଂ ସେହିଦିନଠାରୁ ବରଗଡ଼ରେ ରହି ଆସୁଛନ୍ତି । ଶୁକ୍ରବାର ସୁବାସଙ୍କ ସ୍ତ୍ରୀ ଡଃ ମେହେରଙ୍କୁ ବିଦ୍ୟୁତ ଦେୟ ବାବଦକୁ ଟଙ୍କା ଦେବାକୁ କହିଥିଲେ । ସେ ତାହା ପୈଠ କରି ସାରିଥିବା ଦୃଷ୍ଟିରୁ ହଁ କହିଥିଲେ। ଅନ୍ୟପଟେ ଶୁକ୍ରବାର ଅପରାହ୍ନ ସାଢ଼େ ୪ଟାରେ ଡଃ ମେହେର ସୁବାସଙ୍କ ଦୋକାନକୁ ଯାଇ ଘରଭଡ଼ା ବାବଦକୁ ସେ ପଇଠ କରିଥିବା ଦେୟର ବିଲ୍ ମାଗିବାକୁ ଯାଇଥିଲେ। ମାତ୍ର ତାହା ଦେବା ପରିବର୍ତ୍ତେ ସୁବାସ ତାଙ୍କୁ ଗାଳିଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିବା ଡଃ ମେହେର ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି ।

### ସ୍ପଞ୍ଜ କାରଖାନା କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଲହୁଣୀପଡ଼ା, ୧୩।୭ (ଡି.ଏନ.ଏ.)-** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଚମ୍ପାଟରଣ ସ୍ଥିତ ରେକ୍ସନ ସ୍ପଞ୍ଜ କାରଖାନାରେ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତଦେହ ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ଥିବାବେଳେ ରବିବାର ପରିବାର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ରେକ୍ସନ ସ୍ପଞ୍ଜ କାରଖାନାରେ ପ୍ରାୟ ୧୮ ରୁ ୨୦ ବର୍ଷ ହେବ କୃପାସିନ୍ଧୁ ବେହେରା (୪୭) ଇଲେକ୍ଟ୍ରିସିଆନ୍ ଭାବେ କାର୍ଯ୍ୟ କରିଆସୁଥିଲେ। ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ସେ 'ସି'ସିଫ୍ଟ ଡ୍ୟୁଟିକରି ସକାଳ ୬ଟାରେ କୋଠରୀକୁ ଆସିଥିଲେ। ହେଲେ ନିଜ କୋଠରୀରେ ଭଲ ଭାବରେ ଇଲେକ୍ଟ୍ରି ଚାଲୁନଥିବାରୁ ସେ କୁଆଡେ ମରାମତି କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ମଧ୍ୟ ମୃତ୍ୟୁ ଘଟିଥିଲା। କମ୍ପାନୀ କର୍ତ୍ତୃପକ୍ଷ ଚାନ୍ଦିପୋଷ ଥାନାକୁ ସୂଚନା ନ ଦେଇ ଥିବା ଏବଂ ନିଜ କୋଠରୀ ଇଲେକ୍ଟ୍ରି ବୋର୍ଡ କରେଣ୍ଟରେ ଜଣେ ମୃତ୍ୟୁବରଣ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ତେବେ ପୋଲିସ ଏ ସମ୍ପର୍କରେ ଖବରପାଇ ମୃତଦେହ ଜବତ କରିଛି। ମୃତ କୃପାସିନ୍ଧୁଙ୍କ ଘର ପାଲଲହଡା ଥାନା ଅନ୍ତର୍ଗତ ରଞ୍ଜ ଗ୍ରାମରେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ଜୀବନ ବୀମା କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**ସମ୍ବଲପୁର, ୧୩।୭ (ବ୍ୟୁରୋ)**

ସମ୍ବଲପୁର ମଣ୍ଡଳ ଜୀବନ ବୀମା କର୍ମଚାରୀ ସଂଘର ୩୪ ତମ ବାର୍ଷିକ ସମ୍ମିଳନୀ ଶନିବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ସର୍ବଭାରତୀୟ ସାଂଗଠନିକ ଉପସଭାପତି କେ.ବେଣୁଗୋପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀର ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ, ଅର୍ଥନୈତିକ, ରାଜନୈତିକ ସ୍ଥିତିର ବିଶଦ ବିଶ୍ଳେଷଣ ସହ ରାଷ୍ଟ୍ରାୟତ୍ତ ଶିଳ୍ପ ଓ ଶ୍ରମିକ ଶ୍ରେଣୀ ଉପରେ ହେଉଥିବା ଆକ୍ରମଣ ସମ୍ପର୍କରେ ଆଲୋକପାତ କରିଥିଲେ। ବୀମା ଶିଳ୍ପର ସୁରକ୍ଷା ଓ ବୀମାଧାରୀଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ପ୍ରିମିୟମ ଉପରେ ଲାଗୁଥିବା ଜିଏସ୍‌ଟି ପ୍ରତ୍ୟାହାର ଲାଗି ଦାବି କରିଥିଲେ। ସେହିପରି ଭବିଷ୍ୟତ ସଂଗ୍ରାମ ପ୍ରସ୍ତୁତିର ଆହ୍ୱାନ ଦେଇଥିଲେ। ଏସ୍‌ଡିଏଲ୍‌ଆଇଇଏ ଅଧକ୍ଷ ରାଜୀବଲୋଚନ ଦାଶଙ୍କ ସଭାପତିତ୍ୱରେ ସମ୍ମିଳନୀ ହୋଇଥିଲା । ଇସିଜେଡଆଇଏ ଅଧକ୍ଷ ପ୍ରଦୀପ ମୁଖାର୍ଜୀ ବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ଶିଳ୍ପ ଓ ଶ୍ରମିକ ବିରୋଧୀ, ଅର୍ଥନୀତି ବିରୋଧରେ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ସଂଗଠନ ସାଧାରଣ ସମ୍ପାଦକ ମିନରଞ୍ଜନ ବିଶି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ଦୋରା, ଏ.ଭି.ଏସ୍. ଗିରୀ, ଗଦାଧର କୁଅଁର, କୈଳାସ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ମହେଶ୍ୱର ଷଣ୍ଢ, ଆଶିଷରଞ୍ଜନ ମହାପାତ୍ର, ତୁହିନ ଦେ, ଗୋପାଳ ବହିଦାର, ବୀରକିଶୋର ନାୟକ, ସାଧନ ମିଶ୍ର ପ୍ରମୁଖ ସମ୍ମିଳନୀ ଆୟୋଜନରେ ସହଯୋଗ କରିଥିଲେ। ଲାଜବନ୍ତି ସାହୁ, ସୋନାଲା ଚାଟାର୍ଜୀ, ସୁଚିନ୍ତା ହାଁସଦା, ସଂଘମିତ୍ରା ଷଡଙ୍ଗୀ, ବିବିଆନା ଟପ୍ପୋ, ରୀନା ପାତ୍ର, ଜ୍ୟୋତିଲକ୍ଷ୍ମୀ ପାଣିଗ୍ରାହୀ, ଶ୍ରଦ୍ଧାଞ୍ଜଳି ପଣ୍ଡା ପ୍ରାରମ୍ଭିକ ସଂଗୀତ ତଥା ସଂଗ୍ରାମୀ ଗୀତ ଗାନ କରିଥିଲେ। ଏହି ସମ୍ମିଳନୀରେ ସମ୍ବଲପୁର, ବୁର୍ଲା, ବରଗଡ, ପଦ୍ମପୁର, ଟିଟିଲାଗଡ, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବ୍ରଜରାଜନଗର, ରାଉରକେଲା, ବଣେଇ, ଦେବଗଡ, ବେଲପାହାଡ ପ୍ରଭୃତି ଅଞ୍ଚଳରୁ ଶତାଧିକ ପ୍ରତିନିଧି ଯୋଗଦେଇଥିଲେ। ରବିବାର ସମ୍ମିଳନୀ ଉଦ୍‌ଯାପିତ ହେବ।

ଶନିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟ ସମ୍ମୁଖରେ ସଂଘ କର୍ମକର୍ତ୍ତାମାନେ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ବିକାଶ ଦ କନସେପ୍ଟ ସ୍କୁଲରେ ବନ ମହୋତ୍ସବ

**ସମ୍ବଲପୁର, ୧୩।୭ (ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲ ପରିସରରେ ଶନିବାର ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଡିଏଫଓ ସଞ୍ଜୀତ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦେଇଥିଲେ। ଶିକ୍ଷାନୁଷ୍ଠାନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ଭାସ୍କର ରାଓ, ପ୍ରଶାସନିକ ଅଧିକାରୀ ଜି. ନରେନ୍ଦ୍ର, ଉଚ୍ଚତର ମାଧ୍ୟମିକ ସ୍କୁଲ ଅଧକ୍ଷ ସଞ୍ଜୀତ କୁମାର ବାବୁ, ବିକାଶ କନସେପ୍ଟ ସ୍କୁଲ ଅଧକ୍ଷ ଡ. ବିଜୟ ଚନ୍ଦ୍ର ପାଢ଼ୀ, ପ୍ରଧାନ ଶିକ୍ଷୟିତ୍ରୀ ଶୈଳୀ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ଡା. ଦିଲୀପ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, କର୍ମଚାରୀ ଓ ଅଧିକାରୀମାନେ ଭାଗ ନେଇଥିଲେ।

ଶନିବାର ସମ୍ବଲପୁର ଶାସନସ୍ଥିତ ବିକାଶ କନସେପ୍ଟ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଉଛି ।

# ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରରେ ଅଭିଷେକ ସମାରୋହ

**ସମ୍ବଲପୁର,୧୩।୭(ବ୍ୟୁରୋ)**

ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ପରିସରରେ ଅଭିଷେକ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ମୁଖ୍ୟ ଛାତ୍ର ଅନୁରାଗ ସ୍ୱର୍ଣ୍ଣକାର ଓ ଛାତ୍ରୀ କୋମଳ ସିଂ ଏବଂ ବିଭିନ୍ନ ସଦନର ଛାତ୍ରୀଛାତ୍ର, ଅଧିନାୟକ ଓ ଉପଅଧିନାୟକମାନେ ଶପଥ ଗ୍ରହଣ କରିଥିଲେ। ଶେଷରେ ରଙ୍ଗାରଙ୍ଗା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ମଧ୍ୟ ସାମିଲ ଥିଲେ।

ଶନିବାର ସମ୍ବଲପୁର ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରରେ ଅଭିଷେକ ସମାରୋହରେ ଛାତ୍ରୀଛାତ୍ର ଶପଥ ଗ୍ରହଣ କରୁଛନ୍ତି ।

# ନିଜ ମାଛଧରା ଜାଲରେ ପଡ଼ି ମୃତ

**ବାଲିଶଙ୍କରା, ୧୩।୭ (ଡି.ଏନ.ଏ)**

ତଳସରା ଥାନା ଘୋଘର ଗ୍ରାମରେ ଶନିବାର ଅଘଟଣ ଘଟିଯାଇଛି। ନିଜର ମାଛ ମରା ଜାଲରେ ପଡ଼ି ଜଣଙ୍କ ମୃତ୍ୟୁ ଘଟିଛି। ଇବ୍ ନଦୀକୁ ମାଛ ଧରିବା ପାଇଁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଘୋଘର ଗ୍ରାମର ପୁନେ ତିର୍କୀ (୪୫) ଏକାକି ଯାଇଥିଲେ। ସେ ଆଉ ସନ୍ଧ୍ୟାରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ଶନିବାର ଗ୍ରାମବାସୀ ହଳ କରି ଗୋଧାଇବାକୁ ନଦୀକୁ ଯିବା ସମୟରେ ବୁଦା ମୂଳେ ପୁନେ ତିର୍କୀଙ୍କ ମୃତଦେହ ଭାସୁଥିବା ଦେଖି ଖବର ଦେଇଥିଲେ। ଏହାପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହେବା ପରେ ତଳସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୁନେ ଜାଲରେ ଫସିଯାଇ ପଥରେ ପଡିଯାଇଥିବା, ମୁଣ୍ଡରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା।

# ବୃଦ୍ଧାଙ୍କୁ ଗଣବଳାତ୍କାର ଘଟଣାରେ ୨ ଗିରଫ

**ବଡ଼ଗାଁ, ୧୩।୭ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ନିକଟ ଝାରମୁଣ୍ଡା ଗ୍ରାମରେ ଜନୈକା ବୃଦ୍ଧା (୬୫ବର୍ଷ)ଙ୍କୁ ୯ ତାରିଖ ଗଣ ବଳାତ୍କାର ହୋଇଥିଲା। ଏହି ଘଟଣାରେ ଶନିବାର ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଥାନାରେ ଏକ ମାମଲା (ନଂ. ୧୦୧/୨୦୧୯) ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଝାରମୁଣ୍ଡା ଗ୍ରାମର ବିବାହିତ ବ୍ୟକ୍ତି ଖଗେଶ୍ୱର ନାଏକ (୫୫) ଓରଫ ଶୁକ୍ର ଏବଂ ଅବିବାହିତ ଯୁବକ ନବୀନ କୁମାର ପ୍ରଧାନ (୨୫) ଓରଫ କୁନୁ। ସୂଚନାନୁଯାୟୀ, ୯ ତାରିଖ ରାତି ୮ଟାରେ ବୃଦ୍ଧା ଗାଁର ଜଣେ ବ୍ୟକ୍ତିଙ୍କ ଘରକୁ ହଳ ବଳଦ ଯୋଗାଡ କରିବାକୁ ଯାଇଥିଲେ। ଫେରିବା ବେଳେ ଅଭିଯୁକ୍ତ ଦ୍ୱୟ ବୃଦ୍ଧାଙ୍କୁ ନିକଟବର୍ତ୍ତି ପ୍ରାଥମିକ ସ୍କୁଲକୁ ଟେକିନେଇ ଜବରଦସ୍ତ ଦେଶୀ ମଦ ପିଆଇ ରାତି ତମାମ ଉଭୟେ ବଳାତ୍କାର କରିଥିଲେ। ଭୋର ବୃଦ୍ଧାଙ୍କୁ ଛାଡି ଚାଲିଯାଇଥିଲେ । ଅସୁସ୍ଥ ଅବସ୍ଥାରେ ବୃଦ୍ଧା ପଡିଥିବା ଶୁଣି ତାଙ୍କ ଝିଅ କ୍ୱାଇଁ ଉଦ୍ଧାର କରି ଘରକୁ ଆଣିଥିଲେ। ବିଳମ୍ବରେ ୧୨ ତାରିଖ ଏହି ଘଟଣା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏହା ଜାଣିପାରି ଅଭିଯୁକ୍ତ ଦ୍ୱୟ ଗାଁ ନିକଟ କୌଣସି ସ୍ଥାନରେ ଲୁଚି ଯାଇଥିଲେ । ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସ, କନଷ୍ଟେବଲ ରମେଶ ଚନ୍ଦ୍ର ପଟେଲ, କାନ୍ତି ବେହେରା ଗାଁକୁ ଯାଇ ଚତୁରତାର ସହିତ ଜଣେ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲେ। ଶନିବାର ସକାଳେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିଥିଲେ। ଶୁକ୍ରବାର ରାତିରେ ଏସ୍‌ପି ସୌମ୍ୟା ମିଶ୍ର ବଡଗାଁ ଥାନାକୁ ଆସି ଜେରା କରିଥିଲେ। ଶନିବାର ରାଜଗାଙ୍ଗପୁର ଏସ୍‌ଡିପିଓ ବିଜୟ କୁମାର ନନ୍ଦ ଅଭିଯୁକ୍ତଙ୍କୁ ଜେରା କରିଛନ୍ତି। ଶନିବାର ସୁନ୍ଦରଗଡ ମେଡିକାଲରେ ଡାକ୍ତରୀ ପରୀକ୍ଷା ପାଇଁ ବୃଦ୍ଧାଙ୍କୁ ନିଆଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ




ଛାତ୍ରୀମାନଙ୍କୁ ସଚେତନ କରାଯାଉଛି।

**ଦେବଗଡ,୧୩।୭(ଡି.ଏନ.ଏ)**

ସ୍ଥାନୀୟ ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଏଫ୍‌ଏମ୍‌ଇଏକ୍ସ ଟିମ୍ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କୀତ ସଚେତନତା କର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଡିଆର୍‌ଏଫ୍ ଟିମ୍ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା କିମ୍ବା କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟର କିଭଳି ପଦକ୍ଷେପ ନେଇ ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟଙ୍କୁ କେମିତି ସୁରକ୍ଷା ଦେବେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ.ବିଜୟ କୁମାର ମହାରଣା,ଆସିଥିବା ସୁରକ୍ଷା ବଳ ଦଳକୁ ସ୍ୱାଗତ କରିବାସହ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ.ପ୍ରଦୀପ କୁମାର ମିଶ୍ର, ଦିଲୀପ କୁମାର ବେହେରା, ଅନ୍ୟ କର୍ମଚାରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦେବଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଦେବଗଡ, ୧୩।୭(ଡି.ଏନ.ଏ)**

ସ୍ଥାନୀୟ କଚେରୀ କୋର୍ଟ ପରିସରରେ ଜିଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମୋକଦ୍ଦମା ଶୁଣାଣି କରିବା ସହ ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାଧିକରଣର ଅଧକ୍ଷ ତଥା ଜିଲାଜଜ୍ ରାଜେନ୍ଦ୍ର କୁମାର ତୋଷଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲାଜଜ୍ ସମ୍ମିତା ପରିହି, ସିଜେଏମ ଇତିଶ୍ରୀ ମାଳବିକା ଭୂୟାଁ, ଜିଲା ଆଇନ ପ୍ରାଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର,ଏସ୍‌ଡିଜେଏମ ସୌଦାମିନୀ ବିଶ୍ୱାଳ, ସିଭିଲ ଜଜ୍ ଏମ,ଏସ ଶିବାନି, ରେଜିଷ୍ଟ୍ରାର ରମାକାନ୍ତ ମହାନ୍ତିଙ୍କ ସମେତ ଷ୍ଟେଟ ବ୍ୟାଙ୍କ, ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ତଥା କର୍ମଚାରୀ, ଆଇନଜୀବୀ ଏବଂ କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଦାଲତ ୯ଟି ଦୁର୍ଘଟଣା ଜନିତ କେଶ୍‌ରେ ଶୁଣାଣି କରାଯାଇ କ୍ଷତିପୂରଣ ବାବଦକୁ ମୋଟ ୪୫ଲକ୍ଷ ୫୯ ହଜାର ୮ଶହ ଟଙ୍କା ଏବଂ ଅନ୍ୟାନ କେଶ ଫାଇନାଲ ହୋଇଥିବା ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଆଇନ୍‌ସେବା ପ୍ରାଧିକରଣର ସମସ୍ତ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ ।

ଜିଲାଜଜ୍ ରାଜେନ୍ଦ୍ର କୁମାର ତୋଷ ବିଭିନ୍ନ ମକଦ୍ଦମା ଶୁଣାଣି ସମାଧାନ କରୁଛନ୍ତି।

## ଫଟୋରେ ଖବର

ଶନିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ଏଲଆଇସି କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀରେ ସ୍ୱାଗତ ସଂଗୀତ ଗାନ କରାଯାଉଛି ।

ଶନିବାର ସମ୍ବଲପୁର ସ୍ୱାଭିମାନ ପକ୍ଷରୁ ସଦର ଡାକ୍ତରଖାନା କୁଷ୍ଠରୋଗୀ ୱାର୍ଡରେ ଛତା ବଣ୍ଟନ କରାଯାଉଛି ।

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ମୈଥିଳୀ ଭାଷା ପାଇଁ ୨୦୧୯ ଯୁବ ଓ ବାଳ ପୁରସ୍କାର ଘୋଷଣା କରାଯାଇଛି। ଅମିତ ପାଠକଙ୍କୁ ତାଙ୍କର କବିତା ସଂକଳନ 'ରାଗ–ଉପରାଗ' ପାଇଁ ଯୁବ ପୁରସ୍କାର ଏବଂ ଋଷି ବଶିଷ୍ଠଙ୍କୁ ତାଙ୍କର ଗଳ୍ପ ପୁସ୍ତକ 'ଏ ଫୁଲକ ଗୁଲ୍‌ଦାସ୍ତା' ପାଇଁ ବାଲ୍ ପୁରସ୍କାର ପ୍ରଦାନ କରାଯିବ। ଜୁନ୍‌ରେ ଅନ୍ୟାନ୍ୟ ଭାଷା ନିମନ୍ତେ ବିଜେତାଙ୍କ ନାମ ଘୋଷଣା କରାଯାଇଥିବାବେଳେ ମୈଥିଳି ସାହିତ୍ୟ ପାଇଁ ପରେ ବିଜେତାଙ୍କ ନାମ ଘୋଷଣା କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଥିଲା। ଏକ ସ୍ୱତନ୍ତ୍ର ଉତ୍ସବରେ ବିଜେତାଙ୍କୁ ପୁରସ୍କାର ସ୍ୱରୂପ ୫୦,୦୦୦ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।



## ସଂକ୍ଷେପରେ

### ମଦ ବିକ୍ରି, ପୁରସ୍କାର ନିଅ

ଭୁବନେଶ୍ୱର,୧୩।୭(ବ୍ୟୁରୋ): ରାଜ୍ୟରେ ମଦ ବିକ୍ରିକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଛି। ବିଷାକ୍ତ ମଦ ପିଇ ବହୁ ଜୀବନ ଚାଲି ଯାଉଛି। ଏହାକୁ ବିରୋଧ କରି ମହିଳାମାନେ ରାସ୍ତାକୁ ଓହ୍ଲାଉଛନ୍ତି। ମଦ ବିକ୍ରି ପ୍ରତିବାଦରେ ବିଭିନ୍ନ ସାମାଜିକ ସଂଗଠନ ମଧ୍ୟ ଆନ୍ଦୋଳନ କରୁଛନ୍ତି। ଏପରି ସ୍ଥଳେ ରାଜ୍ୟ ସରକାର ଅବକାରୀ ରାଜସ୍ୱ ବୃଦ୍ଧି କରିବାକୁ ପୁରସ୍କାର ବ୍ୟବସ୍ଥା କରିବାକୁ ବିଧାନସଭା ଅବକାରୀ ଷ୍ଟାଣ୍ଡିଂ କମିଟି-୧୦ ସୁପାରିସ କରିଛି। ଅବକାରୀ ବିଭାଗ କମିଶନର ତଥା ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ପୁରସ୍କାର କମିଟିର ପୁନର୍ଗଠନ କରିବାକୁ କମିଟି ସୁପାରିସ କରିଛି । ୧୨ ସୁପାରିସ ମଧ୍ୟରୁ ୪ ନମ୍ବର ସୁପାରିସରେ କମିଟି ଧାର୍ଯ୍ୟ କୋଟାରୁ ଅଧିକ ବ୍ୟବସାୟ କରିଥିବା ବ୍ୟବସାୟୀଙ୍କୁ ପୁରସ୍କୃତ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ରାଜସ୍ୱ ବୃଦ୍ଧିରେ ସହାୟକ ହେଉଥିବା ସରକାରୀ ଅଧିକାରୀ, ବେଆଇନ ମଦ ବିକ୍ରି ସମ୍ପର୍କରେ ସୂଚନା ପ୍ରଦାନକାରୀଙ୍କୁ ପୁରସ୍କୃତ କରିବାକୁ କମିଟି ସୁପାରିସ କରିଛି। କେନ୍ଦ୍ର ସରକାରଙ୍କ ପୁରସ୍କାର ଯୋଜନା ଅନୁଯାୟୀ କମିଟି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଦେବାକୁ କୁହାଯାଇଛି। ଗତ ୧୦ ବର୍ଷରେ ଅବକାରୀ ରାଜସ୍ୱ ଆଦାୟରୁ ୫ ଗୁଣ ଅଧିକ ରାଜସ୍ୱ ପାଇଛନ୍ତି ରାଜ୍ୟ ସରକାର । ଏହାକୁ ପୁଣି ବଢାଇବା ପାଇଁ କମିଟି ପ୍ରସ୍ତାବ ଦେବାକୁ ନେଇ ପୁଣି ବିବାଦ ଆରମ୍ଭ ହୋଇଛି। ଏଥିସହିତ ପ୍ରତି ତହସିଲରେ ଗୋଟିଏ ଏବଂ ସହରାଞ୍ଚଳରେ ଦୁଇଟି ଆଦର୍ଶ ଅବକାରୀ ଷ୍ଟେଶନ ସ୍ଥାପନ କରିବାକୁ କମିଟି ପରାମର୍ଶ ଦେଇଛି। ଅବକାରୀ ବିଭାଗରେ ଜଣେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଙ୍କ ଦ୍ୱିତୀୟ ଶ୍ରେଣୀ ପଦବୀ ସୃଷ୍ଟି କରିବା ଏବଂ ଖାଲି ପଦବୀ ପୂରଣ କରିବା ନେଇ ମଧ୍ୟ କମିଟି ସୁପାରିସ କରିଛି। ସମସ୍ତ ମଦ ଦୋକାନ ପଞ୍ଜୀକୃତ ହେବା ସହ ସରକାରୀ ୱେବ୍‌ସାଇଟ୍‌ରେ ସେମାନଙ୍କ ନାମ ଉଲ୍ଲେଖ କରାଯିବା ଦରକାର। ଢାବା ଓ ହୋଟେଲଗୁଡିକରେ ମଦ ବିକ୍ରି ଅଧିକ ହେଉଛି। ସେଥିରୁ ଅଧିକାଂଶ ସ୍ଥାନରେ ବେଆଇନ ଭାବେ ଚାଲୁଛି। କଳାବଜାର ରୋକିବା ପାଇଁ ଲାଇସେନ୍ସ ଦେବା ଏବଂ ଏଥିପାଇଁ ଅଧିକ ସ୍କ୍ୱାଡ ଗଠନ କରିବାକୁ କମିଟି ପରାମର୍ଶ ଦେଇଛି।

### ଗୁଳିମାଡ଼ରେ ବାବୁଲି ଗୁରୁତର

କେନ୍ଦ୍ରାପଡା ଅଫିସ, ୧୩।୭: ସଦର ଥାନା ଅନ୍ତର୍ଗତ କେନ୍ଦ୍ରାପଡା ସହରର ଚଟିପୋଲ ନିକଟରେ ଧର୍ମରକ୍ଷା ସେନାର ଜିଲା ଆବାହକ ବିବେକାନନ୍ଦ ମହାରଣା ଓରଫ ବାବୁଲିଙ୍କୁ ଶନିବାର ରାତିରେ ଗୁଳିମାଡ଼ ହୋଇଛି। ତାଙ୍କ ତଳିପେଟରେ ଆଘାତ ଲାଗିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟା ୪୫ ମିନିଟରେ ବାବୁଲି ସହରର ତିନିମୁହାଣୀସ୍ଥିତ ରାମମନ୍ଦିରରୁ ବାଇକ୍‌ରେ ନିଜ ଘର ରାମନଗର ପାଟଣା ଗ୍ରାମକୁ ଫେରୁଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ବୁଲେଟ୍‌ରେ ଆସି ବାବୁଲିଙ୍କ ଉପରକୁ ୨ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳି ତାଙ୍କ ତଳି ପେଟରେ ବାଜିଥିଲା। ଆକ୍ରମଣ ପରେ ଧର୍ମରକ୍ଷା ସେନାର ସଦସ୍ୟମାନେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଗୁଲନଗରଠାରେ ରାସ୍ତାରୋକୋ କରିଛନ୍ତି। ଏନେଇ ତିନି ମୁହାଣୀ ବଜାର ବନ୍ଦ ହେବା ସହ ରାମମନ୍ଦିର ସମ୍ମୁଖ ରାସ୍ତାରେ ବହୁ ଲୋକ ଟାୟାର ଜାଳି ବିରୋଧ ପ୍ରଦର୍ଶନ କରିଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଖବରପାଇ ଜିଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି। ବାବୁଲି ଧର୍ମରକ୍ଷା ସେନାର ଆବାହକ ଥିବାବେଳେ ତିନିମୁହାଣୀ ରାମମନ୍ଦିର ଓ ବଜାର କମିଟିର ସଭାପତି ଅଛନ୍ତି। ସେ ବିଭିନ୍ନ ସମୟରେ ହିନ୍ଦୁ ସୁରକ୍ଷା ନେଇ ଶୋଭାଯାତ୍ରା ଓ ଧର୍ମ ସଚେତନତା ଆଦି କାର୍ଯ୍ୟ କରନ୍ତି। ଏଥିସହ ତାଙ୍କର ଦଣ୍ଡାମୁଣ୍ଡ ଛକ ନିକଟରେ ଏକ ବ୍ୟବସାୟିକ ଅନୁଷ୍ଠାନ ରହିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ସେ ୨ ଦିନ ହେବ ପାଟକୁରା ନିର୍ବାଚନରେ ବିଜୟ ମହାପାତ୍ରଙ୍କୁ ସମର୍ଥନ କରି ବିଭିନ୍ନ ସ୍ଥାନରେ ପ୍ରଚାର କରୁଥିଲେ। ଏଥିଯୋଗୁ ଏହା ଏକ ରାଜନୈତିକ ହିଂସାକାଣ୍ଡ ବୋଲି ଚର୍ଚ୍ଚା ହେଉଛି।

### କନ୍‌ଷ୍ଟେବଳଙ୍କୁ ପିଟି ହତ୍ୟା

ଜୟପୁର,୧୩।୭: ରାଜସ୍ଥାନର ରାଜସମନ୍ଦ ଜିଲାରେ ଶନିବାର ଏକ ଜମି ବିବାଦ ମାମଲାର ତଦନ୍ତ କରିବାକୁ ଯାଇଥିବା ପୋଲିସ କନ୍‌ଷ୍ଟେବଳଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟିପିଟି ମାରିଦେଇଛନ୍ତି। ଭାମ୍ ଥାନାର ହେଡ୍ କନ୍‌ଷ୍ଟେବଳ ଅବଦୁଲ ଗନି(୪୮)ଙ୍କ ଘର କୁଣ୍ଡିଆ ଅଞ୍ଚଳରେ। ସେ ବିବାଦୀୟ ଜମିକୁ ଯାଇଥିବାବେଳେ ଜବରଦଖଲକୁ ନେଇ କେତେଜଣ ଲୋକଙ୍କ ସହ ତାଙ୍କର ବଚସା ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ଠେଙ୍ଗା ଓ ଲୁହାରଡରେ ଆକ୍ରମଣ କରିବାରୁ ଅବଦୁଲ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଉଚ୍ଚ ପଦାଧିକାରୀମାନେ ଘଟଣାସ୍ଥଳକୁ ଯାଇ ଆକ୍ରମଣକାରୀଙ୍କୁ ଚିହ୍ନଟ ଓ ଗିରଫ କରିବା ଲାଗି ଉଦ୍ୟମ ଚଳାଇଛନ୍ତି।

# ପାଟକୁରା: ବୁଝାମଣାରୁ ଲଢ଼େଇ ଦୁର୍ବଳ

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

- ଆସିବେନି ମୋଦି-ଶାହ, ଭାଜପାକୁ କେବଳ ରାଜ୍ୟ ନେତୃତ୍ୱ ଭରସା
- ପାଟକୁରା ଫଳାଫଳ ପ୍ରଭାବ ବିଜେପୁର ଉପନିର୍ବାଚନ ଉପରେ ପଡିବା ନେଇ ଚର୍ଚ୍ଚା
- ରାଜ୍ୟ ସଭା କଥା ଉଠାଇଲାଣି କଂଗ୍ରେସ

ରାଜ୍ୟ ରାଜନୀତି ବର୍ତ୍ତମାନ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ କେନ୍ଦ୍ରିତ। ୨୦୧୯ ସାଧାରଣ ନିର୍ବାଚନରେ ୧୪୬ ଆସନ ପାଇଁ ଭୋଟ ହୋଇଥିବାବେଳେ କେବଳ ପାଟକୁରା ଆସନ ଏଥିରୁ ବାଦ୍ ପଡିଥିଲା। ଏହି ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ କାରଣରୁ ଏଠାରେ ନିର୍ବାଚନ ଆସନ୍ତା ୨୦ରେ ହେବାକୁ ଯାଉଛି। ଏହି ଗୋଟିଏ ଆସନ ହାତେଇବା ସକାଶେ ଯେମିତି ରାଜ୍ୟ ଯାକର ନେତା ପାଟକୁରାରେ ଏକତ୍ରିତ ହୋଇଯାଇଛନ୍ତି। ବିଜେଡିର ଗଣ୍ଡାଗଣ୍ଡା ନେତା ପଞ୍ଚାୟତୱାରି ଦାୟିତ୍ୱ ପାଇ ସେଠାରେ କିଛିଦିନ ହେବ ଡେରା ପକାଇଥିବାବେଳେ ଭାଜପା ନେତାମାନେ ଏବେ ସେହି ଦିଗକୁ ଗତିବା ଆରମ୍ଭ କରିଛନ୍ତି। ଭାଜପା ଟିକେଟରେ ନିର୍ବାଚନ ଲଢି ପ୍ରଥମଥର ଲାଗି ଏମ୍‌ପି ହୋଇଥିବା ନେତାମାନେ ହିଁ ଦଳର ପ୍ରମୁଖ ଚେହେରା ଭାବେ ସେଠାରେ ପ୍ରଚାର ଚଳାଇଛନ୍ତି। ହେଲେ କଳେବଳେ ଏହି ଆସନ ହାତେଇବା ଲାଗି ବିଜେଡି ପୂରା ଦମ୍‌ରେ ଲାଗିପଡିଛି। ଶାସକ ଦଳର ଜଣେ ଜଣେ ବିଧାୟକ ଏବଂ ମନ୍ତ୍ରୀ ଗୋଟିଏ ଲେଖା ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ(ବେଦ ପ୍ରକାଶଙ୍କ ସ୍ତ୍ରୀ) ପାଇଁ ଦୁଇଦିନ ପ୍ରଚାର କରିବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଏହି ନିର୍ବାଚନ ପୂର୍ବରୁ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ପ୍ରଚାର କରିବାକୁ ଆସିବାର କୌଣସି କାର୍ଯ୍ୟକ୍ରମ ରଖାଯାଇନାହିଁ। ଫଳରେ ଦୁଇନେତାଙ୍କ ଓଡିଶା ଗସ୍ତ ନ ହେବା ପଛରେ କିଛି ନିର୍ଦ୍ଦିଷ୍ଟ କାରଣ ରହିଥିବା ଚର୍ଚ୍ଚା ଜୋର୍ ଧରିବାକୁ ଲାଗିଲାଣି। ଯଦି ପ୍ରଧାନମନ୍ତ୍ରୀ ଏବଂ ଶାହଙ୍କ ମଧ୍ୟରୁ କେହି ହେଲେ ଜଣେ ନ ଆସନ୍ତି ତେବେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବୁଝାମଣା ହେବା କଥା ଆହୁରି ଜୋର୍ ଧରିବ ବୋଲି ଦଳର ଗୋଟିଏ ଗୋଷ୍ଠୀ କହିବା ଆରମ୍ଭ କରିଦେଲେଣି। ସେହିପରି ଏହି ଦୁଇ ନେତାଙ୍କ ଗସ୍ତ କାର୍ଯ୍ୟକ୍ରମ ନ ଥିବା ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମାଲୋଚନା କରିଛନ୍ତି। ନିରଞ୍ଜନ କହିଛନ୍ତି, ଭାଜପା ପାଟକୁରାରେ ସମ୍ପୂର୍ଣ୍ଣଭାବେ ବିଜେଡି ନିକଟରେ ଆତ୍ମସମର୍ପଣ କରିଛି। ରାଜ୍ୟ ସଭା ଆସନ ବୁଝାମଣା ଏହାର ଉଦାହରଣ। ରାଜ୍ୟ ସଭା ଆସନ ବୁଝାମଣା କଥାକୁ ଏ ପର୍ଯ୍ୟନ୍ତ ଭାଜପା ନେତାମାନେ ବୁଝିପାରି ନାହାନ୍ତି। ଏତେସବୁ ପରେ ପ୍ରଧାନମନ୍ତ୍ରୀ ଏବଂ ଶାହଙ୍କ ଆସିବା କଥା କାହିଁକି ଆଲୋଚନା ହେବ ବୋଲି ସେ କହିଛନ୍ତି। ପାଟକୁରା ନିର୍ବାଚନ ଲାଗି ବିଜେଡି ଓ ଭାଜପା ମଧ୍ୟରେ ବୁଝାମଣା ସରିଛି ନା ଲଢ଼େଇ ହେଉଛି ସେକଥା ବୁଝିବା କଷ୍ଟକର ବ୍ୟାପାର ବୋଲି ରାଜନୈତିକ ମହଲରେ ଆଲୋଚନା ହେବାରେ ଲାଗିଛି। ସମୀକ୍ଷକଙ୍କ ମତରେ ବୁଝାମଣାରୁ ଲଢ଼େଇ ଦୁର୍ବଳ ସ୍ତରକୁ ଚାଲିଗଲାଣି। ଅନ୍ୟପଟେ ପାଟକୁରା ଦାୟିତ୍ୱ ବଣ୍ଟନ କଥା ଆସିଲେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ହୋଇଥିବା ବୁଝାମଣା କଥା ଉଠାଇ ଗୈରିକ ଦଳର କେତେଜଣ ନେତା ଛିଗୁଲେଇବା ଆରମ୍ଭ କରିଦେଇଛନ୍ତି। ସେପଟେ ବିଜେଡିର କେତେଜଣ ନେତା ମଧ୍ୟ ରାଜ୍ୟ ସଭା ଆସନ ବୁଝାମଣା କଥାକୁ ନେଇ ଭିତରେ ଭିତରେ ପ୍ରବଳ ଅସନ୍ତୁଷ୍ଟ ଅଛନ୍ତି। ତେବେ ବିଜେଡି ପକ୍ଷରୁ ଯେପରି ନେତାମାନଙ୍କ ମଧ୍ୟରେ ପାଟକୁରାର ସମସ୍ତ ପଞ୍ଚାୟତ ବାଣ୍ଟି ଦିଆଯାଇଛି, ଭାଜପା କ୍ଷେତ୍ରରେ ସେପରି ଦେଖିବାକୁ ମିଳୁନାହିଁ। ଭାଜପାର କେତେଜଣ ବିଧାୟକ ପ୍ରଚାର କରିବା ପାଇଁ ଯାଉଥିଲେ ସୁଦ୍ଧା ବିଜେଡି ଭଳି ଏହି ଆସନକୁ ଗୁରୁତ୍ୱ ସହ ନେଇ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁନାହିଁ। ରାଜ୍ୟରେ ପ୍ରଥମ ଥର ପାଇଁ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ପାଇବା ପରେ ଭାଜପା ନେତାମାନଙ୍କ ଲାଗି ପାଟକୁରା ଆସନ ହାତେଇବା ଏକ ସ୍ୱାଭିମାନର ପ୍ରସଙ୍ଗ ପାଲଟିଛି। ସେପଟେ ହିଞ୍ଜିଳି ଏବଂ ବିଜେପୁର ବିଧାନସଭା ଆସନରୁ ଲଢି ମୁଖ୍ୟମନ୍ତ୍ରୀ ଉଭୟ ନିର୍ବାଚନମଣ୍ଡଳୀରେ ବିଜୟ ହୋଇଥିଲେ। ନିକଟରେ ବିଜେପୁର ଆସନରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାପରେ ଏହି ଆସନରେ ଖୁବ୍‌ଶୀଘ୍ର ଉପନିର୍ବାଚନ ହେବ। ତେଣୁ ପାଟକୁରା ନିର୍ବାଚନ ଫଳାଫଳର ପ୍ରଭାବ ନିଶ୍ଚିତଭାବେ ବିଜେପୁର ଉପନିର୍ବାଚନ ଉପରେ ପଡିବ ବୋଲି ଚର୍ଚ୍ଚା ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ ଓ ଶାହଙ୍କ ଗସ୍ତ ନେଇ ପଚାରିବାରୁ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଏହି ଆସନ ଲାଗି ଉଭୟେ ଆସିବାଭଳି କାର୍ଯ୍ୟକ୍ରମ ନାହିଁ। ଏଠି ଓଡିଶାର କର୍ମୀ ଓ ନେତାମାନେ ମିଶିକି ନିର୍ବାଚନ ଲଢିବୁ ବୋଲି ସେ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ପାଟକୁରା ଗସ୍ତ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଧର୍ମେନ୍ଦ୍ର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ୧୮ଟି ସ୍ଥାନରେ ରୋଡ୍ ଶୋ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଦୁଇ ଦଳର ଲଢେଇ ମଧ୍ୟରେ କଂଗ୍ରେସର କାର୍ଯ୍ୟଧାରା ନେଇ ସେମିତି କିଛି ଜଣାପଡୁନାହିଁ। ଅନ୍ୟପଟେ ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ବିଧାୟକ ଏବଂ ନେତାମାନଙ୍କ ମଧ୍ୟରେ ବ୍ଲକଓ୍ୱାରି ଦାୟିତ୍ୱ ବଣ୍ଟନ ହୋଇଥିବା କହିଛନ୍ତି।

## ଏଡ୍‌ସ ଆକ୍ରାନ୍ତ ୭ବର୍ଷ ଶିଶୁଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୩।୭**

ଗଞ୍ଜାମ ଜିଲାର ଜଣେ ୭ ବର୍ଷ ଶିଶୁଙ୍କର ଏଡ୍‌ସରେ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ଗାଁରେ ରଥଯାତ୍ରା ଦେଖୁଥିବାବେଳେ ହଠାତ ତାଙ୍କର ମୁଣ୍ଡ ବୁଲାଇବାରୁ ସେ ତଳେ ପଡିଯାଇଥିଲେ। ପରେ ଜେଜେବାପା ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ମେଡିକାଲ ଫାଣ୍ଡି ପୋଲିସ ଶିଶୁଙ୍କ ମୃତଦେହ ଜବତ କରି ନଂ.୩୭୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତାଙ୍କ ବାପାଙ୍କର ପୂର୍ବରୁ ଏଡ୍‌ସରେ ମୃତ୍ୟୁ ଘଟିଥିଲା ବୋଲି ପୋଲିସ ସୂଚନା ଦେଇଛି। ପୁଅକୁ ପୂର୍ବରୁ ହରାଇଥିବା ବେଳେ ଏବେ ଏକମାତ୍ର ନାତିକୁ ହରାଇ ଜେଜେବାପା ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି।

## ପୁରୀ ଜିଲା ଶିକ୍ଷା ଅଧିକାରୀ ଭିଜିଲାନ୍ସ ଦ୍ୱାରା ଗିରଫ

ହୃଷୀକେଶ କାଣ୍ଡି

- ୧ ଲକ୍ଷ ୧୧ ହଜାର ଟଙ୍କା ଓ ବୋଲେରୋ ଜବତ
- ବଦଳି, ପଦୋନ୍ନତି ପାଇଁ ଲାଞ୍ଚ ନେଉଥିବା ଅଭିଯୋଗ ଥିଲା
- ଜାମିନ ନ ମିଳିବାରୁ ଜେଲ୍ ଗଲେ

**ପୁରୀ ଅଫିସ/କଟକ ଅଫିସ, ୧୩।୭**

ବେଆଇନ ଅର୍ଥ ରଖିବା ଅଭିଯୋଗରେ ପୁରୀ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ହୃଷୀକେଶ କାଣ୍ଡିଙ୍କୁ ଭିଜିଲାନ୍ସ ଗିରଫ କରିଛି। ଶୁକ୍ରବାର ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥ ମାଳତୀପାଟପୁର ବାଇପାସ୍‌ରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିବା ସହ ତାଙ୍କଠାରୁ ୧ଲକ୍ଷ ୧୧ହଜାର ଟଙ୍କା ଓ ଏକ ବୋଲେରୋ ଜବତ କରିଛନ୍ତି। ପରେ ପୁରୀସ୍ଥିତ ତାଙ୍କ ସରକାରୀ ବାସଭବନ, ସରକାରୀ କାର୍ଯ୍ୟାଳୟ, ସାଲେପୁର ବନ୍ଧପୁରସ୍ଥିତ ପୈତୃକ ଘର ଓ ଭୁବନେଶ୍ୱର ଡୁମ୍‌ଡୁମାରେ ଥିବା ବାସଗୃହରେ ଚଢାଉ କରାଯାଇଥିବା ପୁରୀ ଭିଜିଲାନ୍ସ ଡିଏସ୍‌ପି ହର ନାରାୟଣ ପତି କହିଛନ୍ତି।

ସୂଚନାନୁସାରେ, ଡିଇଓ କାଣ୍ଡି ଜିଲାରେ ଶିକ୍ଷକଙ୍କ ବଦଳି ଓ ପଦୋନ୍ନତି ଲାଗି ଶିକ୍ଷକଙ୍କଠାରୁ ଉତ୍କୋଚ ଦାବି କରୁଥିବା ନେଇ ପୁରୀ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ସେ ନିଜ ବୋଲେରୋ (ଓଆର୦୨ଏଏକ୍ସ୫୬୬୫)ରେ ବିପୁଳ ଲାଞ୍ଚ ଟଙ୍କା ଧରି ଯାଉଥିବା ଖବର ଭିଜିଲାନ୍ସ ନିକଟରେ ପହଞ୍ଚିଥିଲା। ଭିଜିଲାନ୍ସ ଡିଏସ୍‌ପି ପତିଙ୍କ ନେତୃତ୍ୱରେ ଇନ୍ସପେକ୍ଟର ମଦନମୋହନ ପ୍ରଧାନ, ଜୟକୃଷ୍ଣ ପ୍ରଧାନ ଓ ଏସ୍.କେ. ଜେନା ପ୍ରମୁଖଙ୍କୁ ନେଇ ଗଠିତ ଏକ ଟିମ୍ ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀପାଟପୁର ବାଇପାସ୍ ନିକଟରେ ଜଗି ରହିଥିଲା। ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ବେଲେରୋଟି ସେଠାରେ ପହଞ୍ଚିବା ପରେ ଭିଜିଲାନ୍ସ ଅଧିକାରୀମାନେ ଅଟକାଇ ଯାଞ୍ଚ କରିଥିଲେ। ବୋଲେରୋ ଭିତରେ ଥିବା ଏକ ସୁଟ୍‌କେସ୍‌ରୁ ୫୦୦ଟଙ୍କିଆ ବଣ୍ଡଲ୍ ଓ ଖୁଚୁରା ଟଙ୍କା ବାହାରିଥିଲା। ଏହି ଟଙ୍କା ସଂକ୍ରାନ୍ତରେ ଡିଇଓ କାଣ୍ଡି କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନ ଥିଲେ। ତାଙ୍କୁପ୍ରଥମେ ପୁରୀ ଭିଜିଲାନ୍ସ କାର୍ଯ୍ୟାଳୟକୁନିଆଯାଇ ପଚରାଉଚରା କରାଯାଇଥିଲା। ଏହିଆଧାରରେ ଭିଜିଲାନ୍ସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ତେବେ ଭୁବନେଶ୍ୱର ଡୁମ୍‌ଡୁମାଠାରେ ସେ ଓ ତାଙ୍କ ପରିବାର ରହୁଥିବା ୨ମହଲା କୋଠାକୁ ଯାଞ୍ଚ କରି ସେଠାରୁ ୯୨ହଜାର ଟଙ୍କା ଠାବ କରିଥିଲା। ତେବେ ତଦନ୍ତରୁ ତାଙ୍କର ମୋଟ ୮୧ଲକ୍ଷ ୩୯ହଜାର ୬୪୦ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଭିଜିଲାନ୍ସ ଠାବ କରିଛି। ଏହି ସମ୍ପତ୍ତି ମଧ୍ୟରେ ଗୋଟିଏ ଦୁଇ ମହଲା କୋଠା ଓ ଭୁବନେଶ୍ୱରରେ ୩ଟି ଫ୍ଲାଟ୍ ରହିଛି। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୨୫/୨୦୧୯ରେ ଏକ ମାମଲା ରୁଜୁ କରାଯାଇ କାଣ୍ଡିଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଜିଲାରେ କେତେଜଣ ଶିକ୍ଷକଙ୍କ ପଦୋନ୍ନତି ବାବଦକୁ ସେ ୩ଲକ୍ଷ ଟଙ୍କା ଲେଖାଏ ନେଇଥିବା ନେଇ ଅଭିଯୋଗ ଉଠିଥିଲା। ହେଲେ ସେତେବେଳେ ଡିଇଓ କାଣ୍ଡି ଏହାକୁ ଏଡ଼ାଇ ଯାଇ ଅତି ଚତୁରତାର ସହ ଖସିଯାଇଥିଲେ। ଏବେ ଧରାପଡ଼ିବା ପରେ ଅଭିଯୋଗର ସତ୍ୟତ

# SUNDAY classifieds

## BRIDE WANTED

Vegetarian Karan bride for only Son Software Engineer, Bengaluru. 9078675914. D-65667

Gudia bride wanted for 33 years / B.Tech, ETC/5'8" working in Bangalore leading Telecom company as SWE. Contact: 9437003131. D-59860

Now Matrimonial ads. only on Wednesday & Sunday Book 1 Get 1 FREE

## GROOM WANTED

ତେଲିପାତ୍ରୀ ୨୬ବର୍ଷ (ଶିକ୍ଷୟିତ୍ରୀ) ଏବଂ ୨୩ବର୍ଷ (Hindi B.Ed) ପାଇଁ ବ୍ୟବସାୟ/ ଚାକିରି କରିଥିବା ତେଲିପାତ୍ର ଆବଶ୍ୟକ। 9938668739. D-59934

Suitable match invited for a Bengali (Kayastha) girl, 1995, 5'5", B.Tech working as Civil Engineer, Bhubaneswar. Early marriage, mother teacher, father businessman. Contact: 6371220090. D-66256

Beautiful Teli girl, 1990 B.Tech Software Engineer MNC Bangalore. 9437555525. D-58099

35 ବୟସ୍କା ଛାଡ଼ପତ୍ରପ୍ରାପ୍ତ Software ଚାକିରିଆ ସୁନ୍ଦର ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460016. D-13414

Khandayat bride CA 41, Nalco 40, Lecturer 38(caste-no-bar)-7873374269. D-67012

## real estate

### SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

ଭୁବନେଶ୍ୱର ରେଡଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/- ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

**2600 sqft. corner plot sale at CET College (SUM Hospital) 100 meters from 200ft road, Bhubaneswar. Contact Deepak: 9937329999.** D-66257

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି **Kurang Sasan sqft. 450/-, Hanspal NH-5** ରୁ **4k.m.** ଦୂରରେ ଘରଉପଯୋଗୀ ଜମି **Balianta** ରେ **sqft. 590/-, housing available at Chakeisiani/ Andharua. 9853289161, 8917267426.** D-66920

Flat for sale of 2BHK flat at NH road side Khordha 1km. from Khordha Hospital. 9439778849, 7381883881. D-64983

**Commercial plot sale at IIT Bhubaneswar per sqft. 350/- Registration, boundarywall and conversion free. Installment and Bank Finance also available. Contact: 9777219533, 7008918078.** D-65666

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

Puri plot sale near Lokanath Temple sthitiban patta plot sqft Rs.1000/-. Contact: 9438422888. D-67308

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft. Road ଏବଂ ବାସପୋଯୋଗୀ plot ଦିଆଯାଉଅଛି Sqft.650/- 7008045582, 9692003948. D-13373

**4BHK duplex with gated community at Balianta (Land-1400 construction 2200 @ 55lakh and 2600 @ 65lakh) Contact: 9938219397, 9861022055.** D-13388

Develop gharabari all road 30ft plot sale Bhingarpur (Balianta). 7008492511. D-13389

**4BHK ready to move duplex independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak: 9937329999.** D-66258

Yellowzone gharabari plots 3.166 sqft Badagada Canal road, simplex BJEM-(2), 12,80,000/-. 7735738102. D-13382

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

10,000 sqft. commercial land for sale at NH-203, Cuttack-Puri bypass Bhubaneswar 2.5 crore call: 7326084916. D-67309

**Conversion demarcation plot sale** ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ **side**ରେ **1200sqft. 6,60,000/-. 9437306208.** D-66728

2BHK, 3BHK ready to move flats at Hitech Heaven near Gudiapokhari Chowk, Bhubaneswar. 9861024170, 9439101498. D-13354

ଭୁବନେଶ୍ୱର **KIIT** ଜଗନ୍ନାଥ ମନ୍ଦିରଠାରେ ଘରବାରୀ **plot 30'** ରାସ୍ତା, ଇଲେକ୍ଟ୍ରି ଥାଇ ବିକ୍ରିହେବା **6372824177.** D-66727

ବ୍ରହ୍ମପୁର ମେଡ଼ିକାଲ playground କାଛକୁ ଲାଗି plot 2100 ବା 2450 sqft. Rs. 2500/- rate ଦିଆଯିବ। ଆଗକୁ cementroad, park pipe, no broker. Owner 9776757068. D-66606

ଭୁବନେଶ୍ୱର **Infocity-2 boundary**କୁ ଲାଗି **mega plotting project sqft. 350/-** ରେ **(Sidhavihar Colony)**ରେ **plot** କିଣନ୍ତୁ। **9114955347, 8658962508.** D-66729

Newly ready duplex with land area of 1600sqft. and construction area 2800sqft. near housing board colony Nandanvihar road, Patia, Price 95Lakhs (negotiable). Contact: 9439585947, 9937388797. D-67011

12202 sqft SC commercial plot for sale at Pahala near Cuttack - Bhubaneswar NH @ 2crore. Contact: 6371040313, 7978321918. D-59859

Urgent for immediate sale. A core house built-up area 1700sqft. Total land 10,000sqft at Nirakarpur, Khorda, may be sold partly. Only Genuine buyer may Contact No: 9777947573, 9938800102. D-13415

## construction

Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13391

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

## to-let

3BR, drawing, dining, store, pujaroom for rent, Sibnagar, Chilli Pokhari, Tankapani road, BBSR. Contact: 9437562371. D-58097

3BHK OMM NILOY Apartment levelcrossing Shahid Nagar office/ family. 9337555288, 7032925529. D-13322

**Two storied building (2600sqft) At: Chandikhol, Mahabinayak road for bank, commercial office or residential purpose. Contact: 9938218526 (Sanjay).** D-13316

Residential/commercial accomodation near DAV Chandrasekharpur mainroad, available. Contact: 9338089477. D-67007

ସମ୍ ହସ୍‌ପିଟାଲ ପଛପଟେ ରୋଗୀମାନଙ୍କ ସହାୟକ ରହିବାପାଇଁ ଘର ଭଡାରେ ମିଳେ। ୯୩୩୮୦୮୯୪୭୭. D-67008

1200 sqft fully furnished office space available at Bapuji Nagar near Federal Bank, Bhubaneswar, Contact: 7008485542 / 7008482464. D-62192

**Three bedroom, two bath, kitchen, drawing cum dining, big balcony at Sahid Nagar. Contact: 9937444411.** D-66259

## ACCOMMODATION

Furnished accomodation for working lady, students, near Amber showroom, Chandrasekharpur. 9938377066, 9337464616. D-67306

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Ayurvedic full body massage ladies/gents smart experts therapist. 9114697517. D-66917

Summer special mesmerizing offer expert therapeutic refreshing massage appointment: 9668374480. D-67307

Ayurvedic full body massage ladies & gents smart therapist. 9040900385. D-66926

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

# ୨୭ କେଜି ଗଞ୍ଜେଇ ବୋଝେଇ ଗାଡି ଜବତ, ୪ କୋର୍ଟ ଚାଲାଣ

**କଣ୍ଢାମାଳ, ୧୩।୭(ଡି.ଏନ.ଏ)**

ବୌଦ୍ଧ ଜିଲା ଲମ୍ବସରୀ ନିକଟ ସେଲାମାଳ ଛକରେ ଶୁକ୍ରବାର ପୋଲିସ ୨୭ କେଜି ୬ଶହ ଗ୍ରାମ ଗଞ୍ଜେଇ ସହ ଏକ ଟୟୋଟା ଗାଡି ଜବତ କରିଛି । ଏହି ମାମଲାରେ ୪ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ ଥାନା ଘୁର୍ଲିପାଲିର ଅନିଲ କୁମାର ସ୍ୱାଇ(୨୮), କଣ୍ଢାପାଲିର ଟିଙ୍କୁ ନାଏକ(୨୬), ଅଜୟ ଠେଲା (୨୬) ଓ କଣ୍ଢାମାଳ ଥାନା ଢେଣ୍ଡୋଖୁଣ୍ଟିର ରାମଚନ୍ଦ୍ର ବସ୍ତ୍ରିଆ । ଏ ନେଇ ଏକ ମାମଲା ରୁଜୁ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ ଏକ ଟୟୋଟା ଗାଡି (ନଂ.ଓଡିଏ୫ବି/୩୩୨୧) ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ଚଢାଉ କରିଥିଲା କରାଯାଇଥିଲା ।

ଜବତ ହୋଇଥିବା ଗାଡି ।

# CLASSIFIED BOOKING STATIONS

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674-2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674-2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

# ମନେ ପଡ଼ନ୍ତି

### ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

**ସ୍ୱର୍ଗତା ଶ୍ରୀମତୀ ପୂର୍ଣ୍ଣଶଶୀ ବେହୁରା**
ତିରୋଧାନ: ୧୯ ଜୁଲାଇ ୨୦୦୫
"ପୂଣ୍ୟଚୋୟା",ଇ-୭, ବି.ଜେ.ବି ନଗର, ଭୁବନେଶ୍ୱର

ସମୟ କୁଆଡ଼େ ହୃଦୟର ଦୁଃଖକୁ ଲିଭେଇ ଦିଏ, ଅପୂର୍ଣ୍ଣ ସ୍ଥାନକୁ ପୂର୍ଣ୍ଣ କରେ। କାହିଁ ଏତେ ବର୍ଷ ବିତିଗଲା ପରେ ଆମେ ଅପୂର୍ଣ୍ଣ-ଦୁଃଖି, ତୁମ ଅନୁପସ୍ଥିତିରେ। ଯେଉଁଠି ଥାଅ, ତୁମ ଆଶୀର୍ବାଦ ଆମ ଉପରେ ବରଷୁ ଥାଉ।

**ଶ୍ରଦ୍ଧାଞ୍ଜଳି ସହ:**
କନ୍ୟା, ପୁତ୍ର ଏବଂ ପରିବାରବର୍ଗ।

ଧ-୧୩୪୦୦

### ୪ର୍ଥ ଶ୍ରାଦ୍ଧବାର୍ଷିକୀ

**ସ୍ୱର୍ଗତା ହରପ୍ରିୟା ମହାନ୍ତି**
ସ୍ଥାନ: ଝାରପଡ଼ା (ଭୁବନେଶ୍ୱର)

ମା' ଆମକୁ (ଆଷାଢ ମାସ ତ୍ରୟୋଦଶୀ ତିଥିରେ) ଶୋକସାଗରରେ ଭସାଇଦେଇ ଅସମୟରେ ଚାଲିଗଲୁ। ସ୍ନେହ, ପ୍ରେମର ଅବତାର ଥିଲୁ। ତୋର ଶୂନ୍ୟତା ଅପୂରଣୀୟ ରହିବ।

**ଇତି ତୋର ଶୋକସନ୍ତପ୍ତ:**
ପରିବାରବର୍ଗ।

ଧ-୧୩୩୮୩

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ସ୍ୱର୍ଗତା ସାବିତ୍ରୀ ରାୟ**
**ସ୍ୱାମୀ: ବେଣୁଧର ରାୟ**
ବାଗଲପୁର, ଜଗତ୍‌ସିଂହପୁର
ଆବିର୍ଭାବ: ୧୮।୦୧।୧୯୩୦
ତିରୋଧାନ: ୦୩।୦୭।୨୦୧୯

ନିୟତିର ନିୟମ ବିଧିର ବିଧାନକୁ ପାଥେୟକରି ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଚାଲିଗଲ, ହେଲେ ଆପଣଙ୍କର ସ୍ନେହ, ଶ୍ରଦ୍ଧା, ନିଷ୍ଠା, ପରୋପକାରିତା ଓ "କୋଟି ପରମାୟୁ" ଆଶୀର୍ବାଦ ଶବ୍ଦଟି ସମସ୍ତଙ୍କୁ ପ୍ରେରଣା ପରି ସର୍ବଦା ମନେ ରହିଥିବ। ଠାକୁର ଘର, ଗୀତା ଭାଗବତ ପାଠ ଆଜି ନିସ୍ତବ ହୋଇଯାଇଛି। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ଝିଅ,ଜ୍ୱାଇଁ- ଚିନୁ, ସଞ୍ଜୟ, ନାତି- ଟିଟନ୍, ଚିକନ୍, ପରିବାର, ଆତ୍ମୀୟସ୍ୱଜନ ଓ ପ୍ରିୟଜନ ବୃନ୍ଦ।

ଧ-୧୩୩୩୧

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ବିବାହ ଶୁଭେଚ୍ଛା ଟ୨୧୦/– (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଡେବିଟ କାର୍ଡ କମିଛି, କ୍ରେଡିଟ କାର୍ଡ ସଂଖ୍ୟା ବଢ଼ିଛି

**ନୂଆଦିଲ୍ଲୀ,୧୩-୭:** ଡେବିଟ କାର୍ଡ ବ୍ୟବହାର ମାର୍ଚ୍ଚରୁ ମେ' ମଧ୍ୟରେ ୧୦ ପ୍ରତିଶତ ଅର୍ଥାତ ୧୦ କୋଟି ହ୍ରାସ ପାଇଥିବା ଦେଖାଯାଇଛି। ଏବେ ଏହି କାର୍ଡ ସଂଖ୍ୟା ୯୨.୪ କୋଟିରୁ ହ୍ରାସ ପାଇ ୮୨.୪ କୋଟିରେ ପହଞ୍ଚିଛି। ଅଧିକାଂଶ ବ୍ୟାଙ୍କ ମ୍ୟାଗ୍ନେଟିକ ଷ୍ଟ୍ରିପ୍ କାର୍ଡ ବଦଳରେ ଚିପ୍ ଲାଗିଥିବା କାର୍ଡ ବ୍ୟବହାର କରିବା ଆରମ୍ଭ କରିଦେବା ଏହାର ମୁଖ୍ୟ କାରଣ କୁହାଯାଉଛି। ତେବେ ଆଲୋଚ୍ୟ ସମୟରେ ଡେବିଟ କାର୍ଡର ଠିକ୍ ଓଲଟା କ୍ରେଡିଟ କାର୍ଡ ସଂଖ୍ୟା ବୃଦ୍ଧି ପାଇଥିବା ଦେଖାଯାଇଛି। ଉକ୍ତ ଅବଧିରେ କ୍ରେଡିଟ କାର୍ଡ ସଂଖ୍ୟା ୧୦ ଲକ୍ଷ ବୃଦ୍ଧି ପାଇ ୫ କୋଟିରେ ପହଞ୍ଚିଯାଇଛି। ବର୍ଷକୁ ବର୍ଷ ଆଧାରରେ ମେ'ରେ କ୍ରେଡିଟ କାର୍ଡ ସଂଖ୍ୟା ୩.୮୬ କୋଟିରୁ ବୃଦ୍ଧି ପାଇ ୪.୮୯ କୋଟିରେ ପହଞ୍ଚିଯାଇଛି। ଆର୍‌ବିଆଇ ଅନୁଯାୟୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସର୍ବାଧିକ ୧.୨୬ କ୍ରେଡିଟ କାର୍ଡ ଜାରି କରିଛି। ଏହାପରେ ଏସ୍‌ବିଆଇ ୮୭ ଲକ୍ଷ, ଆକ୍ସିସ୍ ବ୍ୟାଙ୍କ ୬୨ ଲକ୍ଷ କ୍ରେଡିଟ କାର୍ଡ ଜାରି କରିଛି। ଡେବିଟ କାର୍ଡ ହ୍ରାସ ଦୃଷ୍ଟିରୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସର୍ବାଧିକ ୫.୨ କୋଟି କାର୍ଡ କ୍ଷତିଗ୍ରସ୍ତ ହୋଇଛି।

### ଫେସବୁକ୍ ଉପରେ ଲାଗିବ ୩୪ ହଜାର କୋଟି ଜରିମାନା




**ୱାଶିଂଟନ,୧୩-୭:** ଆମେରିକା ରେଗୁଲେଟର ଫେଡେରାଲ ଟ୍ରେଡ କମିଶନ(ଏଫ୍‌ଟିସି) ଡାଟା ଲିକ୍ ମାମଲାରେ ଫେସବୁକ୍‌ଠାରୁ ୫ ବିଲିୟନ ଡଲାର( ପ୍ରାୟ ୩୪ ହଜାର କୋଟି ଟଙ୍କା) ଜରିମାନା ଆଦାୟ କରିବାକୁ ସୁପାରିଶ୍ କରିଛନ୍ତି। କୌଣସି ଟେକ୍ କମ୍ପାନୀ ବିରୋଧରେ ଏହା ଅଦ୍ୟାବଧି ସର୍ବାଧିକ ପେନାଲ୍ଟି ଆଦାୟ ବୋଲି କୁହାଯାଉଛି। ଏଥିପୂର୍ବରୁ ୨୦୧୨ରେ ଗୁଗଲ ଠାରୁ ୨୨ ମିଲିୟନ ଡଲାର(୧୫୪ କୋଟି ଟଙ୍କା) ଜରିମାନା ଆଦାୟ କରାଯାଇଥିଲା। ତେବେ ଫେସ୍‌ବୁକ ଏହି ଜରିମାନା ଦେବା ଲାଗି ପୂର୍ବରୁ ପ୍ରସ୍ତୁତ। କମ୍ପାନୀ ଉପରେ ଏହାର ଅଧିକ ପ୍ରଭାବ ପଡିବ ନାହିଁ ବୋଲି କୁହାଯାଉଛି। ବ୍ୟକ୍ତିଗତ ଡାଟା ଗୋପନୀୟତା ଏବଂ ଗ୍ରାହକଙ୍କ ଡାଟାର ଅପବ୍ୟବହାର କରିବା ଯୋଗୁଏଫ୍‌ଟିସି ପକ୍ଷରୁ ଫେସ୍‌ବୁକ୍ ବିରୋଧରେ ଏହି ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ମାମଲାରେ ଉଭୟ କମ୍ପାନୀ ଓ ଏଫ୍‌ଟିସି କୌଣସି ମନ୍ତବ୍ୟ ଦେଇନାହାନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ୩-୨ ଭୋଟରେ ଏହି ଜରିମାନାକୁ ମଞ୍ଜୁରି ପ୍ରଦାନ କରାଯାଇଛି। ବର୍ତ୍ତମାନ ଏହି ମାମଲାକୁ ଜଷ୍ଟିସ୍ ଡିପାର୍ଟମେଣ୍ଟର ସିଭିଲ ଡିଭିଜନ ନିକଟକୁ ସମୀକ୍ଷା ପାଇଁ ପଠାଯାଇଛି। ଏହି ପ୍ରକ୍ରିୟା ପାଇଁ କେତେଦିନ ଲାଗିବ, ବର୍ତ୍ତମାନ କହିବା ଅସମ୍ଭବ। ଜରିମାନା ଆଦାୟ ନିର୍ଦ୍ଦେଶକୁ ଅନୁମୋଦନ ମିଳିଯିବାର ଯଥେଷ୍ଟ ସମ୍ଭାବନା ରହିଛି।

### ନିଜ ଉତ୍ତରାଧିକାରୀଙ୍କୁ ଆଦିତ୍ୟ ପୁରୀଙ୍କ ୧୫ ଦିନିଆ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୧୩-୭:** ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏମ୍‌ଡି ଆଦିତ୍ୟ ପୁରୀଙ୍କ ଉତ୍ତରାଧିକାରୀ ଖୋଜା ଆରମ୍ଭ ହୋଇଛି। ତେବେ ନୂଆ ଏମ୍‌ଡିଙ୍କୁ ୨ ସପ୍ତାହ ଭିତରେ ତାଙ୍କର ସମସ୍ତ କାମ ଶିଖିବାକୁ ହେବ ବୋଲି ପୁରୀ ଚାହୁଁଛନ୍ତି। ନିଯୁକ୍ତି ପାଇବାକୁ ଥିବା ବ୍ୟକ୍ତି ଜଣକ ସବୁ ଦୃଷ୍ଟିରୁ ତାଙ୍କଠାରୁ ଅଧିକ ପାରଙ୍ଗମ ହେବା ଉଚିତ ବୋଲି ସେ ମତପ୍ରକାଶ କରିଛନ୍ତି। ଗତବର୍ଷ ବ୍ୟାଙ୍କର ଏକ ବୋର୍ଡ ବୈଠକରେ ସେ କହିଥିଲେ, ଏକ ବର୍ଷ ସମୟ ନେଇ ସବୁକିଛି ଶିଖିବାକୁ ଚାହୁଁଥିବା ଉତ୍ତରାଧିକାରୀଙ୍କୁ ସେ ତାଙ୍କ ପଦ ଦେବେନି। ତାଙ୍କ ସ୍ଥାନ ନେଉଥିବା ବ୍ୟକ୍ତିଙ୍କୁ ୧୮ ମାସ ହାତଧରି ଶିଖାଇବାର ଆବଶ୍ୟକତା ହେବା ଅନୁଚିତ। ଆସନ୍ତାବର୍ଷ ଅକ୍ଟୋବରରେ ପୁରୀ ଅବସର ନେବେ।

### ସିଣ୍ଡିକେଟ ବ୍ୟାଙ୍କର ନୂଆ ହାଉସିଂ ଲୋନ୍ ସ୍କିମ୍

**ଭୁବନେଶ୍ୱର,୧୩-୭:** ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ନୂଆ ହାଉସିଂ ଲୋନ ସ୍କିମ୍ 'ସିଣ୍ଡିନିବାସ ଟେକ୍ ଓଭର ଧମାକା' ଶୁଭାରମ୍ଭ ହୋଇଛି। ଏହା ଗ୍ରାହକଙ୍କୁ ବିଶେଷ ସୁବିଧା ପ୍ରଦାନ କରିବା ଚଳିତ ବର୍ଷ ଜୁଲାଇ ପହିଲାରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହାର ଲାଭ ଗ୍ରାହକମାନେ ନେଇ ପାରିବେ। ଗ୍ରାହକ ସିଣ୍ଡିକେଟ ବ୍ୟାଙ୍କର ନିକଟସ୍ଥ ଶାଖା ଏବଂ ଆଞ୍ଚଳିକ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ଲାଭ କରିପାରିବେ। ଏହି ସ୍କିମର ଲାଭ ଉଠାଇବାକୁ ଗ୍ରାହକଙ୍କୁ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ମୂରଲାଧର ବେହେରା ସୂଚନା ଦେଇଛନ୍ତି।

---

ଆମେରିକା ପ୍ରତିନିଧି ଦଳଙ୍କ ସହ ବାଣିଜ୍ୟ କାରବାର ନେଇ ଭାରତର ଆଲୋଚନା ହୋଇଛି। ଏଥିରୁ ବର୍ତ୍ତମାନ ସୁଫଳ ମିଳି ନ ଥିଲେ ହେଁ ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିବ।
**– ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ**

ପଣ୍ୟଦ୍ରବ୍ୟ ବଜାରରେ ଭାରତ ମୂଲ୍ୟ ନିର୍ଦ୍ଧାରକ ଭାବେ ଉଭା ହୋଇପାରିବା। ଏହି ବଜାରକୁ ଶକ୍ତିଶାଳୀ କରାଗଲେ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବା।
**– ଅନୁରାଗ ସିଂ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ**

### ବଜେଟ ଘୋଷଣାକୁ ନେଇ ରାଜନଙ୍କ ଆଶଙ୍କା

# ବିଦେଶରେ ସରକାରୀ ବଣ୍ଡ ବିକିବା ବିପଦପୂର୍ଣ୍ଣ

**ନୂଆଦିଲ୍ଲୀ,୧୩–୭**

- ବଣ୍ଡ ବିକ୍ରିରୁ ଫାଇଦା ମିଳିବ ନାହିଁ
- ୭ ଲକ୍ଷ କୋଟି ଋଣ କରିବାକୁ ସରକାରଙ୍କ ପ୍ରୟାସ
- ଏଫ୍‌ପିଆଇ ପଞ୍ଜୀକରଣ ନିୟମ କୋହଳ ହେଉ

କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାର ବିଦେଶ ବଜାରରେ ସରକାରୀ ବଣ୍ଡ ବିକ୍ରି କରି ଅର୍ଥ ଯୋଗାଡ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ ଏହାକୁ ନେଇ ଆଶଙ୍କାବ୍ୟକ୍ତ କରିଛନ୍ତି। ସରକାରଙ୍କ ଏହି ଯୋଜନାରୁ ଦେଶକୁ ସେପରି କିଛି ଫାଇଦା ମିଳିବ ନାହିଁ। ବରଂ ଏହା ଅଧିକ ବିପଦପୂର୍ଣ୍ଣ ବୋଲି ସେ କହିଛନ୍ତି।

ପୂର୍ବତନ ଗଭର୍ନର ରାଜନ କହିଛନ୍ତି ଯେ, ବିଦେଶରେ ବଣ୍ଡ ବିକ୍ରି କରିବା ଯୋଗୁ ସ୍ଥାନୀୟ ବଜାରରେ ବିକ୍ରି ହେବାକୁ ଥିବା ଘରୋଇ ସରକାରୀ ବଣ୍ଡ ମାତ୍ରା କମ ହେବ ନାହିଁ। ଦେଶର ଅର୍ଥନୀତି ଦ୍ରୁତଗତିରେ ଆଗେଉଥିବା ବେଳେ ନିବେଶକ ଅଧିକ ନିବେଶ କରୁଥିବାରୁ ଏଥିପ୍ରତି ଅଧିକ ଧ୍ୟାନ ଦେବା ଜରୁରୀ ବୋଲି ରାଜନ କହିଛନ୍ତି। ତାଙ୍କ ମତରେ ଅର୍ଥନୀତି ଧିମା ହେବା ମାତ୍ରେ ନିବେଶକ ଦୂରେଇଯିବା ଆରମ୍ଭ କରନ୍ତି। ସୂଚନାଥାଉ କି, ବିଦେଶରେ ସରକାରୀ ବଣ୍ଡ ବିକ୍ରି କରି ଅର୍ଥ ଯୋଗାଡ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ କରି ଘୋଷଣା କରିଥିଲେ। ବିରୋଧୀ ଦଳଗୁଡ଼ିକ ମଧ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଅର୍ଥନୀତି ଧିମା ହେବା କାରଣରୁ ପାଣ୍ଠି ଯୋଗାଡ କରିବା ଲାଗି ମୋଦି ସରକାରଙ୍କ ନିକଟରେ ସ୍ୱଳ୍ପ ବିକଳ୍ପ ରହିଛି। ଏହି କାରଣରୁ ବିଦେଶରୁ ବଣ୍ଡ ଜାରି ମାଧ୍ୟମରେ ଅର୍ଥ ଯୋଗାଡ କରିବାକୁ ସରକାର ବାହାରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ସରକାର ରେକର୍ଡ ୭ ଲକ୍ଷ କୋଟି ଟଙ୍କା(୧୦୩ ବିଲିୟନ ଡଲାର) ଋଣ ନେବାକୁ ଯୋଜନା କରିଥିବାରୁ ଏହାକୁ ନେଇ ନିବେଶକମାନେ ବେଶ୍ ଚିନ୍ତିତ। ବିଦେଶୀ ଷ୍ଟକ୍ ଏକ୍ସଚେଞ୍ଜରେ ଭାରତୀୟ ବଣ୍ଡ କାରବାରରେ ଅସ୍ଥିରତା ଆସିଲେ ଏହା ଘରୋଇ ସିକ୍ୟୁରିଟିଜ୍ ବଜାରକୁ ପ୍ରଭାବିତ କରିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ତାଙ୍କ ମତରେ ଏହି ଯୋଜନା ବଦଳରେ ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ପଞ୍ଜୀକରଣ ନିୟମକୁ ଆହୁରି ନରମ କରିବା ସହ ସରକାରୀ ବଣ୍ଡରେ ନିବେଶର ସୀମା ବଢ଼ାଇବାକୁ ହେବ। ଆର୍‌ବିଆଇର ୩ ଜଣ ପୂର୍ବତନ ଅଧିକାରୀ ମଧ୍ୟ ଏହି ଯୋଜନାକୁ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏହି ଯୋଜନାକୁ କ୍ରିୟାନ୍ୱୟନ କରିବା ଲାଗି ଏବେ ସମୟ ଆସିନାହିଁ। କାରଣ ଭାରତ ବଡ଼ ବଜେଟ ନିଅଣ୍ଟ ସମସ୍ୟାର ସମ୍ମୁଖୀନ ହେଉଛି। ରାଜନଙ୍କ କହିବାନୁଯାୟୀ, ଛୋଟ ପରିମାଣ ବଣ୍ଡ ଜାରି କରାଗଲେ, ସେଭଳି ବିଶେଷ ଫରକ ପଡିବ ନାହିଁ। କିନ୍ତୁ ନିୟମ ଥରେ ଲାଗୁ ହେବା ପରେ ଅଧିକ ବଣ୍ଡ ଜାରି କରିବାର ଲୋଭ ବଢ଼ିଯିବ। ଏହା ହିଁ ବିପଦର କାରଣ ହେବ ବୋଲି ସେ କହିଛନ୍ତି।

## ସୁପର ୩୦ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ ଜିନ୍ଦେଗୀ ଫାଉଣ୍ଡେଶନ

**ଭୁବନେଶ୍ୱର,୧୩–୭**

ଗଣିତଜ୍ଞ ଆନନ୍ଦ କୁମାରଙ୍କ ଚରିତ୍ର ଉପରେ ପର୍ଯ୍ୟବସିତ 'ସୁପର ୩୦' ଚଳଚ୍ଚିତ୍ର ରିଲିଜ ହୋଇଥିବା ବେଳେ ଏଥିରେ ପ୍ରମୁଖ ଭୂମିକାରେ ହ୍ରିତିକ ରୋଶନ ଏବଂ ମୃଣାଳ ଠାକୁର ଅଭିନୟ କରିଛନ୍ତି। ଅନଗ୍ରସର ଏବଂ ଗରିବ ମେଧାବୀ ପିଲାମାନଙ୍କୁ ଠିକ୍ ଭାବେ ପ୍ରଶିକ୍ଷଣ ଦେଇ ଆଇଆଇଟି ଏବଂ ସଫଳତା ପ୍ରଦାନରେ ଆନନ୍ଦ କୁମାରଙ୍କ ଭୂମିକା ସଂକ୍ରାନ୍ତ ବିଭିନ୍ନ କାହାଣୀକୁ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ମୁମ୍ବାଇର ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ଚଳଚ୍ଚିତ୍ରକୁ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଆନନ୍ଦ କୁମାର ଏବଂ ସିନେମାର ସବୁ କଳାକାର ଉପସ୍ଥିତ ଥିଲେ। ଏହି ଅବସରରେ ଅଜୟ ବାହାଦୁର ସିଂ କହିଛନ୍ତି, ଆନନ୍ଦ କୁମାର ତାଙ୍କର ବାଲ୍ୟବନ୍ଧୁ। ଆନନ୍ଦଙ୍କ ପ୍ରେରଣାରେ ଶିକ୍ଷାକୁ ବୃତ୍ତି ଭାବେ ଗ୍ରହଣ କରି ଆନନ୍ଦିତ ବୋଲି ସିଂ କହିଛନ୍ତି।

ସିଂ ବର୍ତ୍ତମାନ ଜିନ୍ଦେଗୀ ଫାଉଣ୍ଡେଶନ ଦ୍ୱାରା ଗରିବ ବର୍ଗର ପିଲାମାନଙ୍କୁ ମାଗଣାରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରଶିକ୍ଷଣ ଏବଂ ରହିବାର ସୁବିଧା କରିଛନ୍ତି। ଜିନ୍ଦେଗୀ ଫାଉଣ୍ଡେଶନ ଭୁବନେଶ୍ୱରରେ 'ସୁପର ୩୦' ଉପରେ ପର୍ଯ୍ୟବସିତ ଫିଲ୍ମ ପ୍ରଦର୍ଶନକରି ସ୍କୁଲରେ ପଢୁଥିବା ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବେ। ଏହି ଫିଲ୍ମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମାନସିକତାରେ ପରିବର୍ତ୍ତନ ଆସିବ ବୋଲି ଆନନ୍ଦ କୁମାର ଏବଂ ହ୍ରିତିକ ରୋଶନ ଆଶାବ୍ୟକ୍ତ କରିଛନ୍ତି। ଜିନ୍ଦେଗୀ ଫାଉଣ୍ଡେଶନ ଦ୍ୱାରା ଉପକୃତ କ୍ରୀଷ୍ଣା ମହାନ୍ତି କୁହନ୍ତି, ବାପା ଚାଲିଗଲା ପରେ ମା ଭୁବନେଶ୍ୱର ଇସ୍କନ ମନ୍ଦିରରେ ଫୁଲ ଏବଂ କେକ ବିକି ଗୁଜୁରାଣ ମେଣ୍ଟାଉଥିଲେ। ଜିନ୍ଦେଗୀ ଫାଉଣ୍ଡେଶନ ଦ୍ୱାରା ମେଡିକାଲ ପ୍ରବେଶିକାରେ ସଫଳ ହେବା ସମ୍ଭବ ହୋଇଛି ବୋଲି ସେ କହିଛନ୍ତି।

## ନୂଆ ଗାଡ଼ି ପାଇଁ ନେବାକୁ ହେବ ଲମ୍ବା ଅବଧିର ବୀମା ପଲିସି: ଆଇଆର୍‌ଡିଏ

**ନୂଆଦିଲ୍ଲୀ,୧୩–୭**

ନୂଆ ଗାଡ଼ି କିଣୁଥିବା ବ୍ୟକ୍ତିବିଶେଷଙ୍କୁ ଲମ୍ବା ଅବଧିର ବୀମା ପଲିସି କିଣିବାକୁ ହେବ। ଏହା ବାଧ୍ୟତାମୂଳକ ହୋଇଛି। ତେବେ ପୂର୍ବରୁ ଗାଡ଼ି ପଲିସି ଥିବା ବ୍ୟକ୍ତିମାନେ ପ୍ରତିବର୍ଷ ଏହାର ନବୀକରଣ କରିବାକୁ ହେବ ବୋଲି ଭାରତୀୟ ବୀମା ନିୟାମକ ପ୍ରାଧିକରଣ(ଆଇଆର୍‌ଡିଏ) ସ୍ପଷ୍ଟ କରିଛି। ଜାରି ନୂଆ ନିୟମ ଅନୁଯାୟୀ, ଦୁଇଚକିଆ ଗାଡି କିଣୁଥିବା ବ୍ୟକ୍ତିଙ୍କୁ ୫ ବର୍ଷ ଲାଗି ବୀମା ନେବାକୁ ହେବ। ସେହିପରି ନୂଆ କାର୍ ପାଇଁ ୩ ବର୍ଷ ସୀମା ଅପରିହାର୍ଯ୍ୟ ହୋଇଛି। ସମସ୍ତ ନୂଆ ଗାଡ଼ି କିଣୁଥିବା ବ୍ୟକ୍ତିବିଶେଷଙ୍କୁ ଥାର୍ଡ ପାର୍ଟି ବୀମା ନେବା ବାଧ୍ୟତାମୂଳକ ହୋଇଛି। ଏହି ନୂଆ ନିୟମ ୨ ବର୍ଷ ଅଥବା ଏହାପୂର୍ବରୁ କିଣାଯାଇଥିବା ଗାଡ଼ି ପାଇଁ ଲାଗୁ ହେବ ନାହିଁ ବୋଲି ଆଇଆର୍‌ଡିଏ ପକ୍ଷରୁ ଗତ ୧୧ରେ ପ୍ରକାଶ କରାଯାଇଥିବା ସ୍ପଷ୍ଟୀକରଣରେ କୁହାଯାଇଛି। ପୁରୁଣା ଗାଡ଼ି ମାଲିକଙ୍କୁ ପୂର୍ବଭଳି କେବଳ ୧ ବର୍ଷ ବୀମା କରିବାକୁ ହେବ। ତେବେ ଚାର୍ଜ ବଢ଼ିଯିବ। ଏଣିକି ୧୦୦୦ ସିସିର ବାଇକ କିଣିବା ଉପରେ ଗାଡି ମାଲିକଙ୍କୁ ବୀମା ନେବା ଲାଗି ୪୫ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ କରିବାକୁ ପଡିବ। ଓନ୍ ଡ୍ୟାମେଜ୍ ବୀମା ୧ ବର୍ଷ ପାଇଁ ନେଇ ହେବ। ଏହାଦ୍ୱାରା ଗାଡ଼ିର ଏକ୍ସ ଶୋରୁମ୍ ମୂଲ୍ୟ ଅଧିକ ହୋଇଯିବ। ଏହାଦ୍ୱାରା ଗାଡ଼ି ମାଲିକଙ୍କ ଖର୍ଚ୍ଚ ୧୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ିବ। ଏଥିସହିତ ବ୍ୟକ୍ତିଗତ ବୀମା କଭରର କ୍ଲେମ୍ ରାଶିକୁ ଆଇଆର୍‌ଡିଏ ୨ ଲକ୍ଷରୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ପୂର୍ବରୁ ୨ ଚକିଆ ଗାଡ଼ି ପାଇଁ କ୍ଲେମ୍ ରାଶି ୧ ଲକ୍ଷ ଟଙ୍କା ଏବଂ ଚାରିଚକିଆ ଗାଡ଼ି ପାଇଁ ୨ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏଥିଲାଗି ଗ୍ରାହକଙ୍କଠାରୁ ପ୍ରିମିୟମ ବାବଦରେ ୫୦ ଅଥବା ୧୦୦ ଟଙ୍କା(ଟିକସ ସହ) ନିଆଯାଉଥିଲା। ଏବେ ସମସ୍ତ ଗାଡ଼ି ମାଲିକଙ୍କୁ ବ୍ୟକ୍ତିଗତ ବୀମା କଭର ନେବାକୁ ହେବ ଏବଂ ଏଥିପାଇଁ ବାର୍ଷିକ ୭୫୦ ଟଙ୍କା ଦେବାକୁ ପଡିବ।

### ବିଜୁଳି ବିଲ୍ ବକେୟା

## ବିଏସ୍‌ଏନ୍‌ଏଲ୍‌ର ୧୦୦୦ ମୋବାଇଲ ଟାୱାର ବନ୍ଦ

**ନୂଆଦିଲ୍ଲୀ,୧୩–୭**

ବକେୟା ବିଜୁଳି ବିଲ୍ ପ୍ରଦାନ କରାଯାଇ ନ ଥିବାରୁ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍)ର ୧୦୦୦ ମୋବାଇଲ ଟାୱାର ଏବଂ ୫୦୦ରୁ ଊର୍ଦ୍ଧ୍ୱ ଟେଲିଫୋନ୍ ଏକ୍ସଚେଞ୍ଜ ଏବେ ବନ୍ଦ ହୋଇପଡିଛି। ଏ ସମ୍ପର୍କରେ ଟେଲିକମ ମନ୍ତ୍ରୀ ରବିଶଙ୍କର ପ୍ରସାଦ ନିକଟରେ ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଦୁଇଟି ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଓ ମହାନଗର ଟେଲିଫୋନ ନିଗମ ଲିମିଟେଡ (ଏମ୍‌ଟିଏନ୍‌ଏଲ୍)ର ପୁନରୁଜ୍ଜୀବନ ଯୋଜନାକୁ କାର୍ଯ୍ୟକାରୀ କରାଯିବ। ଏଦିଗରେ ପଦକ୍ଷେପ ନେବା ଆରମ୍ଭ ହୋଇଛି। ତାଙ୍କର କହିବାନୁଯାୟୀ, ବିଜୁଳି ବିଲ୍ ପ୍ରଦାନ କରା ନ ଯିବାରୁ ଦେଶର ବିଭିନ୍ନ ସ୍ଥାନରେ ଏବେ ସୁଦ୍ଧା ୧୦୮୩ ମୋବାଇଲ ଟାୱାର ଏବଂ ୫୨୪ ଟେଲିଫୋନ ଏକ୍ସଚେଞ୍ଜ ବନ୍ଦ ହୋଇଯାଇଛି। ସେହିଭଳି ଜମି ମାଲିକଙ୍କ ଭଡା ବାବଦରେ ବକେୟା ପ୍ରଦାନ କରା ନ ଯିବାରୁ ସାରା ଦେଶରେ ୨୫୮ ମୋବାଇଲ ଟାୱାରକୁ ବନ୍ଦ କରିବାକୁ କମ୍ପାନୀ ବାଧ୍ୟ ହୋଇଛି।

## ନାଲ୍‌କୋକୁ ଗୋଲ୍‌ଡେନ ପିକକ ପୁରସ୍କାର

**ଭୁବନେଶ୍ୱର,୧୩–୭(ବ୍ୟୁରୋ)**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ)କୁ ଗୋଲଡେନ ପିକକ ପରିବେଶ ପରିଚାଳନା ପୁରସ୍କାର ମିଳିଛି। ପରିବେଶ ପରିଚାଳନାରେ ବିଶ୍ୱସ୍ତରୀୟ ମାନ୍ୟତା, ଔଦ୍ୟୋଗିକ ବିକାଶ ସହ ନିରନ୍ତର ପ୍ରଗତିକୁ ସୁନିଶ୍ଚିତ କରିବା କ୍ଷେତ୍ରରେ ୨୦୧୯ ବର୍ଷ ଲାଗି ନାଲ୍‌କୋକୁ ଏଭଳି ପୁରସ୍କାର ମିଳିଛି। ଏକବିଂଶତମ ପରିବେଶ ପରିଚାଳନା ଓ ଜଳବାୟୁ ପରିବର୍ତ୍ତନ ବିଶ୍ୱ କଂଗ୍ରେସ ଅବସରରେ କମ୍ପାନୀ ଏହି ଆୱାର୍ଡ ଲାଭ କରିଥିବା ସୂଚନା ଦେଇଛି। କୋରାପୁଟ ଜିଲାର ପଞ୍ଚପଟମାଳି ବକ୍ସାଇଟ ଖଣି ପରିବେଶ ପରିଚାଳନା ଓ ସଂରକ୍ଷଣ କ୍ଷେତ୍ରରେ ଏହାର କାର୍ଯ୍ୟ ସହ ଗୋଷ୍ଠୀ ବିକାଶ ଓ ଅଂଶୀଦାରଙ୍କ ଉନ୍ନତି ଦିଗରେ କମ୍ପାନୀ ନିରନ୍ତର ଭାବେ କାର୍ଯ୍ୟ କରୁଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଗଠିତ ବିଚାରକ ମଣ୍ଡଳୀ ନାଲ୍‌କୋକୁ ଉକ୍ତ ପୁରସ୍କାର ପ୍ରଦାନ ଲାଗି ଚୟନ କରିଛନ୍ତି। ୟୁଏଇ ସରକାରଙ୍କ କ୍ୟାବିନେଟ ସଦସ୍ୟ ତଥା ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ମନ୍ତ୍ରୀ ଡ.ଥାନି ବିନ ମହମ୍ମଦଙ୍କଠାରୁ ନାଲ୍‌କୋ ଏହି ପୁରସ୍କାର ଗ୍ରହଣ କରିଛି। ପରିବେଶ ପରିଚାଳନା କ୍ଷେତ୍ରରେ ନିରନ୍ତରତା ବଜାୟ ରଖିବା ଲାଗି ନାଲ୍‌କୋ ପରିବାରକୁ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

## 'ଅସହିଷ୍ଣୁତା ବୃଦ୍ଧି ଯୋଗୁ ବିକାଶ ବାଧାପ୍ରାପ୍ତ ହେବ'

**ନୂଆଦିଲ୍ଲୀ,୧୩–୭**

ଦେଶରେ ବୃଦ୍ଧି ପାଉଥିବା ଅସହିଷ୍ଣୁତା, ଘୃଣାଜନିତ ଅପରାଧ ଓ ମୋରାଲ ପୋଲିସିଂ ବୃଦ୍ଧି ପାଇବା ଯୋଗୁ ଆର୍ଥିକ ବିକାଶକୁ କ୍ଷତି ପହଞ୍ଚାଇବ ବୋଲି ଗୋଦ୍‌ରେଜ ଗ୍ରୁପ୍ ଅଧ୍ୟକ୍ଷ ଆଦି ଗୋଦ୍‌ରେଜ ଶନିବାର କହିଛନ

# ପ୍ରଥମ ଟାଇଟଲ ଲକ୍ଷ୍ୟରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ

**ଲଣ୍ଡନ,୧୩।୭(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଅନ୍ତିମ ସୋପାନରେ ପହଞ୍ଚିଛି। ରବିବାର ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଫାଇନାଲରେ ପ୍ରବେଶ କରିଥିବା ଆୟୋଜକ ଇଂଲଣ୍ଡ ଓ ଗତଥରର ରନର୍ସଅପ୍ ନ୍ୟୁଜିଲଣ୍ଡ ଟାଇଟଲ ପାଇଁ ମୁକାବିଲାରେ ଅବତୀର୍ଣ୍ଣ ହେବେ। କ୍ରିକେଟର ଜନକ ହୋଇଥିଲେ ମଧ୍ୟ ଇଂଲଣ୍ଡ ଏପର୍ଯ୍ୟନ୍ତ ବିଶ୍ୱକପ୍ ଟାଇଟଲ ଜିତିବାରେ ବିଫଳ ହୋଇଛି। ସେହିପରି ନ୍ୟୁଜିଲାଣ୍ଡ ମଧ୍ୟ ବିଶ୍ୱକପ୍ ଇତିହାସରେ ଚାମ୍ପିୟନ ହୋଇପାରିନାହିଁ। ଫଳରେ ପ୍ରଥମ ଟାଇଟଲ ହାସଲ ପାଇ ଦୁଇଦଳ ପାଖରେ ସୁଯୋଗ ରହିଛି। ଅର୍ଥାତ୍ ଏଥର ବିଶ୍ୱକପ୍‌ରେ ଏକ ନୂଆ ଚାମ୍ପିୟନ ଦେଖିବାକୁ ମିଳିବ।

୧୯୬୬ ପରେ ସାର୍ ଅଲଫ ରାମସେଙ୍କ ଇଂଲଣ୍ଡ ଦଳ ଫିଫା ବିଶ୍ୱକପ୍ ହାସଲ କରିଥିଲା। ତେବେ ଏହାପରଠାରୁ ୫୩ ବର୍ଷ ମଧ୍ୟରେ ଇଂଲଣ୍ଡ ଗୋଟିଏ ହେଲେ ବି ବିଶ୍ୱସ୍ତରୀୟ ଇଭେଣ୍ଟ ଜିତିପାରି ନାହିଁ। ମହିଳା ଫିଫା ବିଶ୍ୱକପ୍‌ରେ ମଧ୍ୟ ଇଂଲଣ୍ଡ ସେମିଫାଇନାଲରେ ପରାସ୍ତ ହୋଇ ଟାଇଟଲ ହାସଲଠାରୁ ଦୂରରେ ରହିଯାଇଥିଲା। ଏଥର କିନ୍ତୁ ମିଳିଥିବା ସୁଯୋଗକୁ ଆୟୋଜକ ଇଂଲଣ୍ଡ ହାତଛଡ଼ା କରିବାକୁ ଚାହିଁବ ନାହିଁ। ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଏଥର ଫାଇନାଲରେ ପ୍ରବେଶ କରିବା ପାଇଁ ବେଶ୍ ସଂଘର୍ଷର ସମ୍ମୁଖୀନ ହୋଇଛି। ୨୦୧୫ ବିଶ୍ୱକପ୍‌ରେ ଇଂଲଣ୍ଡ ଗ୍ରୁପ୍ ପର୍ଯ୍ୟାୟରେ ପରାସ୍ତ ହୋଇ ବିଦାୟ ନେଇଥିଲା। କିନ୍ତୁ ଏହାପରଠାରୁ ଇଂଲଣ୍ଡ ନିଜର ପ୍ରସ୍ତୁତି ଜୋର୍‌ଦାର କରିବା ସହ ଉନ୍ନତ ଯୋଜନା ତଥା ରଣନୀତିକୁ ଆପଣାଇ ବିଶ୍ୱର ୧ ନମ୍ବର ଦିନିକିଆ ଦଳରେ ପରିଣତ ହୋଇଛି। କେବଳ ସେତିକି ନୁହେଁ ଇଂଲଣ୍ଡ ଏବେ ଟାଇଟଲ ଦାବିଦାର ଭାବେ ଉଭା ହୋଇଛି। ଆକ୍ରମଣାତ୍ମକ ତଥା ସାହସିକ କ୍ରିକେଟ ଖେଳି ଇଂଲଣ୍ଡ ଆଜି ଏହି ସ୍ଥାନରେ ପହଞ୍ଚିପାରିଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ କେନ୍ ୱିଲିୟମସନଙ୍କ ନେତୃତ୍ୱରେ ପୂରା ଲୟରେ ଥିବା ପରି ମନେହେଉଛି। ସେ ବ୍ରେଣ୍ଡନ ମ୍ୟାକୁଲମଙ୍କ ସଫଳ ଉତ୍ତରାଧିକାରୀ ଭାବେ ନିଜକୁ ପ୍ରମାଣିତ କରିଛନ୍ତି।

ଲର୍ଡ୍ସରେ ଇଂଲଣ୍ଡ ଟାଇଟଲ ପାଇଁ ଜବରଦସ୍ତ ଫେଭରାଇଟ୍ ମନେହେଉଛି। ଜନ୍ନି ବେୟାରଷ୍ଟୋ, ଜାସନ ରଏ, ଜୋ ରୁଟ୍, ଜୋସ ବଟଲର ଓ ବେନ୍ ଷ୍ଟୋକ୍ସଙ୍କୁ ନେଇ ଇଂଲଣ୍ଡର ବ୍ୟାଟିଂ ଲାଇନ୍ ୫୦ ଓଭର କ୍ରିକେଟରେ ବିସ୍ଫୋରକ ମନେହେଉଛି। ପୂର୍ବରୁ ୧୯୭୯, ୧୯୮୭ ଓ ୧୯୯୨ ବିଶ୍ୱକପ୍‌ରେ ଇଂଲଣ୍ଡ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ସବୁ ଦୃଷ୍ଟିକୋଣରୁ ଇଂଲଣ୍ଡ ବେଶ୍ ଶକ୍ତିଶାଳୀ ମନେହେଉଛି। ୧୯୭୯ରେ ସେତେବେଳର ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ୍‌ଠାରୁ ଫାଇନାଲରେ ଇଂଲଣ୍ଡ ପରାସ୍ତ ହୋଇଥିଲା। ତେବେ ଏଥର ଇଂଲଣ୍ଡ ଇତିହାସର ସବୁଠାରୁ ଶକ୍ତିଶାଳୀ ଦଳ ରୂପେ ଉଭା ହୋଇଛି। ସେତେବେଳେ ଇଂଲଣ୍ଡ ଦଳରେ ମାଇକ୍ ବ୍ରିଏରଲି (୧୩୦ ବଲରୁ ୬୪) ଓ ଜେଫ୍ରି ବୟକଟ୍ (୧୦୫ରୁ ୫୭ ବଲ) ୧୨୯ ରନର ଭାଗୀଦାରି ସ୍ଥାପନ କରି ୫୦ ଓଭରରେ ୨୮୭ ରନ ସଂଗ୍ରହ କରିଥିଲେ। ତେବେ ୱେଷ୍ଟଇଣ୍ଡିଜ ବିଜୟୀ ହୋଇ ଟାଇଟଲ ଜିତିଥିଲା। ସେହିପରି ୧୯୮୭ ବିଶ୍ୱକପ୍ ଫାଇନାଲରେ ମାଇକ୍ ଗେଟିଂଙ୍କ ନେତୃତ୍ୱରେ ଇଂଲଣ୍ଡ ଆଲାନ ବର୍ଡରଙ୍କ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ସେହିପରି ୧୯୯୨ରେ ଇଂଲଣ୍ଡ ଇମ୍ରାନ ଖାଁଙ୍କ ପାକିସ୍ତାନଠାରୁ ଫାଇନାଲରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ସେବେକାର ଦଳଠାରୁ ଇଅନ ମୋର୍ଗାନଙ୍କ ଇଂଲଣ୍ଡ ଦଳ ଭିନ୍ନ ମନେହେଉଛି।

ଦୁଇ ଇଂଲଣ୍ଡ ଓପନର ଜାସନ ରୟ ଓ ଜନ୍ନି ବେୟାରଷ୍ଟୋ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ରୟ ୪୨୬ ଓ ବେୟାରଷ୍ଟୋ ୪୯୬ ରନ ସଂଗ୍ରହ କରିଛନ୍ତି। ତେବେ ନ୍ୟୁଜିଲାଣ୍ଡର ତାରକା ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ଓ ମ୍ୟାଟ୍ ହେନେରି ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ପରୀକ୍ଷାରେ ପକାଇବେ। ନ୍ୟୁଜିଲାଣ୍ଡ ସେମିଫାଇନାଲ ପ୍ରଦର୍ଶନକୁ ଫାଇନାଲରେ ଦୋହରାଇବାକୁ ଚାହିଁବ। ସେହିପରି ୫୪୯ ରନ ସଂଗ୍ରହ କରି ଜୋ ରୁଟ୍ ମଧ୍ୟ ଆଶନୁରୂପ ପ୍ରଦର୍ଶନ କରିଛନ୍ତି। ଇଂଲଣ୍ଡର ମିଡଲଅର୍ଡର ମଧ୍ୟ ବେଶ୍ ଦୃଢ଼ ରହିଛି।

ପିଚ୍‌ର ପରିସ୍ଥିତି ଓ ପରିବେଶ ଯାହା ହେଉନା କାହିକି ଘରୋଇ ପରିବେଶରେ ଇଂଲଣ୍ଡ ପ୍ରଥମେ ବୋଲିଂ କରିବାକୁ ଆଦୌ କୁଣ୍ଠିତ ହେବ ନାହିଁ। ଯୁବ ପେସ୍ ସେନସେସନ ଜୋଫ୍ରା ଆର୍ଚର ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୧୯ଟି ଉଇକେଟ ହାସଲ କରିଥିବା ବେଳେ କ୍ରିସ୍ ୱକ୍ସ ୧୩ ଓ ଲିଅମ ପ୍ଲଙ୍କେଟ ୮ଟି ଉଇକେଟ ପାଇଛନ୍ତି। ସେହିପରି ମାର୍କ ଉଡ୍ ୧୭ଟି ଉଇକେଟ ଅକ୍ତିଆର କରିଛନ୍ତି। ସେମିଫାଇନାଲରେ ଭଲ ପ୍ରଦର୍ଶନ କରିଥିବା ସ୍ପିନର ଆଡିଲ ରସିଦ ମଧ୍ୟ ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ।

ଗତ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପଡୋଶୀ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଦଳର ୬ ଜଣ କ୍ରିକେଟର ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟର ଫାଇନାଲ ଖେଳିବାର ଅଭିଜ୍ଞତା ହାସଲ କରିଛନ୍ତି। ତେବେ ଏ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଇଂଲଣ୍ଡ ପାଦେ ପଛରେ ରହିବ। ଟୁର୍ନାମେଣ୍ଟରେ ୱିଲିମୟସନ ୫୪୮ ରନ ସଂଗ୍ରହ କରି ଜବରଦସ୍ତ ଫର୍ମରେ ରହିଛନ୍ତି। ସେ ଆଉ ଏକ କ୍ୱାଲିଟି ଇନିଂସ ଖେଳିବା ଆଶା କରାଯାଉଛି। ଫର୍ମରେ ନ ଥିବା ଓପନର ମାର୍ଟିନ ଗୁପ୍ଟିଲ ୧୬୭ ଓ ଅଭିଜ୍ଞ ରସ୍ ଟେଲର ୩୩୫ ରନ ସଂଗ୍ରହ କରିଛନ୍ତି। ସେହିପରି ମିଚେଲ ସାଣ୍ଟନର, ଜିମ୍ମି ନିଶାମ ଓ କଲିନ୍ ଡି ଗ୍ରାଣ୍ଡହୋମ ଭଲ ପ୍ରଦର୍ଶନ କଲେ ଇଂଲଣ୍ଡ ସମସ୍ୟାରେ ପଡିବ।

ଶେଷରେ ଇଂଲଣ୍ଡ ଜିତି ଚାମ୍ପିୟନ ହେଲେ ମଧ୍ୟ ଫୁଟବଲକୁ ପଛରେ ପକାଇପାରିବ ନାହିଁ। ସେହିପରି ନ୍ୟୁଜିଲାଣ୍ଡ ଚାମ୍ପିୟନ ହେଲେ ମଧ୍ୟ ଦେଶରେ ରଗ୍‌ବୀର ପ୍ରଭାବ ଜାରି ରହିବ। ତେବେ ଚାମ୍ପିୟନ ହେଲେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡରେ ୫୦ ଓଭର ଫର୍ମାଟ୍ ନୂଆରୂପରେ ଉଭା ହେବ। ସାରା ବିଶ୍ୱର କ୍ରୀଡ଼ାପ୍ରେମୀ ଏକ ହାଇଭୋଲ୍‌ଟେଜ ତଥା ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ପାଇବେ। ରବିବାର ଏକ କ୍ୱାଲିଟି କ୍ରିକେଟ ଦେଖିବାକୁ ମିଳିବ ବୋଲି କୁହାଯାଇପାରେ।

ବିଶ୍ୱକପ୍ ଟ୍ରଫି ସହ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ଓ ନ୍ୟୁଜିଲାଣ୍ଡର କେନ୍ ୱିଲିୟମ୍‌ସନ୍।

## ବିଶ୍ୱକପ୍ ଫାଇନାଲ ଆଜି

- **ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲି, ଜୋଫ୍ରା ଆର୍ଚର, ଜନ୍ନି ବେୟାରଷ୍ଟୋ, ଜୋସ ବଟଲର, ଟମ୍ କୁରାନ, ଲିଅମ ଡସନ, ଲିଅମ ପ୍ଲଙ୍କେଟ, ଆଡିଲ ରସିଦ, ଜୋ ରୁଟ୍, ଜାସନ ରୟ, ବେନ୍ ଷ୍ଟୋକ୍ସ, ଜେମ୍ସ ଭିନ୍ସ, କ୍ରିସ୍ ୱକ୍ସ ଓ ମାର୍କ ଉଡ୍
- **ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, କଲିନ ମୁନ୍‌ରୋ, ରସ ଟେଲର, ଟମ୍ ଲାଥମ, ଟମ୍ ବ୍ଲଣ୍ଡେଲ, କଲିନ ଡି ଗ୍ରାଣ୍ଡହୋମ, ଜିମ୍ମି ନିଶାମ, ଟ୍ରେଣ୍ଟ ବୋଲ୍ଟ, ଲୋକି ଫର୍ଗୁସନ, ମ୍ୟାଟ୍ ହେନେରି, ମିଚେଲ ସାଣ୍ଟନର, ହେନରି ନିକୋଲ୍ସ, ଟିମ୍ ସୌଦି ଓ ଇଶ୍ ସୋଧୀ

## ବିଶ୍ୱକପ୍ ରେକର୍ଡ

| ଦେଶ | ଫାଇନାଲ ଖେଳିଛି | ଜିତିଛି | ହାରିଛି | ଚାମ୍ପିୟନ ବର୍ଷ | ରନର୍ସଅପ୍ ବର୍ଷ |
|---|---|---|---|---|---|
| ଅଷ୍ଟ୍ରେଲିଆ | ୭ | ୫ | ୨ | ୧୯୮୭, ୧୯୯୯ ୨୦୦୩, ୨୦୦୭, ୨୦୧୫ | ୧୯୭୫,୧୯୯୬ |
| ଭାରତ | ୩ | ୨ | ୧ | ୧୯୮୩, ୨୦୧୧ | ୨୦୦୩ |
| ୱେଷ୍ଟଇଣ୍ଡିଜ | ୩ | ୨ | ୧ | ୧୯୭୫, ୧୯୭୯ | ୧୯୮୩ |
| ଶ୍ରୀଲଙ୍କା | ୩ | ୧ | ୨ | ୧୯୯୬ | ୨୦୦୭, ୨୦୧୧ |
| ପାକିସ୍ତାନ | ୨ | ୧ | ୧ | ୧୯୯୨ | ୧୯୯୯ |
| ଇଂଲଣ୍ଡ | ୩ | ୦ | ୩ | --- | ୧୯୭୯, ୧୯୮୭, ୧୯୯୨ |
| ନ୍ୟୁଜିଲାଣ୍ଡ | ୧ | ୦ | ୧ | --- | ୨୦୧୫ |

## ଫାଇନାଲ ପଥରେ...

### ଇଂଲଣ୍ଡ

୧– ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୦୪ ରନରେ ବିଜୟୀ
୨– ପାକିସ୍ତାନଠାରୁ ୧୪ ରନରେ ପରାସ୍ତ
୩– ବାଂଲାଦେଶ ବିପକ୍ଷରେ ୧୦୬ ରନରେ ବିଜୟୀ
୪– ୱେଷ୍ଟଇଣ୍ଡିଜ ବିପକ୍ଷରେ ୮ ଉଇକେଟ୍‌ରେ ବିଜୟୀ
୫– ଆଫଗାନିସ୍ତାନ ବିପକ୍ଷରେ ୧୫୦ ରନରେ ବିଜୟୀ
୬– ଶ୍ରୀଲଙ୍କାଠାରୁ ୨୦ ରନରେ ପରାସ୍ତ
୭– ଅଷ୍ଟ୍ରେଲିଆଠାରୁ ୬୪ ରନରେ ପରାସ୍ତ
୮– ଭାରତ ବିପକ୍ଷରେ ୩୧ ରନରେ ବିଜୟୀ
୯– ନ୍ୟୁଜିଲାଣ୍ଡ ବିପକ୍ଷରେ ୧୧୯ ରନରେ ବିଜୟୀ
ସେମିଫାଇନାଲ– ଅଷ୍ଟ୍ରେଲିଆ ବିପକ୍ଷରେ ୮ ଉଇକେଟ୍‌ରେ ବିଜୟୀ।

### ନ୍ୟୁଜିଲାଣ୍ଡ

୧– ଶ୍ରୀଲଙ୍କା ବିପକ୍ଷରେ ୧୦ ଉଇକେଟ୍‌ରେ ବିଜୟୀ
୨– ବାଂଲାଦେଶ ବିପକ୍ଷରେ ୨ ଉଇକେଟ୍‌ରେ ବିଜୟୀ
୩– ଆଫଗାନିସ୍ତାନ ବିପକ୍ଷରେ ୭ ଉଇକେଟ୍‌ରେ ବିଜୟୀ
୪– ବର୍ଷା ଯୋଗୁ ଭାରତ ବିପକ୍ଷ ମ୍ୟାଚ୍ ବାତିଲ୍
୫– ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪ ଉଇକେଟ୍‌ରେ ବିଜୟୀ
୬– ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ ରନରେ ବିଜୟୀ
୭– ପାକିସ୍ତାନଠାରୁ ୬ ଉଇକେଟ୍‌ରେ ପରାସ୍ତ
୮– ଅଷ୍ଟ୍ରେଲିଆଠାରୁ ୮୬ ରନରେ ପରାସ୍ତ
୯– ଇଂଲଣ୍ଡଠାରୁ ୧୧୯ ରନରେ ପରାସ୍ତ
ସେମିଫାଇନାଲ– ଭାରତ ବିପକ୍ଷରେ ୧୮ ରନରେ ବିଜୟୀ

ଇଂଲଣ୍ଡର ଜୋଫ୍ରା ଆର୍ଚର ଓ କ୍ରିସ୍ ୱକ୍ସ।

# ଧୋନୀଙ୍କୁ ନଂ ୭ରେ ବ୍ୟାଟିଂ ଦଳୀୟ ନିଷ୍ପତ୍ତି ଥିଲା

**ଲର୍ଡ୍ସ,୧୩।୭:** ଅଭିଜ୍ଞ ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଚଳିତ ବିଶ୍ୱକପ୍ ସେମିଫାଇନାଲରେ ବ୍ୟାଟିଂ କ୍ରମର ୭ମ ସ୍ଥାନରେ ପଠାଇବାର କାରଣ ସ୍ପଷ୍ଟ କରିଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ। ଧୋନୀଙ୍କୁ ନିମ୍ନକ୍ରମରେ କ୍ରିଜ୍‌କୁ ପଠାଇବାର ନିଷ୍ପତ୍ତି କ୍ରିକେଟ ଜଗତକୁ ଚକିତ କରିଦେଇଥିଲା। ୨୪୦ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତୀୟ ଦଳ ଧୋନୀଙ୍କୁ ରିଷଭ ପନ୍ତ, ଦୀନେଶ କାର୍ତ୍ତିକ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପରେ ବ୍ୟାଟିଂ କରିବାକୁ ପଠାଇଯାଇଥିଲା। ସେ ରବୀନ୍ଦ୍ର ଜାଡେଜାଙ୍କ ସହ ମିଶି ୭ମ ଉଇକେଟ ପାଇଁ ଦଳୀୟ ସ୍କୋରରେ ୧୧୬ ରନ୍ ଯୋଡ଼ିଥିଲେ। କିନ୍ତୁ ଭାରତୀୟ ଦଳକୁ ଜିତାଇ ପାରି ନ ଥିଲେ। ଏହା ସମ୍ପୂର୍ଣ୍ଣ ଟିମ୍ ମ୍ୟାନେଜମେଣ୍ଟର ନିଷ୍ପତ୍ତି ଥିଲା। ଏହାକୁ ସମସ୍ତ ଖେଳାଳି ସମର୍ଥନ କରିଥିଲା। ଏହା ଅତ୍ୟନ୍ତ ସରଳ ନିଷ୍ପତ୍ତି। କାରଣ ଦଳ ମ୍ୟାଚ୍‌ର ଅନ୍ତିମ ଓଭରଗୁଡ଼ିକରେ ଧୋନୀଙ୍କ ଅଭିଜ୍ଞତାର ଫାଇଦା ଉଠାଇବାକୁ ଚାହୁଁଥିଲା। ସେ ସର୍ବକାଳୀନ ଫିନିଶର। ଧୋନୀ ଶୀଘ୍ର ବ୍ୟାଟିଂକରି ଆଉଟ୍ ହୋଇଯାଇଥିଲେ, ଦଳ ପାଇଁ ମ୍ୟାଚ୍ ସେଠାରେ ଶେଷ ହୋଇଯାଇଥାନ୍ତା। ଏଣୁ ସେଭଳି ଧୋନୀଙ୍କୁ ବ୍ୟବହାର କରିବା ଅପରାଧ ହୋଇଥାନ୍ତା ବୋଲି ଶାସ୍ତ୍ରୀ କହିଛନ୍ତି। ଉଲ୍ଲେଖଥାଉ କି, ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଏକଦା ୯୨ ରନ୍‌ରେ ୬ ଉଇକେଟ ହରାଇସାରିଥିବା ଭାରତୀୟ ଦଳ ୨୦୮ରେ ୭ମ ଉଇକେଟ ହରାଇଥିଲା।

# ଭାରତୀୟ ପ୍ରଶଂସକଙ୍କୁ ନିଶାମଙ୍କ ଅନୁରୋଧ

**ଲର୍ଡ୍ସ,୧୩।୭:** ସ୍ଥାନୀୟ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରବିବାର ନ୍ୟୁଜିଲାଣ୍ଡ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ଚଳିତ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ଟିକେଟ କିଣିଥିବା ଭାରତୀୟ ପ୍ରଶଂସକଙ୍କୁ ବିକିଦେବା ପାଇଁ ଅନୁରୋଧ କରିଛନ୍ତି ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ଜିମ୍ମି ନିଶାମ। ଟୁଇଟରରେ ନିଶାମ ଲେଖିଛନ୍ତି, ଭାରତୀୟ କ୍ରିକେଟ ପ୍ରଶଂସକ ଯଦି ତୁମେ ଫାଇନାଲ ଦେଖିବାକୁ ଇଚ୍ଛୁକ ନୁହେଁ, ତେବେ ଟିକେଟ ବିକ୍ରିକରି ଦିଅନ୍ତୁ। ଏହା ଲାଭ କରିବାର ଏକ ବଡ଼ ସୁଯୋଗ। ଏହାଦ୍ୱାରା ସମସ୍ତ କ୍ରିକେଟ ପ୍ରଶଂସକଙ୍କୁ ମ୍ୟାଚ୍ ଉପଭୋଗ କରିବାର ସୁଯୋଗ ମିଳିପାରିବ। ଉଲ୍ଲେଖଥାଉ କି, ନ୍ୟୁଜିଲାଣ୍ଡ ପ୍ରଥମ ସେମିଫାଇନାଲରେ ଦୁଇ ଥର ଚାମ୍ପିୟନ ଭାରତକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରି ୯ ଲିଗ୍ ମ୍ୟାଚ୍‌ରୁ ମାତ୍ର ଗୋଟିଏ ପରାଜୟବରଣ କରିଥିଲା। କିନ୍ତୁ କେନ୍ ୱିଲିୟମସନଙ୍କ ଦଳର ବୋଲିଂ ଆଗରେ ବିଫଳ ହୋଇଥିଲା ଭାରତୀୟ ଦଳ।

# ନ୍ୟୁଜିଲାଣ୍ଡକୁ ହେୟ ମନେ କରିହେବନି

**ସୌରଭ ଗାଙ୍ଗୁଲି**

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଜୁଲାଇ ୧୪ ତାରିଖରେ ଇତିହାସ ସୃଷ୍ଟି ହେବାକୁ ଯାଉଛି। ଉଭୟ ଆୟୋଜକ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡକୁ ପ୍ରଥମଥର ପାଇଁ ବିଶ୍ୱକପ୍ ଚାମ୍ପିୟନ ହେବାର ସୁଯୋଗ ମିଳିଛି। ଲଣ୍ଡନରେ ସନ୍ଧ୍ୟା ୬ଟା ବେଳେ ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳ ଚାମ୍ପିୟନ ହେବା ସ୍ପଷ୍ଟ ହୋଇଯାଇଥିବ। ୧୯୭୫, ୧୯୮୭ ଓ ୧୯୯୨ରେ ଇଂଲଣ୍ଡ ଚାମ୍ପିୟନ ହେବାର ସୁଯୋଗ ହାତଛଡ଼ା କରିଥିଲା। ଏବେ ଦୀର୍ଘ ୨୭ ବର୍ଷ ପରେ ଇଂଲଣ୍ଡ ଆଉ ଏକ ସୁଯୋଗ ହାସଲ କରିଛି। ଇଂଲଣ୍ଡ ଏବେ ଦିନିକିଆରେ ଏକ ଶକ୍ତିଶାଳୀ ଦଳ ରୂପେ ଉଭା ହୋଇଛି। କ୍ରିକେଟର ଜନକ ଇଂଲଣ୍ଡ ଚାମ୍ପିୟନ ହେଲେ କେବଳ ଦଳ ପାଇଁ ନୁହଁ ଖେଳାଳି, ସେମାନଙ୍କ ପରିବାର ଓ ସାରା ଇଂଲଣ୍ଡର ପ୍ରଶଂସକଙ୍କ ପାଇଁ ଏକ ଅଭୁଲା ମୁହୂର୍ତ୍ତ ସୃଷ୍ଟି ହେବ। ପୂର୍ବରୁ କେବେ ବିଶ୍ୱକପ୍ ହାସଲ କରିନ ଥିବା ଇଂଲଣ୍ଡ ଏଥର ସଫଳ ହେଲେ ଏକ ଗୌରବମୟ ଇତିହାସ ସୃଷ୍ଟି ହେବ। ୪ ବର୍ଷ ତଳେ ଇଂଲଣ୍ଡ ଖରାପ ପ୍ରଦର୍ଶନ କରି ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡିଥିଲା। ତେବେ ଏହାପରେ ପରିବର୍ତ୍ତନ ଆସିଥିଲା। ତ୍ରୁଟି ସୁଧାରି ଇଂଲଣ୍ଡ ଏବେ ଟାଇଟଲ ଦାବିଦାର ଭାବେ ଉଭା ହୋଇଛି। ଲର୍ଡ୍ସବାଲକୋନୀରେ ଟ୍ରଫି ଧରିବା ଇଂଲଣ୍ଡ ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ବନିଯିବ।

ଉଭୟ ବୋଲିଂ ଓ ବ୍ୟାଟିଂ ଦୃଷ୍ଟିକୋଣରୁ ଇଂଲଣ୍ଡ ବେଶ୍ ଦୃଢ଼ ମନେହେଉଛି। କ୍ରିସ୍ ୱକ୍ସ ଓ ଜୋଫ୍ରା ଆର୍ଚର ନୂଆ ବଲରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଦମ୍ ଦେଖାଇଥିଲେ। ଲର୍ଡ୍ସରେ ମଧ୍ୟ ଏହି ଦୁଇ ବୋଲର ତାଙ୍କ ପ୍ରଦର୍ଶନ ଦୋହରାଇବା ଆଶା କରୁଛି। ଇଂଲଣ୍ଡର ଅନ୍ୟ ଗ୍ରାଉଣ୍ଡ ଅପେକ୍ଷା ଲର୍ଡ୍ସରେ ବଲ୍ ଅଧିକ ସୁଇଙ୍ଗ୍ କରିଥାଏ। ସେହିପରି ଦୁଇ ଓପନର ଜାସନ ରୟ ଓ ଜନ୍ନି ବେୟାରଷ୍ଟୋ ଦମ୍‌ଦାର ପ୍ରଦର୍ଶନ କରି ଦଳକୁ ସକାରାତ୍ମକ ଭାବେ ପ୍ରଭାବିତ କରିଛନ୍ତି। ସେହିପରି ଜୋ ରୁଟ, ଇଅନ ମୋର୍ଗାନ, ବେନ୍ ଷ୍ଟୋକ୍ସ, ଜୋସ ବଟଲର ମଧ୍ୟ ସ୍ଥିର ପ୍ରଦର୍ଶନ କରିଛନ୍ତି। ଗତ କିଛି ବର୍ଷ ହେବ ଦଳ ଦିନିକିଆ କ୍ରିକେଟ ବହୁବାର ୩୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛି। ଫଳରେ ବଡ଼ ଟୁର୍ନାମେଣ୍ଟ ଜିତିବା ପାଇଁ ଇଂଲଣ୍ଡ ପାଖରେ ଯଥେଷ୍ଟ ଆତ୍ମବିଶ୍ୱାସ ରହିଛି। ପୂରା ଦଳ ନିର୍ଭୀକ କ୍ରିକେଟ ପ୍ରଦର୍ଶନ କରୁଛି।

୨୦୧୫ ଅର୍ଥାତ ୪ ବର୍ଷ ପରେ ନ୍ୟୁଜିଲାଣ୍ଡ ଆଉ ଏକ ଫାଇନାଲ ଖେଳିବାକୁ ଯାଉଛି। ଗତଥର ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିବା ଫାଇନାଲରେ ଆଉ ଏକ ଘରୋଇ ଦଳକୁ ଫେରିବ। ସେମିଫାଇନାଲରେ ଭାରତକୁ ହରାଇବା ପରେ ନ୍ୟୁଜିଲାଣ୍ଡ ଯଥେଷ୍ଟ ବିଶ୍ରାମ ପାଇ ସମ୍ପୂର୍ଣ୍ଣଭାବେ ମାନସିକ ଓ ଶାରୀରିକ ଭାବେ ଫିଟ୍ ଥିବ। ଫେଭରାଇଟ ଭାରତ ଭଳି ଶକ୍ତିଶାଳୀ ଦଳକୁ ହରାଇଥିବାରୁ ନ୍ୟୁଜିଲାଣ୍ଡକୁ ଆଦୌ ହେୟ ମନେ କରିହେବ

## ସଂକ୍ଷେପରେ

### ଜୁନିୟର ଶୁଟିଂ ବିଶ୍ୱକପ୍: ଭାରତକୁ ଦୁଇ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୩।୭ (ପି.ଟି.):** ଜର୍ମାନୀର ଶୁଲ୍‌ଠାରେ ଜୁନିୟର ଶୁଟରଙ୍କ ଲାଗି ଆୟୋଜିତ କମ୍ବାଇନ୍ଡ ୱାର୍ଲ୍ଡକପ୍‌ରେ ଭାରତର ଉଦୟବୀର ସିଦ୍ଧୁ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫଳରେ ପ୍ରତିଯୋଗିତାର ପ୍ରଥମ ଦିବସରେ ଭାରତ ପୋଲ ପୋଜିଶନ ହାସଲ କରିଛି। ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଦ୍ୱାରା ରାଇଫଲ, ପିସ୍ତଲ ଏବଂ ଶଟ୍‌ଗନ୍ ଶୁଟରମାନଙ୍କ ଲାଗି ଆୟୋଜିତ ଏହି ଟୁର୍ନାମେଣ୍ଟର ଜୁନିୟର ପୁରୁଷ ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ଭାରତ କ୍ଲିନ୍ ସୁଇପ୍ ହାସଲ କରିଛି। ଉଦୟବୀର ୫୭୫ ଶଟ୍ ସହ ସ୍ୱର୍ଣ୍ଣ ଜିତିଥିବାବେଳେ ଭାରତର ଅନ୍ୟ ଦୁଇ ପ୍ରତିଯୋଗୀ ଆଦର୍ଶ ସିଂ (୫୬୮) ଏବଂ ଆନି ଭାନ୍‌ୱାଲ (୫୬୬) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ପରେ ଆଦର୍ଶ, ବିଜୟବୀର ସିଦ୍ଧୁ ଏବଂ ଉଦୟବୀରଙ୍କୁ ନେଇ ଭାରତୀୟ ଦଳ ଟିମ୍ ଇଭେଣ୍ଟରେ ୧୭୦୭ ସ୍କୋର ସହ ସ୍ୱର୍ଣ୍ଣ ପଦକ ଲାଭ କରିବା ସହ ଏକ ଜୁନିୟର ବିଶ୍ୱ ରେକର୍ଡ କରିଛି। ଇଭେଣ୍ଟର ରୌପ୍ୟ ପଦକ ଭାରତର ଦ୍ୱିତୀୟ ଟିମ୍ ହାସଲ କରିଛନ୍ତି। ଆନିଶ, ରାଜ କନୱର ସାନ୍ଧୁ ଏବଂ ଦିଲ୍‌ଶାନ୍ କେଲିଙ୍କୁ ନେଇ ଏହି ଦଳ ୧୬୭୬ ପଏଣ୍ଟ ସ୍କୋର କରିଥିଲା। ପ୍ରଥମ ଦିବସରେ ଭାରତ ଦୁଇ ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ସହ ୫ ପଦକ ହାସଲ କରିଛି। ଚାଇନା ଏବଂ ଥାଇଲାଣ୍ଡ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥିଲେ।

### ପ୍ରଦୀପ ସିଂଙ୍କୁ ସ୍ୱର୍ଣ୍ଣ

**ଆପିଆ(ସାମୋଆ),୧୩।୭:** ପ୍ରଦୀପ ସିଂ ନୂଆ ରାଜ୍ୟଗୋଷ୍ଠୀ ରେକର୍ଡ ସୃଷ୍ଟି କରିଛନ୍ତି। ୧୦୯ କେଜି ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରଦୀପ କ୍ଲିନ୍ ଓ ଜର୍କ ଇଭେଣ୍ଟରେ ରେକର୍ଡ ଭାଙ୍ଗିଛନ୍ତି। ଏହି ଇଭେଣ୍ଟରେ ସେ ୨୦୨ କେଜି ଭାର ଉଠାଇଛନ୍ତି। ପୂର୍ବରୁ ସ୍ନାଚ୍ ଇଭେଣ୍ଟରେ ୧୪୮ କେଜି ଭାରୋତ୍ତୋଳନ କରିଥିଲେ। ମୋଟରେ ସେ ୩୫୦ କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକଧାରୀ ବିକାଶ ଠାକୁର ୯୬ କେଜି ବର୍ଗରେ ରୌପ୍ୟପଦକ ଜିତିଛନ୍ତି। ଭାରତୀୟ ଭାରୋତ୍ତୋଳକମାନେ ଚଳିତ ଥର ଯୁବ, ଜୁନିୟର ଓ ସିନିୟର କାଟାଗୋରିରେ ମୋଟ ୩୫ ପଦକ ସହ ଅଭିଯାନ ଶେଷ କରିଛନ୍ତି।

ଚଳିତ ଆଇସିସି ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ଆମ ଦଳର ଅଧିନାୟକ ଇଅନ ମୋର୍ଗାନ ମୋ ଉପରେ ଭରସା ରଖିଥିଲେ ।
–ଅଦିଲ ରଶିଦ, ଇଂଲଣ୍ଡ ସ୍ପିନର

ରବିବାର ଇଂଲଣ୍ଡ–ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଫାଇନାଲର ସ୍ୱତନ୍ତ୍ରତା ରହିଛି। କାରଣ ଏହି ସଂସ୍କରଣରେ ଏକ ନୂଆ ଦଳ ଚାମ୍ପିୟନ ହେବାକୁ ଯାଉଛି ।
–ଡାନିଏଲ ଭିଟୋରୀ, ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ

## ଆଉ ୩ ଦିନ ବାକି, ପ୍ରସ୍ତୁତି ଜୋରଦାର

# ଆସିବେନି ଉଗାଣ୍ଡା, ଜର୍ସି: ଆଶଙ୍କାରେ ପାକିସ୍ତାନ

ଜଣେ ଚିତ୍ରଶିଳ୍ପୀ କଟକ ସହରର ଏକ ପ୍ରାଚିରରେ ଚିତ୍ର ଆଙ୍କୁଛନ୍ତି। ଶେଷ ପର୍ଯ୍ୟାୟରେ ଜବାହରଲାଲ୍ ଇନ୍‌ଡୋର ଷ୍ଟାଡ଼ିୟମ୍‌ର ପ୍ରସ୍ତୁତି କାର୍ଯ୍ୟ।

**କଟକ ଅଫିସ,୧୩।୭**

ହଜାର ବର୍ଷର ପୁରୁଣା ସହର ଭାବେ ପରିଚିତ କଟକରେ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ାର ୨୧ତମ ସଂସ୍କରଣ। ଟେବୁଲ ଟେନିସ (ଟିଟି)ର ଏହି ମହାକୁମ୍ଭକୁ ଆଉ ମାତ୍ର ୩ ଦିନ ବାକି। ଏ ନେଇ ପ୍ରସ୍ତୁତି ସମସ୍ତ ବର୍ଗରୁ ଜୋରଦାର ଚାଲିଛି। ଭୁବନେଶ୍ୱରରେ ଖେଳାଳିଙ୍କ ସ୍ୱାଗତ ସମ୍ବର୍ଦ୍ଧନାଠାରୁ ଆରମ୍ଭ

**ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ**

କରି ହୋଟେଲରେ ରହଣି ପର୍ଯ୍ୟନ୍ତ ନେଇ ରାଜ୍ୟ କ୍ରୀଡ଼ା ବିଭାଗ ତତ୍‌ପରତା ଦେଖାଇଛି। କଟକରେ ଟୁର୍ନାମେଣ୍ଟର ଭେନ୍ୟୁ ହୋଇଥିବା ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ପ୍ରସ୍ତୁତିର ଶେଷ ପାହାଚରେ। ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା କଟକ ସହରରେ ଏହି ବଡ ଟୁର୍ନାମେଣ୍ଟକୁ ସଫଳପୂର୍ଣ୍ଣ ଭାବେ ଆୟୋଜନ କରିବାକୁ ସମସ୍ତ ବ୍ୟବସ୍ଥା ଆଗେଇ ଚାଲିଛି ବୋଲି ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ପ୍ରେସ ବିବୃତିରେ ଜଣାଯାଇଛି। ଟେବୁଲ ଟେନିସ କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଏହା ହେଉଛି ୨୧ତମ ସଂସ୍କରଣ। ବିଶ୍ୱସ୍ତରୀୟ ଟେବୁଲ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରିବାରେ ଏହି ସଂସ୍କରଣ ୫୦ବର୍ଷ ଛୁଇଁବ। ୧୯୭୧ ମସିହାରେ ପ୍ରଥମଥର ନିମନ୍ତେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସିଙ୍ଗାପୁରଠାରେ ହୋଇଥିଲା। ମାତ୍ର ଏହା ପୂର୍ବରୁ ୧୯୬୯ରେ ମ୍ୟୁନିକ୍‌ରେ ଟିଟିର ବିଶ୍ୱ ଚାମ୍ପିୟନ ହୋଇଥିଲା। ଭାରତରେ ମୋଟ ୬ଥର ରାଜ୍ୟଗୋଷ୍ଠୀ ଟିଟି କ୍ରୀଡ଼ା ପୂର୍ବରୁ ହୋଇଛି। ୧୯୮୨ରେ ବମ୍ବେରେ ପ୍ରଥମଥର ହୋଇଥିବା ବେଳେ ୧୯୯୪ରେ ହାଇଦ୍ରାବାଦରେ, ୨୦୦୧ରେ ନୂଆଦିଲ୍ଲୀରେ, ୨୦୦୭ରେ ଜୟପୁରରେ, ୨୦୧୩ରେ ନୂଆଦିଲ୍ଲୀରେ ଓ ୨୦୧୫ରେ ସୁରଟରେ ଶେଷଥର ପାଇଁ ଆୟୋଜିତ ହୋଇଥିଲା। ଚଳିତ ସଂସ୍କରଣର ଆୟୋଜନ ସୁଯୋଗ ଓଡ଼ିଶାକୁ ପ୍ରଦାନ କରାଯାଇଛି। ସୁରଟରେ ହୋଇଥିବା ଚାମ୍ପିୟନଶିପରେ ଆୟୋଜକ ଭାରତ ମୋଟ ୧୬ଟି ପଦକ ଜିତିଥିଲା। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୭ ବ୍ରୋଞ୍ଜ ପଦକ ରହିଥିଲା। ଏହା ପୂର୍ବରୁ ୨୦୧୩ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସଂସ୍କରଣରେ ଭାରତ ୯ଟି ପଦକ ଜିତିଥିଲା। ତେବେ କଟକରେ ମଧ୍ୟ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଭଲ ରହିବ ବୋଲି ଆଶା ରହିଛି। ଶରଥ କମଲ, ଅର୍ଚ୍ଚନା କାମଥଙ୍କ ଭଳି ନାମୀଦାମୀ ଖେଳାଳି ଚଳିତ ସଂସ୍କରଣରେ ଭାରତ ପାଇଁ ପଦକ ଆଶା ନିଶ୍ଚିତ କରିବା ଭଳି ପରିସ୍ଥିତି ସୃଷ୍ଟି କରିଛନ୍ତି ।

ଗେଟ୍ ସମ୍ମୁଖରେ ଲାଗିଥିବା ଜବାହରଲାଲ୍ ଇନ୍‌ଡୋର ଷ୍ଟାଡ଼ିୟମର ନକ୍‌ସା।

### ପାକିସ୍ତାନ ପାଇଁ ଭିଜା ସମସ୍ୟା

ପୂର୍ବରୁ ୧୭ଟି ଦଳ ଏହି ଟୁର୍ନାମେଣ୍ଟରେ ସାମିଲ ହେବେ ବୋଲି ଘୋଷଣା ହୋଇଥିବା ବେଳେ ଏବେ ଏଥିରୁ ଦୁଇଟି ଦଳ ବାଦ୍ ପଡ଼ିବା ସ୍ପଷ୍ଟ ହୋଇଛି। ଭାରତ ଆସିବା ନିମନ୍ତେ ଉଗାଣ୍ଡା ଓ ଜର୍ସି ସେମାନଙ୍କ ସରକାରୀସ୍ତରରୁ କ୍ଲିୟରାନ୍ସ ପାଇନାହାନ୍ତି। ଯାହାଫଳରେ ଏହି ଦୁଇ ଯୋଗଦେବେନାହିଁ। ଅନ୍ୟପକ୍ଷରେ ଅନିଶ୍ଚିତତା ଭିତରେ ରହିଛି ପାକିସ୍ତାନ ଦଳ। ପାକିସ୍ତାନ ଖେଳାଳିଙ୍କୁ ଏ ପର୍ଯ୍ୟନ୍ତ ଭିଜା ମିଳି ନ ଥିବା ଜଣାପଡ଼ିଛି। ଟୁର୍ନାମେଣ୍ଟରେ ଯୋଗଦେବାକୁ ଥିବା ଦଳଗୁଡ଼ିକ ହେଲା ଭାରତ, ଅଷ୍ଟ୍ରେଲିଆ, ବାଂଲାଦେଶ, ସାଇପ୍ରସ, ଇଂଲଣ୍ଡ, ଘାନା, ଗିନି, ମାଲେସିଆ, ନାଇଜେରିଆ, ସ୍କଟ୍‌ଲାଣ୍ଡ, ସିଙ୍ଗାପୁର, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ୱେଲ୍ସ।

### ଟିକେଟ ବିକ୍ରି ଜୋର୍‌ଦାର

ଟୁର୍ନାମେଣ୍ଟ ନିମନ୍ତେ ଟିକେଟ ବିକ୍ରି ଜୋର୍‌ଦାର ଭାବେ ଚାଲିଛି ବୋଲି ଜଣାପଡ଼ିଛି। ୫ହଜାର ସଂଖ୍ୟକ ସିଟ ବିଶିଷ୍ଟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଭରପୂର ଦର୍ଶକ ରହିବାର ଆଶା ରହିଛି ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର ପରିଡ଼ା କହିଛନ୍ତି। ସୂଚନାଥାଉ କି, ୫୦, ୧୦୦, ୨୦୦ ଓ ୪୦୦ ଟଙ୍କାର ଟିକେଟ ବିକ୍ରି କରାଯାଉଛି। ଧାର୍ଯ୍ୟ ୫୦ ଓ ୧୦୦ ମୂଲ୍ୟର ଟିକେଟଗୁଡ଼ିକ ଗୋଟିଏ ଦିନ ନିମନ୍ତେ ସମୟସୀମା ରହିଥିବା ବେଳେ ୨୦୦ ଓ ୪୦୦ ଟଙ୍କାବିଶିଷ୍ଟ ଟିକେଟ ଦ୍ୱାରା ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଦେଖିବାର ସୁଯୋଗ ପାଇପାରିବେ ଦର୍ଶକ। ୧୫ ତାରିଖରୁ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ପରିସରରେ ବକ୍ସ ଅଫିସ ଖୋଲାଯାଇ ଟିକେଟର ହାର୍ଡକପି ପ୍ରଦାନ କରାଯିବ।

### ସଜେଇ ହେଉଛି କଟକ

ଚାମ୍ପିୟନଶିପକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ସହରର ପରିମଳ ବ୍ୟବସ୍ଥା ପ୍ରତି ବିଶେଷ ଦୃଷ୍ଟି ଦେଇଛି। ଷ୍ଟାଡିୟମ ସନ୍ନିକଟ ଅଞ୍ଚଳରୁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ କରାଯାଉଛି ବୋଲି ନିଗମର କମିଶନର ଅନନ୍ୟା ଦାସ ସୂଚନା ଦେଇଛନ୍ତି। ଏଥିସହିତ ସହରର ବିଭିନ୍ନ ଭାଗର କାନ୍ଥକୁ ଚିତ୍ରଣ କରାଯାଉଥିବା ଦେଖିବାକୁ ମିଳିଛି। ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ କଟକର ବିଭିନ୍ନ ସ୍ଥାନରେ ୨୫ରୁ ଅଧିକ ହୋର୍ଡିଂ ମଧ୍ୟ ଲଗାଯାଇଛି।

## ମହିଳା ହକି: ଜାତୀୟ ଶିବିରରେ ଓଡ଼ିଶାରୁ ୪

**ନୂଆଦିଲ୍ଲୀ, ୧୩।୭ (ପି.ଟି.):** ଜାତୀୟ ସିନିୟର ମହିଳା ହକି ଦଳର କୋଚିଂ କ୍ୟାମ୍ପ୍ ଲାଗି ଶନିବାର ହକି ଇଣ୍ଡିଆ ପକ୍ଷରୁ ୩୩ ଜଣିଆ କୋର୍ ଗ୍ରୁପ୍ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଓଡ଼ିଶାର ୪ ଜଣ ଖେଳାଳି ଦୀପ୍‌ଗ୍ରେସ ଏକ୍କା, ସୁନୀତା ଲାକ୍ରା, ରଶ୍ମିତା ମିଞ୍ଜ ଓ ଲିଜିମା ମିଞ୍ଜ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରରେ ସୋମବାରଠାରୁ ଏହି ଶିବିର ଆରମ୍ଭ ହେବ। ଚାରି ସପ୍ତାହବ୍ୟାପୀ ହେବାକୁ ଥିବା ଏହି ଶିବିର ଲାଗି ସମସ୍ତ ଖେଳାଳି ମୁଖ୍ୟ ପ୍ରଶିକ୍ଷକ ଜୋର୍ଡ ମାରିଜନେଙ୍କ ନିକଟରେ ରିପୋର୍ଟିଂ କରିବା ପାଇଁ ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଅଗଷ୍ଟ ୧୧ରେ ଏହି କ୍ୟାମ୍ପ୍ ସମାପ୍ତ ହେବାପରେ ଭାରତୀୟ ହକି ଦଳ ୨୦୨୦ ଟୋକିଓ ଅଲିମ୍ପିକ ଲାଗି ହେବାକୁ ଥିବା ଟେଷ୍ଟ ଇଭେଣ୍ଟ ଖେଳିବା ପାଇଁ ଜାପାନ ଗସ୍ତ କରିବ। ସେଠାରେ ଅଗଷ୍ଟ ୧୭ରୁ ଏହି ଇଭେଣ୍ଟ ଆରମ୍ଭ ହେବ। ଯେଉଁଥିରେ ଆୟୋଜକ ଜାପାନ ସମେତ ଭାରତ, ଅଷ୍ଟ୍ରେଲିଆ ଓ ଚାଇନା ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ଦିବସରେ ଭାରତ ଆୟୋଜକ ଜାପାନକୁ ଭେଟିବ। ଏହାପରେ ଅଗଷ୍ଟ ୧୮ରେ ଅଷ୍ଟ୍ରେଲିଆ, ଅଗଷ୍ଟ ୨୦ରେ ଚାଇନା ବିପକ୍ଷରେ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

### ସମ୍ଭାବ୍ୟ କୋର୍ ଗ୍ରୁପ୍

**ଗୋଲକିପର:** ସବିତା, ରଜନୀ ଏଟିମାରପୁ, ବିନ୍ଧୁ ଦେବୀ ଖରିବାମ୍।
**ଡିଫେଣ୍ଡର୍ସ:** ଦୀପ୍‌ଗ୍ରେସ ଏକ୍କା, ରୀନା ଖୋଖର, ସୁମଦ ଦେବୀ ଥୋଉଡାମ, ସୁନୀତା ଲାକ୍ରା, ସାଲିମା ଟେଟେ, ମନପ୍ରୀତ୍ କୌର, ଗୁରଜିତ୍ କୌର, ରଶ୍ମିତା ମିଞ୍ଜ, ମହିମା ଚୌଧାରୀ ଓ ନିଶା।
**ମିଡ୍‌ଫିଲ୍ଡର୍ସ:** ନିକ୍କି ପ୍ରଧାନ, ମୋନିକା, ନେହା ଗୋଏଲ, ଲିଜିମା ମିଞ୍ଜ, ସୁଶୀଳା ଚାନୁ ପୁରଖବାମ, ଚେତନା, ରୀତା, ଅଞ୍ଜୁ ସିଂ, କରିଶ୍ମା ଯାଦବ ଓ ସୋନିକା।
**ଫରୱାର୍ଡ୍ସ:** ରାଣୀ, ଲାଲରେମସିଆମି, ବନ୍ଦନା କାଟାରିୟା, ନବଜୋତ୍ କୌର, ନବନୀତ୍ କୌର, ରାଜବିନ୍ଦର କୌର, ଜ୍ୟୋତି, ଶର୍ମିଳା ଦେବୀ, ଅମନଦୀପ୍ କୌର ଓ ପ୍ରିୟଙ୍କା ୱାଙ୍ଖଡେ।

## ହାଲେପ୍‌ଙ୍କୁ ପ୍ରଥମ ୱିମ୍ବେଲଡନ ଟାଇଟଲ

**ଲଣ୍ଡନ, ୧୩।୭:** ରୋମାନିଆର ସିମୋନା ହାଲେପ୍ ପ୍ରଥମଥର ୱିମ୍ବେଲଡନ ଟାଇଟଲ ହାସଲ କରିଛନ୍ତି। ଶନିବାର ସେଣ୍ଟର କୋର୍ଟଠାରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ଆମେରିକାର ବିଶିଷ୍ଟ ଖେଳାଳି ସେରେନା ୱିଲିୟମ୍ସଙ୍କୁ ୬–୨, ୬–୨ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ମ୍ୟାଚ୍‌ଟି ମାତ୍ର ୫୬ ମିନିଟ୍‌ରେ ଶେଷ ହୋଇଯାଇଥିଲା। ଏହି ବିଜୟ ଦ୍ୱାରା ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ରେକର୍ଡର ସମକକ୍ଷ ହେବା ଲାଗି ସେରେନା ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଅଧୁରା ରହିଯାଇଛି। ବର୍ଷକ ମଧ୍ୟରେ ୩୭ ବର୍ଷୀୟା ଆମେରିକୀୟ ଖେଳାଳିଙ୍କ ତୃତୀୟ ପ୍ରମୁଖ ଫାଇନାଲ ପରାଜୟ। ଅନ୍ୟପକ୍ଷରେ ପୂର୍ବତନ ବିଶ୍ୱର ନମ୍ବର ୱାନ ୨୭ ବର୍ଷୀୟା ହାଲେପ୍‌ଙ୍କର ୨୦୧୮ରେ ଫ୍ରେଞ୍ଚ ଓପନ୍ ପରେ ଏହା ଥିଲା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଠାରେ ଚାମ୍ପିୟନ ହେବାଦ୍ୱାରା ହାଲେପ୍ ଭେନସ ରୋଜୱାଟର ଡିସ୍ ସହିତ ୨.୩୫ ନିୟୁତ ପାଉଣ୍ଡ ପୁରସ୍କାର ଲାଭ କରିଛନ୍ତି।

ୱିମ୍ବେଲଡନ୍ ମହିଳା ସିଙ୍ଗଲ୍ସ ଚାମ୍ପିୟନ୍ ସିମୋନା ହାଲେପ।

## ଓପନରେ ଆୟୁଷ, ବାଳିକାରେ ଜ୍ୟୋତିକା ଅଗ୍ରଣୀ

**କଟକ ଅଫିସ, ୧୩।୭:** ପୂର୍ବତଟ ରେଳପଥ ପ୍ରତିଷ୍ଠାନ ପରିସରରେ ଚାଲିଥିବା ରାଜ୍ୟ ୯ବର୍ଷରୁ କମ୍ ଚେସ ଚାମ୍ପିୟନଶିପ୍‌ରେ ଶନିବାର ୪ ରାଉଣ୍ଡ ଖେଳ ଶେଷ ହୋଇଛି। ଓପନ୍ ବର୍ଗରେ ଆୟୁଷ ଆର୍ଯ୍ୟନ ମହାପାତ୍ର, ଆୟୁଷ୍ମାନ ମହାନ୍ତି ଓ ଶ୍ରୀୟଂଶ ଦେ ୪ପଏଣ୍ଟ ଲେଖାଏ ହାସଲ କରି ଅଗ୍ରଣୀ ରହିଛନ୍ତି। ବିଶ୍ୱଜିତ ରାୟ, ଶ୍ରେୟାଂଶ ହୋତା, ଆଦିତ୍ୟ ବିକ୍ରମ ମିଶ୍ର, ପ୍ରତ୍ୟୁଷ ନାୟକ ୩.୫ ପଏଣ୍ଟ ଲେଖାଏ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ବାଳିକା ବର୍ଗରେ ଜ୍ୟୋତିକା ସାହୁ ଓ ସାଇ ସମ୍ପ୍ରଦା ମହାନ୍ତି ୪ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀ ରହିଥିବା ବେଳେ ସନ୍ଦୀପା ପ୍ରିୟଦର୍ଶିନୀ ୩.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ। ରାଜେନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି, ନିହାର ରଞ୍ଜନ ସାସମଲ ଖେଳପରିଚାଳନା କରୁଛନ୍ତି। ସେକ ମନସୁର ଅଲ୍ଲୀ, ସାହେବ ଅଖତାର ସହାୟତା କରୁଛନ୍ତି ।

ଚେସ୍ ଖେଳରେ ନିମଗ୍ନ ପ୍ରତିଯୋଗୀ।

## ଫେଡରର–ଜୋକୋଭିଚ୍ ଫାଇନାଲ ଆଜି

**ଲଣ୍ଡନ,୧୩।୭(ଏଏଫପି):** ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡନ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲା ରବିବାର ଖେଳାଯିବ। ଟାଇଟଲ ପାଇଁ ଏହି ଫାଇନାଲ ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ସୁଇଜରଲାଣ୍ଡର ରୋଜର ଫେଡରର ଓ ସର୍ବିୟାର ନୋଭାକ ଜୋକୋଭିଚ୍ ପରସ୍ପରକୁ ଭେଟିବେ। ପୂର୍ବରୁ ୮ଥର ୱିମ୍ବେଲଡନ ଟାଇଟଲ ଜିତିଥିବା ଫେଡରର ଏଥର ସଫଳ ହେଲେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିବେ। ୩୭ ବର୍ଷୀୟ ଫେଡରର ଏଥିସହିତ ମୋଟ ଉପରେ ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବେ। ଅନ୍ୟପଟେ ୪ଥର ୱିମ୍ବେଲଡନ ଚାମ୍ପିୟନ ଜୋକୋଭିଚ୍ ଏଥର ମଧ୍ୟ ବାଜି ମାରି ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି। କ୍ୟାରିୟରରେ ଗତ ୧୩ ବର୍ଷ ମଧ୍ୟରେ ଉଭୟ ଖେଳାଳି ୪୭ଥର ପରସ୍ପରକୁ ଭେଟିଛନ୍ତି। ଏଥିରେ ଜୋକୋଭିଚ୍ ୨୫ଥର ଓ ଫେଡରର ୨୨ଥର ବିଜୟୀ ହୋଇଛନ୍ତି। ଗତ ୨୦ଟି ମ୍ୟାଚ୍‌ରେ ଜୋକୋଭିଚ୍ ୧୪ଥର, ସେହିପରି ଗତ ୧୦ଟି ମୁକାବିଲାରେ ୮ଥର ବିଜୟୀ ହୋଇଛନ୍ତି। ଫଳରେ ରେକର୍ଡ ଦୃଷ୍ଟିକୋଣରୁ ଜୋକୋଭିଚ୍ ଆଗରେ ରହିଛନ୍ତି। ଗ୍ରାଣ୍ଡସ୍ଲାମ୍‌ରେ ଗତ ୪ଟି ମୁକାବିଲାରେ ଫେଡରର ସବୁଥିରେ ପରାସ୍ତ ହୋଇଛନ୍ତି। ତେବେ ୨୦୧୨ ୱିମ୍ବେଲଡ଼ନ ଫାଇନାଲରେ ଫେଡରର ୪ ସେଟ୍‌ରେ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଆସନ୍ତା ମାସରେ ୩୮ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ଫେଡରର ଫାଇନାଲରେ ବିଜୟୀ ହେବେ ବୋଲି ଆଶାପ୍ରକାଶ କରିଛନ୍ତି। ଦ୍ୱାଦଶଥର ପାଇଁ ୱିମ୍ବେଲଡନ ଫାଇନାଲ ଖେଳିବାକୁ ଯାଉଥିବା ଫେଡରର ଜୋକୋଭିଚଙ୍କୁ ଜଣେ ଚମତ୍କାର ଟେନିସ ଖେଳାଳି ବୋଲି କହିଛନ୍ତି। ଜୋକୋଭିଚ୍ ମଧ୍ୟ ୧୫ଥର ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ଫାଇନାଲରେ ବିଜୟୀ ହୋଇ ଯିଏବି ଚାମ୍ପିୟନ ହୁଅନ୍ତୁ ନା କାହିଁକି ବିଶ୍ୱ ଟେନିସ୍‌ରେ ଏବେ 'ବିଗ୍ ଥ୍ରୀ' ଅର୍ଥାତ ଫେଡରର, ଜୋଭୋଭିଚ୍ ଓ ନାଡାଲଙ୍କ ପ୍ରଭାବ ଜାରି ରହିଛି ବୋଲି ଧ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଜୁଲାଇ ୧୪/୨୦୧୯ Sambalpur, Sunday, July 14 / 2019

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଘେଁସ,୧୩।୭(ଡି.ଏନ.ଏ) : ବରଗଡ ଜିଲା ମେଲଛାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି । ଏ ନେଇ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକମାନେ ଶନିବାର ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ, ପ୍ରତିଦିନ ଭଳି ଗୁରୁବାର ସ୍କୁଲ ଛୁଟି ପରେ ତାଲା ପକାଇ ଦିଆଯାଇଥିଲା । ଶୁକ୍ରବାର ବାହୁଡା ଯାତ୍ରା ଲାଗି ସ୍କୁଲ ବନ୍ଦ ରହିଥିଲା । ଶନିବାର ସକାଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସ୍କୁଲକୁ ପହଞ୍ଚିବା ବେଳେ ଅଫିସ କୋଠାର ତାଲା ଭଙ୍ଗା ଯାଇଥିବା ସହ କବାଟ ତାଡିଦିଆଯାଇଥିବା ଦେଖିବାକୁ ପାଇଥିଲେ। ଅଫିସ କୋଠାରେ ଥିବା ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ଗାଏବ ଥିବା ଦେଖିବାକୁ ପାଇଥିଲେ। ସ୍କୁଲ ପରିଚାଳନା ସମିତି ସହିତ ଆଲୋଚନା ପରେ ଏ ନେଇ ମେଲଛାମୁଣ୍ଡା ଥାନାରେ ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ପଧାନ ଲିଖିତ ଅଭିଯୋଗ କରିଛନ୍ତି । ଅପରାହ୍ନରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅବିଭାବକଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଏକ ପ୍ରତିନିଧି ଦଳ ମେଲଛାମୁଣ୍ଡା ଥାନାକୁ ଆସି ଘଟଣାର ତୁରନ୍ତ ଅନୁସନ୍ଧାନ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜଣାଇଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ. ୮୭/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି ।

### ଚିକିତ୍ସାଧୀନ ଏଏସଆଇଙ୍କ ମୃତ୍ୟୁ

ବୌଦ୍ଧ,୧୩।୭(ସ୍ୱ.ପ୍ର): ଦୁର୍ଘଟଣାରେ ଆହତ ହୋଇ ଭୁବନେଶ୍ୱରର ଏକ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ବୌଦ୍ଧ ଥାନା ଏଏସଆଇ କାଶୀନାଥ ମାଝୀଙ୍କ ଶନିବାର ପୂର୍ବାହ୍ନରେ ମୃତ୍ୟୁ ହୋଇଛି। ଗତ ତା୨୪।୧୧।୨୦୧୮ ରିଖ ରାତି ପ୍ରାୟ ୧୧ଟା ସମୟରେ କାଶୀନାଥ ଥାନାରୁ କାର୍ଯ୍ୟସାରୀ ବଲାସିଙ୍ଗାସ୍ଥିତ ସରକାରୀ ବାସଗୃହକୁ ମୋଟରସାଇକେଲ ଯୋଗେ ଫେରୁଥିବା ବେଳେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଗମ୍ଭାରୀପଦର ପେଟୋଲ ପମ୍ପ ନିକଟରେ ତାଙ୍କୁ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଏଏସଆଇ ମାଝୀ ଗୁରୁତର ଆହତ ହୋଇ ଭୁବନେଶ୍ୱର ଏକ ହସ୍‌ପିଟାଲ ଠାରେ ଦୀର୍ଘ ୮ ମାସ ଧରି ଚିକିତ୍ସିତ ହୋଇ ଆସୁଥିଲେ ।

# ଟ୍ରାଫିକ୍ ନିୟନ୍ତ୍ରଣ, ବାଟ ପାଉନି ଜିଲା ପ୍ରଶାସନ

ଦେବଗଡ଼,୧୩।୭(ଡି.ଏନ.ଏ.)

୧୯୯୪ ମସିହାରେ ଦେବଗଡ଼ ଜିଲା ଗଠନ ହୋଇଥିଲା । ଇତିମଧ୍ୟରେ ୨୫ ବର୍ଷ ବିତିଛି । ହେଲେ ପ୍ରଶାସନିକ ଅବହେଳା କାରଣରୁ ଏହି ଜିଲାର କୌଣସି ଆଖିଦୃଶିଆ ବିକାଶ ହୋଇପାରିନାହିଁ। ରାଜନୈତିକ ବିଚାରଧାରାକୁ ବିଶ୍ୱାସ କରୁଥିବା ବ୍ୟକ୍ତିମାନେ ବି ଏ ନେଇ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରିପାରିନାହାନ୍ତି । ଏଥିଯୋଗୁ ଜିଲାବାସୀ ମୌଳିକ ସମସ୍ୟାର ସମାଧାନରେ ପଛରେ ପଡିଛନ୍ତି । ଦେବଗଡ଼ ସହରର ଟ୍ରାଫିକ୍ ସମସ୍ୟାକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ । ଦେବଗଡ଼ ପୌରପରିଷଦ ୧୧ଟି ୱାର୍ଡକୁ ନେଇ ଗଠିତ। ଜନସଂଖ୍ୟା ପ୍ରାୟ ୨୫ ହଜାର । ହେଲେ ସହରର ଟ୍ରାଫିକ ସମସ୍ୟା ସ୍ଥାନୀୟ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ସହରର ବ୍ୟସ୍ତବହୁଳ ସଭାଗୋଲି ଛକରୁ ପ୍ରଧାନପାଟ, ମ୍ୟୁନିସିପାଲିଟିକୁ ସଂଯୋଗ କରୁଥିବା ରାସ୍ତାକଡରେ ପ୍ରତିଦିନ ଯାତ୍ରାବାହୀ ବସ୍, ଟ୍ରକ୍, ଟ୍ୟାକ୍ସି ସହ ଅନ୍ୟାନ ଯାନବାହନ ଅଟକି ରହୁଛି । ବସ୍ କର୍ମଚାରୀମାନେ ସେଠାରେ ହିଁ ଯାତ୍ରୀମାନଙ୍କୁ ଉଠାଉଛନ୍ତି । ପାଖରେ ଟ୍ରାଫିକ୍ ପୋଷ୍ଟ ରହିଛି । ଏକାଧିକ ଟ୍ରାଫିକ୍ ପୋଲିସ ସେଠାରେ ମୁତୟନ ହେଉଥିଲେ ବି ଏଥିପ୍ରତି ସେମାନଙ୍କ ନଜର ପଡୁନାହିଁ। ସହରର ଷ୍ଟେଟ୍‌ବ୍ୟାଙ୍କ ଛକ, ଗୋପବନ୍ଧୁ ଛକ, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ଛକ, ପୁରୁଣା ପୋଷ୍ଟଅଫିସ ଛକ, ଡେଲି ମାର୍କେଟ, କଲେଜ୍ ରୋଡରେ ଜନଗହଳି ଯୋଗୁ ଉପରୋକ୍ତ ସମସ୍ୟା ଲାଗି ରହିଛି। ଫଳରେ ରାସ୍ତାରେ ଯାତାୟତ ହେଉଥିବା ଗାଡି ମଟର ଦୀର୍ଘ ସମୟ ଧରି ଅଟକି ରହୁଛି । ଟିକେ ଅସାବଧାନ ହେଲେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଜିଲା ପ୍ରଶାସନ ତଥା ପୌର ପରିଷଦ ପକ୍ଷରୁ ଏ ନେଇ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଏପରି କି ଦେବଗଡ଼ ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ପାର୍କିଂ ବ୍ୟବସ୍ଥା ନାହିଁ । ଫଳରେ ଲୋକେ ଗାଡ଼ିଗୁଡିକୁ ରାସ୍ତାର ଉଭୟ ପାର୍ଶ୍ୱରେ ପାର୍କିଂ କରୁଛନ୍ତି । ଛାତ୍ରୀଛାତ୍ର ମାନେ ଏଥିଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

### ଏମାନେ ଯାହା କୁହନ୍ତି...

ଯାନବାହନ ଚଳାଚଳ ନିୟନ୍ତ୍ରଣ ପ୍ରତି ପୋଲିସର କୌଣସି ଅଙ୍କୁଶ ନାହିଁ । ଜବରଦଖଲ ଯୋଗୁ ରାସ୍ତା ସଂକୀର୍ଣ୍ଣ ହୋଇଛି। ଏଥିଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଅନ୍ୟପକ୍ଷେ ଟ୍ରାଫିକ ଜାମ୍ ପାଇଁ ଆମେ ନିଜେ ଦାୟୀ । ଜନସାଧାରଣ ନିଜେ ସଚେତନ ହେଲେ ଟ୍ରାଫିକ ସମସ୍ୟା ଦୂର ହେବ । ଏଥିପାଇଁ ପୌର କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ ।

-ମାର୍କଣ୍ଡେଶ୍ୱର ଶତପଥୀ,ବରିଷ୍ଠ ନାଗରିକ,ଦେବଗଡ଼

ଜିଲାର ଜନସଂଖ୍ୟା ବଢିବା ସହ ଗାଡି ମୋଟର ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ସେଥିପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ସହରର ମଧ୍ୟସ୍ଥଳୀରେ ଥିବା ସ୍କୁଲର କୁନିକୁନି ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କ ପାଇଁ ଟ୍ରାଫିକ ସମସ୍ୟା ବିପଦ ସୃଷ୍ଟି କରୁଛି,ଏଥିପାଇଁ ଜିଲା ପ୍ରଶାସନ ଠୋସ୍ ପଦକ୍ଷେପ ନେବା ଆବଶ୍ୟକ ।

-ତରଣୀକାନ୍ତ ଦାଶ,ସମ୍ପାଦକ, ଓକିଲ ସଂଘ,ଦେବଗଡ଼

ସହରରେ କୌଣସି ପାର୍କିଂ ବ୍ୟବସ୍ଥା ନାହିଁ । କେତେଜଣ ବ୍ୟବସାୟୀ ନିଜ ଦୋକାନକୁ ରାସ୍ତା ମାଡ଼ି କରିଛନ୍ତି। ଏଥିଯୋଗୁ ଯାନବାହାନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ଏହାର ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ଛୋଟବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ ।

-ପ୍ରଫୁଲ୍ଲ କୁମାର ନାୟକ,ସାମାଜିକ କର୍ମୀ,ଦେବଗଡ଼

ଯେଉଁମାନେ ରାସ୍ତା ଜବରଦଖଲ କରୁଛନ୍ତି ସେମାନଙ୍କ ପାଇଁ ସର୍ବସାଧାରଣରେ ନୋଟିସ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ଆମେ ଜିଲାପାଳଙ୍କ ସହ କଥାବାର୍ତ୍ତା ହୋଇଛୁ । ଏପରି କି ଡ୍ରେନ ଉପରେ ଘର କରି ଦୋକାନୀମାନେ ରାସ୍ତାକୁ ମାଡ଼ି ବସିଛନ୍ତି । ଏଥିପାଇଁ ଡାକବାଜି ଯନ୍ତ୍ରଦ୍ୱାରା ସମସ୍ତଙ୍କୁ ଅବଗତ କରାଯାଉଛି । ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ହେବ ।

-କୁଞ୍ଜବନ ପ୍ରଧାନ, ନିର୍ବାହୀ ଅଧିକାରୀ,ଦେବଗଡ଼ ମ୍ୟୁନିସିପାଲିଟି



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ମନ ଭିତରେ ଯଦି ସନ୍ଦେହ ଉପୁଜିଲା, ତେବେ ଅଧିକ ଅଗ୍ରସର ନ ହୋଇ ଟିକିଏ ରହିଯାଅ।
- ଜୋରାଷ୍ଟର



## ସଂକ୍ଷେପରେ

### ଚିନ୍ତା ବଢ଼ାଉଛି ବିକଟାଳ ହର୍ନ

ଜାମଟିକ୍ରା, ୧୩।୭ (ଡି.ଏନ.ଏ)
ବିକଟାଳ ଶବ୍ଦ ଛାତି ଥରାଇ ଦେଉଛି। ବ୍ଲୁଡ ପ୍ରେସର (ବିପି) ବି ବଢ଼ିଯାଉଛି। ଏହି କଦର୍ଯ୍ୟ କାନଫଟା ଶବ୍ଦରେ ଅତାବିରାବାସୀ ଅସ୍ତବ୍ୟସ୍ତ ହୋଇ ପଡିଲେଣି । ବରିଷ୍ଠ ନାଗରିକ ବାଟରେ ଯାଉଥିଲେ ଶବ୍ଦରେ ମୁଣ୍ଡ ଝାଇଁ ମାରିଯାଉଛି । ଗାଁ ଗହଳିରେ ମଧ୍ୟ ଏହା ଟେନସନ ଭଳି ଲାଗୁଛି । ଅଧିକାଂଶ ସ୍ପିଡ୍ ବାଇକରେ ଲାଗୁଛି ଏହି ବିକଟାଳ ହର୍ଣ୍ଣ । ଖାଲି ହର୍ଣ୍ଣ ନୁହେଁ ଏମିତି ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ବି ଲାଗୁଛି। ଫଳରେ ଏହି ଶବ୍ଦରେ ସାଧାରଣ ପଥଚାରୀ ବି ହତବଡେଇ ଯାଉଛନ୍ତି। ଅନେକ ସମୟରେ ବାଇକ ଚାଳକ ମଧ୍ୟ ଅନ୍ୟ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅତାବିରା ଅଞ୍ଚଳରେ ଏହି ବାଇକ ଶହ ଶହ ସଂଖ୍ୟାରେ ବୁଲୁଛି। ଅସାମାଜିକ ଯୁବକଙ୍କଠାରୁ ଆରମ୍ଭ କରି ଆଧୁନିକ ଯୁବପିଢ଼ି ମଧ୍ୟ ଏହି ଟ୍ରେଣ୍ଡ୍‌ରେ ପଡିଛନ୍ତି। ଯାହାକୁ ନେଇ ସାଧାରଣରେ ଚିନ୍ତାର ବିଷୟ ପାଲଟିଛି । ଅତାବିରାର ପ୍ରାୟ ଅଧିକାଂଶ ଦୋକାନରେ ଏହି ହର୍ଣ୍ଣ ମିଳୁଛି। ଏଥିପ୍ରତି କୌଣସି ଲଗାମ ନ ଥିବାରୁ ଅଧିକାଂଶ ସ୍ପିଡ୍ ବାଇକରେ ଏଗୁଡିକ ଲାଗୁଥିବା ଦେଖାଯାଇଛି । ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଯାହାକୁ ନେଇ ବରିଷ୍ଠ ନାଗରିକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଆରଟିଓ ଓ ପୋଲିସ ବିଭାଗ ଏ ନେଇ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଫଳକରେ ସୀମିତ ରକ୍ତ ପୃଥକୀକରଣ ୟୁନିଟ୍

ବରଗଡ଼ ରକ୍ତ ଭଣ୍ଡାର ।

ପ୍ରେମାନନ୍ଦ ଖମାରୀ
**ବରଗଡ଼ ଅଫିସ୍,୧୩।୭**

ରକ୍ତ ବିନା ଜୀବନ ଅସମ୍ଭବ । ରକ୍ତହୀନତା ତଥା ରକ୍ତ ଅଭାବ ଯୋଗୁ ବହୁ ପ୍ରାଣହାନି ଘଟୁଛି । ରକ୍ତ ଅଭାବ ସମସ୍ୟା ଏଡ଼ାଇବା ସହିତ ଲୋକଙ୍କ ଜୀବନ ରକ୍ଷା ଲକ୍ଷ୍ୟ ନେଇ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ରକ୍ତ ପୃଥକୀକରଣ ୟୁନିଟ୍ ଖୋଲାଯାଇଛି । ଗତବର୍ଷ ଅକ୍ଟୋବର ୫ତାରିଖରେ ଉକ୍ତ ୟୁନିଟ୍ ଉଦଘାଟିତ ହୋଇଛି ଏବଂ ସରକାରୀ ଉଦାସୀନତା ତଥା ଇଚ୍ଛାଶକ୍ତି ଅଭାବରୁ ଏହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଉଦଘାଟନୀ ଫଳରେ ସୀମିତ ରହିଯାଇଛି ଏହି ରକ୍ତ ପୃଥକୀକରଣ ୟୁନିଟ୍ । ଅନ୍ୟପଟେ ଏଥିପାଇଁ ନିର୍ମିତ ରକ୍ତ ପୃଥକୀକରଣ ପ୍ରକୋଷ୍ଠରେ ପ୍ରାୟ ୭୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଆବଶ୍ୟକ ଯନ୍ତ୍ରପାତିର ବ୍ୟୟ ଅଟକଳ ମଧ୍ୟ କୋଟିଏରୁ ଊର୍ଦ୍ଧ୍ୱ ଟପିବ । କିନ୍ତୁ ଏହି ୟୁନିଟ୍‌ରେ ଆଉ ଏକ ଆବଶ୍ୟକ ମେଶିନ (ପ୍ଲାଟିଲେଟ୍ ଏଜିଟେଟର୍) ଲାଗି ପାରି ନ ଥିବାରୁ ଯୋଗୁ ଉଦଘାଟନର ୯ମାସ ବିତିଯାଇଥିଲେ ସୁଦ୍ଧା ରକ୍ତ ପୃଥକୀକରଣ ୟୁନିଟ୍ ଆରମ୍ଭରୁ ଅଚଳ ହୋଇ ପଡ଼ିରହିଛି । ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ସେହି ମେଶିନ ରାଜ୍ୟ ସରକାର ଯୋଗାଇବେ। ସେଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ମଧ୍ୟ ଲେଖାଯାଇଛି । ତାହା ଆସିଲେ ଏହି ୟୁନିଟ୍ ଚାଲୁ ହୋଇଯିବ ବୋଲି ଡା. ଦାଶ କହିଥିଲେ।

## ଏମାନେ କହନ୍ତି...

"ଜିଲାରେ ବର୍ଷକୁ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତର ଆବଶ୍ୟକତା ପଡୁଛି । ରକ୍ତ ଭଣ୍ଡାର ଓ ବିଭିନ୍ନ ଶିବିର ମାଧ୍ୟମରେ ରକ୍ତ ସଂଗ୍ରହ କରାଯାଉଛି । କିନ୍ତୁ ତାହା ପର୍ଯ୍ୟାପ୍ତ ହେଉ ନାହିଁ । ଫଳରେ ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ କରାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଏ ନେଇ ଆମେ ଜିଲା ପ୍ରଶାସନ ତଥା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେଇସାରିଛୁ । ସେହିପରି ସବୁ ସଙ୍ଗଠନ ଏକାଠି ହୋଇ ଶିବିରମାନେ କଲେ ରକ୍ତ ଅଭାବ ସମସ୍ୟା ଯଥେଷ୍ଟ ହ୍ରାସ ପାଇବ । ଏଥିପ୍ରତି ସବୁ ସଙ୍ଗଠନ ଧ୍ୟାନ ଦେବା ଉଚିତ୍ ।
-**ଅଶ୍ୱିନୀ ତ୍ରିପାଠୀ**, ସମ୍ପାଦକ, ନିଷ୍ଠା ପରିବାର

"ବରଗଡ଼ ଜିଲାରେ ରକ୍ତାଭାବ ଯୋଗୁ ଲୋକେ ମୃତ୍ୟୁମୁଖରେ ପଡ଼ିଥିବା ନଜିର୍ ରହିଛି । ଲୋକେ ଦିନକୁ ଦିନ ସଚେତନ ହୋଇ ରକ୍ତଦାନ କରୁଛନ୍ତି ଏବଂ ରକ୍ତଦାନ ମଧ୍ୟ କରୁଛନ୍ତି । ଫଳରେ ପୂର୍ବାପେକ୍ଷା ରକ୍ତ ସମସ୍ୟା କିଛି ହ୍ରାସ ପାଇଛି । ମାତ୍ର ଏବେ ମଧ୍ୟ ରକ୍ତ ଯେଭଳି ଜରୁରୀ ହୋଇ ପଡୁଛି, ସେଭଳି ସ୍ଥିତିରେ କୋଟି କୋଟି ଟଙ୍କାର ରକ୍ତ ପୃଥକୀକରଣ ୟୁନିଟ୍ ଅକାମାରେ ପଡ଼ି ରହିବା ଆଦୌ ଠିକ୍ ନୁହେଁ। ଏହାକୁ ଯେତେଶୀଘ୍ର କାର୍ଯ୍ୟକ୍ଷମ କରାଯାଇପାରିବ, ସେ ଦିଗରେ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି । -**ଶିବାନନ୍ଦ ମଟାରୀ**, ସମାଜସେବୀ, ବରଗଡ଼

"ସାମାନ୍ୟ ଏକ ମେଶିନ ପାଇଁ ଏଭଳି ଏକ ବଡ଼ ଓ ଅତ୍ୟାବଶ୍ୟକୀୟ ରକ୍ତ ପୃଥକୀକରଣ ୟୁନିଟ୍ ଅଚଳ ହୋଇ ପଡ଼ିବା ବିଡ଼ମ୍ବନାର ବିଷୟ । ଅନ୍ୟପଟେ ରକ୍ତ ଅଭାବ ଯୋଗୁ ଲୋକେ ବହୁ ହଟହଟା ହେଉଛନ୍ତି । ରକ୍ତ ସଂଗ୍ରହ କ୍ଷେତ୍ରରେ ବରଗଡ଼ ଜିଲା ରାଜ୍ୟର ଶୀର୍ଷ ତାଲିକାରେ ରହିଛି । ଅଥଚ ଏଠାରେ ରହିଥିବା ରକ୍ତ ପୃଥକୀକରଣ ୟୁନିଟ୍ ଚାଲୁ କରିବା ଦିଗରେ ସରକାର ନିରବ ସାଜିବା ଦୁର୍ଭାଗ୍ୟଜନକ । ଏହି ୟୁନିଟ୍ ଚାଲୁ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଏବଂ ସରକାର ଏଥିପ୍ରତି ପଦକ୍ଷେପ ନେବେ ବୋଲି ଆଶା ରଖିଛୁ ।
-ବିକାଶ ଅଗ୍ରୱାଲ, ସାମାଜିକ କର୍ମୀ, ବରଗଡ଼

ଶ୍ରୀ ଶ୍ରୀ ଦଧିବାମନ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି ।

# ଦଧିବାମନଙ୍କ ସୁନାବେଶ

**ଭଟଲି,୧୩।୭(ଡି.ଏନ.ଏ)**
ପଶ୍ଚିମୋତ୍କଳ ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ଼ ଜିଲା ଭଟଲି ଦଧିବାମନ ଧାମରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କ ନବଦିନାତ୍ମକ ଗୁଣ୍ଡିଚା ଯାତ୍ରା ଶୁକ୍ରବାର ସମାପନ ହୋଇଯାଇଛି । ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ଏହି କ୍ରମରେ ଶୁକ୍ରବାର ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ି ରାତିରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ଅଭିମାନିନୀ ମହାଲକ୍ଷ୍ମୀ ଅଭିମାନ କରିଥିଲେ ସୁଦ୍ଧା ବୁଝାସୁଝା ପରେ ଜୟବିଜୟ ଦ୍ୱାର ଉନ୍ମୁକ୍ତ କରିଥିଲେ। ଏହାପରେ ପ୍ରଭୁ ଦଧିବାମନ ରତ୍ନସିଂହାସନରେ ବିଜେ କରିଥିଲେ। ଶନିବାର ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଉପରେ ଦଧିବାମନ ସୁନାବେଶରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ଏଥିପାଇଁ ପ୍ରତ୍ୟୁଷରୁ ପ୍ରଭୁଙ୍କ ଦୈନିକ ପୂଜାନୀତି ସମାପନ ପରେ ତାଙ୍କୁ ମନ୍ଦିର ପୁରୋହିତମାନେ ବିଭିନ୍ନ ସୁନା ଅଳଙ୍କାରରେ ଭୂଷିତ କରିଥିଲେ । ପ୍ରଭୁ ବର୍ଷକରେ ପାଞ୍ଚଥର ସୁନାବେଶ ହେଉଥିଲେ ସୁଦ୍ଧା ଏହି ବାହୁଡ଼ାଯାତ୍ରାର ପରଦିନ ତଥା ଏକାଦଶୀ ତିଥିର ସୁନାବେଶର ବିଶେଷ ମାହାତ୍ମ୍ୟ ରହିଛି। **ଗାଇସିଲେଟ,(ଡି.ଏନ.ଏ):** ଗାଇସିଲେଟ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ଶନିବାର ସକାଳ ୮ଟାରେ ପଣ୍ଡିତ ଲଳିତ କୁମାର ପଣ୍ଡା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସୁନାବେଶରେ ସଜ୍ଜିତ କରିଥିଲେ । ଶ୍ରୀଜିଉଙ୍କ ସୁନା ବେଶ ଦେଖିବା ସକାଶେ ମନ୍ଦିରରେ ବେଶ୍ ଭିଡ ଜମିଥିଲା। ଅଧର ପଣା ପରେ ବିଗ୍ରହମାନଙ୍କୁ ଗମ୍ଭିରା ଭିତରକୁ ନିଆଯାଇ ସିଂହାସନରେ ବିଜେ କରାଯିବ ବୋଲି ପୂଜକ କହିଛନ୍ତି ।

# ସୁନାବେଶରେ ଚତୁର୍ଦ୍ଧା ମୂରତି

**ବୌଦ୍ଧ,୧୩।୭(ସ୍ୱ.ପ୍ର)**

ବୌଦ୍ଧରେ ଚତୁର୍ଦ୍ଧା ମୁରତି ମାଉସୀ ମା'ଙ୍କ ଘରେ ନଅ ଦିନର ଲୀଳାଖେଳା କରିବା ପରେ ଶୁକ୍ରବାର ଶ୍ରୀ ମନ୍ଦିରକୁ ବାହୁଡିଛନ୍ତି। ବାହୁଡା ପରଦିନ ଚତୁର୍ଦ୍ଧା ମୁରତିଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ବୌଦ୍ଧ ଜଗନ୍ନାଥ ମନ୍ଦିର ଆଗରେ ଅଭଙ୍ଗ ରଥରେ ସୁନାବେଶ ଓ ଫୁଲ ବେଶରେ ସଜ୍ଜିତ ହୋଇ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ରଥ ଉପରେ ସେବାୟକମାନେ ସନ୍ଧ୍ୟା ସମୟରେ ଶ୍ରୀଜିଉମାନଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧାଇବା ସହ ଫୁଲରେ ସଜ୍ଜିତ କରିଥିଲେ । ଏହି ସୁନା ବେଶ ଦେଖିବା ପାଇ ହଜାର ହଜାର ଭକ୍ତ ଲମ୍ବା ଧାଡିରେ ରହି ପ୍ରଭୁଙ୍କ ଦର୍ଶନ କରିଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତ ମାନେ ପ୍ରଭୁଙ୍କ ସୁନାବେଶ ଦର୍ଶନ କରିଥିଲେ । ଏହାସହ ହରିଗୁଡି ଜଗନ୍ନାଥଙ୍କ ମଧ୍ୟ ସୁନାବେଶ ହେବା ସହ ଭକ୍ତମାନେ ଦର୍ଶନ କରିଥିଲେ। ବିଳମ୍ବିତ ରାତିରେ ଚତୁର୍ଦ୍ଧା ମୁରତିଙ୍କ ନୀଳାଦ୍ରି ବିଜେ କରାଯାଇଥିଲା । ସୁନାବେଶ ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ସମାରୋହ ହୋଇଥିଲା ।

ଚତୁର୍ଦ୍ଧା ମୁରତି ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି ।

## ଟ୍ରାକ୍ଟର ଦୁର୍ଘଟଣା, ଜଣେ ମୃତ

**ଗାଇସିଲେଟ,୧୩।୭(ଡି.ଏନ.ଏ)**
ବରଗଡ଼ ଜିଲା ଗାଇସିଲେଟ୍ ଥାନା ଅନ୍ତର୍ଗତ କନ୍ଦାଗାଡ଼ ଗ୍ରାମରେ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଛନ୍ତି। ମୃତକ ରବିନ୍ଦ୍ର ବରିହା(୩୫) ବୋଲି ଜଣାପଡ଼ିଛି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ପ୍ରକାଶ ଯେ, ମୃତ ରବିନ୍ଦ୍ର ଟ୍ରାକ୍ଟର ଧରି ଯାଉଥିବାବେଳେ ଭାରସାମ୍ୟ ହରାଇବା ଯୋଗୁ ଟ୍ରାକ୍ଟରଟି ଗାତରେ ପଡ଼ିଯାଇଥିଲା। ଫଳରେ ତାଙ୍କ ଛାତିରେ ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା । ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ନ ହେବା ଯୋଗୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଲୋକ ଅଦାଲତ: ୧୨୫ ମାମଲାର ଫଇସଲା

**ବରଗଡ଼ ଅଫିସ୍,୧୩।୭**

ବରଗଡ଼ ଜିଲାରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଲୋକ ଅଦାଲତରେ ୧୫୧୧ଟି ବିଭିନ୍ନ ମାମଲା ମଧ୍ୟରୁ ୧୨୫ଟି ମାମଲାର ଫଇସଲା କରାଯାଇ ସମୁଦାୟ ୧କୋଟି ୪୫ଲକ୍ଷ ୩୧ହଜାର ୬୫ ଟଙ୍କା ଅସୁଲ ହୋଇଥିଲା । ଜିଲା ଜଜ୍ ଏସ.ଏ. କେ.ଜେଡ୍ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ହୋଇଥିବା ଲୋକ ଅଦାଲତରେ ପରିବାର କୋର୍ଟ ବିଚାରପତି ଅଶ୍ୱିନୀ କୁମାର ନାଏକ, ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ସତ୍ୟନାରାୟଣ ପାତ୍ର, ରେଜିଷ୍ଟ୍ରାର କମ୍ ଏସଜେ (ଏସଟିସି) ସୁବାଷ ଚନ୍ଦ୍ର ଧଳ, ସିଭିଲ ଜଜ୍ (ସିନିୟର ଡିଭିଜନ୍) ବିଶେଷ କୁମାର ସାହୁ, ଡିଏଲଏସଏର ସେକ୍ରେଟାରୀ ନୀଳିମା ପଣ୍ଡା, ସିଭିଲ ଜଜ୍(ଜୁନିୟର ଡିଭିଜନ) ସାଇ ଅଭିପ୍ସା ଗୋଛାୟତ, ଜେଏମଏଫସି ରେଣ୍ଣା ଧଳ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପଦ୍ମପୁରରେ ଅତିରିକ୍ତ ଜିଲା ଜଜ୍ ନୀଳଗିରି ଜେନା, ସିଭିଲ ଜଜ୍(ସିନିୟର ଡିଭିଜନ) ସାବିତ୍ରୀ ନାୟକ, ଏସଡିଜେଏମ ପଲ୍ଲବୀରାଣୀ ରାଉତ, ସୋହେଲାରେ ସିଭିଲ ଜଜ୍(ଜୁନିୟର ଡିଭିଜନ) ଶାନ୍ତ ସାମଲ, ବରପାଲିରେ ସିଭିଲ ଜଜ୍(ଜୁନିୟର ଡିଭିଜନ) ସଂଘମିତ୍ରା ବିଶ୍ୱାଳ ଏବଂ ଅତାବିରାରେ ନ୍ୟାୟାଧିକାରୀ ବି. ଡି. ଡି ଚନ୍ଦନା ମାମଲା ପରିଚାଳନା କରିଥିଲେ ।

ବରଗଡ଼ରେ ଅନୁଷ୍ଠିତ ଲୋକ ଅଦାଲତରେ ମାମଲାର ସମାଧାନ କରାଯାଉଛି ।

# ଅଧ୍ୟାପକଙ୍କୁ ହତ୍ୟା ଧମକ, ଥାନାରେ ମାମଲା

**ବରଗଡ଼ ଅଫିସ୍,୧୩।୭**

ବରଗଡ଼ ଜିଲା ଅତାବିରା କଲେଜ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡଃ ମଦନ ମେହେରଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଡଃ ମେହେର ଶନିବାର ଅତାବିରା ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଅତାବିରାର ସୁବାସ ଚନ୍ଦ୍ର ଦେବତାଙ୍କ ବିରୋଧରେ ଦଫା ୨୯୪, ୫୦୬ ଏବଂ ୩ଏସଟିଏସଏସି ଆକ୍ଟରେ ଏକ ମାମଲା (ନଂ.୧୪୮/୧୯) ରୁଜୁ କରିଛି । ପ୍ରକାଶ ଯେ, ଅଧ୍ୟାପକ ଡଃ ମେହେର ଅତାବିରାର ସୁବାସ ଚନ୍ଦ୍ର ଦେବତାଙ୍କ ଘର ଭଡ଼ା ନେଇ ଗତ ଦୁଇବର୍ଷ ହେଲା ସେଠାରେ ରହୁଥିଲେ । ତେବେ ଗତମାସ ୫ତାରିଖରେ ସେ ଅନୁସୂଚୀତ ଜାତି ଶ୍ରେଣୀର ହୋଇଥିବା ଜାଣିବାକୁ ପାଇ ସୁବାସ ତାଙ୍କୁ ଘର ଛାଡ଼ିବାକୁ କହିଥିଲେ । ଏହାପରେ ଡଃ ମେହେର ଗତ ମାସ ୨୮ତାରିଖରେ ସେହି ଘର ଛାଡ଼ିଥିଲେ ଏବଂ ସେହିଦିନଠାରୁ ବରଗଡ଼ରେ ରହି ଆସୁଛନ୍ତି । ଶୁକ୍ରବାର ସୁବାସଙ୍କ ସ୍ତ୍ରୀ ଡଃ ମେହେରଙ୍କୁ ବିଦ୍ୟୁତ ଦେୟ ବାବଦକୁ ଟଙ୍କା ଦେବାକୁ କହିଥିଲେ । ସେ ତାହା ପୈଠ କରି ସାରିଥିବା ଦୃଷ୍ଟିରୁ ହଁ କହିଥିଲେ। ଅନ୍ୟପଟେ ଶୁକ୍ରବାର ଅପରାହ୍ନ ସାଢ଼େ ୪ଟାରେ ଡଃ ମେହେର ସୁବାସଙ୍କ ଦୋକାନକୁ ଯାଇ ଘରଭଡ଼ା ବାବଦକୁ ସେ ପଇଠ କରିଥିବା ଦେୟର ବିଲ୍ ମାଗିବାକୁ ଯାଇଥିଲେ। ମାତ୍ର ତାହା ଦେବା ପରିବର୍ତ୍ତେ ସୁବାସ ତାଙ୍କୁ ଗାଳିଗୁଳଜ କରିବା ସହିତ ହତ୍ୟା ଧମକ ଦେଇଥିବା ଡଃ ମେହେର ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି ।

# ବିଜେପୁର କଲେଜରେ ବୃକ୍ଷରୋପଣ

ବିଜେପୁର, ୧୩।୭ (ଡି.ଏନ.ଏ)
ବରଗଡ ଜିଲା ବିଜେପୁର ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ସଭା ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ଅଧକ୍ଷତାରେ ଜିଲା ପରିବେଶ ସମିତିର ତେଜରାଜ ଭୋଇ ଅତିଥି, ପରିବେଶବିତ ଜେଠୁ ଭୋଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସ୍ୱେଚ୍ଛାସେବିକା ଛାତ୍ରୀ ଡିଲେଶ୍ୱରୀ ମେହେର ନିଜର ଅନୁଭୂତି ବର୍ଣ୍ଣନା କରିବା ସହ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ପରିବେଶ ସମତି ସମ୍ପାଦକ ସୋହନ ପ୍ରଧାନ ସଭା ସଞ୍ଚାଳନ କରିଥିଲେ । ପ୍ରୋଗ୍ରାମ ଅଫିସର ଡ. ସୁବ୍ରତାରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା ପରିବେଶ ସମିତି, ଜିଲା ପରିବେଶ ସଚେତନତା ସମିତି ଓ ସ୍ଥାନୀୟ କଲେଜର ଜାତୀୟ ସେବା ଯୋଜନାର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପରେ ଛାତ୍ରୀଗଣ କଲେଜ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ ।

# ବରପାଲିରେ ଚାରାରୋପଣ

ବରପାଲିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲିଛି ।

**ବରପାଲି, ୧୩।୭ (ଡି.ଏନ.ଏ)**

ବରପାଲି ବ୍ଲକ ଅନ୍ତର୍ଗତ କଦଳୀପାଲି ଫୁଟବଲ ପଡିଆରେ ୭୦ତମ ବନ ମହୋତ୍ସବ ପାଳିତ ହୋଇଛି । ଏହିଅବସରରେ ହେଲପିଙ୍ଗ ହାର୍ଟ ଆନୁକୂଲ୍ୟରେ ଶନିବାର ଖେଳ ପଡିଆରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା । ଏହି ଉତ୍ସବରେ ବରପାଲି ବ୍ଲକ ଅଧିକାରୀ ସତ୍ୟନାରାୟଣ ମେହେର ମୁଖ୍ୟଅତିଥି ଓ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଚନ୍ଦ୍ରଶେଖର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୋହନ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ବେଣୁଧର ମରିହା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଖେଳ ମପଡିଆରେ ଗୋଟିଏ ପରିବାର ଗୋଟିଏ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୦ଟି ଉତ୍ସାହୀ ପରିବାର ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସତ୍ୟାନନ୍ଦ ପାଣ୍ଡେ, ବିଜୟାନନ୍ଦ ଦାଶ, ପ୍ରଦୀପ ସାହୁ, ଅନୀଲ ଅଗ୍ରୱାଲ, ମନୋଜ ବେରିହା, ଦମୟନ୍ତୀ ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ବିଜେପୁରରେ ଗମ୍ଭୀରା ବିଜେ ସହ ବାହୁଡା ଯାତ୍ରା ସମ୍ପନ୍ନ

**ବିଜେପୁର, ୧୩।୭ (ଡି.ଏନ.ଏ)**
ବିଜେପୁରରେ ବଡ ଠାକୁରଙ୍କ ଗମ୍ଭୀରା ବିଜେ ସହ ବାହୁଡା ଯାତ୍ରା ଶନିବାର ସମ୍ପନ୍ନ ହୋଇଛି । ବାଟରେ ଅଟକି ରହିଥିବା ମହାପ୍ରଭୁଙ୍କୁ ପ୍ରତ୍ୟୁଷରୁ ରଥ ଉପରେ ନୀତିକାନ୍ତି କରାଯାଇଥିଲା। ଅପରାହ୍ନରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ରଥଟଣା ଆରମ୍ଭ ହୋଇଥିଲା। ନବଜାତ ଶିଶୁମାନଙ୍କୁ ଶ୍ରଦ୍ଧାଳୁମାନେ ରଥ ଛୁଆଁଇଥିଲେ ।ସନ୍

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ବିନିକାକୁ ଉପଖଣ୍ଡ ମାନ୍ୟତା ଦାବି

**ବିନିକା, ୧୩।୭(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକାକୁ ସବ୍‌ଡିଭିଜନ(ଉପଖଣ୍ଡ) ମାନ୍ୟତା ପ୍ରଦାନ ଦାବି ହୋଇ ଆସୁଛି। ଅଞ୍ଚଳବାସୀଙ୍କ ଦୀର୍ଘବର୍ଷର ଏହି ଦାବି ଅଟକି ରହିଥିବାରୁ ଅସନ୍ତୋଷ ଦେଖାଦେଇଛି। ଭୌଗୋଳିକ ଦୃଷ୍ଟିକୋଣକୁ ଅନୁଧ୍ୟାନ କଲେ ବିନିକା ଉପଖଣ୍ଡ ମାନ୍ୟତା ପାଇବା କଥା। ମାତ୍ର ଏ କ୍ଷେତ୍ରରେ ଅହେତୁକ ବିଳମ୍ବ ଘଟିଛି, ଅଞ୍ଚଳର ବିକାଶ ପଛେଇ ଯାଉଛି। ସବ୍‌ଡିଭିଜନ ମାନ୍ୟତା ମିଳିଲେ ପ୍ରଶାସନର ବିକେନ୍ଦ୍ରୀକରଣ ଘଟି ଅଧିକ ସରକାରୀ ଦପ୍ତର ଏଠି ଖୋଲନ୍ତା ଓ ତ୍ୱରିତ ନ୍ୟାୟ ଲୋକଙ୍କ ପାଖରେ ପହଞ୍ଚି ପାରନ୍ତା। ବିନିକାରେ ପୂର୍ତ୍ତ, ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ, ସବ୍‌ପୋଷ୍ଟ ଅଫିସ, ଅବକାରୀ ଉପନିରୀକ୍ଷକ କାର୍ଯ୍ୟାଳୟ ଓ ବିଦ୍ୟୁତ୍ ବିଭାଗର ଉପଖଣ୍ଡସ୍ତରୀୟ କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ଏହା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ କାର୍ଯ୍ୟାଳୟ ମଧ୍ୟ ଏଠି ରହିଛି। ବ୍ଲକ, ତହସିଲ, ଉପନିବନ୍ଧକ, କୃଷି, ଉଦ୍ୟାନ, ଅବକାରୀ ବନବିଭାଗ, ପୂର୍ତ୍ତ ବିଭାଗ ଉପଖଣ୍ଡ, ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ, ବିଚାର ବିଭାଗୀୟ ଅଦାଲତ ଆଦି କାର୍ଯ୍ୟ କରୁଛି। ଏହା ସହ ଐତିହାସିକ ତାରାପୁରୁ ଗଡ଼, ମୁକ୍ତିତୀର୍ଥ ପାପକ୍ଷୟ ଘାଟ ଏବଂ ଚରଦାରେ ପ୍ରସିଦ୍ଧ ଶୈବପୀଠ ରହିଛି । ଏତେସବୁ ସତ୍ତ୍ୱେ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହିତ କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା ସର୍ବଦା ରହିଆସୁଛି । ସ୍କୁଲରେ ଆବଶ୍ୟକ ଶିକ୍ଷକ, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ବିଶୁଦ୍ଧ ପାନୀୟ ଜଳର ଅଭାବ ଲାଗି ରହିଛି। ଦାବି ମୁତାବକ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଖୋଲିବାକୁ ମଞ୍ଜୁରୀ ମିଳିଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ। ସେହିପରି ସବ୍‌ଟ୍ରେଜେରୀ, ଶୀତଳ ଭଣ୍ଡାର, କେନାଲ ଏସ୍‌ଡିଓ, ପୋଲିସ ଏସ୍‌ଡିପିଓ, ଉପଖଣ୍ଡୀୟ ଡାକ୍ତରଖାନା ଖୋଲିନାହିଁ। ବିଭାଗୀୟ ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତି ଅଭାବୁ ଅଞ୍ଚଳବାସୀ ଉପେକ୍ଷିତ ଓ ଅବହେଳିତ ହୋଇଆସୁଥିବା ଅଭିଯୋଗ ହେଉଛି। ବିନିକାକୁ ସବଡିଭିଜନ୍ ମାନ୍ୟତା ପ୍ରଦାନ ଦାବି ଉପରେ ସରକାର ଗୁରୁତ୍ୱ ଦେଇ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୪୮ ମାମଲାର ଫଇସଲା

**ସୋନପୁର,୧୩।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଓ ଚେକ୍ ବାଉନ୍ସ ଇତ୍ୟାଦି ମକଦ୍ଦମାର ଆପୋଷ ସହମତିରେ ସମାଧାନ ହୋଇଥିଲା। ମୋଟ ୪୮ଟି ମାମଲାର ଫଇସଲା ହୋଇ ସର୍ବମୋଟ ୧୯ଲକ୍ଷ ୫୫ହଜାର ୮୮୦ଟଙ୍କା ଆଦାୟ କରାଯାଇଛି। ସେଥିମଧ୍ୟରୁ ୧୦ଟି ପ୍ରି-ଲିଟିଗେସନ ମାମଲାର ବିଚାର କରି ୯୯ହଜାର ୫୧୧ହଜାର ଟଙ୍କା, ବିଭିନ୍ନ ଅଦାଲତରେ ବିଚାରଧୀନ ଥିବା ୩୮ଟି ବକେୟା ମାମଲାର ବିଚାର କରି ୧୮ଲକ୍ଷ ୫୬ହଜାର ୩୬୯ଟଙ୍କା ଆଦାୟ କରାଯାଇଛି । ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ରାଜ କୁମାର ସାହୁ, ଜଜ୍ ପରିବାର ଅଦାଲତ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଅତିରିକ୍ତ ଜିଲା ଦୌରାଜଜ୍ ମାନସ କୁମାର ପଣ୍ଡା, ସିଜେଏମ ମାନସ ରଞ୍ଜନ ରଥ, ବରିଷ୍ଠ ସିଭିଲ ଜଜ୍ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଆଇନସେବା ପ୍ରାଧିକରଣ ସମ୍ପାଦିକା ସୀମା ତ୍ରିପାଠୀ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମଏଫସି ଅଙ୍କିତା ଶର୍ମା, କୋର୍ଟ ମ୍ୟାନେଜର ଅଚ୍ୟୁତ ସାମନ୍ତରା, କିର୍ତ୍ତୀ ରଞ୍ଜନ ଘଡେଇ, ସରକାରୀ ଓକିଲ ବ୍ୟୋମକେଶ ଦାଶ ଓ ବିଭିନ୍ନ ମାମଲାର ସମାଧାନ ପାଇଁ ଆଇନସେବା ପ୍ରାଧିକରଣ ପକ୍ଷରୁ ନିଯୁକ୍ତ ଆଇନଜୀବୀମାନେ ଉପସ୍ଥିତ ଥିଲେ । ଏଥିରେ ଜିଲା ଅଦାଲତ ସମେତ ଜିଲା ଆଇନସେବା ପ୍ରାଧିକରଣର ରଘୁନାଥ ସାହୁ, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଅର୍ଜୁନ ବେହେରା, ଜୟପ୍ରକାଶ ମିଶ୍ର, ଇତିଶ୍ରୀ ଥନାପତି, କମଳ ଲୋଚନ ବେହେରା ଓ ସିଦ୍ଧାନ୍ତ କୁମାର ବାଗ ପ୍ରମୁଖ ସହଯୋଗ କରିଥିଲେ।

## ଫଟୋରେ ଖବର

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାରେ ଶ୍ରୀଜୀଉଙ୍କ ସୁନାବେଶ।

# ପାଟକୁରା: ବୁଝାମଣାରୁ ଲଢ଼େଇ ଦୁର୍ବଳ

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

■ ଆସିବେନି ମୋଦି-ଶାହ, ଭାଜପାକୁ କେବଳ ରାଜ୍ୟ ନେତୃତ୍ୱ ଭରସା

■ ପାଟକୁରା ଫଳାଫଳ ପ୍ରଭାବ ବିଜେପୁର ଉପନିର୍ବାଚନ ଉପରେ ପଡିବା ନେଇ ଚର୍ଚ୍ଚା

■ ରାଜ୍ୟ ସଭା କଥା ଉଠାଇଲାଣି କଂଗ୍ରେସ

ରାଜ୍ୟ ରାଜନୀତି ବର୍ତ୍ତମାନ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ କେନ୍ଦ୍ରିତ। ୨୦୧୯ ସାଧାରଣ ନିର୍ବାଚନରେ ୧୪୬ ଆସନ ପାଇଁ ଭୋଟ ହୋଇଥିବାବେଳେ କେବଳ ପାଟକୁରା ଆସନ ଏଥିରୁ ବାଦ୍ ପଡିଥିଲା। ଏହି ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ କାରଣରୁ ଏଠାରେ ନିର୍ବାଚନ ଆସନ୍ତା ୨୦ରେ ହେବାକୁ ଯାଉଛି। ଏହି ଗୋଟିଏ ଆସନ ହାତେଇବା ସକାଶେ ଯେମିତି ରାଜ୍ୟ ଯାକର ନେତା ପାଟକୁରାରେ ଏକତ୍ରିତ ହୋଇଯାଇଛନ୍ତି। ବିଜେଡିର ଗଣ୍ଡାଗଣ୍ଡା ନେତା ପଞ୍ଚାୟତୱାରି ଦାୟିତ୍ୱ ପାଇ ସେଠାରେ କିଛିଦିନ ହେବ ଡେରା ପକାଇଥିବାବେଳେ ଭାଜପା ନେତାମାନେ ଏବେ ସେହି ଦିଗକୁ ଗତିବା ଆରମ୍ଭ କରିଛନ୍ତି। ଭାଜପା ଟିକେଟରେ ନିର୍ବାଚନ ଲଢି ପ୍ରଥମଥର ଲାଗି ଏମ୍‌ପି ହୋଇଥିବା ନେତାମାନେ ହିଁ ଦଳର ପ୍ରମୁଖ ଚେହେରା ଭାବେ ସେଠାରେ ପ୍ରଚାର ଚଳାଇଛନ୍ତି। ହେଲେ କଳେବଳେ ଏହି ଆସନ ହାତେଇବା ଲାଗି ବିଜେଡି ପୂରା ଦମ୍‌ରେ ଲାଗିପଡିଛି। ଶାସକ ଦଳର ଜଣେ ଜଣେ ବିଧାୟକ ଏବଂ ମନ୍ତ୍ରୀ ଗୋଟିଏ ଲେଖା ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ(ବେଦ ପ୍ରକାଶଙ୍କ ସ୍ତ୍ରୀ) ପାଇଁ ଦୁଇଦିନ ପ୍ରଚାର କରିବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଏହି ନିର୍ବାଚନ ପୂର୍ବରୁ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ପ୍ରଚାର କରିବାକୁ ଆସିବାର କୌଣସି କାର୍ଯ୍ୟକ୍ରମ ରଖାଯାଇନାହିଁ। ଫଳରେ ଦୁଇନେତାଙ୍କ ଓଡିଶା ଗସ୍ତ ନ ହେବା ପଛରେ କିଛି ନିର୍ଦ୍ଦିଷ୍ଟ କାରଣ ରହିଥିବା ଚର୍ଚ୍ଚା ଜୋର୍ ଧରିବାକୁ ଲାଗିଲାଣି। ଯଦି ପ୍ରଧାନମନ୍ତ୍ରୀ ଏବଂ ଶାହଙ୍କ ମଧ୍ୟରୁ କେହି ହେଲେ ଜଣେ ନ ଆସନ୍ତି ତେବେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବୁଝାମଣା ହେବା କଥା ଅ । ହୁ ରି ଜୋର୍ ଧରିବ ବୋଲି ଦଳର ଗୋଟିଏ ଗୋଷ୍ଠୀ କହିବା ଆରମ୍ଭ କରିଦେଲେଣି। ସେହିପରି ଏହି ଦୁଇ ନେତାଙ୍କ ଗସ୍ତ କାର୍ଯ୍ୟକ୍ରମ ନ ଥିବା ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମାଲୋଚନା କରିଛନ୍ତି। ନିରଞ୍ଜନ କହିଛନ୍ତି, ଭାଜପା ପାଟକୁରାରେ ସମ୍ପୂର୍ଣ୍ଣଭାବେ ବିଜେଡି ନିକଟରେ ଆତ୍ମସମର୍ପଣ କରିଛି। ରାଜ୍ୟ ସଭା ଆସନ ବୁଝାମଣା ଏହାର ଉଦାହରଣ। ରାଜ୍ୟ ସଭା ଆସନ ବୁଝାମଣା କଥାକୁ ଏ ପର୍ଯ୍ୟନ୍ତ ଭାଜପା ନେତାମାନେ ବୁଝିପାରି ନାହାନ୍ତି। ଏତେସବୁ ପରେ ପ୍ରଧାନମନ୍ତ୍ରୀ ଏବଂ ଶାହଙ୍କ ଆସିବା କଥା କାହିଁକି ଆଲୋଚନା ହେବ ବୋଲି ସେ କହିଛନ୍ତି। ପାଟକୁରା ନିର୍ବାଚନ ଲାଗି ବିଜେଡି ଓ ଭାଜପା ମଧ୍ୟରେ ବୁଝାମଣା ସରିଛି ନା ଲଢ଼େଇ ହେଉଛି ସେକଥା ବୁଝିବା କଷ୍ଟକର ବ୍ୟାପାର ବୋଲି ରାଜନୈତିକ ମହଲରେ ଆଲୋଚନା ହେବାରେ ଲାଗିଛି। ସମୀକ୍ଷକଙ୍କ ମତରେ ବୁଝାମଣାରୁ ଲଢ଼େଇ ଦୁର୍ବଳ ସ୍ତରକୁ ଚାଲିଗଲାଣି। ଅନ୍ୟପଟେ ପାଟକୁରା ଦାୟିତ୍ୱ ବଣ୍ଟନ କଥା ଆସିଲେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ହୋଇଥିବା ବୁଝାମଣା କଥା ଉଠାଇ ଗୈରିକ ଦଳର କେତେଜଣ ନେତା ଛିଗୁଲେଇବା ଆରମ୍ଭ କରିଦେଇଛନ୍ତି। ସେପଟେ ବିଜେଡିର କେତେଜଣ ନେତା ମଧ୍ୟ ରାଜ୍ୟ ସଭା ଆସନ ବୁଝାମଣା କଥାକୁ ନେଇ ଭିତରେ ଭିତରେ ପ୍ରବଳ ଅସନ୍ତୁଷ୍ଟ ଅଛନ୍ତି। ତେବେ ବିଜେଡି ପକ୍ଷରୁ ଯେପରି ନେତାମାନଙ୍କ ମଧ୍ୟରେ ପାଟକୁରାର ସମସ୍ତ ପଞ୍ଚାୟତ ବାଣ୍ଟି ଦିଆଯାଇଛି, ଭାଜପା କ୍ଷେତ୍ରରେ ସେପରି ଦେଖିବାକୁ ମିଳୁନାହିଁ। ଭାଜପାର କେତେଜଣ ବିଧାୟକ ପ୍ରଚାର କରିବା ପାଇଁ ଯାଉଥିଲେ ସୁଦ୍ଧା ବିଜେଡି ଭଳି ଏହି ଆସନକୁ ଗୁରୁତ୍ୱ ସହ ନେଇ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁନାହିଁ। ରାଜ୍ୟରେ ପ୍ରଥମ ଥର ପାଇଁ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ପାଇବା ପରେ ଭାଜପା ନେତାମାନଙ୍କ ଲାଗି ପାଟକୁରା ଆସନ ହାତେଇବା ଏକ ସ୍ୱାଭିମାନର ପ୍ରସଙ୍ଗ ପାଲଟିଛି। ସେପଟେ ହିଞ୍ଜଳି ଏବଂ ବିଜେପୁର ବିଧାନସଭା ଆସନରୁ ଲଢି ମୁଖ୍ୟମନ୍ତ୍ରୀ ଉଭୟ ନିର୍ବାଚନମଣ୍ଡଳୀରେ ବିଜୟ ହୋଇଥିଲେ। ନିକଟରେ ବିଜେପୁର ଆସନରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାପରେ ଏହି ଆସନରେ ଖୁବ୍‌ଶୀଘ୍ର ଉପନିର୍ବାଚନ ହେବ। ତେଣୁ ପାଟକୁରା ନିର୍ବାଚନ ଫଳାଫଳର ପ୍ରଭାବ ନିଶ୍ଚିତଭାବେ ବିଜେପୁର ଉପନିର୍ବାଚନ ଉପରେ ପଡିବ ବୋଲି ଚର୍ଚ୍ଚା ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ ଓ ଶାହଙ୍କ ଗସ୍ତ ନେଇ ପଚାରିବାରୁ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଏହି ଆସନ ଲାଗି ଉଭୟେ ଆସିବାଭଳି କାର୍ଯ୍ୟକ୍ରମ ନାହିଁ। ଏଠି ଓଡିଶାର କର୍ମୀ ଓ ନେତାମାନେ ମିଶିକି ନିର୍ବାଚନ ଲଢିବୁ ବୋଲି ସେ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ପାଟକୁରା ଗସ୍ତ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଧର୍ମେନ୍ଦ୍ର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ୧୮ଟି ସ୍ଥାନରେ ରୋଡ୍ ଶୋ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଦୁଇ ଦଳର ଲଢେଇ ମଧ୍ୟରେ କଂଗ୍ରେସର କାର୍ଯ୍ୟଧାରା ନେଇ ସେମିତି କିଛି ଜଣାପଡୁନାହିଁ। ଅନ୍ୟପଟେ ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ବିଧାୟକ ଏବଂ ନେତାମାନଙ୍କ ମଧ୍ୟରେ ବ୍ଲକଓ୍ୱାରି ଦାୟିତ୍ୱ ବଣ୍ଟନ ହୋଇଥିବା କହିଛନ୍ତି।

## ରାବିଡି ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ମନମୁଣ୍ଡା, ୧୩।୭ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ରାବିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉଷତ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୋଗୀନ୍ଦ୍ରପୁର ସିଆରସିସି ଆନନ୍ଦ କୁମାର ପରମଗୁରୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ କହଁର ବୃକ୍ଷରୋପଣ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଗୋଟିଏ ଗଛ ବର୍ଷରେ ଅତିକମ୍‌ରେ ୨୦ କିଗ୍ରା ଧୂଳି ଟାଣିଥାଏ। ବର୍ଷକୁ ଅତିକମ୍‌ରେ ୭୦୦ କିଗ୍ରା ଅମ୍ଳଜାନ ଦେଇଥାଏ। ୨୦ ଟନ କାର୍ବନ ଡାଇଅକସାଇଡ୍ ଟାଣିଥାଏ ଏବଂ ଗରମ ସମୟରେ ବଡ ଗଛ ତଳେ ଅତିକମରେ ୪ ଡିଗ୍ରୀ ତାପମାନ କମ୍ କରିଥାଏ ବୋଲି ପ୍ରଧାନଶିକ୍ଷକ କହଁର ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ସେହିପରି ଗଛ ଦୂଷିତ ବାୟୁକୁ ଫିଲଟର କରି ଭଲ ବାୟୁ ଦେଇଥାଏ। ବର୍ଷା କରିବାରେ ସାହାଯ୍ୟ କରେ, ପ୍ରାଣୀ ଜଗତକୁ ଛାଇ, ଫଳ, ଫୁଲ ଓ ଔଷଧୀୟ ଜିନିଷ ଯୋଗାଇ ସେବା କରେ ବୋଲି ମୁଖ୍ୟଅତିଥି ପରମଗୁରୁ କହିଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ମହାକୁଡ, ପ୍ରିୟମ୍ବଦା ପାତ୍ର, ଶିକ୍ଷକ ବିହାରୀ ପ୍ରଧାନ, କାର୍ତ୍ତିକ ମହାକୁଡ, ଅନଙ୍ଗ ଉଦୟ ଭୋଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ମିଶି କଦମ୍ବ, କରଞ୍ଜ, ନିମ୍ବ, ଜାମୁ ଇତ୍ୟାଦି ଅନେକ ପ୍ରକାର ବୃକ୍ଷରୋପଣ କରିଥିଲେ।

ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ସଚେତନତା ଶୋଭାଯାତ୍ରା।

■ ଅମରପାଲି ହାଇସ୍କୁଲରେ ବନ ମହୋତ୍ସବ

## ବୃକ୍ଷରୋପଣ କଲେ ଛାତ୍ରୀଛାତ୍ର

**ଅମରପାଲି, ୧୩।୭ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, କହ୍ନେଇ ଚରଣ ପଧାନ, ସତ୍ୟବାନ ପୁରୋହିତ ଓ ସତ୍ୟବ୍ରତ ପଧାନ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ସମିତ ପଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଦ୍ମନାଭ ପ୍ରଧାନ ବୃକ୍ଷରୋପଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନେ ବୃକ୍ଷର ଆବଶ୍ୟକତା ଓ ଏହା ପରିବେଶ ପାଇଁ କିପରି ଜରୁରୀ ତାହା ଉପରେ ଆଲୋଚନା କରିଥିଲେ। ପ୍ରତ୍ୟେକ ବୃକ୍ଷରୋପଣ କରିବା ସହିତ ଲୋକଙ୍କୁ ସଚେତନ କରି ବୃକ୍ଷରୋପଣ କରିବାକୁ ପ୍ରବର୍ତ୍ତାଇବା ପାଇଁ କହିଥିଲେ। ଶେଷରେ ବିଷ୍ଣୁ ଚରଣ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରିଥିଲେ। ଏହା ପରେ ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ନିମ୍ବ, ଜାମୁ, ସାଗୁଆନ, ଖଇର ଆଦି ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜକୁମାର ସାହୁ, ନଟବର ରଣା, ନଟିଆ ସାହୁ, ଜଗନ୍ନାଥ ସାହୁ ଓ ଗୋବର୍ଦ୍ଧନ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଏଡ୍‌ସ ଆକ୍ରାନ୍ତ ୭ବର୍ଷ ଶିଶୁଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୩।୭**

ଗଞ୍ଜାମ ଜିଲାର ଜଣେ ୭ ବର୍ଷ ଶିଶୁଙ୍କର ଏଡ୍‌ସରେ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ଗାଁରେ ରଥଯାତ୍ରା ଦେଖୁଥିବାବେଳେ ହଠାତ ତାଙ୍କର ମୁଣ୍ଡ ବୁଲାଇବାରୁ ସେ ତଳେ ପଡିଯାଇଥିଲେ। ପରେ ଜେଜେବାପା ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ମେଡିକାଲ ଫାଣ୍ଡି ପୋଲିସ ଶିଶୁଙ୍କ ମୃତଦେହ ଜବତ କରି ନଂ.୩୭୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତାଙ୍କ ବାପାଙ୍କର ପୂର୍ବରୁ ଏଡ୍‌ସରେ ମୃତ୍ୟୁ ଘଟିଥିଲା ବୋଲି ପୋଲିସ ସୂଚନା ଦେଇଛି। ପୁଅକୁ ପୂର୍ବରୁ ହରାଇଥିବା ବେଳେ ଏବେ ଏକମାତ୍ର ନାତିକୁ ହରାଇ ଜେଜେବାପା ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି।

## ସୁସ୍ଥ ପରିବେଶ ପାଇଁ ସବୁଜିମା ଆବଶ୍ୟକ

**ସୋନପୁର,୧୩।୭(ନି.ପ୍ର)**

ସୋନପୁର ବ୍ଲକ ପିପିଲିପାଲି ସ୍ଥିତ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନରେ ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ ଛାତ୍ରୀଛାତ୍ରଙ୍କୁ ବୃକ୍ଷରୋପଣ ଓ ପରିବେଶର ସୁରକ୍ଷା ସମ୍ପର୍କରେ ବୁଝାଇଥିଲେ। ସୁସ୍ଥ ପରିବେଶ ପାଇଁ ସବୁଜିମା ଦରକାର। ତେଣୁ ସାମୂହିକ ବୃକ୍ଷରୋପଣ ସହିତ ଜଙ୍ଗଲର ସୁରକ୍ଷା ବର୍ତ୍ତମାନ ଜରୁରି ହୋଇପଡିଛି ବୋଲି କହିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟ ପରିସର ଏବଂ ରାସ୍ତାପାର୍ଶ୍ୱରେ ବଉଳ, କଦମ୍ବ ଆଦି ବୃକ୍ଷରୋପଣ କରିଥିଲେ । ସୁଶିଲ କୁମାର ରାଇଗରିଆ, ଚିତ୍ତରଞ୍ଜନ ଭୋଇ, କ୍ଷରେନ୍ଦ୍ର ନନ୍ଦ, ଲୋକନାଥ ଠେଲା, ବାସୁଦେବ ବିଶି, ବିଶ୍ୱନାଥ ଡାଙ୍ଗ, ଶ୍ରୀଧର ମିଶ୍ର, ପଦ

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

**ଗୁଡଭେଲା,୧୩।୭(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ଅଧିକାରୀ ଶଶିକାନ୍ତ ଦଉଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଗୌରଗୋଡ ଗ୍ରାମରେ ମଦ ଚଢାଉ କରାଯାଇଥିଲା । ଏହି ସମୟରେ ଗ୍ରାମର ମନ ରଣାଙ୍କ ଘରରୁ ୩ଲିଟର ଦେଶୀ ମଦ ଜବତ ହୋଇଥିଲା। ଏ ନେଇ ଏକ ମାମଲା (ନଂ. ୩୦/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଦ୍ୱିତୀୟ ଦିନରେ ବୁର୍ଡା ବାହୁଡା ଯାତ୍ରା

**ଲୋଇସିଂହା,୧୩।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମରେ ଦ୍ୱିତୀୟ ଦିନରେ ବାହୁଡା ଯାତ୍ର ଶନିବାର ଅନୁଷ୍ଠିତ ହେଉଛି। ଶୁକ୍ରବାର ଅପରାହ୍ନରେ ମାଉସୀ ମନ୍ଦିରରୁ ତିନି ଠାକୁରଙ୍କୁ ପହଣ୍ଡି କରି ରଥାରୂଢ କରାଯାଇଥିଲା । ମାଉସୀ ମନ୍ଦିର କମିଟି ପକ୍ଷରୁ ସଂକୀର୍ତ୍ତନ ଏନଂ ତାଳ ସଂକୀର୍ତ୍ତନ ତାଳେତାଳେ ରଥା ଟଣା ହୋଇଥିଲା। ମାଉସୀ ମନ୍ଦିରୁ ଶହେ ମିଟର ଦୂରରେ ମହାପ୍ରଭୁ ଅଟକିଥିଲେ । ଶନିବାର ଅପରାହ୍ନରେ ରଥଟଣା ଆରମ୍ଭ ହୋଇଛି ।

### ବୁଟୁପାଲିରେ ବାସି ବାହୁଡା ଯାତ୍ରା ପାଳିତ

**ବୌଦ୍ଧ,୧୩।୭(ସ୍ୱ.ପ୍ର):** ବୌଦ୍ଧ ସହର ନିକଟସ୍ଥ ବୁଟୁପାଲିଠାରେ ରାଜାରାଜୁଡା ଅମଳରୁ ରଥଯାତ୍ରା ପାଳିତ ହୋଇଆସୁଛି । ଏଠାରେ ଜଗନ୍ନାଥଙ୍କ ରଥଯାତ୍ରା ରଥଯାତ୍ରାର ପରଦିନ ପାଳନ କରାଯାଉଥିବା ବେଳେ ବାହୁଡା ଯାତ୍ରା ମଧ୍ୟ ପରଦିନ ପାଳନ କରାଯାଏ । ଏହି ରଥଯାତ୍ରା ବାସି ରଥଯାତ୍ରା ଓ ବାହୁଡା ଯାତ୍ରାକୁ ବାସି ବାହୁଡା ଯାତ୍ରା ବୋଲି କୁହାଯାଇଥାଏ । ଶନିବାର ଏଠାରେ ବାହୁଡା ଯାତ୍ରା ପାଳନ କରାଯାଇଥିଲା। ମାଉସୀ ମା ମନ୍ଦିରରେ ସକାଳ ନୀତିକାନ୍ତି ପରେ ପ୍ରଭୁମାନଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଥିଲା । ଅପରାହ୍ନରେ ତିନି ଠାକୁରଙ୍କୁ ମନ୍ଦିରରୁ ବାହାରକୁ ଅଣାଯିବା ପରେ ପହଣ୍ଡିରେ ନିଆଯାଇଥିଲା । ଏହି ସମୟରେ ଭକ୍ତମାନଙ୍କ ଦ୍ୱାରା ବାଟଭୋଗ ସବୁ ଲାଗି କରାଯାଇଥିଲା । ପହଣ୍ଡି ପରେ ଭଗବାନ ରଥାରୁଢ ହୋଇଥିଲେ। ଏହାପରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ରଥଟଣା ଯାଇଥିଲା। ଗହଳିକୁ ଦୃଷ୍ଟିରେ ରଖି ବୌଦ୍ଧ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୃତୟନ ହୋଇଥିଲେ । ଏହି ବାହୁଡା ଯାତ୍ରା ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

ଜଣେ କୃତୀଛାତ୍ରୀଙ୍କୁ ବରଡ଼ୋଲ ସ୍କୁଲରେ ପୁରସ୍କୃତ କରାଯାଉଛି ।

ବରଡ଼ୋଲରେ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା ।

# ବନ ମହୋତ୍ସବରେ ସଚେତନତା ଶୋଭାଯାତ୍ରା

**ବରଗଡ଼ ଅଫିସ୍/ବିଜେପୁର/ଭେଡ଼େନ,୧୩।୭**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳିତ ହୋଇଛି । ଏହି କ୍ରମରେ ବୃକ୍ଷଚାରା ରୋପଣ କରାଯାଇଛି। ବରଗଡ଼ ବ୍ଲକ ବରଡ଼ୋଲସ୍ଥିତ ବୀର ସୁରେନ୍ଦ୍ର ସାଏ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ରଲେଖା ସାମଲ ଅଧ୍ୟକ୍ଷତା କରିଥିଲେ । ଶ୍ରୀକାନ୍ତ ପଣ୍ଡା ମୁଖ୍ୟଅତିଥି, ଆକାଶ ପଣ୍ଡା ମୁଖ୍ୟବକ୍ତା ଓ ଦେବେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲର କିରାଣୀ ଆର୍ତ୍ତତ୍ରାଣ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ପରମାନନ୍ଦ ସାହୁ ଉଦ୍ଦେଶ୍ୟ ଜ୍ଞାପନ ଏବଂ ଶିକ୍ଷକ ଆର୍ତ୍ତବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ସେହିପରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ବିଜେପୁର ଡିଗ୍ରୀ କଲେଜରେ ଜିଲା ପରିବେଶ ସମିତି ଓ କଲେଜର ଏନଏସଏସ ପକ୍ଷରୁ ବନ ମହୋତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ଜିଲା ପରିବେଶ ସମିତିର ସଭାପତି ତେଜରାଜ ଭୋଇ, ପରିବେଶବିତ୍ ଜେଠୁ ଭୋଇ ପ୍ରମୁଖ ଯଥାକ୍ରମେ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମୋହନ ଚାନ୍ଦ ପ୍ରଧାନ ସଭା ପରିଚାଳନା କରିଥିଲେ । ଡିଲେଶ୍ୱରୀ ମେହେର ଏନଏସଏସର ଅନୁଭୂତି ଉପସ୍ଥାପନ କରିଥିଲେ । ଡଃ ସୁବ୍ରତାରାଣୀ ରାଉତ୍ ଧନ୍ୟବାଦ ଅର୍ପଣ କରିଥିଲେ । ଭେଡ଼େନ ବ୍ଲକ ସହରାଟିକ୍ରାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗେବେଷଣା କେନ୍ଦ୍ରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ୟାକ୍ସ ସଭାପତି ବିଜୟ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ସ୍କୁଲ ଅଧ୍ୟକ୍ଷ ପଞ୍ଚାନନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍କୁଲ କମିଟି ସଭାପତି ଦେବାଶିଷ ନନ୍ଦ, ବିଶ୍ୱଜିତ ନାଏକ, ସମୀର ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଜିଲା କ୍ରୀଡ଼ା ସଂସଦର ବାର୍ଷିକ ବୈଠକ

**ବଲାଙ୍ଗୀର ଅଫିସ,୧୩।୭**

ବଲାଙ୍ଗୀର ଜିଲା କ୍ରୀଡା ସଂସଦର ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶନିବାର ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ପ୍ରଭାତ କୁମାର ମିଶ୍ର ମଞ୍ଚାସୀନ ଥିଲେ । ବୈଠକରେ ବାର୍ଷିକ ବିବରଣୀ ଦୃଢ଼ୀକରଣ ପରେ ଆୟବ୍ୟୟ ବିବରଣୀ ତଥା ଆସନ୍ତାବର୍ଷର ବଜେଟ ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା । ଗାନ୍ଧୀ ଷ୍ଟାଡିୟମରେ ଫ୍ଲଡ ଲାଇଟ ଏବଂ ଗ୍ୟାଲେରୀର ଉନ୍ନତିକରଣ ତଥା ସର୍ବାଙ୍ଗୀନ ବିକାଶ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର କମିଟି ଗଠନ କରି ତାର ଅଧ୍ୟକ୍ଷ ଭାବରେ ସଭ୍ୟ ମନୋରଞ୍ଜନ ଯୋଷୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଟୁର୍ନାମେଣ୍ଟ ଓ ଟାନ୍ସଫର କମିଟି ବୈଠକ ବସିଥିଲା। ବିଭିନ୍ନ ଆଲୋଚନା ମଧ୍ୟରେ ମୁଖ୍ୟତଃ ଅଗଷ୍ଟ ତୃତୀୟ ସପ୍ତାହରେ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ପାଇଁ ସର୍ବସମ୍ମତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଡ ମିଶ୍ରଙ୍କ ଅଧ୍ୟକ୍ଷତାରେ ସିଲେକ୍ସନ ଓ କୋଚିଙ୍ଗ୍ କମିଟିର ବୈଠକ ବସି ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ସାଧାରଣ ବୈଠକରେ ସଂସଦର ଅନେକ ବରିଷ୍ଠ ସଭ୍ୟ ଉପସ୍ଥିତ ରହି ନିଜ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

ବଲାଙ୍ଗୀର ଜିଲା କ୍ରୀଡା ସଂସଦର ବାର୍ଷିକ ବୈଠକରେ ଉପସ୍ଥିତ ସଦସ୍ୟ ।

ଔଷଧୀୟ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଚିକିତ୍ସାଳୟରେ ଔଷଧୀୟ ବୃକ୍ଷଚାରା ରୋପଣ

**ବରଗଡ଼ ଅଫିସ୍,୧୩।୭**

ବରଗଡ଼ ସହର ଉପକଣ୍ଠ ନାଗେନପାଲିସ୍ଥିତ ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ପରିସରରେ ଶନିବାର ଔଷଧିୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ପ୍ରକାର ଔଷଧୀୟ ବୃକ୍ଷ ଚାରା ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବରଗଡ଼ ବନ ବିଭାଗର ରେଞ୍ଜ ଅଫିସର ମହେନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବତନ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. କିଶୋର ମିଶ୍ର କାର୍ଯ୍ୟକ୍ରମରେ ଯୋଗଦାନ କରି ଔଷଧୀୟ ବୃକ୍ଷର ଉପକାରିତା ଉପରେ ଆଲୋକପାତ କରିଥିଲେ । ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଆରତୀ ମିଶ୍ର, ସ୍ଥାନୀୟ ମଠାଧୀଶ ମହନ୍ତ ପରମାନନ୍ଦ ଦାଶ ମହାରାଜ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ନାୟକ, ସ୍ଥାନୀୟ ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ରାଧାରାଣୀ ମିଶ୍ର ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ମତ ରଖିଥିଲେ। ନାଗେନପାଲିସ୍ଥିତ ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଆୟୁର୍ବେଦ ସହାୟକ ଚିତ୍ତରଞ୍ଜନ ଶର୍ମା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଗାଇସୀମାସ୍ଥିତ ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ଅଜିତ କୁମାର ଦର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାହୁଡ଼ା ସରିଲା, ଧାନ ବିହୁଡ଼ା ନୋହିଲା

**ବୌଦ୍ଧ,୧୩।୭(ସ୍ୱ.ପ୍ର)**

### ବର୍ଷା ନାହିଁ, ଚିନ୍ତାରେ ଚାଷୀ

ଶିଳ୍ପ ବିହୀନ ବୌଦ୍ଧ ଜିଲାରେ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଜିଲାବାସୀଙ୍କ ମୁଖ୍ୟ ଆୟର ପନ୍ଥା ହେଲା ଧାନ ଚାଷ । ଚଳିତବର୍ଷ ଜିଲାରେ ଭଲ ବର୍ଷା ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି । ଏବର୍ଷ ଭଲ ବର୍ଷା ହେବା ନେଇ ପୂର୍ବରୁ ପାଣିପାଗ ବିଭାଗ ଆକଳନ କରି କହିଆସୁଥିବା ବେଳେ ବର୍ଷାର ଦେଖାନାହିଁ । କା ଭାଁ ବର୍ଷାରେ ଚାଷୀମାନେ ତଳି ପକାଇବା ସହ ବିଲରେ ଧାନ ବୁଣିଥିଲେ । ଏପଟେ ବିଲରେ ଧାନ ଗଛ ଗୁଡିକ ବଡ ହେବାକୁ ବସିଥିବା ବେଳେ ତଳି ପାଣି ଅଭାବରୁ ମରିବାକୁ ବସିଲାଣି । ଜିଲାରେ ବର୍ଷା ଠିକ ଭାବେ ହୋଇଥିଲେ ଚାଷୀମାନେ ବାହୁଡା ସମୟରେ ବିଲରେ ବିହୁଡା କରିବା ସହ ପଲ୍‌ହା ରୋଇଥାନ୍ତି। କିନ୍ତୁ ବର୍ଷା ଆଦୌ ନ ଥିବାରୁ ବାହୁଡା ସରିଲା ପଛେ ଚାଷୀ ନିଜ ଜମିରେ ବିହୁଡା କରିପାରିନାହିଁ। ଚାଷୀ ଚାଷ କରିବା ପାଇଁ ବିଭିନ୍ନ ବ୍ୟାଙ୍କ ଓ ଘରୋଇ ସଂସ୍ଥାରୁ ଋଣ କରି ଚାଷ ଆରମ୍ଭ କରିଥିବା ବେଳେ ବର୍ଷା ନ ଥିବାରୁ ମୁଣ୍ଡରେ ହାତ ଦେଇ ବସିଛି ।

ଜିଲା କୃଷି ବିଭାଗ ତଥ୍ୟ ଅନୁଯାୟୀ, ବୌଦ୍ଧ ଜିଲାରେ ୮୫୧୮୦ ହେକ୍ଟର ଚାଷ ଜମି ରହିଛି । ମାତ୍ର ଚାଷ ଜମିକୁ ପର୍ଯ୍ୟାପ୍ତ ପରିମାଣରେ ଜଳସେଚନର ସୁବିଧା ନାହିଁ। କାରଣ ଜିଲାରେ ଥିବା ଜଳସେଚନ ଡ୍ୟାମ ଓ କ୍ଷୁଦ୍ରଜଳସେଚନର ଡ୍ୟାମ ଗୁଡିକ ବର୍ଷା ହେଲେ ଯାଇ ପାଣି ଯୋଗାଇଥାଏ । ବର୍ଷା ନ ହେଲେ ଜିଲାରେ ନିଶ୍ଚିତ ଭାବେ ଚାଷ ଜମି ଗୁଡିକ ପଡିଆ ରହିବ । ଫଳରେ ଚାଷୀ କ୍ଷତିଗ୍ରସ୍ତ ହେବା ସହ ଆର୍ଥିକ ଅନଟନରେ ପଡିବ । ବର୍ତ୍ତମାନ ସମୟରେ ଚାଷୀର ରୁଆ, ବିହୁଡା ପାଇଁ ଫୁରସତ ନ ଥିବା ବେଳେ ବର୍ଷା ନ ଥିବାରୁ ଚାଷୀ ଘରେ ବସି ରହିଛି । ଜିଲାରେ ବର୍ଷାର ପରିମାଣ ୬୯ ପ୍ରତିଶତ କମ୍ ଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ଷା ଅଭାବରୁ ଜିଲାରେ ଚାଷ ହୋଇପାରୁନାହି। ଏଣୁ ପ୍ରଶାସନ ଜଳସେଚନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ବୌଦ୍ଧ ଜିଲାର ଚାଷୀ ମରୁଡି ଦାଉରୁ ରକ୍ଷା ପାଇପାରନ୍ତେ ।

ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ଦିଲ୍ଲୀ କାର୍ଯ୍ୟକ୍ରମ ପାଇଁ ମନୋନୀତ ଶ୍ରବଣବାଧିତ ବିଦ୍ୟାର୍ଥୀ।

# ପାର୍ଲାମେଣ୍ଟ ଭବନ ଡ୍ୟାନ୍ସରେ ଭାଗନେବେ ଶ୍ରବଣବାଧିତ ଛାତ୍ର

**ଟିଟିଲାଗଡ଼, ୧୩।୭ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଏସସିଡି ବିଦ୍ୟାଳୟ ଶ୍ରବଣ ବାଧିତ ଛାତ୍ର ଦେଶର ପାର୍ଲିଆମେଣ୍ଟରେ ଆସନ୍ତା ୨୩ତାରିଖରେ ଅନୁଷ୍ଠିତ ହେବାକୁ ନୃତ୍ୟ କାର୍ଯ୍ୟକ୍ରମରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟରେ ଶିକ୍ଷାରତ ଶ୍ରବଣ ବାଧିତଙ୍କ ନୃତ୍ୟରେ ପାରଙ୍ଗମତା ନେଇ କେନ୍ଦ୍ର ସରକାରଙ୍କ ଅଧିନ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରାଳୟ ପକ୍ଷରୁ ନୂଆଦିଲ୍ଲୀକୁ ନିମନ୍ତ୍ରଣ କରାଯାଇଛି। ବିଦ୍ୟାଳୟର ୭ଜଣ ଶ୍ରବଣ ବାଧିତ ଛାତ୍ର(୯ରୁ ୧୬ବର୍ଷ) ଆସନ୍ତା ୧୫ତାରିଖରେ ଭୁବନେଶ୍ୱରରୁ ବିମାନ ଯୋଗେ ଦିଲ୍ଲୀ ଯିବା କାର୍ଯ୍ୟକ୍ରମ ରହିଛି। ୨୩ରେ ପାର୍ଲ୍ୟାମେଣ୍ଟ ହଲରେ ଛାତ୍ରମାନେ ନିଜ ପ୍ରତିଭାର ପ୍ରଦର୍ଶନ କରିବା ଧାର୍ଯ୍ୟ ରହିଛି। ଶନିବାର ଏ ନେଇ ଏସିସିଡି କେନ୍ଦ୍ର ପରିସରରେ ବିଦ୍ୟାଳୟର ସମ୍ପାଦକ ସୁଶାନ୍ତ ମହାରଣା, କୋଷାଧକ୍ଷ ତାପସ ମହାରଣା, ବରିଷ୍ଠ ସଦସ୍ୟ ମୋହିତ ମୋହନ ଦାଶ, ଅଞ୍ଜଳି ବେହେରା, ଯୋଗାମାୟା ମହାରଣା, ସୁବେଦା ମହାରଣା, ଇଶ୍ୱରଦତ୍ତ ସୁନା ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶ୍ରବଣ ବାଧିତ ଛାତ୍ର ହୁଲେଶ୍ୱର ହଂସ, ରୋହିତ ନିଆଲ, ଗୁରୁଚରଣ ସାହୁ, ତ୍ରିଭୁବନ ରଣା, ମନମୋହନ ଛୁରା, ଫିରୋଜ ସାହା, ଚନ୍ଦ୍ରକାନ୍ତ ମାଝୀ ପାର୍ଲାମେଣ୍ଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଗ ନେବେ। ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକ, ମାନସରଞ୍ଜନ ଦଳବେହେରା ଏହି ଗସ୍ତରେ ସାମିଲ ରହିଛନ୍ତି। ରାଜ୍ୟରେ ଏସିଡି କେନ୍ଦ୍ରର ଛାତ୍ରଙ୍କ ସମେତ ଯାଜପୁର ଦୁଇ ବାମନ ଭଉଣୀଭାଇ ଚଳିତ ଥର ଜାତୀୟସ୍ତରରେ ନିଜ କୃତି ପ୍ରଦର୍ଶନ ପାଇଁ ମନୋନୀତ ହୋଇଛନ୍ତି।

DISTRICT RURAL DEVELOPMENT AGENCY, SUBARNAPUR
**Lt. No. 2508** **Date: 12.07.2019**

**Tender Call Notice**

Sealed quotations in the prescribed format are invited from the interested supplier/ manufacturer/ dealer for supply of **"Office Furniture & IT equipments under Rural Housing"** to all BPMU & DPMU of Subarnapur District. The quotation shall be received through Registered Post/ Speed Post during the official working day in the Office of the **Project Director, DRDA, Subarnapur (Rural Housing Cell)** on or before **29th July 2019 by 5.00 PM** and shall be opened on **29th July 2019 at 5.30 PM.** The details of tender papers along with the terms and conditions can be downloaded from the website http://www.subarnapur.nic.in. The tender received beyond the dateline and time mentioned above shall not be taken into consideration.

**Sd./- Project Director**
**DRDA, Subarnapur**

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତିହିଡ଼ି** ପତ୍ରସଂଖ୍ୟା.୧୬୫୩, ତାରିଖ-୧୧।୦୭।୧୯:- ଏତଦ୍ୱାରା ତିହିଡ଼ି ପଞ୍ଚାୟତ ସମିତି ଅଧିକ୍ଷେତ୍ର ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ନିଶ୍ଚିତ୍ କର୍ମନିଯୁକ୍ତି ଯୋଜନା (MGNREGA) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(NSAP) ଦ୍ୱାରା ପ୍ରତ୍ୟେକ ଗ୍ରା.ପ., ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ୨୦୧୮-୧୯ ଅବଧି ୦୧।୦୪।୨୦୧୮ରୁ ୩୧।୦୪।୨୦୧୯ ଆର୍ଥିକ ବର୍ଷରେ କାର୍ଯ୍ୟାକାରୀ ହୋଇଥିବା ସମସ୍ତ ପ୍ରକଳ୍ପ ଏବଂ ସହାୟତା କାର୍ଯ୍ୟକ୍ରମଗୁଡିକର ଶତ ପ୍ରତିଶତ ୧୦୦ଶତକଡ଼ା ମଷ୍ଟରରୋଲ ଯାଞ୍ଚ ଏବଂ ନଥିପତ୍ର ଭାରତର ବିଶ୍ୱଗୁଡିକର ସମୀକ୍ଷା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ବରକାର୍ଡ ଧାରୀ ଶ୍ରମିକ, ସମସ୍ତ ହିତାଧିକାରୀ, ସମସ୍ତ ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଭିଜିଲାନ୍ସ ମନିଟରିଂ କମିଟିର ସଭ୍ୟ/ସଭ୍ୟା ସ୍ୱେଚ୍ଛାସେବୀ, ଅନୁଷ୍ଠାନର କର୍ମକର୍ତ୍ତା, ଗ୍ରାମ ରୋଜଗାର ସେବକ, ମେଟ୍ ସ୍ୱେଚ୍ଛାସେବକ ପରାମର୍ଶଦାତା ଉପସ୍ଥିତ ରହି ସାମାଜିକ ସମୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| ଗ୍ରାମ ପଞ୍ଚାୟତ ଗୁଡିକର ନାମ | ସାମାଜିକ ସମୀକ୍ଷା ସମୟ | ଗ୍ରାମ ସଭା | ବିଷୟ | ସ୍ଥାନ | ଯୋଗଦେବାକୁ ଥିବା ଅଧିକାରୀ |
|---|---|---|---|---|---|
| ବୌଲତପୁର, ସିମୋର, ଛୋଟୁ, ବାମନବିନ୍ଧା, ସାହାପୁର, ଜହନ୍ନିଂସୁର | ୧୫।୦୭।୧୯ ରୁ ୧୮।୦୭।୧୯<br>୧୯।୦୭।୧୯ ରୁ ୨୯।୦୭।୧୯ | ୨୯।୦୭।୧୯ | NSAP<br>MGNREGS | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ |
| ଯାମୁଯୋଡ଼ି, ନରେନ୍ଦ୍ରପୁର, ରାଜନଗର, ଗୋବିନ୍ଦପୁର, ବାରସିଂହ, ଶ୍ୟାମସୁନ୍ଦରପୁର | ୩୦।୦୭।୧୯ ରୁ ୦୨।୦୮।୧୯<br>୦୩।୦୮।୧୯ ରୁ ୧୩।୦୮।୧୯ | ୧୩।୦୮।୧୯ | NSAP<br>MGNREGS | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ |
| ବୋଡ଼କ, ଡଡଗୋପାବିନ୍ଧା, ବିଲଣା, ବାହାବକପୁର, ମଙ୍ଗଳପୁର, ସୁଆ | ୧୬।୦୮।୧୯ ରୁ ୧୯।୦୮।୧୯<br>୨୦।୦୮।୧୯ ରୁ ୩୧।୦୮।୧୯ | ୩୧।୦୮।୧୯ | NSAP<br>MGNREGS | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ |
| ଦାରୋ, 



ଉପଦେଶ ଦେବା ସହଜ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ୨ ବାଇକ୍ ଧକ୍କାରେ ୩ ଗୁରୁତର

**ଭବାନୀପାଟଣା,୧୩।୭ (ଡି.ଏନ.ଏ.)**- କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କାଠକୁରା ତେରେଙ୍ଗାସିଲ ଛକଠାରେ ଦୁଇ ବାଇକ ଧକ୍କାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଥୁଆମୂଳ ରାମପୁରଥାନା ଅନ୍ତର୍ଗତ ଗୋପିନାଥପୁର ପଞ୍ଚାୟତର ଦୁର୍ମୁସି ଗାଁର ସାନ୍ୟା ମାଝି (୩୫) ଓ କୃଷ୍ଣ ମାଝି (୨୦) ଥୁଆମୂଳ ରାମପୁର ମୁଖ୍ୟାଳୟକୁ କୌଣସି କାମରେ ଆସି ଗୁରୁବାର ଫେରୁଥିଲେ । ତେରେଙ୍ଗାସିଲ୍ ଛକଠାରେ ସାମ୍ନାପଟୁ ଆସୁଥିବା ସିନ୍ଧୁ ମାଝି (୫୦) ଓ ଗୌତମ ନାଏକ (୩୫)ଙ୍କ ବାଇକ ସହ ଧକ୍କା ହୋଇଥିଲା। ଫଳରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତରଖାନାରେ କୌଣସି ଡାକ୍ତରଖାନା ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପରେ ସମସ୍ତ ଗୁରୁତର ଆହତଙ୍କୁ ଭବାନୀପାଟଣା ସଦର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

### ଧୁମଧାମ୍‌ରେ ଶେଷ ହେଲା ବାହୁଡ଼ା ଯାତ୍ରା

**ଭବାନୀପାଟଣା,୧୩।୭ (ଡି.ଏନ.ଏ.)**- ଭବାନୀପାଟଣାର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସର ସହ ଶେଷ ହୋଇଛି ବାହୁଡା ଯାତ୍ରା। ସହରର ମୁଖ୍ୟ ଜଗନ୍ନାଥ ମନ୍ଦିର, ବାଲାଜୀ ମନ୍ଦିର, ଇରିଗସେନ୍ କଲୋନୀ, ବାନ୍ଦୋପଲା ଓ କରନପିଟା ଜଗନ୍ନାଥ ମନ୍ଦିରରେ ଶାନ୍ତି ଶୃଙ୍ଖଳାର ସହିତ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ମୁଖ୍ୟ ଜଗନ୍ନାଥ ମନ୍ଦିରର ମାଉସୀ ମନ୍ଦିରର ଆଡ଼ପ ମଣ୍ଡପରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଅପରାହ୍ନରେ ଧାଡ଼ି ପହଣ୍ଡିରେ ରଥ ପର୍ଯ୍ୟନ୍ତ ନିଆଯାଇଥିଲା । ପରମ୍ପରା ଅନୁଯାୟୀ କଳାହାଣ୍ଡି ରାଜପରିବାର ସଦସ୍ୟ ଅର୍କକେଶରୀ ଦେଓ ବଳଭଦ୍ରଙ୍କ ପାଟ ଦଉଡ଼ି ଧରି ପହଣ୍ଡି ବିଜେ ସେବା ସମ୍ପାଦନ କରିଥିଲେ । ଭବାନୀପାଟଣା ଉପ ଜିଲାପାଳ ମିର୍ଦ୍ଧା ଟପୋ ସୁଭଦ୍ରାଙ୍କ ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ଜଗନ୍ନାଥ ମହାପ୍ରଭୁଙ୍କ ପାଟ ଦଉଡ଼ି ଧରି ପହଣ୍ଡି ବିଜେ ସେବା କରିଥିଲେ । ରଥ ଚାରିପଟେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ତିନିଥର ପରିକ୍ରମା କରାଯିବା ପରେ ରଥାରୁଢ଼ କରାଯାଇଥିଲା । ରଥାରୁଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପରମ୍ପରା ଅନୁଯାୟୀ ରାଜ ପରିବାର ସଦସ୍ୟ ରଥ ଉପରେ ଅଳତା ଦର୍ଶନ କରିଥିଲେ । ଚାରମାଳ ଫିଟାଯାଇ ସନ୍ଧ୍ୟା ୬ ଟାରେ ରଥ ଟଣା ଆରମ୍ଭ ହୋଇ ସନ୍ଧ୍ୟା ୬.୩୦ମି.ରେ ରଥ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ଅତିରିକ୍ତ ଏସ୍‌ପି ଗୋପିନାଥ ମଣିପାତ୍ରଙ୍କ ତତ୍ତ୍ୱାବଧାନରେ ଟାଉନ ଆଇଆଇସି ସତ୍ୟ କୁମାର ନନ୍ଦ ବାହୁଡ଼ା ଯାତ୍ରାର ଶାନ୍ତିଶୃଙ୍ଖଳା ତଦାରଖ କରିଥିଲେ । ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସହରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସେହିପରି ବାଲାଜୀ ମନ୍ଦିରର ବାହୁଡ଼ାଯାତ୍ରା ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଥିଲା । କରନପିଟା ଜଗନ୍ନାଥ ମନ୍ଦିରର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଥିଲା । ଅତିରିକ୍ତ ଏସପି ଗୋପିନାଥ ମଣି ପାତ୍ରଙ୍କ ତତ୍ତ୍ୱାବଧାନରେ ଟାଉନ୍ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ବାହୁଡାଯାତ୍ରା ଶାନ୍ତିଶୃଙ୍ଖଳାର ତଦାରଖ ବ୍ୟବସ୍ଥା କରିଥିଲେ।

## ଜୁନାଗଡ଼ ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଡାକ୍ତର ଅଭାବ, ଫାର୍ମାସିଷ୍ଟ ଦେଖୁଛନ୍ତି ରୋଗୀ

**ଜୁନାଗଡ଼,୧୩।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଜୁନାଗଡ ବ୍ଲକବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଜୁନାଗଡ ସହରରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟସ୍ୱାସ୍ଥ୍ୟ (ସିଏଚ୍‌ସି)ଓ ପିପିସି ରହିଥିବାବେଳେ ଚିଲଗୁଡାରେ ମଧ୍ୟ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେହିପରି ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ଦେଦର, କୁଲିହାରୀ, ଚାରବାହାଲ, ମହିଚଲା ଓ ହାବସପୁରଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)ରହିଛି। ଏହାସହ ବ୍ଲକର ୨୫ଟି ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ୩୦ ଶଯ୍ୟା ବିଶିଷ୍ଟ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ନାନା ସମସ୍ୟା ଦେଇ ଗତି କରୁଛି। ଏଠାରେ ନିୟମିତ ପ୍ରସୂତୀ ଓ ସ୍ତ୍ରୀରୋଗ ବିଶେଷଜ୍ଞ (ଗାଇନିକ୍) ଡାକ୍ତର ନାହାନ୍ତି। ଭବାନୀପାଟଣା ବ୍ଲକ ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡେପୁଟେଶନରେ ଜଣେ ଗାଇନିକ ଡାକ୍ତର ଏଠାକୁ ଆସିଛନ୍ତି। ସେହିପରି ଦୀର୍ଘବର୍ଷ ହେବ ଭେଷଜ ବିଶେଷଜ୍ଞ (ମେଡିସିନ ସ୍ପେଶାଲିଷ୍ଟ) ଓ ଶଲ୍ୟ ଚିକିତ୍ସା ବିଶେଷଜ୍ଞ (ସର୍ଜରୀ) ଡାକ୍ତର ପଦବୀ ଖାଲି ପଡିଛି। ଫଳରେ ଉପଯୁକ୍ତ ଚିକିତ୍ସା ନ ପାଇଁ ଏଠାକାର ରୋଗୀମାନେ ଅନ୍ୟ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ବର୍ତ୍ତମାନ ଜୁନାଗଡ ଡାକ୍ତରଖାନାରେ ୩ଜଣ ନିୟମିତ ଡାକ୍ତର ଓ ୨ଜଣ ଡେପୁଟେଶନ ଡାକ୍ତର ଅଛନ୍ତି। ସେହିପରି କୌଣସି ଲୋକ ଦୁର୍ଘଟଣା ହେଲେ ଏକ୍ସରେ କରିବା ପାଇଁ ଏଠାରେ ନିୟମିତ ଏକ୍ସରେ ଟେକନିସିୟାନ ନାହାନ୍ତି। କେବଳ ସପ୍ତାହକୁ ଥରେ କିମ୍ବା ୨ଥର ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ଏକ୍ସରେ ଟେକନିସିୟନ ଆସି କାମ କରିଥାନ୍ତି। ଅନ୍ୟପଟେ ଜୁନାଗଡ ପିପିସିରେ ମଧ୍ୟ ଜଣେ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଜଣେ ଶିଶୁ ବିଶେଷଜ୍ଞ ଡାକ୍ତର ରହିବା କଥା। ହେଲେ ଅଦ୍ୟାବଧି ଏହି ପଦବୀଗୁଡିକ ପୂରଣ ହୋଇନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ତ୍ତମାନ ସୁଦ୍ଧା କୌଣସି ଶବ ବାହକ ଗାଡି ନାହିଁ। ଯଦି କୌଣସି ରୋଗୀ ଡାକ୍ତରଖାନାରେ ମୃତ୍ୟୁବରଣ କରେ ତେବେ ୩୫ କି.ମି. ଦୂର କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶବ ବାହକ ଗାଡି ଆସିଥାଏ। ଫଳରେ ଶବ ନେବା ପାଇଁ ଏଠାରେ ତାଙ୍କ ସମ୍ପର୍କୀୟଙ୍କୁ ଦୀର୍ଘ ଘଣ୍ଟା ଧରି ଅପେକ୍ଷା କରିବାକୁ ପଡିଥାଏ। ସେହିପରି ଦେଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲିପଡିଥିବାରୁ ଏବେ ସେଠାରେ ଫାର୍ମାସିଷ୍ଟ ରୋଗୀ ଦେଖୁଥିବା ଜଣାପଡିଛି। ଏଥିରୁ ସେଠାରେ କିପରି ସ୍ୱାସ୍ଥ୍ୟସେବା ଚାଲିଥିବ ତାହା ସହଜେ ଅନୁମେୟ। ସେହିପରି ମହିଚଲା ଓ କୁଲିହାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତର ପଦବୀ ଖାଲିପଡିଛି। ଏପଟେ ପଞ୍ଚାୟତ ମୁଖ୍ୟାଳୟରେ ଥିବା ଉପସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀମାନେ ପ୍ରାୟ ସମୟରେ ରହୁ ନ ଥିବାରୁ ସବୁବେଳେ କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ, ଦୀର୍ଘଦିନ ହେବ ଏହି ସବୁ ସମସ୍ୟା ରହିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସମାଧାନ ଦିଗରେ ଦୃଷ୍ଟି ନ ପଡିବା ସାଧାରଣରେ କ୍ଷୋଭର ବିଷୟ। ଏ ନେଇ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କୁ ପଚାରିବାରୁ ଡାକ୍ତର ପଦବୀ ପାଇଁ ବିଭାଗୀୟ ଉଚ୍ଚଅଧିକାରୀଙ୍କୁ ଜଣାଇଛି ବୋଲି କହିଥିଲେ।

ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

**ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ୩୫ କି.ମି. ଦୂର କଲମପୁରରୁ ଆସୁଛି ଶବ ବାହକ ଗାଡି
- ଭେଷଜ, ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ପଦବୀ ଖାଲି
- ଉପଯୁକ୍ତ ଚିକିତ୍ସା ନ ପାଇ ରୋଗୀ ହନ୍ତସନ୍ତ

## ବିଭିନ୍ନ ସ୍ଥାନରେ ବନମହୋତ୍ସବ

**ଭବାନୀପାଟଣା,୧୩।୭ (ଡି.ଏନ.ଏ.)**

ସ୍ଥାନୀୟ ଗୁଡ଼ିଆଳିପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଇଚ୍ଛାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହିଅବସରରେ ବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା । ପରେ ଛାତ୍ରୀଛାତ୍ର ଓ ଗ୍ରାମବାସୀ ତଥା ଅଭିଭାବକମାନଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିବା ନିମନ୍ତେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଳେଇ, ସମ୍ମାନିତ ଅତିଥି ଭାବେ ଦକ୍ଷିଣ ବନଖଣ୍ଡ ଫରେଷ୍ଟର୍ ପଦ୍ମନାଭ କୁମ୍ଭାର, ମହାବିଦ୍ୟାଳୟ ଅଧ୍ୟାପକବୃନ୍ଦ ମନୋଜ କୁମାର ସାହୁ, ସୁବ୍ରତ ପାଣିଗ୍ରାହୀ, ଘନଶ୍ୟାମ ସାହୁ, ଅଧ୍ୟାପିକା ଡ.ପଲ୍ଲୀଶ୍ରୀ ପଟ୍ଟନାୟକ, ସି.ଆର୍.ସି.ସି. ଜଗନ୍ନାଥ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶୂନ୍ୟ ମଙ୍ଗରାଜ ଓ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଅନ୍ୟାମାନେ ଉପସ୍ଥିତ ରହି ଏହି ବନମହୋତ୍ସବର ଉଦ୍ଦେଶ୍ୟ ଓ ଜଙ୍ଗଲ ଉପକାରିତା ସମ୍ପର୍କରେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ବିଦ୍ୟାଳୟ ପରିସର ବ୍ୟତୀତ ପ୍ରତ୍ୟେକଙ୍କ ଘର ବାଡ଼ିରେ ଗଛ ଲଗାଇବାକୁ ଉପଦେଶ ଦେଇଥିଲେ । ଅନୁରୂପ ଭାବେ ସ୍ଥାନୀୟ ଶାସ୍ତ୍ରୀଜୀ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ମଧ୍ୟ ବନ ମହୋତ୍ସବ ମହାବିଦ୍ୟାଳୟ ଚେୟାର୍‌ମେନ୍ ନମିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ ସଂଯୋଜକ ଅଭିଳାଷ ପଣ୍ଡା ତଥା ଅତିଥି ଭାବେ ଏ.ବି.ଭି.ପି.ର ଜିଲା ସଂଯୋଜକ ଅକ୍ଷୟ ଧଙ୍ଗଡ଼ାମାଝି, ବିଭାଗ ପ୍ରମୁଖ ଅଶୋକ ସିଂ, ବିଭାଗ ସଙ୍ଗଠନ ସମ୍ପାଦକ ସୁଜିତ କୁମାର ନାୟକ ଓ କାର୍ଯ୍ୟକର୍ତ୍ତା ମୁକେଶ ବେହେରାଙ୍କ ସହ ମହାବିଦ୍ୟାଳୟ ଅଧ୍ୟାପକ ପ୍ରତ୍ୟୁଷ ଜିତଙ୍କ ସହ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ରହି କଲେଜ ପରିସରରେ ବୃକ୍ଷରୋପଣ କରିଥିଲେ ।

ଚାରାରୋପଣ କରାଯାଉଛି।

କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ ।

## ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସଚେତନତା କାର୍ଯ୍ୟକ୍ରମ

**ତୁଣ୍ଡଲା,୧୩।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ତୁଣ୍ଡଲା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଗ୍ରାମପଞ୍ଚାୟତର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ଜତିନ୍ଦ୍ର କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କେସିଙ୍ଗା ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ଭାବେ କେସିଙ୍ଗା ସ୍ୱାସ୍ଥ୍ୟ ସୁପରଭାଇଜର ଅଲେଖ ଚନ୍ଦ୍ର ବିଶି ଯୋଗଦେଇଥିଲେ। ଏହି ସଭାରେ ଅମାଠର ଏଏନଏମ ସନ୍ତୋଷିନୀ ରଣା, ସ୍ଥାନୀୟ ସରପଞ୍ଚ ଭଗବାନ ସାହୁ, ବିଦ୍ୟାଳୟ ଛାତ୍ରୀଛାତ୍ର, ୨୫୦ରୁ ଊର୍ଦ୍ଧ୍ୱ ମହିଳା ଓ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଏସଏମସି ଓ ଏସଏମଡିସି ଗ୍ରୁପର ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବାହାରେ ମଳତ୍ୟାଗ ମୁକ୍ତ କରି ଗ୍ରାମପଞ୍ଚାୟତକୁ ସମଗ୍ର ଜିଲାର ଏକ ଉତ୍ତମ ପଞ୍ଚାୟତ ଗଠନ କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି ଅବସରରେ ଦୀପାଞ୍ଜଳି ସାହୁ ସ୍ୱାଗତ ଭାଷଣ ମାଧ୍ୟମରେ ସମସ୍ତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେବଦେବୀଙ୍କ ଗହଣରେ ଫେରିଲେ ୩ ଠାକୁର

**କୋକସରା,୧୩।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଗୋତୋମୁଣ୍ଡା ଓ ଆଖପାଖ ଗ୍ରାମଗୁଡିକର ଦେବଦେବୀଙ୍କ ଚଳିତବର୍ଷର ବାହୁଡା ଯାତ୍ରା ନିଆରା ପରମ୍ପରାରେ ଶୁକ୍ରବାର ଶେଷ ହୋଇଛି। ଗୋତୋମୁଣ୍ଡା ଓ ଆଖପାଖ ଗ୍ରାମର ଦେବଦେବୀ ନିଜ ନିଜର ଦେବୀ ଲାଠି, କାଳିଶି ସହ ବଜାବଜାଇ ଗୋତୋମୁଣ୍ଡା ଗ୍ରାମ ପୀଠରେ ପହଞ୍ଚିଥିଲେ। ପରେ ଦେବୀ ପୂଜା ଆରମ୍ଭ ହୋଇଥିଲା। ପ୍ରାଥମିକ ଦେବୀ ପୂଜା ପରେ ଦେବୀମାନଙ୍କ ଲାଠି, କାଳିଶି ନିଜ ନିଜର ବାଜା ବଜାଇ ମାଉଁସୀ ମା' ମନ୍ଦିର ଅଭିମୁଖେ ବାହାରି ଥିଲେ। ମାଉଁସୀ ମନ୍ଦିର ପହଞ୍ଚିବା ପରେ ଦେବୀମାନେ ଜଗନ୍ନାଥଙ୍କୁ ପାଛୋଟି ନେବା ପାଇଁ ଅନୁରୋଧ କରିଥିଲେ। ଦେବଦେବୀଙ୍କ ଅନୁରୋଧ ପରେ ୩ ଠାକୁର ରଥରେ ବିଜେ କରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ହେମନ୍ତ ମାଝି, ପୂର୍ଣ୍ଣଚନ୍ଦ୍ର ନାଏକ, ଭରତ ପୂଝାରୀ, ବଳରାମ ମାଝି, ପୂଜକ ସୁବାଶ ଦାସ, ପାର୍ଥ ମାଝି, ଲକ୍ଷ୍ମଧର ହଂସ, ଦୁର୍ଯ୍ୟୋଧନ କାଣ୍ଡ, କୁତିବାସ ହଂସ, ରାମାହଂସ, ମନ୍ତ୍ରୀହଂସ ପ୍ରମୁଖ ପରିଚାଳନାରେ ଗ୍ରାମବାସୀଙ୍କ ସହଯୋଗ କରିଥିଲେ।

## ପରିବେଶ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ

**ଲାଞ୍ଜିଗଡ,୧୩।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅଧୀନ ଲାଞ୍ଜିଗଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟର ମିଳିତ ଉଦ୍ୟମରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ବାହ୍ୟ ମଳମୂତ୍ର ତ୍ୟାଗ ମୁକ୍ତ ଅଭିଯାନ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଆବାହକ ତଥା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଶୀନାଥ ରାଉତରାୟଙ୍କ ତତ୍ତ୍ୱାବଧାନରେ ଲାଞ୍ଜିଗଡ ସିଆରସିସି ଏମ୍.ସୁନ୍ଦର ଶେଖର ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ୨ଟି ବିଦ୍ୟାଳୟରେ ବିଭିନ୍ନ ବୃକ୍ଷ ରୋପଣ କରାଯିବା ସହ ବିଦ୍ୟାଳୟ ମୁଖ୍ୟ ରାସ୍ତା ସଫେଇ କରାଯାଇଥିଲା। ଗ୍ରାମ ପରିକ୍ରମା ସହିତ ସ୍ଲୋଗାନ ଏବଂ ସଚେତନତା କାର୍ଯ୍ୟକ୍ରମରେ ଦୁଇଟି ବ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଏବିଓ ଓ ସିଆରସିସି ଯୋଗଦାନ କରିଥିଲେ। ଶେଷରେ ଏକ ମିଳିତ ବୈଠକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ ମହାଖୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଏବିଇଓ ରାଉତରାୟ ପିଲାମାନଙ୍କୁ ପରିବେଶ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ଦେଇଥିଲେ। ସମ୍ମାନିତ ଅତିଥି ନଗେନ୍ଦ୍ରନାଥ ପଟ୍ଟନାୟକ ବୃକ୍ଷ ରୋପଣ, ପରିବେଶ ଓ ସ୍ୱଚ୍ଛତା ସମ୍ପର୍କରେ ଆଲୋକପାତ କରିଥିଲେ। ଲାଞ୍ଜିଗଡ କ୍ଲଷ୍ଟର ସିଆରସିସି ଏମ୍. ସୁନ୍ଦର ଶେଖର ଦନ୍ୟବାଦ ଦେଇଥିଲେ ।

ପରିବେଶ ସୁରକ୍ଷା ଅଭିଯାନ ନେଇ ବାହାରି ଥିବା ସଚେତନତା ଶୋଭାଯାତ୍ରା ।

## ବାହ୍ୟ ମଳତ୍ୟାଗମୁକ୍ତ ସଚେତନତା ଅଭିଯାନ

**କଲମପୁର,୧୩।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ସମସ୍ତ ବ୍ଲକକୁ ଜୁଲାଇ ଶେଷ ସୁଦ୍ଧା ବାହ୍ୟ ମଳତ୍ୟାଗ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ସକାଳ ସାଢ଼େ ୧୦ଟାରେ କଲମପୁରଠାରେ ବାହ୍ୟ ମଳତ୍ୟାଗ ମୁକ୍ତ ସଚେତନତା ଅଭିଯାନ ପାଇଁ ଏକ ମୋଟରସାଇକଲ ଶୋଭାଯାତ୍ରା କରାଯାଇଥିଲା । ୬ଟି କ୍ଲଷ୍ଟରର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଗୁଡିକରୁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦ୍ୱାରା ମୋଟରସାଇକଲ ଶୋଭାଯାତ୍ରା ଆରମ୍ଭ କରି ବ୍ଲକର କେନ୍ଦ୍ର ବିଦ୍ୟାଳୟଠାରେ ପହଞ୍ଚିଥିଲେ। କଲମପୁର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରୁ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ବିଭିନ୍

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



## ସଂକ୍ଷେପରେ

### ପିପଲା ସ୍କୁଲରେ ୭ ମାସ ହେଲା ପାଚିକା ନାହାନ୍ତି

**ଭବାନୀପାଟଣା,୧୩।୭ (ଡି.ଏନ.ଏ.)-** କଳାହାଣ୍ଡି ଜିଲାର ଧର୍ମଗଡ ବ୍ଲକ ପିପଲା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଗତ ୭ ମାସ ହେଲା ପାଚିକା ନାହାନ୍ତି। କେବଳ ଜଣେ ସହାୟିକା ମଧ୍ୟାହ୍ନ ଭୋଜନ ରାନ୍ଧୁଥିବାରୁ ଏହି କାମ ସୂଚାରୁ ରୂପେ ହୋଇପାରୁ ନାହିଁ। ଏହି ସ୍କୁଲରେ ୧୦୩ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ୩ ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ରହିଛନ୍ତି। ଗତ ଡିସେମ୍ବର ୩୦ ତାରିଖରୁ ପାଚିକା କୌଣସି ସ୍ୱାସ୍ଥ୍ୟ ଗତ କାରଣରୁ ଆଉ କାମ କରି ପାରିବେ ନାହିଁ ବୋଲି ପ୍ରଧାନ ଶିକ୍ଷକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେହି ଦିନଠାରୁ ସହାୟିକା ହିଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଛନ୍ତି। ପ୍ରକାଶଯୋଗ୍ୟ ଯେ, ନୂଆ ପାଚିକା ନିଯୁକ୍ତି ନିମନ୍ତେ ପ୍ରଧାନ ଶିକ୍ଷକ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିପାଇଁ ଗାଁର ୫ ଜଣ ପ୍ରାର୍ଥିନୀ ଆବେଦନ କରିଥିଲେ। କିନ୍ତୁ ଚୟନ ସମୟରେ ନିଷ୍ପତ୍ତି ହୋଇ ନ ପାରିବାରୁ ଏହାକୁ ସେତେବେଳେ ସ୍ଥଗିତ ରଖାଯାଇଥିଲା। ଇତିମଧ୍ୟରେ ଗତ ୭ ମାସ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପାଚିକା ନିଯୁକ୍ତି ହୋଇପାରିନାହିଁ। ତୁରନ୍ତ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନେତାଜୀ ସେବା ସଙ୍ଗଠନ ପକ୍ଷରୁ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା,୧୩।୭ (ଡି.ଏନ.ଏ.)-** ଗ୍ରାମଞ୍ଚଳରେ ସାଧାରଣତଃ ଅସ୍ୱଚ୍ଛ ପରିବେଶ ସୃଷ୍ଟି ହୋଇ ଚାଲିଛି । ପ୍ରତିବର୍ଷ ଗ୍ରାମରେ ବାସ କରୁଥିବା ଜନସାଧାରଣ ସମେତ ଗୃହପାଳିତ ପଶୁ ପକ୍ଷୀମାନେ ମଧ୍ୟ ବିଭିନ୍ନ ରୋଗରେ ପୀଡିତ ହୋଇଥିବା ଦେଖାଯାଉଛି। ଏହି ଅସ୍ୱଚ୍ଛ ପରିବେଶ ସୃଷ୍ଟି କରି ଚାଲିଥିବା ଗ୍ରାମବାସୀ ପାଇଁ ନେତାଜୀ ସେବା ସଙ୍ଗଠନ ବ୍ରାହ୍ମଣ କେନ୍ଦୁଗୁଡା ପକ୍ଷରୁ ଏକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ସଞ୍ଜୀବ ଠାକୁରଙ୍କ ନେତୃତ୍ୱରେ କେନ୍ଦୁଗୁଡାଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ସଦସ୍ୟମାନଙ୍କ ସମେତ ହାରାମାଲ ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରଦୀପ ଠାକୁର, ସୁଧାଂଶୁ ଶବର, ରାମନାଥ ଶବର, ସୁରେନ୍ଦ୍ର ସୁନାନୀ, କ୍ରିଷ୍ଣା ସୁନାନୀ, ଦିବାକର ବେହେରୁକ, ମୁରଲୀ ଜାନୀ, ପଦ୍ମନାଭ ପତି ପ୍ରମୁଖ ଉପସ୍ଥିତ ରହି ଆଖପାଖ ଅଞ୍ଚଳରୁ ଯୋଗଦେଇଥିବା ଶତାଧିକ ଯୁବକମାନଙ୍କୁ ସ୍ୱଚ୍ଛତା ସମ୍ପର୍କରେ ଅବଗତ କରିଥିଲେ । ଗ୍ରାମକୁ ପଲିଥିନ ମୁକ୍ତ କରିବା ସହ ଅଳିଆ ଆବର୍ଜନା ସବୁକୁ କୁଣ୍ଡରେ ପକାଇବା ପାଇଁ ସରପଞ୍ଚ ସମସ୍ତଙ୍କୁ ବୁଝାଇଥିଲେ ।

ଗ୍ରାହକ ସେବା କେନ୍ଦ୍ରରେ କୋଟିଏ ଟଙ୍କା ଆତ୍ମସାତ୍

# ଗ୍ରାହକମାନେ ଥାନାର ଦ୍ୱାରସ୍ଥ

**ନୂଆପଡା ଅଫିସ,୧୩।୭**

ଲଖନା ଥାନାର ଦ୍ୱାରସ୍ଥ ହୋଇଥିବା ଗ୍ରାହକମାନେ ।

ଗ୍ରାହକମାନଙ୍କୁ ଦ୍ୱାର ମୁହଁରେ ବ୍ୟାଙ୍କ ସେବା ଯୋଗାଇ ଦେବାକୁ ଗ୍ରାମାଞ୍ଚଳରେ ଷ୍ଟେଟ ବ୍ୟାଙ୍କ ତରଫରୁ ଗ୍ରାହକ ସେବା କେନ୍ଦ୍ରଗୁଡିକ ସ୍ଥାପନ କରାଯାଇଛି । ହେଲେ ଲୋକଙ୍କ ଅଜ୍ଞତାର ସୁଯୋଗ ନେଇ କେନ୍ଦ୍ର ପରିଚାଳକ କୋଟି କୋଟି ଟଙ୍କା ଉଠାଣ କରି ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି । ଗ୍ରାମାଞ୍ଚଳର ଅଧିବାସୀମାନେ ବାରମ୍ବାର କେନ୍ଦ୍ରକୁ ଦୌଡିବା ପରେ ଅନନ୍ୟୋପାୟ ହୋଇ ଲଖନା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆନ୍ଦୋଳନାତ୍ମକ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

ଆଜକୁ ୨ ବର୍ଷ ହେବ କୁରୁମପୁରୀଠାରେ ଏକ ଗ୍ରାହକ ସେବା କେନ୍ଦ୍ର ସ୍ଥାପନ କରାଯାଇଥିଲା । ଏହାର ପରିଚାଳନା ଦାୟିତ୍ୱ ଲଖନାର ଦାସରଥୀ ସୁନାନୀ ନାମକ ଯୁବକ ନେଇଥିଲେ। ଆଦିବାସୀ ବହୁଳ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ବ୍ୟାଙ୍କ କାରବାର ଉପରେ ବିଶେଷ ଜ୍ଞାନ ନ ଥିବାରୁ ଏହାର ସୁଯୋଗ ନେଇ ପରିଚାଳକ ହିତାଧିକାରୀଙ୍କ ଆକାଉଣ୍ଟରୁ ଟଙ୍କା ସବୁ ଅନ୍ୟତ୍ର ଚାଲାଣ କରିଥିଲେ। ପଲସିପାଣି, ଦଲଦଲି, ଲିମଡିହି, ଠାକୁରପାଲି, କରଙ୍ଗାଭଟା, କାଶିପଲା, ଘାଟିପଡା, ସିନାପାଲି, କୁରୁମପୁରୀ, କୁସଦହନା, ଦିଆମୁଣ୍ଡା, ଚୌକପଡା, ଖଜୁରବାହାଲ,

**ସେବା କେନ୍ଦ୍ର ପରିଚାଳକ ଫେରାର**

ମୁଣ୍ଡାପଲା, ଲଟକନପଡାର ଗ୍ରାହକଙ୍କ ଆକାଉଣ୍ଟରୁ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି । ପ୍ରାଥମିକ ଭାବେ ସ୍ଥାନୀୟ କାଶିପଲା ଗାଁର ୧୬ଜଣ ହିତାଧିକାରୀ ଶନିବାର ଲଖନା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ହିତାଧିକାରୀମାନେ ହେଲେ ଲାଲୁ ଶବରଙ୍କ ଆକାଉଣ୍ଟରୁ ୨୬ ହଜାର ଟଙ୍କା, ବିରସିଂ ଶବରଙ୍କ ୯୧୪୦୦ ଟଙ୍କା, ବାଲମତି ଶବରଙ୍କ ୧୩ ହଜାର ଟଙ୍କା, ବେଲମତୀ ଶବରଙ୍କ ୨୦୦୦୦ ଟଙ୍କା, ସାଦନୀ ଶବରଙ୍କ ୯୦୦୦୦ ଟଙ୍କା, ସାୟମନୀ ମାଝିଙ୍କ ୬୦ ହଜାର ଟଙ୍କା, ଗୁନ ମାଝି ୪୧ ହଜାର ଟଙ୍କା, ରାଏମତି ମାଝିଙ୍କ ୧୦ ହଜାର ଟଙ୍କା, ଖୁସିଲାଲ ଖର୍ସେଲଙ୍କ ୧୦ ହଜାର ଟଙ୍କା, ରୁକମଣୀ ନାଗଙ୍କ ୨୦ ହଜାର ଟଙ୍କା, ବିନୋଦଲାଲ ନାଗଙ୍କ ୧୦ ହଜାର ଟଙ୍କା, ମଧୁ ଶବରଙ୍କ ୫ ହଜାର ଟଙ୍କା, ଗଣ୍ଡାରାମ ମାଝିଙ୍କ ୫୫ ହଜାର ଟଙ୍କା, ମାଳତୀ ଶବରଙ୍କ ୧୧ ହଜାର ଟଙ୍କା, ମୋହନ ମାଝିଙ୍କ ୮୦ ହଜାର ଟଙ୍କା, ହେମ ମାଝିଙ୍କ ୧୫ ହଜାର ଟଙ୍କା ହଡପ କରାଯାଇଥିବା କୁହାଯାଇଛି। ଏହିଭଳି ଅନ୍ୟାନ୍ୟ ଗାଁର ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ ହୋଇଯାଇଥିବା ଅନୁମାନ କରାଯାଉଛି। ଏହା ଉପରେ ପୋଲିସ ତଦନ୍ତ କରୁଛି। ସବିଶେଷ ତଦନ୍ତ ପରେ ସବୁକିଛି ଜଣାପଡିବ ବୋଲି ଲଖନା ଥାନାଧିକାରୀ ତପନ କୁମାର ଦାସ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ହିତାଧିକାରୀମାନେ ବିଭିନ୍ନ ସମୟରେ ସ୍ୱଂୟ ସହାୟକ ଦଳକୁ ମିଳିଥିବା ସହାୟତା ରାଶି ହେଉକି କୃଷି ବୀମା ଟଙ୍କା ଜମା କରିଥିଲେ । ଗ୍ରାହକ ସେବା କେନ୍ଦ୍ରରେ ବିଭିନ୍ନ ସମୟରେ ଗ୍ରାହକମାନେ ଯାଇ ପାସ ବହି ସବୁ ଛାଡି ଦେଉଥିଲେ । ଏହା ସହ ଆଧାର ନମ୍ବର ଏବଂ ପାସ ୱାର୍ଡ ମଧ୍ୟ ପ୍ରସ୍ତୁତ ପାଇଁ ଆସୁଥିଲେ । ଏହା ସୁଯୋଗ ନେଇ ଟଙ୍କା ହଡପ କରାଯାଇଥିବା କୁହାଯାଉଛି। କେତେକ ହିତାଧିକାରୀ ପାସ ବହି ନେଇ ଅପଡେଟ କରିବା ପରେ ଟଙ୍କା ସବୁ ଅନ୍ୟତ୍ର ଗାଏବ ହୋଇଥିବା ଜାଣିବାକୁ ପାଇଥିଲେ । ବର୍ତ୍ତମାନ ଏହି ଗାଁରେ ଗ୍ରାହକଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି । ଏହା ଉପରେ ଜିଲା ପୋଲିସ ପ୍ରଶାସନ ଗୁରୁତ୍ୱ ଦେବା ସହ ଏହାର ଚେର କେତେଦୂର ଲମ୍ବିଛି ତାରି ସରଜମିନ ତଦନ୍ତ କରିବାକୁ ଦାବି ହେଉଛି।

ଚେକିଂ ଆଳରେ ଲୁଟ୍

# ଦିନ ଦ୍ୱିପ୍ରହରରେ ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନାଗହଣା

**ଭବାନୀପାଟଣା,୧୩।୭ (ଡି.ଏନ.ଏ.)**

ଗତ ଶୁକ୍ରବାର ଜଗନ୍ନାଥଙ୍କ ବାହୁଡା ଯାତ୍ରା ଅବସରରେ ସହର ଚଳଚଞ୍ଚଳ ଥିଲା ବେଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିବା ଜଣେ ମହିଳାଙ୍କଠାରୁ ନାଟକୀୟ ଭାବେ ସୁନା ଗହଣା ଲୁଟ ହୋଇଥିବା ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଭବାନୀପାଟଣା ସହରର ଗାନ୍ଧୀଛକର ଉଦୟରାମ ଅଗ୍ରୱାଲଙ୍କ ସ୍ତ୍ରୀ ରାମକଲି ଅଗ୍ରୱାଲ ଶୁକ୍ରବାର ୧ଟାରେ ନିକଟସ୍ଥ ଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ମନ୍ଦିର ଗେଟ ନିକଟରେ ଛିଡା ହୋଇଥିବା ବେଳେ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ଆସିଥିଲେ। ତାଙ୍କୁ ଦୁଇଟି ନକଲି ଚୁଡି ଓ ପାଞ୍ଚଟି ଛୋଟ ପଥର କାଗଜରେ ଗୁଡାଇ ଚେକିଂ ପାଇଁ ଉପରୁ ଆଦେଶ ଆସିଛି ବୋଲି କହି ଭୟଭୀତ କରି ପିନ୍ଧିଥିବା ସମସ୍ତ ସୁନାକୁ ଦେଇବା ପାଇଁ କହିଥିଲେ। ମହିଳା ଜଣକ ଭୟରେ ପିନ୍ଧିଥିବା ଗୋଟିଏ ସୁନା ଚେନ, ଦୁଇଟି ସୁନା ଚୁଡି ଓ ଗୋଟିଏ ସୁନା ମୁଦି ଖୋଲି ଦେଇଥିଲେ। ପରେ ଆଉ ଏକ ବାଇକ୍‌ରେ ଆଉ ୩ ଜଣ ଦୁର୍ବୃତ୍ତ ଆସି ପୂର୍ବରୁ ଥିବା ଦୁର୍ବୃତ୍ତମାନଙ୍କ ସହିତ ମିଶି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଏ ନେଇ ମହିଳା ଜଣକ ଘରେ କହିବା ପରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି। ଗତ କିଛି ମାସ ତଳେ ଭବାନୀପାଟଣା ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରୁ ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କୁ ସ୍କୁଟି ଅଟକାଇ ପୋଲିସ ବୋଲି ପରିଚୟ ଦେଇ ସୁନା ଚେନ ନେଇଥିଲେ। ଏଭଳି ଲୁଟ ଘଟଣା ସହରରେ ଆତଙ୍କ ଖେଳିଯାଇଛି।

ସିସିଟି ଫୁଟେଜ୍‌ରେ କଏଦ ହୋଇଥିବା ଲୁଟ୍‌ର ଦୃଶ୍ୟ ।

ହରେକୃଷ୍ଣ ମହତାବ ହାଇସ୍କୁଲରେ ବନମହୋତ୍ସବ ପାଳନ ସଭାରେ ମଞ୍ଚାସୀନ ଅତିଥି।

# ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ଜରୁରୀ

**ଲୋଇସିଂହା,୧୩।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ ପରିସରରେ ୭୦ତମ ବନ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ମେହେର ବାନ୍ଧୁଙ୍କ ଅଧ୍ୟକ୍ଷତା କରିଥିଲେ । ସଭାରେ ସ୍ଥାନୀୟ ରେଞ୍ଜ ଅଫିସର ରାଜକିଶୋର ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ପରିବେଶ ସନ୍ତୁଳନ ରକ୍ଷା ପାଇଁ ସ୍ଥଳଭାଗର ୩୩ ପ୍ରତିଶତ ଜଙ୍ଗଲ ରହିବା ଆବଶ୍ୟକ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ୧୮ରୁ ୨୦ ପ୍ରତିଶତ ଜଙ୍ଗଲ ରହିଛି । ବିଭିନ୍ନ କାରଣରୁ ଜଙ୍ଗଲ ସମ୍ପଦ ହ୍ରାସ ପାଉଛି। ଯାହାର କୁପରିଣାମ ଆମକୁ ଭୋଗିବାକୁ ପଡୁଛି। ପରିବେଶ ସନ୍ତୁଳନ ରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ଥିବା ବିଦ୍ୟାଳୟର ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦିଗମ୍ବର ନାଏକ, ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ, ଭକ୍ତବନ୍ଧୁ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାରବିଭିନ୍ନ ସ୍କୁଲର ବିଜ୍ଞାନ ଶିକ୍ଷକ ଯୋଗଦେଇ ବିଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ର, ଶିକ୍ଷକ, ଅତିଥି ଶିକ୍ଷକ, ବନ ଅଧିକାରୀ ଏବଂ କର୍ମଚାରୀ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

### ଲୋକ ଅଦାଲାତ: ୧୨୫ ମାମଲାର ଫଇସଲା

**ବରଗଡ଼ ଅଫିସ, ୧୩।୭**

ବରଗଡ଼ ଜିଲାରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଲୋକ ଅଦାଲତରେ ୧୫୧୧ଟି ବିଭିନ୍ନ ମାମଲା ମଧ୍ୟରୁ ୧୨୫ଟି ମାମଲାର ଫଇସଲା କରାଯାଇ ସମୁଦାୟ ୧କୋଟି ୪୫ଲକ୍ଷ ୩୧ହଜାର ୬୫ ଟଙ୍କା ଅସୁଲ ହୋଇଥିଲା । ଜିଲା ଜଜ୍ ଏସ.ଏ. କେ.ଜେଡ୍ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ହୋଇଥିବା ଲୋକ ଅଦାଲତରେ ପରିବାର କୋର୍ଟ ବିଚାରପତି ଅଶ୍ୱିନୀ କୁମାର ନାଏକ, ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ସତ୍ୟନାରାୟଣ ପାତ୍ର, ରେଜିଷ୍ଟ୍ରାର କମ୍ ଏସଜେ (ଏସଟିସି) ସୁବାଷ ଚନ୍ଦ୍ର ଧଳ, ସିଭିଲ ଜଜ୍ (ସିନିୟର ଡିଭିଜନ୍) ବିଶେଷ କୁମାର ସାହୁ, ଡିଏଲଏସଏର ସେକ୍ରେଟାରୀ ନୀଳିମା ପଣ୍ଡା, ସିଭିଲ ଜଜ୍(ଜୁନିୟର ଡିଭିଜନ) ସାଇ ଅଭିପ୍ସା ଗୋଚ୍ଛାୟତ, ଜେଏମଏଫସି ରେଣ୍ଣା ଧଳ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପଦ୍ମପୁରରେ ଅତିରିକ୍ତ ଜିଲା ଜଜ୍ ନୀଳଗିରି ଜେନା, ସିଭିଲ ଜଜ୍(ସିନିୟର ଡିଭିଜନ) ସାବିତ୍ରୀ ନାୟକ, ଏସଡିଜେଏମ ପଲ୍ଲବୀରାଣୀ ରାଉତ, ସୋହେଲାରେ ସିଭିଲ ଜଜ୍(ଜୁନିୟର ଡିଭିଜନ) ଶାନ୍ତ ସାମଲ, ବରପାଲିରେ ସିଭିଲ ଜଜ୍(ଜୁନିୟର ଡିଭିଜନ) ସଂଘମିତ୍ରା ବିଶ୍ୱାଳ ଏବଂ ଅତାବିରାରେ ନ୍ୟାୟାଧିକାରୀ ବି. ଡି. ଡିଚନ୍ଦନା ମାମଲା ପରିଚାଳନା କରିଥିଲେ ।

୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୩୫୯ ମକଦ୍ଦମା ଫଇସଲା

**ଭବାନୀପାଟଣା,୧୩।୭ (ଡି.ଏନ.ଏ.)**

ଅନୁଷ୍ଠିତ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ।

କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତଗୁଡିକରେ ଚଳିତ ବର୍ଷର ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶିଶିର କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ୨୮୭ଟି ପ୍ରାକ୍ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫେସଲା କରାଯାଇ ୨୫, ୭୬, ୮୧୩ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୮ଟି ରଫା ଯୋଗ୍ୟ ଫୌଜଦାରି ମାମଲା ଫଇସଲା କରାଯାଇଥିଲା। ୪ଟି ଏନ୍‌ଆଇ ଆକ୍ଟ ୟୁଏସ୍ ୧୩୮ କେସ୍ ଫଇସଲା କରାଯାଇ ୧ ଲକ୍ଷ ୭୧ ହଜାର ଟଙ୍କା ସମାଧାନ କରାଯାଇଥିଲା। ୧୨ଟି ମଟର ଦୁର୍ଘଟଣା ଜନିତ ମକଦ୍ଦମା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୩୪ ଲକ୍ଷ ୯୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ୭ଟି ମେଟ୍ରୋମୋନିଆଲ ଡିସପୁଟ୍‌ର ଫଇସଲା କରାଯାଇଥିଲା। ଗୋଟିଏ ଆରବିଟ୍ରେସନ୍ ମକଦ୍ଦମା ଫଇସଲା କରାଯାଇଥିଲା। ୧୩ଟି ଏକ୍ସକ୍ଲୁସନ୍ ମକଦ୍ଦମା ଫଇସଲା କରାଯାଇଥିଲା। ୧୭ଟି ଦେୱାନି ମକଦ୍ଦମା ଫଇସଲା କରାଯାଇଥିଲା। ୫ଟି ବ୍ୟାଙ୍କିଙ୍ଗ ପିଟିସନ୍ ମକଦ୍ଦମା ଫଇସଲା କରାଯାଇଥିଲା। ୪ଟି ସିଭିଲ୍ ପ୍ରୋସେଡିଙ୍ଗ ଫଇସଲା କରାଯାଇଥିଲା। ସେହିପରି ସର୍ବମୋଟ ୩୫୯ଟି ମକଦ୍ଦମା ଏହି ଲୋକ ଅଦାଲତରେ ଫଇସଲା କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ଜିଲା ଏବଂ ଦୌରା ଜଜ୍ ତଥା ଅଧ୍ୟକ୍ଷ ଜିଲା ଆଇନ୍ ଶେବା ପ୍ରଧିକରଣ ଶିଶିର କୁମାର ରଥ, ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ବିଧାନ କୁମାର ଚାନ୍ଦ, ଫେମିଲି କୋର୍ଟ ଜଜ୍ ଶୁସାନ୍ତ ପଟେଲ୍, ଅତିରିକ୍ତ ଜିଲା ଜଜ୍ ରଶ୍ମିତା ଦଳାଇ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରଞ୍ଜନ କୁମାର ସୁତାର, ବରିଷ୍ଠ ଦେୱାନୀ ଜଜ୍ ମୋନାଲିସା ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସଂଗୀତା ମଲ୍ଲୀକ ପ୍ରମୁଖ ଉପସ୍ଥିତ ରହି ନିଜ କୋର୍ଟ ପରିଚାଳନା କରିଥିଲେ। ଏହି ଲୋକଅଦାଲତରେ ରେଜିଷ୍ଟ୍ରାର ସ୍ମୃତୀସ୍ମିଧା ଦାସ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଏସ୍. ସାମନ୍ତରାୟ ଓ କୋର୍ଟ ମ୍ୟାନେଜର ଦେବାନନ୍ଦ କୁମାର ପଣ୍ଡା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚାଷୀଙ୍କ ଧାନ କିଣିବାରେ ବିଜେଡି ସରକାର ବିଫଳ

## ଧାନ କିଣାକୁ ନେଇ ଟାର୍ଗେଟ କଲା କଂଗ୍ରେସ

**ନୂଆପଡା ଅଫିସ,୧୩।୭**

ଖବରଦାତା ସମ୍ମିଳନୀରେ କଂଗ୍ରେସର କର୍ମକର୍ତ୍ତା ।

ସରକାର କେବଳ ଚାଷୀଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ ଦେଉଥିବା ନେଇ ଫମ୍ପା ଆବାଜ କରୁଛି । ହେଲେ ଧାନକିଣା ନୀତି ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏଥର ଧାନ କିଣାରେ ବ୍ୟାପକ ଅନିୟମିତତା ପ୍ରଶାସନ ସହ ସରକାରଙ୍କ ପ୍ରକୃତ ମୁଖା ଖୋଲି ଦେଇଛି । ଜିଲା ବ୍ୟାପି ଫଲସ ଏଣ୍ଟ୍ରି କରି ମିଲର୍ସ-ଶାସକ ଦଳର ବିଧାୟକ ମାଲାମାଲ ହେଉଥିବାବେଳେ ଏବେ ବି ୫୦ ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଛି । ଧାନ ଗଜା ହେଉଥିଲେ ହେଁ ସରକାର ନିଦାବିଷ୍ଟ ହୋଇ ବସି ରହିଛି । ଚାଷୀ ମାରଣ ନୀତି କରି ସରକାର ମାଲାମାଲ ହେଉଛନ୍ତି ବୋଲି ଜିଲା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ଶନିବାର ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ଏକ ଖବରଦାତା ସମ୍ମିଳନୀରେ ସିଧା ବିଜେଡିକୁ ଟାର୍ଗେଟ କରି ଏପରି ଅଭିଯୋଗ କରିଛନ୍ତି ।

ଶନିବାର ମଧ୍ୟାହ୍ନରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସଭାପତି ଘାସିରାମ ମାଝି କହିଥିଲେ ଯେ, ନୂଆପଡା ଏକ କୃଷି ବହୁଳ ଜିଲା। ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ପ୍ରତିବର୍ଷ ଏଠାରେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଥାନ୍ତି। ଏଥର ଆରମ୍ଭରୁ ଏଭଳି ସମସ୍ୟା ହୋଇଥିଲା। ପଡୋଶୀ ଛତିଶଗଡରୁ ବହୁ ପରିମାଣର ଧାନ ଆସି ମିଲର୍ସଙ୍କ ଗୋଦାମରେ ଭର୍ତ୍ତି ହୋଇଗଲା । ପ୍ରଶାସନ ଚୁପ ହୋଇ ବସିପଡିଲା। ଏପଟେ ମଣ୍ଡିଗୁଡିକର ଧାନ ଉଠିଲା ନାହିଁ । ଯେ

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

**ଗୁଡଭେଲା,୧୩।୭(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ଡୁଷୁରା ଅବକାରୀ ଅଧିକାରୀ ଶଶିକାନ୍ତ ଦତ୍ତଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଗୌରଗୋଡ ଗ୍ରାମରେ ମଦ ଚଢାଉ କରାଯାଇଥିଲା । ଏହି ସମୟରେ ଗ୍ରାମର ମନ ରଣାଙ୍କ ଘରରୁ ୩ଲିଟର ଦେଶୀ ମଦ ଜବତ ହୋଇଥିଲା। ଏ ନେଇ ଏକ ମାମଲା (ନଂ. ୩୦/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଦ୍ୱିତୀୟ ଦିନରେ ବୁର୍ଡା ବାହୁଡା ଯାତ୍ରା

**ଲୋଇସିଂହା,୧୩।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମରେ ଦ୍ୱିତୀୟ ଦିନରେ ବାହୁଡା ଯାତ୍ର ଶନିବାର ଅନୁଷ୍ଠିତ ହେଉଛି। ଶୁକ୍ରବାର ଅପରାହ୍ନରେ ମାଉସୀ ମନ୍ଦିରରୁ ତିନି ଠାକୁରଙ୍କୁ ପହଣ୍ଡି କରି ରଥାରୂଢ କରାଯାଇଥିଲା । ମାଉସୀ ମନ୍ଦିର କମିଟି ପକ୍ଷରୁ ସଂକୀର୍ତ୍ତନ ଏନଂ ତାଳ ସଂକୀର୍ତ୍ତନ ତାଳେତାଳେ ରଥା ଟଣା ହୋଇଥିଲା। ମାଉସୀ ମନ୍ଦିରୁ ଶହେ ମିଟର ଦୂରରେ ମହାପ୍ରଭୁ ଅଟକିଥିଲେ । ଶନିବାର ଅପରାହ୍ନରେ ରଥଟଣା ଆରମ୍ଭ ହୋଇଛି ।

### ରାଷ୍ଟ୍ରୀୟ ଲୋକ ଅଦାଲତ ବନ୍ଦ କଲେ ଆଇନଜୀବୀ

**ଲୋଇସିଂହା,୧୩।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଜେଏମଏଫସି କୋର୍ଟ ପରିସରରେ ଶନିବାର ହେବାକୁ ଥିବା ରାଷ୍ଟ୍ରୀୟ ଲୋକ ଆଦାଲତକୁ ସ୍ଥାନୀୟ ଓକିଲ ସଂଘ ବନ୍ଦ କରି ଦେଇଛି । ବଲାଙ୍ଗୀରରେ ଓଡିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ପରିପ୍ରେକ୍ଷୀରେ ଓକିଲ ସଂଘ ଏପରି କରିଛି। ବଲାଙ୍ଗୀରରେ ସ୍ଥାୟୀବେଞ୍ଚ ପ୍ରତଷ୍ଠା ଦାବିରେ ଜିଲା ଓକିଲ ସଂଘ ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ଜାରି ରଖିଛନ୍ତି। ଆସନ୍ତା ୧୬ ତାରିଖ ବିଧାନ ସଭା ଘେରାଉ ପାଇଁ ବୃତ୍ତାନ୍ତ ନିଷ୍ପତ୍ତି ହୋଇଛ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବାରର ସଦସ୍ୟ ରାଜକିଶୋର ମିଶ୍ର, ରାଜକିଶୋର ନାଏକ, ଶୁଭେନ୍ଦୁ ସାହୁ, ପ୍ରବୀଣ ତ୍ରିପାଠୀ, ଅଶୋକ କୁମାର ସାହୁ, ଜ୍ୟୋତି ପଟେଲ ପ୍ରମୁଖ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକୁ ବିରୋଧ କରି ବନ୍ଦ କରିଥିଲେ । ଏହା ଫଳରେ ବିଭିନ୍ନ ସମସ୍ୟା ସମାଧାନ ନେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣକୁ ନିରାଶ ହୋଇ ଫେରିବାକୁ ପଡିଥିଲା ।

■ ଇନ୍‌ଟାକ୍ ବଲାଙ୍ଗୀର ପକ୍ଷରୁ ଆଲୋଚନାଚକ୍ର

# ପରିବେଶ ସୁରକ୍ଷା ଏକ ସାମଗ୍ରିକ ଦାୟିତ୍ୱ

**ବଲାଙ୍ଗୀର ଅଫିସ, ୧୩।୭**

ପରିବେଶ ସୁରକ୍ଷା ଜଣକର କାମ ନୁହେଁ। ଏଥିପାଇଁ ଜନସହଭାଗିତା ଆବଶ୍ୟକ। ଆମେ ଆମର ଉତ୍ତରପିଢ଼ୀ ପାଇଁ ପରିବେଶକୁ ହିଁ ଅକ୍ଷତ ଭାବେ ହସ୍ତାନ୍ତର କରିବାକୁ ହେବ । ଏହା ହିଁ ହେବ ଆମ ଉତ୍ତରପିଢ଼ୀଙ୍କ ପାଇଁ ସର୍ବଶ୍ରେଷ୍ଠ ଅବଦାନ। ଏଣୁ ପରିବେଶ ସୁରକ୍ଷା କେବଳ ଏକ ବିଚାର ନହୋଇ ଏକ ସାମଗ୍ରିକ ଦାୟିତ୍ୱ ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ପରିବେଶବିତ୍ ପ୍ରଫେସର ଧ୍ରୁବରାଜ ନାଏକ ପ୍ରକାଶ କରିଛନ୍ତି ।

ଇନ୍‌ଟାକ୍ ବଲାଙ୍ଗୀର ଶାଖା ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନରେ ପରିବେଶ ସୁରକ୍ଷା ଏକ ସାମଗ୍ରିକ ବିଚାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଫେସର ମଧୁସୂଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକଭାବେ ପ୍ରଫେସର ନାଏକ ଓ ଅନ୍ୟତମ ବକ୍ତାଭାବେ ଡ. ବି.ଏନ୍ .ଶ୍ରୀକାନ୍ତ ଯୋଗଦାନ କରିଥିଲେ। ପ୍ରଥମେ ଇନ୍‌ଟାକ୍ ବଲାଙ୍ଗୀର ଶାଖାର ଆବାହକ ପ୍ରଫେସର ଡ. ଶିବପ୍ରସାଦ ନନ୍ଦ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦିନକୁ ଦିନ ପରିବେଶ ପ୍ରଦୂଷଣ କିଭଳି ଭୟାନକ ରୂପ ନେଉଛି କହିଥିଲେ। ସଭାରେ ଆଡଭୋକେଟ୍ ଶଶୀଭୂଷଣ ପୁରୋହିତ ସଂଯୋଜନା କରିଥିଲେ। ମୁଖ୍ୟ ଆଲୋଚକ ନାଏକ କହିଥିଲେ ଯେ, ଜନସଂଖ୍ୟା ବିସ୍ଫୋରଣ ଓ କ୍ରମାଗତ ଜଙ୍ଗଲ ହ୍ରାସ ପୃଥିବୀକୁ ସଙ୍ଗୀନ ସ୍ଥିତିକୁ ଆଣି ଥୋଇଛି । ବାୟୁ ପ୍ରଦୂଷଣ, ଜଳ ଅଭାବ ଓ କାର୍ବନ୍ ଡାଇଅକ୍‌ସାଇଡ୍ ବୃଦ୍ଧି ଯୋଗୁଁ ଆଗାମୀ ଦିନରେ ନିଶ୍ୱାସ ନେବା ବିପଦପୂର୍ଣ୍ଣ ହୋଇପଡିଲାଣି । ଏଭଳି ସ୍ଥିତିରେ ବୃକ୍ଷରୋପଣ ଉପରେ ଅଧିକ ଗୁରୁତ୍ୱ ନଦେଇ ଜନସହଭାଗିତାରେ ଜଙ୍ଗଲ ସୁରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଦାୟିତ୍ୱବାନ୍ ଭାବେ ଆବଶ୍ୟକ ମୁତାବକ କମ୍ ଶକ୍ତି ବିନିଯୋଗ କରିବା ଉପରେ ଜୋର ଦେଇଥିଲେ । ଏହି ଅବସରରେ ନିଜ ଦିବଙ୍ଗତ୍ ପୁତ୍ରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଝାରସୁଗୁଡା ଜିଲାର ଅନ୍ଧାରୀ ଜଙ୍ଗଲର ସୁରକ୍ଷା ଅଭିଯାନକୁ ନେଇ ସେ କରୁଥିବା ସଚେତନତା କାର୍ଯ୍ୟ ଓ ଏଥିରେ ଜନସହଭାଗିତା ଉପରେ କହିଥିଲେ । ସ୍କୁଲ ଛାତ୍ରୀଛାତ୍ର ଓ ଅନ୍ଧାରୀ ଭାଗବତ ଜରିଆରେ ଜଙ୍ଗଲ ସୁରକ୍ଷା ସଚେତନତା ଉପରେ କହିଥିଲେ। ଅନ୍ୟତମ ଆଲୋଚକ ଡ ଶ୍ରୀକାନ୍ତ ତାଙ୍କ ବକ୍ତବ୍ୟରେ ଜନସଂଖ୍ୟା ବିସ୍ଫୋରଣର ପ୍ରଭାବ ଓ ପ୍ରାକୃତିକ ଉପାୟରେ କୃଷି କାର୍ଯ୍ୟ ଓ ଖତ ତିଆରି ଉପରେ କହିଥିଲେ। ସୌରଶକ୍ତିରେ ରନ୍ଧନ ଓ ଅନ୍ୟାନ୍ୟ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ପ୍ରଫେସର ପତି ସଭାପତୀୟ ଅଭିଭାଷଣ ରଖି ମଣିଷ ଦିନକୁ ଦିନ ଲୋଭୀ ହୋଇଯାଉଥିବା କଥା ଉଲ୍ଲେଖ କରି ମଣିଷର ଲୋକ ଆଜି ପରିବେଶ ଉପରେ ପ୍ରତିଫଳିତ ହୋଇଛି ବୋଲି କହିଥିଲେ। ନିଜ ପରିବେଶ ପ୍ରତି ସଦୟ ହୋଇ ସଚେତନତାମୂଳକ କାର୍ଯ୍ୟ କରିବା ଉପରେ ସେ ଜୋର ଦେଇଥିଲେ। ଶେଷରେ ଶଶୀଭୂଷଣ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବଲାଙ୍ଗୀର ସହରର ବହୁ ବୁଦ୍ଧିଜୀବୀ, ପରିବେଶ ପ୍ରେମୀ ଓ ଜନସାଧାରଣ ଯୋଗଦାନ କରିଥିଲେ ।

ଇନ୍‌ଟାକ୍ ବଲାଙ୍ଗୀର ଶାଖା ପକ୍ଷରୁ ଆୟୋଜିତ ସଭାରେ ପ୍ରଫେସର ଧ୍ରୁବରାଜ ନାଏକ ବକ୍ତବ୍ୟ ରଖୁଛନ୍ତି ।

# ଜିଲା କ୍ରୀଡା ସଂସଦର ବାର୍ଷିକ ବୈଠକ

**ବଲାଙ୍ଗୀର ଅଫିସ,୧୩।୭**

ବଲାଙ୍ଗୀର ଜିଲା କ୍ରୀଡା ସଂସଦର ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶନିବାର ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ପ୍ରଭାତ କୁମାର ମିଶ୍ର ମଞ୍ଚାସୀନ ଥିଲେ । ବୈଠକରେ ବାର୍ଷିକ ବିବରଣୀ ଦୃଢ଼ୀକରଣ ପରେ ଆୟବ୍ୟୟ ବିବରଣୀ ତଥା ଆସନ୍ତାବର୍ଷର ବଜେଟ ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା । ଗାନ୍ଧୀ ଷ୍ଟାଡିୟମରେ ଫ୍ଲଡ ଲାଇଟ ଏବଂ ଗ୍ୟାଲେରୀର ଉନ୍ନତିକରଣ ତଥା ସର୍ବାଙ୍ଗୀନ ବିକାଶ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର କମିଟି ଗଠନ କରି ତାର ଅଧ୍ୟକ୍ଷ ଭାବରେ ସଭ୍ୟ ମନୋରଞ୍ଜନ ଯୋଷୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଟୁର୍ନାମେଣ୍ଟ ଓ ଟାନ୍ସଫର କମିଟି ବୈଠକ ବସିଥିଲା। ବିଭିନ୍ନ ଆଲୋଚନା ମଧ୍ୟରେ ମୁଖ୍ୟତଃ ଅଗଷ୍ଟ ତୃତୀୟ ସପ୍ତାହରେ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ପାଇଁ ସର୍ବସମ୍ମତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ସିଲେକ୍ସନ ଓ କୋଚିଙ୍ଗ୍ କମିଟିର ବୈଠକ ବସି ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ସାଧାରଣ ବୈଠକରେ ସଂସଦର ଅନେକ ବରିଷ୍ଠ ସଭ୍ୟ ଉପସ୍ଥିତ ରହି ନିଜ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

ବଲାଙ୍ଗୀର ଜିଲା କ୍ରୀଡା ସଂସଦର ବାର୍ଷିକ ବୈଠକରେ ଉପସ୍ଥିତ ସଦସ୍ୟ ।

# ବିଦ୍ୟାଳୟରେ ସାପ, ତାଲା ଦେଲେ ଅଭିଭାବକ

**ଟିଟିଲାଗଡ଼, ୧୩।୭ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଡଙ୍ଗରମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ଶନିବାର ଏକ ୧୦ଫୁଟିଆ ନାଗସାପ ପଶି ଯାଇଥିଲା। ଏହାକୁ ଦେଖି ଛାତ୍ରୀଛାତ୍ରମାନେ ଭୟଭୀତ ହୋଇ ଚିତ୍କାର କରିଥିଲେ। ପରେ ଅଭିଭାବକମାନେ ସ୍କୁଲରେ ପହଞ୍ଚି ଗେଟରେ ତାଲା ପକାଇ ଦେଇଥିଲେ। ପ୍ରଧାନଶିକ୍ଷକ ଶରତ ଜାନୀଙ୍କ ସୁଚନା ମୁତାବକ ସ୍କୁଲରେ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଶ୍ରେଣୀଗୃହର କବାଟ କୋଣରେ ଏକ ବଡ ସାପ ରହିଥିବା ଦେଖିବାକୁ ପାଇଥିଲେ। ଭୟରେ ସମସ୍ତ ଛାତ୍ରୀଛାତ୍ର ଶ୍ରେଣୀ କୋଠରିରୁ ବାହାରି ଆସିଥିଲେ। ଖବର ପାଇ ପରେ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟରେ ୧ମରୁ ୮ମ ପର୍ଯ୍ୟନ୍ତ ୧୧୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ କେବଳ ଦୁଇଟିମାତ୍ର କୋଠରି ରହିଛି। ଉକ୍ତ କୋଠରିରୁ ଗୋଟିଏ ବର୍ଷା ହେଲେ ପାଣି ଝରୁଛି। ବାରଣ୍ଡାରେ ମଧ୍ୟ ସାମାନ୍ୟ ବର୍ଷା ହେଲେ ପାଣି ଝରୁଛି। ଏନେଇ ସ୍କୁଲ ପରିସରର ସନ୍ତସନ୍ତିଆ ରହୁଥିବା ନେଇ ସାପ, ଅସରପା, ମୂଷା, ପୋକଜୋକ ବାସ କରୁଥିବା କୁଶକେଲା ସରପଞ୍ଚ ହରିନାରାୟଣ ମିଶ୍ର ଅଭିଯୋଗ କରିଛନ୍ତି। ହେଲେ ଏ ନେଇ ଶିକ୍ଷା ବିଭାଗ ଅଧିକାରୀ ସମସ୍ତ ବିଷୟ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଛାତ୍ରୀଛାତ୍ର ବିପଜ୍ଜନକ ଭାବରେ ଅଧ୍ୟୟନ କରିବାକୁ ବାଧ୍ୟ ହେଉଛନ୍ତି। ଘଟଣା ନେଇ ଟିଟିଲାଗଡ ବ୍ଲକ ଶିକ୍ଷା ଅଧିକାରୀ ମକୁନ୍ଦ ମୁହୁରା କିଛି ଜାଣି ନ ଥିବା କହିଛନ୍ତି।

ଶ୍ରେଣୀକକ୍ଷରେ ସାପ ବାହାରିବା ପରେ ଛାତ୍ରୀଛାତ୍ରମାନେ ବାହାରକୁ ବାହାରି ଆସିଛନ୍ତି।

# ଗଞ୍ଜେଇ ଜବତ, ଯୁବକ ଗିରଫ

**ଗୁଡଭେଲା,୧୩।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଡୁଷୁରା ଅବକାରୀ ବିଭାଗ ଏକ ବାଇକରେ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ଗିରଫ ଯୁବକ ହେଲେ ବଲାଙ୍ଗୀର ସଦର ଥାନା ପଣ୍ଡରାପିଟା ଗ୍ରାମର ପଦ୍ମଲୋଚନ ବାରିକ(୨୭) । ତାଙ୍କଠାରୁ ପ୍ରାୟ ୫କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଅବକାରୀ ବିଭାଗ ଶନିବାର ତାଙ୍କୁ ବଲାଙ୍ଗୀର କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଡୁଷୁରା ଅବକାରୀ ଅଧିକାରୀ ଶଶିକାନ୍ତ ଦତ୍ତ ପ୍ରକାଶ କରିଛନ୍ତି। ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଡୁଷୁରା-ଦେଓଗାଁ ରାସ୍ତାରେ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ମହିପୁର ଛକରେ ଏକ ନମ୍ବରବିହୀନ ବାଇକକୁ ସନ୍ଦେହରେ ଅଟକାଇଥିଲେ । ଯାଞ୍ଚବେଳେ ପଦ୍ମଲୋଚନ ରଖିଥିବା ଏକ ପ୍ଲାଷ୍ଟିକ ବ୍ୟାଗରୁ ଗଞ୍ଜେଇ ବାହାରି ଥିଲା। ମାଜିଷ୍ଟ୍ରେଟ ଭାବେ ଡୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଏ ନେଇ ଅବକାରୀ ବିଭାଗରେ ଏକ ମାମଲା(ନଂ. ୩୧/୧୯)ରୁଜୁ ହୋଇଛି । ଅବକାରୀ ବିଭାଗର ଏଏସଆଇ ଜୟନାରାୟଣ ଯୋଷୀ, ସୁରେଶ ଭୋଇ, ଦେବାର୍ଚ୍ଚନ ଭୁଏ ପ୍ରମୁଖ ପାଟ୍ରୋଲିଂରେ ସାମିଲ ଥିଲେ।

ଗଞ୍ଜେଇ, ବାଇକ ସହ ଗିରଫ ଅଭିଯୁକ୍ତ।

ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ଦିଲ୍ଲୀ କାର୍ଯ୍ୟକ୍ରମ ପାଇଁ ମନୋନୀତ ଶ୍ରବଣବାଧିତ ବିଦ୍ୟାର୍ଥୀ।

# ପାର୍ଲାମେଣ୍ଟ ଭବନ ଡ୍ୟାନ୍ସରେ ଭାଗନେବେ ଶ୍ରବଣବାଧିତ ଛାତ୍ର

**ଟିଟିଲାଗଡ଼, ୧୩।୭ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଏସସିଡି ବିଦ୍ୟାଳୟ ଶ୍ରବଣ ବାଧିତ ଛାତ୍ର ଦେଶର ପାର୍ଲିଆମେଣ୍ଟରେ ଆସନ୍ତା ୨୩ତାରିଖରେ ଅନୁଷ୍ଠିତ ହେବାକୁ ନୃତ୍ୟ କାର୍ଯ୍ୟକ୍ରମରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟରେ ଶିକ୍ଷାରତ ଶ୍ରବଣ ବାଧିତଙ୍କ ନୃତ୍ୟରେ ପାରଙ୍ଗମତା ନେଇ କେନ୍ଦ୍ର ସରକାରଙ୍କ ଅଧିନ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରାଳୟ ପକ୍ଷରୁ ନୂଆଦିଲ୍ଲୀକୁ ନିମନ୍ତ୍ରଣ କରାଯାଇଛି। ବିଦ୍ୟାଳୟର ୭ଜଣ ଶ୍ରବଣ ବାଧିତ ଛାତ୍ର(୯ରୁ ୧୬ବର୍ଷ) ଆସନ୍ତା ୧୫ତାରିଖରେ ଭୁବନେଶ୍ୱରରୁ ବିମାନ ଯୋଗେ ଦିଲ୍ଲୀ ଯିବା କାର୍ଯ୍ୟକ୍ରମ ରହିଛି। ୨୩ରେ ପାର୍ଲ୍ୟାମେଣ୍ଟ ହଲରେ ଛାତ୍ରମାନେ ନିଜ ପ୍ରତିଭାର ପ୍ରଦର୍ଶନ କରିବା ଧାର୍ଯ୍ୟ ରହିଛି। ଶନିବାର ଏ ନେଇ ଏସିସିଡି କେନ୍ଦ୍ର ପରିସରରେ ବିଦ୍ୟାଳୟର ସମ୍ପାଦକ ସୁଶାନ୍ତ ମହାରଣା, କୋଷାଧ୍ୟକ୍ଷ ତାପସ ମହାରଣା, ବରିଷ୍ଠ ସଦସ୍ୟ ମୋହିତ ମୋହନ ଦାଶ, ଅଞ୍ଜଳି ବେହେରା, ଯୋଗାମାୟା ମହାରଣା, ସୁବେଦା ମହାରଣା, ଇଶ୍ୱରଦତ୍ତ ସୁନା ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶ୍ରବଣ ବାଧିତ ଛାତ୍ର ହୁଲେଶ୍ୱର ହଂସ, ରୋହିତ ନିଆଲ, ଗୁରୁଚରଣ ସାହୁ, ତ୍ରିଭୁବନ ରଣା, ମନମୋହନ ଛୁରା, ଫିରୋଜ ସାହା, ଚନ୍ଦ୍ରକାନ୍ତ ମାଝୀ ପାର୍ଲାମେଣ୍ଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଗ ନେବେ। ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକ, ମାନସରଞ୍ଜନ ଦଳବେହେରା ଏହି ଗସ୍ତରେ ସାମିଲ ରହିଛନ୍ତି। ରାଜ୍ୟରେ ଏସିଡି କେନ୍ଦ୍ରର ଛାତ୍ରଙ୍କ ସମେତ ଯାଜପୁର ଦୁଇ ବାମନ ଭଉଣୀଭାଇ ଚଳିତ ଥର ଜାତୀୟସ୍ତରରେ ନିଜ କୃତି ପ୍ରଦର୍ଶନ ପାଇଁ ମନୋନୀତ ହୋଇଛନ୍ତି।

DISTRICT RURAL DEVELOPMENT AGENCY, SUBARNAPUR
**Lt. No. 2508** **Date: 12.07.2019**

**Tender Call Notice**

Sealed quotations in the prescribed format are invited from the interested supplier/ manufacturer/ dealer for supply of **"Office Furniture & IT equipments under Rural Housing"** to all BPMU & DPMU of Subarnapur District. The quotation shall be received through Registered Post/ Speed Post during the official working day in the Office of the **Project Director, DRDA, Subarnapur (Rural Housing Cell)** on or before **29th July 2019 by 5.00 PM** and shall be opened on **29th July 2019 at 5.30 PM.** The details of tender papers along with the terms and conditions can be downloaded from the website http://www.subarnapur.nic.in. The tender received beyond the dateline and time mentioned above shall not be taken into consideration.

**Sd./- Project Director**
**DRDA, Subarnapur**

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିହିଡ଼ି** ପତ୍ରସଂଖ୍ୟା.୧୬୫୩, ତାରିଖ-୧୧।୦୭।୧୯:- ଏତଦ୍ୱାରା ଚିହିଡ଼ି ପଞ୍ଚାୟତ ସମିତି ଅଧିବସ୍ତ୍ର ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(NSAP) ଦ୍ୱାରା ପ୍ରଦତ୍ତେକ ଗ୍ରା.ପ., ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ୨୦୧୮-୧୯ ଅର୍ଥ ୦୧।୦୪।୨୦୧୮ରୁ ୩୧।୦୩।୨୦୧୯ ଆର୍ଥିକ ବର୍ଷରେ କାର୍ଯ୍ୟାକାରୀ ହୋଇଥିବା ସମସ୍ତ ପ୍ରକଳ୍ପ ଏବଂ ସହାୟତା କାର୍ଯ୍ୟକ୍ରମଗୁଡିକର ଖତ ପ୍ରତିଶତ ୧୦୦ଶତକଡ଼ା ମଷ୍ଟରୋଲ ଯାଞ୍ଚ ଏବଂ ନଥିପତ୍ର ଭାରତର ବିଭୁତିକର ସମୀକ୍ଷା ସମ୍ପନ୍ନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର କର୍ମଚାରୀ ଶ୍ରମିକ, ସମସ୍ତ ହିତାଧିକାରୀ, ସମସ୍ତ ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଜିଲିଲାସ୍ତ ମନିଟରିଂ କମିଟିର ସଦସ୍ୟ/ସଦସ୍ୟା ସ୍ୱେଚ୍ଛାସେବୀ, ଅନୁଷ୍ଠାନର କର୍ମଚାରୀ, ଗ୍ରାମ ରୋଜଗାର ସେବକ, ମେଟ୍ ବୈଷୟିକ ପରାମର୍ଶଦାତା ଉପସ୍ଥିତ ରହି ସାମାଜିକ ସମୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| ଗ୍ରାମ ପଞ୍ଚାୟତ ଗୁଡିକର ନାମ | ସାମାଜିକ ସମୀକ୍ଷା ସମୟ | ଗ୍ରାମ ସଭା | ବିଷୟ | ସ୍ଥାନ | ଯୋଗଦେବାକୁ ଥିବା ଅଧିକାରୀ |
|---|---|---|---|---|---|
| ବୌଲଇପୁର, ସିନୋଳ, ଚୋଳୁ, ବାମନବିନ୍ଧା, ସାହାପୁର, ଋଷସିଂହପୁର | ୧୫।୦୭।୧୯ ରୁ ୧୮।୦୭।୧୯<br>୧୯।୦୭।୧୯ ରୁ ୨୯।୦୭।୧୯ | ୨୯।୦୭।୧୯ | NSAP<br>MGNREGS | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ |
| ଯାମୁଗୋଡ଼ି, ନରେନ୍ଦ୍ରପୁର, ରାଜନଗର, ଗୋବିନ୍ଦପୁର, ବାଡ଼ପଡ଼ା, ଶ୍ୟାମସୁନ୍ଦରପୁର | ୩।୦୭।୧୯ ରୁ ୦୨।୦୮।୧୯<br>୦୩।୦୮।୧୯ ରୁ ୧୩।୦୮।୧୯ | ୧



ଉପଦେଶ ଦେବା ସହଜ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲରେ ସ୍ୱାଗତ ସମ୍ବର୍ଦ୍ଧନା

**ସୁନ୍ଦରଗଡ, ୧୩।୭ (ଡି.ଏନ୍.ଏ)-** ସ୍ଥାନୀୟ ସାଇବିହାରସ୍ଥିତ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲରେ ଶନିବାର ଅପରାହ୍ନରେ ନୂତନ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲର ଅଧ୍ୟକ୍ଷା ସିଗମା ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଭବିଷ୍ୟତର ଉନ୍ନତି ପାଇଁ କାମନ କରାଯାଇଥିଲା। ସଭାରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସ୍କୁଲର ନିର୍ଦ୍ଦେଶକ ପ୍ରଭାତ କୁମାର ପଟେଲ ଓ ଗୋପାଳ ପ୍ରସାଦ ରଥ ଉପସ୍ଥିତ ରହି ସଭାରେ ଅଲମ୍ପିୟାଡ୍‌ର କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍କୁଲର କିଡସ ଅଲମ୍ପିୟାଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସ୍ପଞ୍ଜ କାରଖାନା କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଲହୁଣୀପଡ଼ା, ୧୩।୭ (ଡି.ଏନ.ଏ.)-** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଚମ୍ପାଟରଣ ସ୍ଥିତ ରେକ୍ସନ ସ୍ପଞ୍ଜ କାରଖାନାରେ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତଦେହ ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ଥିବାବେଳେ ରବିବାର ପରିବାର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ରେକ୍ସନ ସ୍ପଞ୍ଜ କାରଖାନାରେ ପ୍ରାୟ ୧୮ ରୁ ୨୦ ବର୍ଷ ହେବ କୃପାସିନ୍ଧୁ ବେହେରା (୪୭) ଇଲେକ୍ଟ୍ରିସିଆନ୍ ଭାବେ କାର୍ଯ୍ୟ କରିଆସୁଥିଲେ। ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ସେ 'ସି'ସିଷ୍ଟ ଡ୍ୟୁଟିକରି ସକାଳ ୬ଟାରେ କୋଠରୀକୁ ଆସିଥିଲେ। ହେଲେ ନିଜ କୋଠରୀରେ ଭଲ ଭାବରେ ଇଲେକ୍ଟ୍ରି ଚାଲୁନଥିବାରୁ ସେ କୁଆଡେ ମରାମତି କରୁଥିବାବେଳେ ବିଦ୍ୟୁତ୍ ସଂଷ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ମଧ୍ୟ ମୃତ୍ୟୁ ଘଟିଥିଲା। କମ୍ପାନୀ କର୍ତ୍ତୃପକ୍ଷ ଚାନ୍ଦିପୋଷ ଥାନାକୁ ସୂଚନା ନ ଦେଇ ଥିବା ଏବଂ ନିଜ କୋଠରୀ ଇଲେକ୍ଟ୍ରି ବୋର୍ଡ କରେଣ୍ଟରେ ଜଣେ ମୃତ୍ୟୁବରଣ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ତେବେ ପୋଲିସ ଏ ସମ୍ପର୍କରେ ଖବରପାଇ ମୃତଦେହ ଜବତ କରିଛି। ମୃତ କୃପାସିନ୍ଧୁଙ୍କ ଘର ପାଲଲହଡା ଥାନା ଅନ୍ତର୍ଗତ ରଞ୍ଜ ଗ୍ରାମରେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ନୂଆଗାଁ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

# ସବୁ ବିଭାଗରେ ଏକାଧିକ ଅଭିଯୋଗ

**ନୂଆଗାଁ, ୧୩।୭ (ଡି.ଏନ.ଏ.)**



ନୂଆଗାଁରେ ସମୀକ୍ଷା ବୈଠକରେ ବିଧାୟକ, ବ୍ଲକ ଅଧ୍ୟକ୍ଷ, ବିଡ଼ିଓ, ଅନ୍ୟ ଅଧିକାରୀମାନେ ମଞ୍ଚାସୀନ।

**ନୂଆଗାଁ ବ୍ଲକ**

- ବିଦ୍ୟୁତ୍ ସମସ୍ୟା ନେଇ ଗୁରୁତର ଅଭିଯୋଗ
- ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟର ମନ୍ଥରତା ନେଇ ପ୍ରଶ୍ନ
- ବିଭିନ୍ନ ବିଭାଗ ଉପରେ ତର୍ଜମା କଲେ ବିଧାୟକ
- ତହସିଲ କାର୍ଯ୍ୟାଳୟ ଖୋଲିବା ନେଇ ଲୋକଙ୍କ ଦାବି

ନୂଆଗାଁ ବ୍ଲକକୁ ଶନିବାର ଆସି ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଶଙ୍କର ଓରାମ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସବୁ ବିଭାଗରେ ଅନେକ ଆପତ୍ତି, ଅଭିଯୋଗ ଆସିଥିଲା। ବିଶେଷକରି ବିଦ୍ୟୁତ୍ ସମସ୍ୟା ନେଇ ଗୁରୁତର ଅଭିଯୋଗ ଆସିଥିଲା। ବିଧାୟକ ହେବା ପରେ ଶଙ୍କର ଓରାମଙ୍କ ଏହା ଥିଲା ପ୍ରଥମ ସମୀକ୍ଷା ବୈଠକ। ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମୀକ୍ଷା ବୈଠକରେ ନୂଆଗାଁ ବିଡିଓ ତୃପ୍ତି ବରାଇ, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହାଁସଦା, ଜିଲାପରିଷଦ ସଭ୍ୟ ଇନ୍ଦ୍ରିଶ କୁଲ୍ଲା ପ୍ରମୁଖ ଉପସ୍ଥିତ ରହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ, କୃଷି ବିଭାଗ, ଜଳ ଓ ପରିମଳ, ବିଦ୍ୟୁତ୍ ଭଳି ପ୍ରାୟ ଅଧିକାଂଶ ବିଭାଗର କର୍ମଚାରୀ ଓ ଅଧିକାରୀମାନେ ଉକ୍ତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବିଶେଷକରି ନୂଆଗାଁ ବ୍ଲକ ଅଧିନରେ ଚାଲିଥିବା ଆମ ଗାଁ ଆମ ବିକାଶ ଭଳି ଅନେକ ଯୋଜନାରେ କାର୍ଯ୍ୟଗୁଡିକ ଅଧାପନ୍ତରିଆ ହୋଇ ରହିଥିବା ବେଳେ ଅନେକ କାର୍ଯ୍ୟର ଶେଷ ହୋଇଥିଲେ ମଧ୍ୟ ବିଲ କରିବାରେ ବ୍ଲକ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ସେହିଭଳି ବର୍ତ୍ତମାନ ସୁଦ୍ଧା ବହୁ ଅଙ୍ଗନୱାଡି କେନ୍ଦ୍ର ଅସମ୍ପୂର୍ଣ୍ଣ ରହିଛି। ସେଗୁଡିକ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସେହିଭଳି ନୂଆଗାଁ ଅଞ୍ଚଳରେ ବିଶେଷ କରି ନୂଆଗାଁ ବ୍ଲକର ୬ଟି ପଞ୍ଚାୟତ ଯଥା ସୋରଡା, ଉର୍ମେଇ, ବାରିଲେପ୍ଟା, ଚିତାପେଡ, ବାଗଡେଗା ଓ ବଡଯୋଜଦା ପଞ୍ଚାୟତର ଦୀର୍ଘ ଦେଢ଼ବର୍ଷ ହେବ ବିଦ୍ୟୁତ ସମସ୍ୟା ଲାଗି ରହିଛି। ଖରା, ବର୍ଷା, ଶୀତ ସବୁ ସମୟରେ ବିଦ୍ୟୁତ୍ ସମସ୍ୟା ଲାଗି ରହିଛି। ବିଦ୍ୟୁତ ବିଭାଗର ଅଧିକାରୀମାନେ ବିଭିନ୍ନ ଆଳ ଦେଖାଇ ଲୋକଙ୍କୁ ଠକି ଚାଲିଥିବାରୁ ଉକ୍ତ ପଞ୍ଚାୟତଗୁଡିକରେ ବିଦ୍ୟୁତ ସମସ୍ୟା ସୁଧୁରି ପାରୁନାହିଁ।

ଏହି ଅଭିଯୋଗ ଉପରେ ବିଧାୟକ ହସ୍ତକ୍ଷେପ କରି ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିବା ଜଣାପଡିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ମଧ୍ୟ ଲୋକଙ୍କ ଅଭିଯୋଗ ଉଠିଥିଲା। ମଣ୍ଡପ- ନୂଆଗାଁ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ସାଙ୍ଗକୁ କାର୍ଯ୍ୟରେ ବିଳମ୍ବ ନେଇ ସାଧାରଣରେ ଅଭିଯୋଗ ହୋଇଛି। ଦୀର୍ଘ ୩ରୁ ୪ ମାସ ରାସ୍ତା ଖୋଳି ଦେଇଥିଲେ ମଧ୍ୟ କାର୍ଯ୍ୟ ମନ୍ଥରତା ଯୋଗୁ ସାଧାରଣରେ ସମସ୍ୟା ସୃଷ୍ଟି ହେଉଛି। ସେହିଭଳି ଉପାନ୍ତ ଅଞ୍ଚଳରେ ଚାଲିଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା କାମଗୁଡିକ ନିମ୍ନମାନର ହେଉଥିବା ସହ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟସ୍ଥଳ ଯାଉ ନ ଥିବାରୁ ମାନ ଠିକ ରହୁ ନ ଥିବା ଅଭିଯୋଗ ହୋଇଛି। ସେହିଭଳି ଦୀର୍ଘ ଦିନ ହେବ ନୂଆଗାଁ ବ୍ଲକର ସୋଲାର ପମ୍ପଗୁଡିକ ଖରାପ ହୋଇଥିଲେ ମଧ୍ୟ ସେଗୁଡିକର ମରାମତି ଦିଗରେ ଧ୍ୟାନ ଦିଆଯାଉ ନାହିଁ। ଏନେଇ ଲୋକେ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ବ୍ଲକର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱଚ୍ଛତା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିଧାୟକ ସମୀକ୍ଷା କରିଥିଲେ। ଆଗାମୀ ଦିନରେ ବ୍ଲକର ସମସ୍ତ କାର୍ଯ୍ୟ କିଭଳି ସୂଚାରୁରୂପେ ସମ୍ପାଦନ ହେବା ସହ ସାଧାରଣ ଲୋକେ ଏହାର ଫାଇଦା ପାଇବେ ସେନେଇ ବିଧାୟକ ଓରାମ ଗୁରୁତ୍ୱାରୋପ କରିଥିଲେ। ନୂଆଗାଁରେ ତହସିଲ କାର୍ଯ୍ୟାଳୟ ଖୋଲିବା ନେଇ ମଧ୍ୟ ଲୋକେ ବିଧାୟକଙ୍କୁ ଦାବି କରିଥିଲେ। ପରେ ବିଧାୟକ ଓରାମଙ୍କୁ ନୂଆଗାଁ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ବ୍ଲକ ସଭାପତି ବିଭିଷଣ ତନ୍ତୀ, ସମ୍ପାଦକ ବସନ୍ତ କୁମାର ତ୍ରିପାଠୀ, ଦିଲୀପ ସାହୁ, ମଧୁସୂଦନ ମହାନନ୍ଦିଆ, ମଧୁସୂଦନ କରିଆଲି, ଅନଦାଶଙ୍କର ପାଢ଼ୀ, ଅଶୋକ ସିଂ, ଖଗେଶ୍ୱର ମଲ୍ଲିକ, ବିନୋଦ ମାହାତ ପ୍ରମୁଖ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ବିଭାଗର ସମସ୍ୟା ଉପରେ ବିଧାୟକଙ୍କୁ ଅବଗତ କରିଥିଲେ।

# ସୁନାବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

**ସୁନ୍ଦରଗଡ, ୧୩।୭ (ଡି.ଏନ୍.ଏ)**

**ରାଜବାଟୀ ଜଗନ୍ନାଥ ମନ୍ଦିର**

ସ୍ଥାନୀୟ ରାଜବାଟୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କ ସୁନାବେଶ ଶନିବାର ପବିତ୍ର ଦ୍ୱାଦଶୀତିଥିରେ ଆୟୋଜିତ ହୋଇଯାଇଛି । ବାହୁଡା ଯାତ୍ରା ପରେ ଗତ ରାତିରେ ଶ୍ରୀଜୀଉମାନଙ୍କ ମନ୍ଦିର ପ୍ରବେଶ ପରେ ଶନିବାର ମନ୍ଦିରରେ ଜୀଉମାନଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିଲା। ଜୀଉମାନଙ୍କୁ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାରରେ ସୁନ୍ଦର ଭାବେ ସଜ୍ଜିତ କରାଯାଇଥିଲା। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀଜୀଉମାନଙ୍କ ସୁନାବେଶ ଦର୍ଶନ କରିଥିଲେ। ସେହିପରି ସହରର ମହେଶଡିହି ଠାରେ ଥିବା ଜଗନ୍ନାଥ ମନ୍ଦିରରେ ଶନିବାର ଜୀଉମାନଙ୍କର ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜୀଉମାନଙ୍କୁ ପହଣ୍ଡି ବିଜେ କରି ରଥାରଢ କରାଯିବା ପରେ ଅପରାହ୍ନରେ ରଥଟଣା ହୋଇଥିଲା। ଯାତ୍ରାପଡିଆରେ ବହୁସଂଖ୍ୟାରେ ଦୋକାନ ବଜାର ଖୋଲିଥିଲା।

ରାଜବାଟୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କ ସୁନାବେଶ।

# ନିଜ ମାଛ ଧରା ଜାଲରେ ପଡ଼ି ମୃତ

**ବାଲିଶଙ୍କରା, ୧୩।୭ (ଡି.ଏନ.ଏ)**

ତଳସରା ଥାନା ଘୋଘର ଗ୍ରାମରେ ଶନିବାର ଅଘଟଣ ଘଟିଯାଇଛି। ନିଜର ମାଛ ମରା ଜାଲରେ ପଡ଼ି ଜଣଙ୍କ ମୃତ୍ୟୁ ଘଟିଛି। ଇବ୍ ନଦୀକୁ ମାଛ ଧରିବା ପାଇଁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଘୋଘର ଗ୍ରାମର ପୁନେ ତିର୍କୀ (୪୫) ଏକାକି ଯାଇଥିଲେ। ସେ ଆଉ ସନ୍ଧ୍ୟାରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ଶନିବାର ଗ୍ରାମବାସୀ ହଳ କରି ଗୋଧାଇବାକୁ ନଦୀକୁ ଯିବା ସମୟେ ବୁଦା ମୂଳେ ପୁନେ ତିର୍କୀଙ୍କ ମୃତଦେହ ଭାସୁଥିବା ଦେଖି ଖବର ଦେଇଥିଲେ। ଏହାପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହେବା ପରେ ତଳସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପୁନେ ନିଜ ଜାଲରେ ଫସି ଯାଇ ପଥରେ ପଡିଯାଇଥିବା ଏବଂ ମୁଣ୍ଡରେ ଗଭୀର କ୍ଷତଚିହ୍ନ ଥିବା ଅନୁମାନ କରୁଛନ୍ତି।

ମଦ ଜବତ, ପୋଚ ନଷ୍ଟ

# ୫ ମହିଳା, ଜଣେ ଯୁବକ କୋର୍ଟ ଚାଲାଣ

**କୁଆଁରମୁଣ୍ଡା, ୧୩।୭ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଉରକେଲା ଓ ବୀରମିତ୍ରପୁର ଅବକାରୀ ଥାନା ପକ୍ଷରୁ ଶନିବାର ସକାଳ ୭ଟାରେ ବୀରମିତ୍ରପୁର ଓ ରାଏବୋଗା ଅଞ୍ଚଳରେ ଚଢାଉ କରାଯାଇଛି। ବୀରମିତ୍ରପୁର ଅଞ୍ଚଳର ଧାଙ୍ଗରିନଚା ଓ ରାଏବୋଗା ଅଞ୍ଚଳର ଜାମବାହାଲ, ଗୋପୁରରେ ଅବକାରୀ କର୍ମଚାରୀମାନେ ସଦଳବଳେ ବିଭିନ୍ନ ସ୍ଥାନରେ ଅତର୍କିତ ଚଢାଉ କରିଥିଲେ। ସେମାନେ ୧୦୨ ଲିଟର ଦେଶୀ ମହୁଲି ମଦ ଜବତ କରିଛନ୍ତି। ଏହା ସହ ଗ୍ରାମର ବିଭିନ୍ନ ସ୍ଥାନରୁ ସାଢେ ୭ କୁଇଣ୍ଟାଲ ପୋଚ ଜବତକରି ନଷ୍ଟ କରାଯାଇଛି। ଏ ନେଇ ଅବକାରୀ ଥାନାରେ ମାମଲା ରୁଜୁ କରାଯିବା ସହ ୫ ମହିଳା, ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଏସ୍‌ଆଇ ନାରାୟଣ ଜେନା ସୂଚନା ଦେଇଛନ୍ତି। କୋର୍ଟ ଚାଲାଣ ହୋଇଥିବା ମହିଳାମାନେ ହେଉଛନ୍ତି ଧାଙ୍ଗରିନଚା ଗ୍ରାମର ବିମଳା ସାହୁ, ଗୋପୁର ଗ୍ରାମର ହୀରା ମାହାତୋ, ବାଲା ଗଡ଼ତିଆ, ଜାମବାହାଲ ଗ୍ରାମର ସୀମା ଲାକ୍ରା, ସୁନିତା କୁଜୁର। ସେହିପରି ଜାମବାହାଲର ଯୁବକ ଅନିଲ କୁଜୁରଙ୍କୁ ମଧ୍ୟ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ରାଉରକେଲା ଅବକାରୀ ଥାନା ଇନ୍‌ସପେକ୍ଟର ମିହିର ସେଠୀ ଓ ଅନ୍ୟମାନେ ସାମିଲ ଥିଲେ।

# ଏନ୍‌ଏସ୍‌ଏସ୍ ୟୁନିଟ୍ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଲହୁଣୀପଡା, ୧୩।୭ (ଡି.ଏନ.ଏ)**

ମିଶ୍ରପାଲିସ୍ଥିତ ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ ଦ୍ୱାରା ଗୁଡ଼ିଆଲି ସ୍ଥିତ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଗତ ୪ ତାରିଖ ରଥଯାତ୍ରା ପରଦିନ ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଅନ୍ନଭୋଗ ବ୍ୟବସ୍ଥା କରି ଭକ୍ତମାନଙ୍କୁ ପ୍ରଦାନ କରାଯାଇଥିଲା। ଫଳରେ ମଇଳା ଆବର୍ଜନା ଭରି ରହିଥିଲା। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅବସରରେ ଅଧ୍ୟକ୍ଷା ଝରଣା ପ୍ରଧାନ ଅତିଥି ରୂପେ ଯୋଗଦେଇଥିଲେ। ସ୍ଥାନୀୟ ରାଜାମୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀ ମୁଣ୍ଡା, ବୁଦ୍ଧିଜୀବି ତଥା ବରିଷ୍ଠ ନାଗରିକ ଯୁଧିଷ୍ଠିର ତ୍ରିପାଠୀ, ୱାର୍ଡ ସଭ୍ୟା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ କବିତା ମୁଖାର୍ଜୀ, ମାମାଲି ଜେନା, ଅଜିତ କୁମାର ଦଳବେହେରା, ଅଜିତ କୁମାର ସ୍ୱାଇଁ, ବାସନ୍ତୀ କିଷାନ, ଅନିତା ପ୍ରଧାନ, ଇତିଶ୍ରୀ ପଟ୍ଟନାୟକ, ରଜନ କୁମାର ମହାନ୍ତ, ମନ୍ଦାକିନୀ ନାଏକ ଉପସ୍ଥିତ ରହି ସହଯୋଗ ରକ୍ଷା କରିଥିଲେ । ଏଥିରେ ସ୍ୱଚ୍ଛତା ଏବଂ ସୁସ୍ଥ ପରିବେଶ ଗଠନ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପ୍ରୋଗ୍ରାମ ଅଫିସର କୁହୁଁରୁ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଭାଗ ନେଇଥିବା ଏନ୍‌ଏସ୍‌ଏସ୍ ୟୁନିଟର ଛାତ୍ରୀ।

# ବାହୁଡ଼ା ଯାତ୍ରା: ସବୁଠି ଭକ୍ତିମୟ ପରିବେଶ

**କୁଆଁରମୁଣ୍ଡା, ୧୩।୭ (ଡି.ଏନ.ଏ)**

କୁଆଁରମୁଣ୍ଡା ବ୍ଲକ ଡୁମେରଯୋର ପଞ୍ଚାୟତ ଉଷ୍ରା ଗ୍ରାମରେ ବାହୁଡ଼ା ଯାତ୍ରା ଶନିବାର ଅନୁଷ୍ଠିତ ହୋଇଥିଲା। ଶ୍ରୀଜୀଉମାନଙ୍କ ପାରମ୍ପରିକ ରୀତିନୀତି ପରେ ଅପରାହ୍ନ ୫ଟାରେ ଧାଡି ପହଣ୍ଡି କରାଯାଇଥିଲା। ଏହା ପରେ ଡୁମେରଯୋର ସମିତି ସଭ୍ୟ ତଥା ଯୁବ ସାମାଜିକ କର୍ମୀ ରାଜେନ୍ଦ୍ର କୁଜୁର ପାରମ୍ପରିକ ନୀତିରେ ଠାକୁର ରଜାଭାବେ ଛେରା ପହଁରା କାର୍ଯ୍ୟ ସମାପନ କରିଥିଲେ। ଅପରାହ୍ନ ପ୍ରାୟ ସାଢେ ୫ଟାରେ ରଥରୁ ଚାରମାଳ ଫିଟାଯାଇ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟା ସାଢେ ୬ଟା ସୁଦ୍ଧା ନିକଟସ୍ଥ ଜଗନ୍ନାଥ ମନ୍ଦିରରେ ରଥ ପହଞ୍ଚି ଥିଲା। ଏହି ବାହୁଡାଯାତ୍ରାରେ ଡୁମେରଯୋର, ଝାରବେଡା, ପଦ୍ମପୁର, ଜଗଦୀଶପୁର, ଲାଞ୍ଜିବେର୍ଣ୍ଣା, ଖେରାପୋଷ, ଖୁଖୁଣ୍ଡୁବାହାଲ ଇତ୍ୟାଦି ଗ୍ରାମରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀଜୀଉମାନଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ। ଡୁମେରଯୋର ସରପଞ୍ଚ ସୁକରାମ ଓରାମ,ସାମାଜିକ କର୍ମୀ ଲକ୍ଷ୍ମୀଧର ପାଣିଗ୍ରାହୀ, ଅର୍ଜୁନ ସାହୁଙ୍କ ସମେତ ରଥ କମିଟି ସଭ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

**ଲହୁଣୀପଡା, (ଡି.ଏନ.ଏ):** ଲହୁଣୀପଡା ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ଲହୁଣୀପଡା କଲ୍ୟାଣ ମଣ୍ଡପଠାରେ ୯ ଦିନ ବ୍ୟାପି ପୂଜା ଅର୍ଚ୍ଚନା ଏବଂ ୯ ଦିନ ବ୍ୟାପି ଅନ୍ନପ୍ରସାଦ ପରେ ଶନିବାର ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଲହୁଣୀପଡା ହରିଶଙ୍କର ମହାଦେବ ଜଗନ୍ନାଥ ମନ୍ଦିର ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ହେଉଥିବାରୁ ଲହୁଣୀପଡା ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା ଛେରା ପହଁରା କରିଥିଲେ। ବାଦ୍ୟନୃତ୍ୟ ଓ ଭଜନ କୀର୍ତ୍ତନର ତାଳେ ତାଳେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା । ଭକ୍ତମାନେ ଜଗନ୍ନାଥ ମହାପ୍ରଭୁଙ୍କ ରଥକୁ ଟାଣି ଟାଣି ନେଇ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ହରିଶଙ୍କର ମହାଦେବ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି ଓ କର୍ମକର୍ତ୍ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିବା ଜଣାଯାଇଛି। ସେହିଭଳି ଖୁଣ୍ଟଗାଁ, ହଳଦୀକୁଦର, କୁର୍ଡା ପ୍ରଭୃତି ଗ୍ରାମମାନଙ୍କରେ ମଧ୍ୟ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ପୋଲିସ ପ୍ରଶାସନର ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହିତ ଆବଶ୍ୟକ ସେବା ସହଯୋଗ ଯୋଗାଇ ଦିଆଯାଇଥିଲା।

**ବଡ଼ଗାଁ, (ଡି.ଏନ.ଏ.) :** ବଡଗାଁ ବ୍ଲକ ଅନ୍ତର୍ଗତ ରୁନଗା ଗ୍ରାମରେ ବାହୁଡାଯାତ୍ରା ଶାନ୍ତିଶୃଙ୍ଖଳାରେ ସମାପନ ହୋଇଛି। ଭକ୍ତିମୟ ପରିବେଶ ମଧ୍ୟରେ ପୂଜକ ଅନ୍ତର୍ଯ୍ୟାମୀ ପୁରୋହିତଙ୍କ ଦ୍ୱାରା ପୂଜାବିଧି ସମ୍ପନ୍ନ ହେଲା ପରେ ଗୌଟିଆ ରମେଶ ସାରପଟିଆ ଛେରାପହଁରା କରିଥିଲେ। ଗ୍ରାମର ଚୁଡାମଣୀ ସାରପଟିଆଙ୍କ ନେତୃତ୍ୱରେ ଗ୍ରାମର ସଂକ

ଅନ୍ତର୍ନିହିତ ଦେବତ୍ୱ
ବିକାଶର ନାମ ହିଁ ଧର୍ମ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସୁନାବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ବ୍ରଜରାଜନଗର,୧୩।୭(ଡି.ଏନ୍.ଏ.)
ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ସୁନା ବେଶରେ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଅପରାହ୍ନରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ପରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ଓ ସେବାୟତମାନେ ପ୍ରଭୁଙ୍କୁ ସୁନାବେଶରେ ସଜ୍ଜିତ କରାଇଥିଲେ। ସନ୍ଧ୍ୟାରେ ଶତାଧିକ ଶ୍ରଦ୍ଧାଳୁ ରଥ ଉପରେ ଚଢ଼ି ପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିର ପୂଜକ ଶ୍ରୀଧର ମିଶ୍ର ଓ ସଦସ୍ୟ ବ୍ୟାସଦେବ ପଣ୍ଡା ବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସଦସ୍ୟ ଅର୍ଜୁନ ଧଳ, ଲାଲ ଅସୀମ ରାୟ, ଯୁଧିଷ୍ଠିର ନାଏକ ଓ ରାମଦାଶ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ବେଲପାହାଡ଼,୧୩।୭(ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବି.ଆର୍. ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ଆଲୋଚନା ସଭା ଆୟୋଜିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ଶଶିଭୂଷଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ଉଦ୍‌ବୋଧନ ଦେଇ ବିଶ୍ୱରେ ଜନସଂଖ୍ୟା ବୃଦ୍ଧିର କୁପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ଜନସଂଖ୍ୟା ନିୟନ୍ତ୍ରଣ କରା ନ ଗଲେ ଆଗାମୀ ଦିନରେ ଭାରତ ଭଳି ବିକାଶଶୀଳ ଦେଶରେ ଅନେକ ସମସ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି ବୋଲି ସେ କହିଥିଲେ। ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀ, ଶିକ୍ଷକ ଦୁଃଖେନାଶନ ସରାଫ ଓ ଗିରିଶ ଚନ୍ଦ୍ର ତ୍ରିପାଠୀ ଜନସଂଖ୍ୟା ବୃଦ୍ଧିର କାରଣ ଓ ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### କ୍ରିୟାଯୋଗ ଧ୍ୟାନକେନ୍ଦ୍ର ପକ୍ଷରୁ ଗୁରୁପୂର୍ଣ୍ଣିମା ୧୬ରେ

ରାଉରକେଲା ଅଫିସ,୧୩।୭
ଜଗଦାସ୍ଥିତ କ୍ରିୟାଯୋଗ ଧ୍ୟାନକେନ୍ଦ୍ର ପକ୍ଷରୁ ଗୁରୁପୂର୍ଣ୍ଣିମା ଉପଲକ୍ଷେ ଆସନ୍ତା ୧୬ ତାରିଖରେ ଏକାଧିକ ବୈଦିକ କର୍ମାନୁଷ୍ଠାନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଏ ନେଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବୈଠକରେ ପ୍ରସ୍ତୁତି କରାଯାଇଛି। ସେ ଦିନ ସକାଳ ସାଢ଼େ ୬ଟାରେ ଗୁରୁପୂଜନ, ୧୦ଟାରେ କ୍ରିୟାଯୋଗ ଦୀକ୍ଷାଦାନ କରାଯିବା। ସନ୍ଧ୍ୟା ସାଢ଼େ ୬ଟାରେ ଆଳତି, ଗୁରୁବନ୍ଦନା, ଭଗବତ ବନ୍ଦନା ପରେ ପ୍ରବଚନାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା। ଏଥିରେ କ୍ରିୟାଯୋଗୀ ପରମହଂସ ଆତ୍ମାନନ୍ଦଜୀ ମହାରାଜ ଉପସ୍ଥିତ ରହି ଗୁରୁପୂର୍ଣ୍ଣିମା ପାଳନ ପଛରେ ରହିଥିବା ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବେ। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିବା ଯୋଗାଚାର୍ଯ୍ୟ ବେଣୁଧର ତ୍ରିପାଠୀ ସୂଚନା ଦେଇଛନ୍ତି।

### ଜଳିଗଲା ଦୋକାନ ସାମଗ୍ରୀ

ରାଉରକେଲା ଅଫିସ,୧୩।୭
ସେକ୍ଟର-୭/୧୭ ଛକ ନିକଟରେ ଥିବା ଏକ ଦୋକାନରେ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲାଗିଯିବାରୁ ବହୁ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଛି। ୨୦ ହଜାର ସହ ପ୍ରାୟ ୪୦ ହଜାର ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଥିବା ଦୋକାନ ମାଲିକ ମନୋଜ ନାୟକ ପ୍ରକାଶ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ସେକ୍ଟର-୭ ପୋଲିସ ଏହାର ତଦନ୍ତ କରୁଛି।

### ଚନ୍ଦ୍ରପୁରରେ ବାହୁଡ଼ାଯାତ୍ରା ସମ୍ପନ୍ନ

କିର୍ମିରା,୧୩।୭(ଡି.ଏନ୍.ଏ.)
କିର୍ମିରା ବ୍ଲକ ଚନ୍ଦ୍ରପୁର ଗ୍ରାମରେ ଶ୍ରୀ ଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ଦୁଇଦିନ ଧରି ଚାଲିଥିବା ଏହି ଯାତ୍ରାରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ବିଜୟ ଅଗ୍ରୱାଲ ଛେରାପହଁରା ଓ ସୁଶିଲ ପୂଜାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଜଗନ୍ନାଥ ନାଏକ, ମଙ୍ଗଳୁ ବାଗଙ୍କ ସମେତ ଯାତ୍ରା କମିଟି ସଭାପତି ନିରଞ୍ଜନ ପ୍ରଧାନ, ସମ୍ପାଦକ ତୁଳାରାମ ପ୍ରଧାନ, କୋଷାଧ୍ୟକ୍ଷ ମିତ୍ରଭାନୁ ମାଝି ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ

କିର୍ମିରା,୧୩।୭(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଭାଜପା ପକ୍ଷରୁ ସଦସ୍ୟ ସଂଗ୍ରହ ଅଭିଯାନ କିର୍ମିରା ଗ୍ରାମରୁ ଆରମ୍ଭ ହୋଇଛି। ବ୍ଲକ ସଂଯୋଜକ ରସିକ ଆଢ଼େଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ କିର୍ମିରା ବଜାର ପ୍ରାଙ୍ଗଣରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବହୁ ଭାଜପା କର୍ମୀ ଯୋଗଦେଇଥିଲେ। ସଦସ୍ୟ ସଂଗ୍ରହ ଅଭିଯାନ ପାଇଁ ପଞ୍ଚାୟତସ୍ତରୀୟ କର୍ମୀ ନିଯୁକ୍ତ କରାଯିବା ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ନରେଶ ନାଏକ, ପ୍ରେମାନନ୍ଦ ରାୟ, ଅରୁଣ ବେହେରା, ସ୍ୱପ୍ନେଶ୍ୱର ଗର୍ତ୍ତିଆଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

ରାଉରକେଲା ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ରଥ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ (ବାମ)। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ।

### ଶ୍ରୀମନ୍ଦିର ଫେରିଲେ ଶ୍ରୀଜୀଉ

ଲଇକେରା,୧୩।୭(ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା ଲଇକେରାରେ ଶନିବାର ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ଶୁକ୍ରବାର ପହଣ୍ଡି ପରେ ଶ୍ରୀ ଜଗନ୍ନାଥଙ୍କୁ ରଥାରୂଢ଼ କରାଯାଇଥିଲା। ଶନିବାର ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣିନେଇ ଶ୍ରୀମନ୍ଦିରରେ ପହଞ୍ଚାଇଥିଲେ। ରଥଟଣା ବେଳେ ଲୋକେ ପିଲାଙ୍କୁ ରଥ ଛୁଆଁଇଥିଲେ। ହରିବୋଲ, ହୁଳହୁଳି, ଘଣ୍ଟ ସାଙ୍ଗକୁ ସଂକୀର୍ତ୍ତନ, ସମ୍ପ୍ରଦା ଧ୍ୱନିରେ ବଡ଼ଦାଣ୍ଡ ଫାଟି ଉଠିଥିଲା। ପୂଜକ ବନମାଳୀ ମିଶ୍ରଙ୍କୁ ପଣ୍ଡିତ ବିଜୟ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ବୃହସ୍ପତି ମିଶ୍ର ଓ ତ୍ରୈଲୋକ୍ୟନାଥ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଗାଁ ମୁଖିଆ ଟଙ୍କଧର ନାଏକ ଛେରାପହଁରା କରିଥିଲେ।

# ଅଢ଼ାପଡ଼ାରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା

## ଗ୍ରାମରେ ନିର୍ମାଣ ହେବ ମନ୍ଦିର

ଅଢ଼ାପଡ଼ା ବାହୁଡ଼ାଯାତ୍ରାରେ ପୂର୍ବତନ ସରପଞ୍ଚ ରଘୁମଣି ପ୍ରଧାନ ଛେରାପହଁରା କରୁଛନ୍ତି।

**ଲଖନପୁର,୧୩।୭(ଡି.ଏନ୍.ଏ.)**
ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁଣ୍ଡ୍ରାଲୋଇ ପଞ୍ଚାୟତ ଅଢ଼ାପଡ଼ା ଗ୍ରାମରେ ଶନିବାର ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ଅପରାହ୍ନ ସାଢ଼େ ୩ଟାରେ ଠାକୁରଙ୍କ ପହଣ୍ଡିବିଜେ ଓ ସାଢ଼େ ୪ଟାରେ ଛେରାପହଁରା ହୋଇଥିଲା। ପୂର୍ବତନ ସରପଞ୍ଚ ରଘୁମଣି ପ୍ରଧାନ ଛେରାପହଁରା କରିଥିଲେ। ପ୍ରଶାନ୍ତ ତ୍ରିପାଠୀ ଠାକୁରଙ୍କୁ ଧରି ରଥ ପରିକ୍ରମା କରିଥିଲେ। ମକରଧ୍ୱଜ ନାୟକ, ଋଷି ସେଠ ପ୍ରମୁଖ ସହଯୋଗ କରିଥିଲେ। ପୂଜକ ସୁରେନ୍ଦ୍ର ଦାସ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇ ଦୁର୍ଗାମଣ୍ଡପ ପଡ଼ିଆରେ ପହଞ୍ଚିଥିଲା। ଅନୁକୂଳ ପାଗ ଯୋଗୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରଥଯାତ୍ରା କମିଟି ସଭାପତି କିରଣ ପ୍ରଧାନ, ଚତୁର୍ଭୁଜ ସାହୁ, ସେନାପତି ପ୍ରଧାନ, ରଞ୍ଜନ ଭୋଇ, ଦିଲୀପ ପ୍ରଧାନ, ପ୍ରଦୀପ ପ୍ରଧାନ, ନରେନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ବାସୁଦେବ ଭୋଇ, ଜୟଶଙ୍କର ଭୋଏ, ବିଜୟ ସେଠ, ହୃଷାକେଶ ସେଠ, ପ୍ରସନ୍ନ ପୂଜାରୀ, ସୁରେଶ ନାୟକ, ସନତ ପ୍ରଧାନ, ଉପେନ୍ଦ୍ର ଭୋଇ, ଗଜପତି ପ୍ରଧାନ, ନେପାଳ ଦେଓ, ଶିବଶଙ୍କର ସେଠ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ପୁରୁଣା ଅଢ଼ାପଡ଼ା ଗ୍ରାମ ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହେଭାପରେ ୧୯୫୭ରେ ନୂଆ ଅଢ଼ାପଡ଼ା ଗ୍ରାମଭାବେ ପୁନର୍ବସତି ସ୍ଥାପନ ହେଲା। ସେହିଦିନଠାରୁ ଗ୍ରାମରେ ପ୍ରତିବର୍ଷ ରଥଯାତ୍ରା ପାଳନ ହୋଇଆସୁଛି। ପରମ୍ପରା ଅନୁଯାୟୀ ମହାପ୍ରଭୁ ତିଲିଆ ଗ୍ରାମର ପୂଜକ ସୁରେନ୍ଦ୍ର ଦାସଙ୍କ ଘରେ ରହି ପୂଜା ପାଆନ୍ତି। ବର୍ଷକେ ଥରେ ମହାପ୍ରଭୁ ନେତ୍ର ଉତ୍ସବ ପାଇଁ ତିଲିଆ ଗ୍ରାମରୁ ଭୂଣିଆ ଗ୍ରାମକୁ ଆସିଥାନ୍ତି। ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଗୁଣ୍ଡିଚା ଯାତ୍ରା ସାରି ଏକାଦଶୀ ତିଥିରେ ଅଢ଼ାପଡ଼ା, ବାରଗାଡ଼, ଯମୁନା, ଖଣ୍ଡସା ଆଦି ଗ୍ରାମକୁ ପର୍ଯ୍ୟାୟକ୍ରମେ ଯାଆନ୍ତି। ଏହି ଯାତ୍ରା ପୂର୍ଣ୍ଣିମା ତିଥିରେ ଶେଷ ହୋଇଥାଏ। ପରେ ମହାପ୍ରଭୁ ପୁଣି ତିଲିଆ ଗ୍ରାମକୁ ଫେରିଯାଇଥାନ୍ତି। ତେବେ ଏହି ପରମ୍ପରାରେ ପରିବର୍ତ୍ତନ କରି ଅଢ଼ାପଡ଼ା ଗ୍ରାମରେ କେମିତି ସ୍ଥାୟୀଭାବେ ମହାପ୍ରଭୁଙ୍କୁ ରଥି ପୂଜା କରାଯିବ ସେ ନେଇ ଯୋଜନା ଚାଲିଛି। ମହାପ୍ରଭୁଙ୍କ ମନ୍ଦିର ନିର୍ମାଣପାଇଁ ସ୍ୱତନ୍ତ୍ର ଜମି ରଖାଯାଇଛି। ଚଳିତବର୍ଷ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କରାଯିବ। ପୁରୀରୁ ୩ ଠାକୁରଙ୍କ ମୂର୍ତ୍ତି ଅଣାଯାଇ ଗ୍ରାମର ମାଉସୀ ମା'ଙ୍କ ମନ୍ଦିରରେ ରଖାଯାଇ ପୂଜା କରାଯିବ। ତିଲିଆ ଗ୍ରାମରୁ ଆସୁଥିବା ଠାକୁରଙ୍କୁ ଅଢ଼ାପଡ଼ା ଅଣା ନ ଯାଇ ଗ୍ରାମରେ ପୂଜା ପାଉଥିବା ୩ ଠାକୁରଙ୍କୁ ନେଇ ରଥଯାତ୍ରା କରାଯିବ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।



ସୁନାବେଶରେ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ।

## ଗୁମାଡେରାଠାରେ ଶ୍ରୀଜୀଉଙ୍କ ସୁନାବେଶ

**ବେଲପାହାଡ଼,୧୩।୭(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ଶୁକ୍ରବାର ଶ୍ରୀଜୀଉମାନଙ୍କ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗୁମାଡେରା ଓ ସମଡ଼ାଠାରେ ଶ୍ରୀଜୀଉଙ୍କ ପହଣ୍ଡି ହୋଇଥିଲା। ସେବାୟତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ୩ଥର ରଥ ପରିକ୍ରମା କରିବା ପରେ ରଥାରୂଢ଼ କରାଇଥିଲେ। ଗୁମାଡେରାଠାରେ ଜମିଦାର ବଂଶଜ ବ୍ରଜକିଶୋର ସିଂହଦେଓ ଏବଂ ସମଡ଼ାରେ ମନ୍ଦିର କମିଟି ସଭାପତି ଅନୀଲ ଅଗ୍ରୱାଲ ଛେରାପହଁରା କରିଥିଲେ। ଗୁମାଡେରା ବାଟମଙ୍ଗଳା ମନ୍ଦିରରେ ଶ୍ରୀଜୀଉଙ୍କୁ ପୋଡ଼ପିଠା ଭୋଗ ଲାଗି ହୋଇଥିଲା। ବାଟମଙ୍ଗଳା ମନ୍ଦିର କମିଟି ଉପଦେଷ୍ଟା ବୁଲୁ ପଣ୍ଡା, ପୂଜକ ସୁରେଶ ସାହୁ, ଦୀପକ ମିଶ୍ର ଏବଂ ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ବ୍ରଜସୁନ୍ଦର ଶତପଥୀ, ରମାକାନ୍ତ ତ୍ରିପାଠୀ, ବନମାଳୀ ପଣ୍ଡା ଭୋଗ ଲାଗି ନୀତିରେ ସହଯୋଗ କରିଥିଲେ। ସୁବଳ ମେହେର ବିବରଣୀ ପ୍ରଦାନ କରିଥିଲେ। ଶନିବାର ଗୁମାଡେରାଠାରେ ରଥାରୂଢ଼ ଶ୍ରୀଜୀଉଙ୍କ ସୁନାବେଶ ହୋଇଥିଲା। ଠାକୁରଙ୍କ ସୁନାବେଶ ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ପରମ୍ପରା ଅନୁଯାୟୀ ରବିବାର ମଧ୍ୟ ମହାପ୍ରଭୁଙ୍କ ସୁନା ବେଶ କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ସୋମବାର ସନ୍ଧ୍ୟାରେ ମହାପ୍ରଭୁ ନୀଳାଦ୍ରି ବିଜେ କରିବେ।

■ ଦୂର ହେଲା ପ୍ରତିବନ୍ଧକ

## ମିଳିବ ଭତ୍ତା, କୃତ୍ରିମ ଗୋଡ଼ରେ ଚାଲିବେ ଆଲବନ

**ରାଉରକେଲା ଅଫିସ,୧୩।୭**

ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଥିବା ଗୁରୁଣ୍ଡିଆ ବ୍ଲକ କୁଚେଇତା ପଞ୍ଚାୟତ କେନ୍ଦୁଘାଟିର ସ୍ୱର୍ଗତ ବାଲତୁଷ୍ଣ ଟପ୍ପୋ ଓ ହୀନା ଟପ୍ପୋଙ୍କ ପୁଅ ଆଲବନ ଟପ୍ପୋ (୧୩)ଙ୍କୁ ମିଳିବ ଭିନ୍ନକ୍ଷମ ଭତ୍ତା ଓ ଛାତ୍ରବୃତ୍ତି। ଲାଗିବ କୃତ୍ରିମ ଗୋଡ଼। ବିଦ୍ୟାଳୟକୁ ଫେରି ପାଠ ପଢ଼ିବେ ଆଲବନ। ତେବେ ଏ ସବୁ ସରକାରୀ ସହାୟତା ପାଇବା ନେଇ ଯେଉଁ ପ୍ରତିବନ୍ଧକ ରହିଥିଲା ତାହା ଶନିବାର ଦୂର ହୋଇଛି। ଆଲବନଙ୍କୁ ମିଳିଛି ଭିନ୍ନକ୍ଷମ ପ୍ରମାଣପତ୍ର।

ଦୀର୍ଘ ୯ମାସ ପୂର୍ବେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଆଲବନ ଗୋଟିଏ ଗୋଡ଼ ହରାଇଥିଲେ। ଆବଶ୍ୟକ ପ୍ରମାଣପତ୍ର ନ ଥିବାରୁ ତାଙ୍କୁ ଭିନ୍ନକ୍ଷମ ଭତ୍ତା କିମ୍ବା ଛାତ୍ରବୃତ୍ତି ମିଳିପାରୁ ନ ଥିଲା। ପୁଅର ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଡ଼ କରିପାରୁ ନ ଥିଲେ ହୀନା। ବଣପାହାଡ଼ ଘେରା ଦୁର୍ଗମ ଗାଁରେ ରହୁଥିବା ହୀନା ଜାଣି ନ ଥିଲେ କିଏ ଦେବ ପ୍ରମାଣପତ୍ର। କାହା ପାଖକୁ ଯାଇ ଆବେଦନ କରିବାକୁ ହେବ। ଏହି ଚିନ୍ତାରେ ସେ ଭାଙ୍ଗି ପଡ଼ିଥିଲେ। ଏପରି ଅବସ୍ଥାରେ ସାମାଜିକ କର୍ମୀ ଶାନ୍ତନୁ କୁସୁମ ଶନିବାର ମା'ପୁଅଙ୍କୁ ରାଉରକେଲା ସରକାରୀ ହସ୍ପିଟାଲ (ଆର୍‌ଜିଏଚ୍) ଆଣି ଆଲବନଙ୍କ ପାଇଁ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଡ଼ କରିଦେଇଛନ୍ତି। ଏଥି ସହ ସିଭିଲ ଟାଉନଶିପରେ ଥିବା ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ରକୁ ଆଣି କୃତ୍ରିମ ଗୋଡ଼ ପ୍ରଦାନ ପାଇଁ ମାପ ଦେଇଛନ୍ତି। ଖୁବ୍‌ଶୀଘ୍ର ଆଲବନଙ୍କୁ ଭିନ୍ନକ୍ଷମ ଭତ୍ତା ଛାତ୍ରବୃତ୍ତି ମିଳିବା କୃତ୍ରିମ ଗୋଡ଼ ଲାଗାଇ ସେ ବାଟ ଚାଲିବେ। ସେହିପରି ହୀନାଙ୍କୁ ମଧ୍ୟ ବିଧବା ଭତ୍ତା ମିଳିବା ତାଙ୍କ ଅଭାବୀ ସଂସାର ହସି ଉଠିବା ଏ ନେଇ ଗତ ୨୯ ତାରିଖରେ ସାମାଜିକ କର୍ମୀ କୁସୁମ ଜିଲା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆଙ୍କୁ ଭେଟି ହୀନାଙ୍କ ଦୁର୍ଦ୍ଦଶା ଓ ଅଲବନଙ୍କ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେବେଠାରୁ ମା'ପୁଅଙ୍କୁ କିପରି ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯିବ ସେ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଏଥିରେ ଅଲବନଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ବାଧକ ସାଜିଥିଲା। ଏହି ପ୍ରମାଣପତ୍ର ଉପଲବ୍ଧ ହେବାରୁ ହୀନା ସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଅଲବନ ଓ ତାଙ୍କ ବାପା ବାଲତୁଷ୍ଣ ଟପ୍ପୋ(୫୭) ୨୦୧୮ ନଭେମ୍ବର ୧୧ ଅପରାହ୍ନ ୩ଟାରେ ବଜାର ସଉଦା କରିବାକୁ ଲାଠିକଟା ଆସିଥିବା ବେଳେ ପାଖ ଗୋପାଳପୁର ନିକଟରେ ଏକ ଭାରିଯାନ ଉଭୟଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ବାଲତୁଷ୍ଣଙ୍କ ହୋଇଥିବା ବେଳେ ଆଲବନ ଗୁରୁତର ହୋଇଥିଲେ। ଦୀର୍ଘ ୪୦ ଦିନ କଟକ ବଡ଼ ମେଡିକାଲରେ ରହି ଚିକିତ୍ସା ହେବା ସତ୍ତ୍ୱେ ଆଲବନଙ୍କୁ ଗୋଟିଏ ଗୋଡ଼ ହରାଇବାକୁ ପଡ଼ିଥିଲା। ସେବେଠାରୁ ଆଲବନ ବିଦ୍ୟାଳକୁ ଆସିପାରୁ ନ ଥିଲେ। ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆର୍‌ଜିଏଚ୍ ଆସିଛନ୍ତି ଆଲବନ।

## ପାହାଡ଼ରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ଲଖନପୁର,୧୩।୭(ଡି.ଏନ୍.ଏ.)**
ଝାରସୁଗୁଡ଼ା ରେଙ୍ଗାଲି ଥାନା କଦମ୍ବଘାଟ ପାହାଡ଼ରୁ ଶନିବାର ପୋଲିସ ସନ୍ଦେହଜନକ ଅବସ୍ଥାରେ ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଛାତ୍ର ହେଲେ ବାଉଁସେନ୍‌ପାଲିର ଜ୍ଞାନ କଅଁରଙ୍କ ପୁଅ ସୁକାନ୍ତ (୧୫)। ଜ୍ଞାନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୧୯) ରୁଜୁକରି ତଦନ୍ତ ଚଳାଇଛି। ସୁକାନ୍ତଙ୍କ କାନମୁଣ୍ଡାରୁ ସାମନ୍ୟ ରକ୍ତ ବାହାରୁଥିଲା। ତେବେ ଶରୀରର ଅନ୍ୟ କୌଣସି ସ୍ଥାନରେ କ୍ଷତଚିହ୍ନ ନ ଥିଲା। ମୃତଦେହ ଏକ ପଥର ଚଟାଣ ଉପରେ ପଡ଼ିରହିଥିଲା। ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଜ୍ଞାନ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ସୁକାନ୍ତ ବାଉଁସେନପାଲି ଗ୍ରାମର କୈଳାସ ସା ଓ ରଣଜିତ କଅଁରଙ୍କ ସହ ଶନିବାର ସକାଳ ୧୦ଟାରେ ଗ୍ରାମ ନିକଟ କଦମ୍ବଘାଟ ପାହାଡ଼କୁ ମୟୂରପୁଚ୍ଛ ଖୋଜିବା ପାଇଁ ଯାଇଥିଲେ। ପାହାଡ଼ ଚଢ଼ିବା ପରେ ୩ଜଣଯାକ ଗୋଟିଏ ସ୍ଥାନରେ ବସି କିଛି ଖାଦ୍ୟ ଖାଇଥିଲେ। ପରେ କୈଳାସ ଓ ରଣଜିତ ଗୋଟିଏ ରାସ୍ତାରେ ବାହାରିଥିଲେ। ସୁକାନ୍ତ ଅନ୍ୟ ରାସ୍ତା ଧରିଥିଲେ। ମୟୂରପୁଚ୍ଛ ଖୋଜିସାରିବା ପରେ ସମସ୍ତେ ଗୋଟିଏ ସ୍ଥାନରେ ଏକାଠି ହେବେ ବୋଲି ସେମାନେ କଥା ହୋଇଥିଲେ। ମୟୂରପୁଚ୍ଛ ଖୋଜିସାରିବା ପରେ କୈଳାସ ଓ ରଣଜିତ ଉକ୍ତ ସ୍ଥାନରେ ପହଞ୍ଚିଥିଲେ ମଧ୍ୟ ସ

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

**ଗୁଡଭେଲା,୧୩।୭(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ଅଧିକାରୀ ଶଶିକାନ୍ତ ଦଉଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଗୌରଗୋଡ ଗ୍ରାମରେ ମଦ ଚଢାଉ କରାଯାଇଥିଲା । ଏହି ସମୟରେ ଗ୍ରାମର ମନ ରଣାଙ୍କ ଘରରୁ ୩ଲିଟର ଦେଶୀ ମଦ ଜବତ ହୋଇଥିଲା। ଏ ନେଇ ଏକ ମାମଲା (ନଂ. ୩୦/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଦ୍ୱିତୀୟ ଦିନରେ ବୁର୍ଡା ବାହୁଡା ଯାତ୍ରା

**ଲୋଇସିଂହା,୧୩।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମରେ ଦ୍ୱିତୀୟ ଦିନରେ ବାହୁଡା ଯାତ୍ର ଶନିବାର ଅନୁଷ୍ଠିତ ହେଉଛି। ଶୁକ୍ରବାର ଅପରାହ୍ନରେ ମାଉସୀ ମନ୍ଦିରରୁ ତିନି ଠାକୁରଙ୍କୁ ପହଣ୍ଡି କରି ରଥାରୂଢ କରାଯାଇଥିଲା । ମାଉସୀ ମନ୍ଦିର କମିଟି ପକ୍ଷରୁ ସଂକୀର୍ତ୍ତନ ଏନଂ ତାଳ ସଂକୀର୍ତ୍ତନ ତାଳେତାଳେ ରଥା ଟଣା ହୋଇଥିଲା। ମାଉସୀ ମନ୍ଦିରୁ ଶହେ ମିଟର ଦୂରରେ ମହାପ୍ରଭୁ ଅଟକିଥିଲେ । ଶନିବାର ଅପରାହ୍ନରେ ରଥଟଣା ଆରମ୍ଭ ହୋଇଛି ।

### ବୁଟୁପାଲିରେ ବାହୁଡା ଯାତ୍ରା ପାଳିତ

**ବୌଦ୍ଧ,୧୩।୭(ସ୍ୱ.ପ୍ର):** ବୌଦ୍ଧ ସହର ନିକଟସ୍ଥ ବୁଟୁପାଲିଠାରେ ରାଜାରାଜୁଡା ଅମଳରୁ ରଥଯାତ୍ରା ପାଳିତ ହୋଇଆସୁଛି । ଏଠାରେ ଜଗନ୍ନାଥଙ୍କ ରଥଯାତ୍ରା ରଥଯାତ୍ରାର ପରଦିନ ପାଳନ କରାଯାଉଥିବା ବେଳେ ବାହୁଡା ଯାତ୍ରା ମଧ୍ୟ ପରଦିନ ପାଳନ କରାଯାଏ । ଏହି ରଥଯାତ୍ରା ବାସି ରଥଯାତ୍ରା ଓ ବାହୁଡା ଯାତ୍ରାକୁ ବାସି ବାହୁଡା ଯାତ୍ରା ବୋଲି କୁହାଯାଇଥାଏ । ଶନିବାର ଏଠାରେ ବାହୁଡା ଯାତ୍ରା ପାଳନ କରାଯାଇଥିଲା। ମାଉସୀ ମା ମନ୍ଦିରରେ ସକାଳ ନୀତିକାନ୍ତି ପରେ ପ୍ରଭୁମାନଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଥିଲା । ଅପରାହ୍ନରେ ତିନି ଠାକୁରଙ୍କୁ ମନ୍ଦିରରୁ ବାହାରକୁ ଅଣାଯିବା ପରେ ପହଣ୍ଡିରେ ନିଆଯାଇଥିଲା । ଏହି ସମୟରେ ଭକ୍ତମାନଙ୍କ ଦ୍ୱାରା ବାଟଭୋଗ ସବୁ ଲାଗି କରାଯାଇଥିଲା । ପହଣ୍ଡି ପରେ ଭଗବାନ ରଥାରୁଢ ହୋଇଥିଲେ। ଏହାପରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ରଥଟଣା ଯାଇଥିଲା। ଗହଳିକୁ ଦୃଷ୍ଟିରେ ରଖି ବୌଦ୍ଧ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୃତୟନ ହୋଇଥିଲେ । ଏହି ବାହୁଡା ଯାତ୍ରା ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

# ପାଟକୁରା: ବୁଝାମଣାରୁ ଲଢ଼େଇ ଦୁର୍ବଳ

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

- ଆସିବେନି ମୋଦି-ଶାହ, ଭାଜପାକୁ କେବଳ ରାଜ୍ୟ ନେତୃତ୍ୱ ଭରସା
- ପାଟକୁରା ଫଳାଫଳ ପ୍ରଭାବ ବିଜେପୁର ଉପନିର୍ବାଚନ ଉପରେ ପଡିବା ନେଇ ଚର୍ଚ୍ଚା
- ରାଜ୍ୟ ସଭା କଥା ଉଠାଇଲାଣି କଂଗ୍ରେସ

ରାଜ୍ୟ ରାଜନୀତି ବର୍ତ୍ତମାନ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ କେନ୍ଦ୍ରିତ। ୨୦୧୯ ସାଧାରଣ ନିର୍ବାଚନରେ ୧୪୬ ଆସନ ପାଇଁ ଭୋଟ ହୋଇଥିବାବେଳେ କେବଳ ପାଟକୁରା ଆସନ ଏଥିରୁ ବାଦ୍ ପଡିଥିଲା। ଏହି ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ କାରଣରୁ ଏଠାରେ ନିର୍ବାଚନ ଆସନ୍ତା ୨୦ରେ ହେବାକୁ ଯାଉଛି। ଏହି ଗୋଟିଏ ଆସନ ହାତେଇବା ସକାଶେ ଯେମିତି ରାଜ୍ୟ ଯାକର ନେତା ପାଟକୁରାରେ ଏକତ୍ରିତ ହୋଇଯାଇଛନ୍ତି। ବିଜେଡିର ଗଣ୍ଡାଗଣ୍ଡା ନେତା ପଞ୍ଚାୟତୱାରି ଦାୟିତ୍ୱ ପାଇ ସେଠାରେ କିଛିଦିନ ହେବ ଡେରା ପକାଇଥିବାବେଳେ ଭାଜପା ନେତାମାନେ ଏବେ ସେହି ଦିଗକୁ ଗତିବା ଆରମ୍ଭ କରିଛନ୍ତି। ଭାଜପା ଟିକେଟରେ ନିର୍ବାଚନ ଲଢି ପ୍ରଥମଥର ଲାଗି ଏମ୍‌ପି ହୋଇଥିବା ନେତାମାନେ ହିଁ ଦଳର ପ୍ରମୁଖ ଚେହେରା ଭାବେ ସେଠାରେ ପ୍ରଚାର ଚଳାଇଛନ୍ତି। ହେଲେ କଳେବଳେ ଏହି ଆସନ ହାତେଇବା ଲାଗି ବିଜେଡି ପୂରା ଦମ୍‌ରେ ଲାଗିପଡିଛି। ଶାସକ ଦଳର ଜଣେ ଜଣେ ବିଧାୟକ ଏବଂ ମନ୍ତ୍ରୀ ଗୋଟିଏ ଲେଖା ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ(ବେଦ ପ୍ରକାଶଙ୍କ ସ୍ତ୍ରୀ) ପାଇଁ ଦୁଇଦିନ ପ୍ରଚାର କରିବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଏହି ନିର୍ବାଚନ ପୂର୍ବରୁ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ପ୍ରଚାର କରିବାକୁ ଆସିବାର କୌଣସି କାର୍ଯ୍ୟକ୍ରମ ରଖାଯାଇନାହିଁ। ଫଳରେ ଦୁଇନେତାଙ୍କ ଓଡିଶା ଗସ୍ତ ନ ହେବା ପଛରେ କିଛି ନିର୍ଦ୍ଦିଷ୍ଟ କାରଣ ରହିଥିବା ଚର୍ଚ୍ଚା ଜୋର୍ ଧରିବାକୁ ଲାଗିଲାଣି। ଯଦି ପ୍ରଧାନମନ୍ତ୍ରୀ ଏବଂ ଶାହଙ୍କ ମଧ୍ୟରୁ କେହି ହେଲେ ଜଣେ ନ ଆସନ୍ତି ତେବେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବୁଝାମଣା ହେବା କଥା ଆହୁରି ଜୋର୍ ଧରିବ ବୋଲି ଦଳର ଗୋଟିଏ ଗୋଷ୍ଠୀ କହିବା ଆରମ୍ଭ କରିଦେଲେଣି। ସେହିପରି ଏହି ଦୁଇ ନେତାଙ୍କ ଗସ୍ତ କାର୍ଯ୍ୟକ୍ରମ ନ ଥିବା ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମାଲୋଚନା କରିଛନ୍ତି। ନିରଞ୍ଜନ କହିଛନ୍ତି, ଭାଜପା ପାଟକୁରାରେ ସମ୍ପୂର୍ଣ୍ଣଭାବେ ବିଜେଡି ନିକଟରେ ଆତ୍ମସମର୍ପଣ କରିଛି। ରାଜ୍ୟ ସଭା ଆସନ ବୁଝାମଣା ଏହାର ଉଦାହରଣ। ରାଜ୍ୟ ସଭା ଆସନ ବୁଝାମଣା କଥାକୁ ଏ ପର୍ଯ୍ୟନ୍ତ ଭାଜପା ନେତାମାନେ ବୁଝିପାରି ନାହାନ୍ତି। ଏତେସବୁ ପରେ ପ୍ରଧାନମନ୍ତ୍ରୀ ଏବଂ ଶାହଙ୍କ ଆସିବା କଥା କାହିଁକି ଆଲୋଚନା ହେବ ବୋଲି ସେ କହିଛନ୍ତି। ପାଟକୁରା ନିର୍ବାଚନ ଲାଗି ବିଜେଡି ଓ ଭାଜପା ମଧ୍ୟରେ ବୁଝାମଣା ସରିଛି ନା ଲଢ଼େଇ ହେଉଛି ସେକଥା ବୁଝିବା କଷ୍ଟକର ବ୍ୟାପାର ବୋଲି ରାଜନୈତିକ ମହଲରେ ଆଲୋଚନା ହେବାରେ ଲାଗିଛି। ସମୀକ୍ଷକଙ୍କ ମତରେ ବୁଝାମଣାରୁ ଲଢ଼େଇ ଦୁର୍ବଳ ସ୍ତରକୁ ଚାଲିଗଲାଣି।

ଅନ୍ୟପଟେ ପାଟକୁରା ଦାୟିତ୍ୱ ବଣ୍ଟନ କଥା ଆସିଲେ ରାଜ୍ୟ ସଭା ଆସନକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ହୋଇଥିବା ବୁଝାମଣା କଥା ଉଠାଇ ଗୈରିକ ଦଳର କେତେଜଣ ନେତା ଛିଗୁଲେଇବା ଆରମ୍ଭ କରିଦେଇଛନ୍ତି। ସେପଟେ ବିଜେଡିର କେତେଜଣ ନେତା ମଧ୍ୟ ରାଜ୍ୟ ସଭା ଆସନ ବୁଝାମଣା କଥାକୁ ନେଇ ଭିତରେ ଭିତରେ ପ୍ରବଳ ଅସନ୍ତୁଷ୍ଟ ଅଛନ୍ତି। ତେବେ ବିଜେଡି ପକ୍ଷରୁ ଯେପରି ନେତାମାନଙ୍କ ମଧ୍ୟରେ ପାଟକୁରାର ସମସ୍ତ ପଞ୍ଚାୟତ ବାଣ୍ଟି ଦିଆଯାଇଛି, ଭାଜପା କ୍ଷେତ୍ରରେ ସେପରି ଦେଖିବାକୁ ମିଳୁନାହିଁ। ଭାଜପାର କେତେଜଣ ବିଧାୟକ ପ୍ରଚାର କରିବା ପାଇଁ ଯାଉଥିଲେ ସୁଦ୍ଧା ବିଜେଡି ଭଳି ଏହି ଆସନକୁ ଗୁରୁତ୍ୱ ସହ ନେଇ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁନାହିଁ। ରାଜ୍ୟରେ ପ୍ରଥମ ଥର ପାଇଁ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ପାଇବା ପରେ ଭାଜପା ନେତାମାନଙ୍କ ଲାଗି ପାଟକୁରା ଆସନ ହାତେଇବା ଏକ ସ୍ୱାଭିମାନର ପ୍ରସଙ୍ଗ ପାଲଟିଛି। ସେପଟେ ହିଞ୍ଜିଳି ଏବଂ ବିଜେପୁର ବିଧାନସଭା ଆସନରୁ ଲଢି ମୁଖ୍ୟମନ୍ତ୍ରୀ ଉଭୟ ନିର୍ବାଚନମଣ୍ଡଳୀରେ ବିଜୟ ହୋଇଥିଲେ। ନିକଟରେ ବିଜେପୁର ଆସନରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାପରେ ଏହି ଆସନରେ ଖୁବ୍‌ଶୀଘ୍ର ଉପନିର୍ବାଚନ ହେବ। ତେଣୁ ପାଟକୁରା ନିର୍ବାଚନ ଫଳାଫଳର ପ୍ରଭାବ ନିଶ୍ଚିତଭାବେ ବିଜେପୁର ଉପନିର୍ବାଚନ ଉପରେ ପଡିବ ବୋଲି ଚର୍ଚ୍ଚା ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ ଓ ଶାହଙ୍କ ଗସ୍ତ ନେଇ ପଚାରିବାରୁ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଏହି ଆସନ ଲାଗି ଉଭୟେ ଆସିବାଭଳି କାର୍ଯ୍ୟକ୍ରମ ନାହିଁ। ଏଠି ଓଡିଶାର କର୍ମୀ ଓ ନେତାମାନେ ମିଶିକି ନିର୍ବାଚନ ଲଢିବୁ ବୋଲି ସେ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ପାଟକୁରା ଗସ୍ତ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଧର୍ମେନ୍ଦ୍ର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ୧୮ଟି ସ୍ଥାନରେ ରୋଡ୍ ଶୋ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଦୁଇ ଦଳର ଲଢେଇ ମଧ୍ୟରେ କଂଗ୍ରେସର କାର୍ଯ୍ୟଧାରା ନେଇ ସେମିତି କିଛି ଜଣାପଡୁନାହିଁ। ଅନ୍ୟପଟେ ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ବିଧାୟକ ଏବଂ ନେତାମାନଙ୍କ ମଧ୍ୟରେ ବ୍ଲକଓ୍ୱାରି ଦାୟିତ୍ୱ ବଣ୍ଟନ ହୋଇଥିବା କହିଛନ୍ତି।

## ଜିଲା କ୍ରୀଡ଼ା ସଂସଦର ବାର୍ଷିକ ବୈଠକ

**ବଲାଙ୍ଗୀର ଅଫିସ,୧୩।୭**

ବଲାଙ୍ଗୀର ଜିଲା କ୍ରୀଡା ସଂସଦର ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶନିବାର ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ପ୍ରଭାତ କୁମାର ମିଶ୍ର ମଞ୍ଚାସୀନ ଥିଲେ । ବୈଠକରେ ବାର୍ଷିକ ବିବରଣୀ ଦୃଢ଼ୀକରଣ ପରେ ଆୟବ୍ୟୟ ବିବରଣୀ ତଥା ଆସନ୍ତାବର୍ଷର ବଜେଟ ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା । ଗାନ୍ଧୀ ଷ୍ଟାଡିୟମରେ ଫ୍ଲଡ ଲାଇଟ ଏବଂ ଗ୍ୟାଲେରୀର ଉନ୍ନତିକରଣ ତଥା ସର୍ବାଙ୍ଗୀନ ବିକାଶ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର କମିଟି ଗଠନ କରି ତାର ଅଧକ୍ଷ ଭାବରେ ସଭ୍ୟ ମନୋରଞ୍ଜନ ଯୋଷୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଟୁର୍ନାମେଣ୍ଟ ଓ ଟାନ୍ସଫର କମିଟି ବୈଠକ ବସିଥିଲା। ବିଭିନ୍ନ ଆଲୋଚନା ମଧ୍ୟରେ ମୁଖ୍ୟତଃ ଅଗଷ୍ଟ ତୃତୀୟ ସପ୍ତାହରେ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ପାଇଁ ସର୍ବସମ୍ମତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଡ ମିଶ୍ରଙ୍କ ଅଧ୍ୟକ୍ଷତାରେ ସିଲେକ୍ସନ ଓ କୋଚିଙ୍ଗ୍ କମିଟିର ବୈଠକ ବସି ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ସାଧାରଣ ବୈଠକରେ ସଂସଦର ଅନେକ ବରିଷ୍ଠ ସଭ୍ୟ ଉପସ୍ଥିତ ରହି ନିଜ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁନ୍ଦରଗଡ଼ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବୈଠକ

**ସୁନ୍ଦରଗଡ଼,୧୩।୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଡ. କିଶୋର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ପରୀକ୍ଷାଫଳ ସମ୍ପର୍କରେ ଅଧକ୍ଷ ଦାଶ ସମସ୍ତଙ୍କୁ ଅବଗତ କରାଇଥିଲେ। ଏପରି କି ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ ସହ ପରୀକ୍ଷା ଫଳ କିପରି ଆହୁରି ଭଲ ହୋଇପାରିବ ସେ ନେଇ ସମସ୍ତେ ଚେଷ୍ଟା କରିବାକୁ ମତ ପ୍ରକାଶ କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ପ୍ରାୟୋଜିତ ବ୍ୟବସ୍ଥାରେ ଅନେକ ପାଠ୍ୟକ୍ରମ ପାଇଁ ସରକାରଙ୍କ ପାଖରେ ଆବେଦନ କରାଯାଇଥିବା ସେ ସୂଚନା ଦେଇଥିଲେ । ମହାବିଦ୍ୟାଳୟରେ କର୍ମଚାରୀମାନଙ୍କ ସଂଖ୍ୟା ଆବଶ୍ୟକତାଠାରୁ କମ୍ ଥିବାରୁ ସଂସଦର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଉପସ୍ଥିତ ରହି ମହାବିଦ୍ୟାଳୟରେ ରହିଥିବା ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂସଦର ସୁପରିଚାଳନା ପାଇଁ ଡଃ ସରୋଜ କୁମାର ପଟେଲ ଓ ବିଶ୍ୱ ରଞ୍ଜନ ହୋତାଙ୍କୁ ଆବାହକ ଭାବେ ନିର୍ବାଚିତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟକୁ କିପରି କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିବ ସେ ନେଇ ଏକ ଖସଡା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ସଂସଦର ପୁରାତନ ଛାତ୍ରୀ ତଥା ସହକାରୀ ପ୍ରଫେସର ଡ.କୁମୁଦିନୀ ରାଉତରାୟ, ମହାବିଦ୍ୟାଳୟର ସଂଯୋଜକ ଅଧ୍ୟାପକ ଡ.ଲଳିତ ରଞ୍ଜନ ସାହୁ, ପ୍ରଦୀପ ବହିଦାର, ବେଣୁମାଧବ ତ୍ରିପାଠୀ, ଆଡଭୋକେଟ ଶ୍ୟାମ ସୁନ୍ଦର ମିଶ୍ର, ବଟକିଶୋର ମିଶ୍ର, ସୌମେନ ବାରିକ, ଗିରୀଶ ଚନ୍ଦ୍ର ସାହୁ, ସୁମନ୍ତ ସାହୁ, ପଞ୍ଚା ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଡ.ସରୋଜ ପଟେଲ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବାହୁଡ଼ା ସରିଲା, ଧାନ ବିହୁଡ଼ା ନୋହିଲା

**ବୌଦ୍ଧ,୧୩।୭(ସ୍ୱ.ପ୍ର)**

### ବର୍ଷା ନାହିଁ, ଚିନ୍ତାରେ ଚାଷୀ

ଶିଳ୍ପ ବିହୀନ ବୌଦ୍ଧ ଜିଲାରେ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଜିଲାବାସୀଙ୍କ ମୁଖ୍ୟ ଆୟର ପନ୍ଥା ହେଲା ଧାନ ଚାଷ । ଚଳିତବର୍ଷ ଜିଲାରେ ଭଲ ବର୍ଷା ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି । ଏବର୍ଷ ଭଲ ବର୍ଷା ହେବା ନେଇ ପୂର୍ବରୁ ପାଣିପାଗ ବିଭାଗ ଆକଳନ କରି କହିଆସୁଥିବା ବେଳେ ବର୍ଷାର ଦେଖାନାହିଁ । କା ଭାଁ ବର୍ଷାରେ ଚାଷୀମାନେ ତଳି ପକାଇବା ସହ ବିଲରେ ଧାନ ବୁଣିଥିଲେ । ଏପଟେ ବିଲରେ ଧାନ ଗଛ ଗୁଡିକ ବଡ ହେବାକୁ ବସିଥିବା ବେଳେ ତଳି ପାଣି ଅଭାବରୁ ମରିବାକୁ ବସିଲାଣି । ଜିଲାରେ ବର୍ଷା ଠିକ ଭାବେ ହୋଇଥିଲେ ଚାଷୀମାନେ ବାହୁଡା ସମୟରେ ବିଲରେ ବିହୁଡା କରିବା ସହ ପଲ୍‌ହା ରୋଇଥାନ୍ତି। କିନ୍ତୁ ବର୍ଷା ଆଦୌ ନ ଥିବାରୁ ବାହୁଡା ସରିଲା ପଛେ ଚାଷୀ ନିଜ ଜମିରେ ବିହୁଡା କରିପାରିନାହିଁ। ଚାଷୀ ଚାଷ କରିବା ପାଇଁ ବିଭିନ୍ନ ବ୍ୟାଙ୍କ ଓ ଘରୋଇ ସଂସ୍ଥାରୁ ଋଣ କରି ଚାଷ ଆରମ୍ଭ କରିଥିବା ବେଳେ ବର୍ଷା ନ ଥିବାରୁ ମୁଣ୍ଡରେ ହାତ ଦେଇ ବସିଛି ।

ଜିଲା କୃଷି ବିଭାଗ ତଥ୍ୟ ଅନୁଯାୟୀ, ବୌଦ୍ଧ ଜିଲାରେ ୮୫୧୮୦ ହେକ୍ଟର ଚାଷ ଜମି ରହିଛି । ମାତ୍ର ଚାଷ ଜମିକୁ ପର୍ଯ୍ୟାପ୍ତ ପରିମାଣରେ ଜଳସେଚନର ସୁବିଧା ନାହିଁ। କାରଣ ଜିଲାରେ ଥିବା ଜଳସେଚନ ଡ୍ୟାମ ଓ କ୍ଷୁଦ୍ରଜଳସେଚନର ଡ୍ୟାମ ଗୁଡିକ ବର୍ଷା ହେଲେ ଯାଇ ପାଣି ଯୋଗାଇଥାଏ । ବର୍ଷା ନ ହେଲେ ଜିଲାରେ ନିଶ୍ଚିତ ଭାବେ ଚାଷ ଜମି ଗୁଡିକ ପଡିଆ ରହିବ । ଫଳରେ ଚାଷୀ କ୍ଷତିଗ୍ରସ୍ତ ହେବା ସହ ଆର୍ଥିକ ଅନଟନରେ ପଡିବ । ବର୍ତ୍ତମାନ ସମୟରେ ଚାଷୀର ରୁଆ, ବିହୁଡା ପାଇଁ ଫୁରସତ ନ ଥିବା ବେଳେ ବର୍ଷା ନ ଥିବାରୁ ଚାଷୀ ଘରେ ବସି ରହିଛି । ଜିଲାରେ ବର୍ଷାର ପରିମାଣ ୬୯ ପ୍ରତିଶତ କମ୍ ଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ଷା ଅଭାବରୁ ଜିଲାରେ ଚାଷ ହୋଇପାରୁନାହି। ଏଣୁ ପ୍ରଶାସନ ଜଳସେଚନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ବୌଦ୍ଧ ଜିଲାର ଚାଷୀ ମରୁଡି ଦାଉରୁ ରକ୍ଷା ପାଇପାରନ୍ତେ ।

ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ଦିଲ୍ଲୀ କାର୍ଯ୍ୟକ୍ରମ ପାଇଁ ମନୋନୀତ ଶ୍ରବଣବାଧିତ ବିଦ୍ୟାର୍ଥୀ।

# ପାର୍ଲାମେଣ୍ଟ ଭବନ ଡ୍ୟାନ୍ସରେ ଭାଗନେବେ ଶ୍ରବଣବାଧିତ ଛାତ୍ର

**ଟିଟିଲାଗଡ଼, ୧୩।୭ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଏସସିଡି ବିଦ୍ୟାଳୟ ଶ୍ରବଣ ବାଧିତ ଛାତ୍ର ଦେଶର ପାର୍ଲିଆମେଣ୍ଟରେ ଆସନ୍ତା ୨୩ତାରିଖରେ ଅନୁଷ୍ଠିତ ହେବାକୁ ନୃତ୍ୟ କାର୍ଯ୍ୟକ୍ରମରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟରେ ଶିକ୍ଷାରତ ଶ୍ରବଣ ବାଧିତଙ୍କ ନୃତ୍ୟରେ ପାରଙ୍ଗମତା ନେଇ କେନ୍ଦ୍ର ସରକାରଙ୍କ ଅଧିନ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରାଳୟ ପକ୍ଷରୁ ନୂଆଦିଲ୍ଲୀକୁ ନିମନ୍ତ୍ରଣ କରାଯାଇଛି। ବିଦ୍ୟାଳୟର ୭ଜଣ ଶ୍ରବଣ ବାଧିତ ଛାତ୍ର(୯ରୁ ୧୬ବର୍ଷ) ଆସନ୍ତା ୧୫ତାରିଖରେ ଭୁବନେଶ୍ୱରରୁ ବିମାନ ଯୋଗେ ଦିଲ୍ଲୀ ଯିବା କାର୍ଯ୍ୟକ୍ରମ ରହିଛି। ୨୩ରେ ପାର୍ଲ୍ୟାମେଣ୍ଟ ହଲରେ ଛାତ୍ରମାନେ ନିଜ ପ୍ରତିଭାର ପ୍ରଦର୍ଶନ କରିବା ଧାର୍ଯ୍ୟ ରହିଛି। ଶନିବାର ଏ ନେଇ ଏସିସିଡି କେନ୍ଦ୍ର ପରିସରରେ ବିଦ୍ୟାଳୟର ସମ୍ପାଦକ ସୁଶାନ୍ତ ମହାରଣା, କୋଷାଧକ୍ଷ ତାପସ ମହାରଣା, ବରିଷ୍ଠ ସଦସ୍ୟ ମୋହିତ ମୋହନ ଦାଶ, ଅଞ୍ଜଳି ବେହେରା, ଯୋଗାମାୟା ମହାରଣା, ସୁବେଦା ମହାରଣା, ଇଶ୍ୱରଦତ୍ତ ସୁନା ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶ୍ରବଣ ବାଧିତ ଛାତ୍ର ହୁଲେଶ୍ୱର ହଂସ, ରୋହିତ ନିଆଲ, ଗୁରୁଚରଣ ସାହୁ